# ଧରିତ୍ରୀ DHARITRI

୫୬

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୬/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, December 6/2019 | ★★★★★★

୪୬ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଦଶନ୍ଧିର ସବୁଠାରୁ ସେକ୍ସି ପର୍ସନ ହ୍ରିତିକ୍**

ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ଦଶନ୍ଧିର ‘ସେକ୍ସିଏଷ୍ଟ ଏସିଆନ୍ ମେଲ୍ ଅଫ୍ ୨୦୧୯’ ଭାବେ ମନୋନୀତ ହୋଇଛନ୍ତି। ଲଣ୍ଡନରେ ଏକ ଅନ୍‌ଲାଇନ ସର୍ଭେ ରିପୋର୍ଟରେ ଏହା ଦର୍ଶାଯାଇଛି।

୧୨ | ୧୮

**ପ୍ରମୋଦଙ୍କ ନାମ ସୁପାରିସ**

ବିଡବ୍ଲ୍ୟୁଏଫ୍‌ର ‘ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର’ ପୁରସ୍କାର ପାଇଁ ଓଡ଼ିଶା ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି।



ଅପରିବର୍ତ୍ତିତ ରହିଲା ରେପୋ ରେଟ୍ ☞ପୃଷ୍ଠା-୧୭

**ଆଜିର ସମ୍ପାଦକୀୟ** ଚକିତ କଲା ଆର୍‌ବିଆଇ

### ବର୍ବରତାକୁ ନେଇ ପୁଣି ବଦ୍‌ନାମ ଉନ୍ନାଓ

# ବଳାତ୍କାର ପୀଡ଼ିତାଙ୍କୁ ଜାଳି ହତ୍ୟା ଉଦ୍ୟମ

- ୯୦% ଦଗ୍ଧ, ଅବସ୍ଥା ସଙ୍କଟାପନ୍ନ
- ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ
- ଅନ୍ୟ ୪ ଅଭିଯୁକ୍ତ ଗିରଫ
- ରିପୋର୍ଟ ମାଗିଲେ ଜାତୀୟ ମହିଳା କମିଶନ
- ସହଯୋଗର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ
- ଭାଜପାକୁ ଟାର୍ଗେଟ କଲେ ପ୍ରିୟଙ୍କା
- ପାର୍ଲାମେଣ୍ଟରେ ଉଠିଲା ଝଡ଼

ଉନ୍ନାଓ/ଲକ୍ଷ୍ନୌ/ନୂଆଦିଲ୍ଲୀ, ୫।୧୨(ପି.ଟି./ଆଇଏଏନ୍‌ଏସ୍)

ହାଇଦ୍ରାବାଦର ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ଓ ହତ୍ୟା କରି ପୋଡ଼ିଦିଆଯିବା ଘଟଣାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଥିବାବେଳେ ଉତ୍ତରପ୍ରଦେଶର ଉନ୍ନାଓରେ ଘଟିଛି ଆଉ ଏକ ବର୍ବରକାଣ୍ଡ। ଜଣେ ବଳାତ୍କାର ପୀଡ଼ିତା ତାଙ୍କ ମାମଲାର ଶୁଣାଣି ପାଇଁ ରାଏବରେଲି କୋର୍ଟକୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିହୋଇଯାଇଥିବାରୁ ତାଙ୍କୁ ଲକ୍ଷ୍ନୌରୁ ଚିକିତ୍ସା ପାଇଁ ଦିଲ୍ଲୀ ନିଆଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ ପରେ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଏହି କାଣ୍ଡକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ପାର୍ଲାମେଣ୍ଟରେ ମଧ୍ୟ ଉନ୍ନାଓ କାଣ୍ଡକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଜାତୀୟ ମହିଳା କମିଶନ ଏନେଇ ରାଜ୍ୟ ପୋଲିସକୁ ରିପୋର୍ଟ ମାଗିଛନ୍ତି।

ଗତବର୍ଷ ଡିସେମ୍ବରରେ ଉନ୍ନାଓର ଶିବମ୍ ତ୍ରିବେଦୀ ଓ ଶୁଭମ୍ ତ୍ରିବେଦୀ ନାମକ ଦୁଇଜଣ ବ୍ୟକ୍ତି ଜଣେ ଯୁବତୀଙ୍କୁ ଗଣବଳାତ୍କାର କରିଥିଲେ। ସେମାନେ ମାର୍ଚ୍ଚରେ ଗିରଫ ହୋଇ ଜେଲ ଯାଇଥିଲେ ଓ ନଭେମ୍ବର୨୫ରେ ଜାମିନ ପାଇ ମୁକୁଳିଥିଲେ। ଏହି ମାମଲାର ଶୁଣାଣି ପାଇଁ ପୀଡ଼ିତା ଗୁରୁବାର ସକାଳେ ଉନ୍ନାଓରୁ ରାଏବରେଲି କୋର୍ଟକୁ ଯାଉଥିବାବେଳେ ଶିବମ୍ ଓ ଶୁଭମ୍‌ଙ୍କ ସହ ଅନ୍ୟ ତିନି ଅଭିଯୁକ୍ତ ହରିଶଙ୍କର ତ୍ରିବେଦୀ, ରାମକିଶୋର ତ୍ରିବେଦୀ ଏବଂ ଉମେଶ ବାଜପେୟୀ ମିଶି ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ପୀଡ଼ିତା ପୋଡ଼ିହୋଇଯିବା ପରେ ସାହାଯ୍ୟ ପାଇଁ ୧ କି.ମି. ଦୂର ପର୍ଯ୍ୟନ୍ତ ଧାଇଁଥିଲେ। ସେ କେତେଜଣ ଲୋକଙ୍କୁ ସାହାଯ୍ୟ ମାଗିବା ପରେ ପୋଲିସକୁ ନିଜେ ଡାକିଥିଲେ। ପୂର୍ବାହ୍ନ ୧୦ଟାରେ ସିଭିଲ୍ ହସ୍ପିଟାଲରେ ☞ପୃଷ୍ଠା-୪












ସମାଜକୁ ୧୦୦ ପ୍ରତିଶତ ଅପରାଧମୁକ୍ତ କରାଯାଇପାରିବ ବୋଲି ମନେହେଉନହିଁ। ଏପରି କି ଭଗବାନ ରାମ ମଧ ଏହାକୁ ସୁନିଶ୍ଚିତ କରିପାରିବେ ନାହିଁ। ଯଦି ଅପରାଧ ଘଟିଛି ତାହା ହେଲେ ଅପରାଧୀ ଜେଲ୍ ଯିବେ ଓ ଦଣ୍ଡିତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କୌଣସି ଅଭିଯୁକ୍ତଙ୍କୁ ଆଶ୍ରୟ ଦେବେ ନାହିଁ। - ରାଘବେନ୍ଦ୍ର ପ୍ରତାପ ସିଂ, ଉତ୍ତରପ୍ରଦେଶ ଖାଦ୍ୟମନ୍ତ୍ରୀ



## ସଂକ୍ଷେପରେ

### ‘ସାବରିମାଳା ମନ୍ଦିରକୁ ମହିଳା ପ୍ରବେଶ ରାୟ ଚୂଡ଼ାନ୍ତ ନୁହେଁ

ନୂଆଦିଲ୍ଲୀ, ୫।୧୨(ଆଇଏଏନ୍ଏସ୍): କେରଳର ସାବରିମାଳାସ୍ଥିତ ଆୟାପ୍ପା ମନ୍ଦିରକୁ ସବୁ ବୟସ ଓ ବର୍ଗର ମହିଳାଙ୍କ ପ୍ରବେଶ ନେଇ ୨୦୧୮ରେ ଦିଆଯାଇଥିବା ରାୟ ଚୂଡ଼ାନ୍ତ ନୁହେଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଦର୍ଶାଇଛନ୍ତି। ଏହି ମାମଲା ବୃହତ୍ ଖଣ୍ଡପୀଠକୁ ପଠାଯାଇଛି। ସାମରିମାଳାରେ ମହିଳା ଶ୍ରଦ୍ଧାଳୁ ବିନ୍ଦୁ ଆମ୍ମିନିଙ୍କ ପ୍ରବେଶ ଉଦ୍ୟମ ବେଳେ ମାଡ଼ ମରାଯିବା ଓ ବିରୋଧ କରାଯିବା ଘଟଣାରେ ବରିଷ୍ଠ ଓକିଲ ଇନ୍ଦିରା ଜୟସିଂ ଏହା କୋର୍ଟ ରାୟର ଅବମାନନା ବୋଲି ଦର୍ଶାଇଥିବାବେଳେ ସୁପ୍ରିମକୋର୍ଟ ଏଭଳି କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍ଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ପୁନଃ ସମୀକ୍ଷା ଲାଗି ୭ ଜଣିଆ ଖଣ୍ଡପୀଠକୁ ପଠାଯାଇଥିବାରୁ ୨୦୧୮ରେ ଦିଆଯାଇଥିବା ରାୟ ଚୂଡ଼ାନ୍ତ ନୁହେଁ ବୋଲି ଦର୍ଶାଇଥିଲେ।

### ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଏମ୍‌ପିଙ୍କୁ ଆଉ ମିଳିବନି ରିହାତି ଦରରେ ଖାଦ୍ୟ

ନୂଆଦିଲ୍ଲୀ, ୫।୧୨(ଆଇଏଏନ୍ଏସ୍): ପାର୍ଲାମେଣ୍ଟ କ୍ୟାଣ୍ଟିନ୍‌ରେ ଏମ୍‌ପିମାନଙ୍କୁ ଆଉ ରିହାତି ମୂଲ୍ୟରେ ଖାଦ୍ୟ ମିଳିବନି। ଆଗାମୀ ଅଧିବେଶନ କାଳରେ ଏହାକୁ ଲାଗୁ କରାଯିବ। ବିଜନେସ୍ ଆଡଭାଇଜରି କମିଟି ବୈଠକରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏଭଳି ପ୍ରସ୍ତାବ ଦେବା ପରେ ସବୁ ଦଳର ନେତାମାନେ ଏହାକୁ ସ୍ୱୀକୃତି ଦେଇଥିଲେ। ପାର୍ଲାମେଣ୍ଟ କ୍ୟାଣ୍ଟିନରେ ନୂଆ ଦରରେ ଖାଦ୍ୟ ପ୍ରଦାନ କରାଗଲେ ବାର୍ଷିକ ୧୭ କୋଟି ଟଙ୍କା ବଞ୍ଚାଯାଇ ପାରିବ ବୋଲି ଜଣାପଡ଼ିଛି।

### [ଇତିହାସର ଆଇନାରେ]
### ଡିସେମ୍ବର ୬ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୬ରେ ପାକିସ୍ତାନ କୂଟନୈତିକ ସମ୍ପର୍କ ଛିନ୍ନକରି ଭାରତ ସହ ଯୁଦ୍ଧ କରିଥିଲା। ଦ୍ୱିପାକ୍ଷିକ ଯୁଦ୍ଧରେ ପୂର୍ବ ପାକିସ୍ତାନ(ବାଂଲାଦେଶ)କୁ ସ୍ୱାଧୀନ କରିବାରେ ଭାରତ ସଫଳ ହୋଇଥିଲା।

୧୯୯୨ ଡିସେମ୍ବର ୬ରେ ଅଯୋଧାରେ ଥିବା ବାବ୍ରୀ ମସ୍‌ଜିଦକୁ ଭଙ୍ଗାଯାଇଥିଲା। ରାମଜନ୍ମଭୂମି ସ୍ଥାନରେ ଏହା ଗଢ଼ିଉଠିଥିବା ଯୋଗୁ କରସେବକମାନେ ଏହାକୁ ଭାଙ୍ଗିଦେଇଥିଲେ। ଏହାକୁ ନେଇ ଦଙ୍ଗା ଉପୁଜିବା ସହ ପ୍ରାୟ ୧,୫୦୦ ଲୋକଙ୍କ ପ୍ରାଣହାନି ହୋଇଥିଲା।



ଉତ୍ତରପ୍ରଦେଶର ଉନ୍ନାଓସ୍ଥିତ ସିନ୍ଦୁପୁର ଗ୍ରାମରେ ଗଣବଳାତ୍କାର ପୀଡ଼ିତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣାର ତଦନ୍ତ କରୁଛି ପୋଲିସ।



ଉନ୍ନାଓ ପୀଡ଼ିତାଙ୍କୁ ଲକ୍ଷ୍ନୌରୁ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀର ସଫ୍‌ଦରଜଙ୍ଗ ହସ୍ପିଟାଲକୁ ନିଆଯାଉଛି।




ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ୬ ମାସ ମଧ୍ୟରେ ଫାଶୀ ଦିଆଯିବା ଦାବିରେ ନୂଆଦିଲ୍ଲୀରେ ତୃତୀୟ ଦିନ ଧରି ଅନଶନ କରୁଛନ୍ତି ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ।

## ଜାମିନରେ ଆସି ଜଘନ୍ୟକାଣ୍ଡ

- ଗତ ଡିସେମ୍ବରରେ ବଳାତ୍କାରର ଶିକାର ହୋଇଥିଲେ ଯୁବତୀ
- ମାର୍ଚ୍ଚରେ ଗିରଫ ହୋଇଥିଲେ ୨ ଅଭିଯୁକ୍ତ
- ନଭେମ୍ବର ୨୫ରେ ଜାମିନରେ ମୁକୁଳିଥିଲେ
- ଜଳିଯିବା ପରେ ସାହାଯ୍ୟ ପାଇଁ ୧ କି.ମି. ଧାଇଁଥିଲେ ପୀଡ଼ିତା

ବଳାତ୍କାର କରି ଜେଲ୍ ଯାଇଥିଲେ। ଜାମିନରେ ଫେରି ଜାଳିଦେଲେ। ମାନବିକତାକୁ ଲଜ୍ଜିତ କରି ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ପୁଣି ଏକ ବର୍ବରକାଣ୍ଡ ଘଟିଛି ଉତ୍ତରପ୍ରଦେଶର ଉନ୍ନାଓରେ। ଜଣେ ବଳାତ୍କାର ପୀଡ଼ିତାଙ୍କୁ ଗୁରୁବାର ସକାଳେ ନିଆଁରେ ଜାଳି ମାରିଦେବା ପାଇଁ ଉଦ୍ୟମ କରିଛନ୍ତି ଅଭିଯୁକ୍ତମାନେ। ପୀଡ଼ିତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ହୋଇଯାଇଥିବାରୁ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ଅଧିକ ଚିକିତ୍ସା ପାଇଁ ଏକ ବିମାନରେ ଦିଲ୍ଲୀର ସଫ୍‌ଦରଜଙ୍ଗ ହସ୍ପିଟାଲକୁ ନିଆଯାଇଛି। ସେପଟେ ମାମଲାର ମୁଖ୍ୟ ଅଭିଯୁକ୍ତ ଆତ୍ମସମର୍ପଣ କରିଥିବାବେଳେ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରି ତନାଘନା କରୁଛି ପୋଲିସ। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋଡ଼ିଦିଆଯିବା ଘଟଣାକୁ ନେଇ ସାରା ଦେଶରେ ଜନାକ୍ରୋଶ ଲାଗିରହିଥିବାବେଳେ ଦିନକୁ ଦିନ ଯୌନ ବିକୃତ ପୁରୁଷଙ୍କ ନୂଆ ନୂଆ ବର୍ବରତା ସାମ୍ନାକୁ ଆସିବାରେ ଲାଗିଛି। ଏହିକ୍ରମରେ ୨୦୧୭ରେ ତତ୍କାଳୀନ ଭାଜପା ବିଧାୟକ କୁଳଦୀପ ସିଂ ସେନ୍‌ଗାରଙ୍କ କାରନାମାକୁ ନେଇ ଚର୍ଚ୍ଚାରେ ଥିବା ଉନ୍ନାଓ ପୁଣିଥରେ ମୁଣ୍ଡାଇଛି ବଦନାମର କଳଙ୍କ।

# ପାର୍ଲାମେଣ୍ଟରେ ଉନ୍ନାଓ ଝଡ଼

ନୂଆଦିଲ୍ଲୀ,୫।୧୨(ପି.ଟି./ ଆଇଏଏନ୍ଏସ୍)

- କେନ୍ଦ୍ର, ୟୁପି ସରକାରଙ୍କୁ ଘେରିଲେ ବିରୋଧୀ
- ରାଷ୍ଟ୍ରପତି ଶାସନ ଦାବି କଲା ସମାଜବାଦୀ ପାର୍ଟି
- କେବଳ ଗିରଫଦାରି ପର୍ଯ୍ୟାପ୍ତ ନୁହେଁ: ଭେଙ୍କାୟା

ଉନ୍ନାଓ ଗଣବଳାତ୍କାର ପୀଡ଼ିତାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ କରାଯିବା ନେଇ ଗୁରୁବାର ପାର୍ଲାମେଣ୍ଟରେ ଝଡ଼ ଉଠିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଉଭୟ ଗୃହରେ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କୁ ଘେରିଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭାକୁ ଅଧଘଣ୍ଟା ପାଇଁ ମୁଲତବୀ କରାଯାଇଥିଲା। ଉଚ୍ଚ ସଦନରେ ଚିଟ୍‌ସ ଆଇନ (ସଂଶୋଧନ) ବିଲ୍, ୨୦୧୯ ଆଲୋଚନା ଆରମ୍ଭ ହୋଇଥିବାବେଳେ ବିରୋଧୀ ସଦସ୍ୟ ଗୃହର ମଧ୍ୟଭାଗକୁ ଯାଇ ହୋହଲ୍ଲା କରିଥିଲେ। କଂଗ୍ରେସ ନେତା ଆନନ୍ଦ ଶର୍ମା ଉନ୍ନାଓ ପୀଡ଼ିତାଙ୍କ ସମ୍ପର୍କରେ ଆଲୋଚନା ଲାଗି ବିରୋଧୀଙ୍କ ଦାବି ଶୁଣିବା ପାଇଁ ଉପାଧ୍ୟକ୍ଷ ହରିବଂଶଙ୍କୁ



ରାଜ୍ୟ ସଭାରେ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ।

ଅନୁରୋଧ କରିଥିଲେ। ହେଲେ ଉପାଧ୍ୟକ୍ଷ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ନ ଥିଲେ। ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ୟୁପିର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଯୋଗୀ ସରକାରଙ୍କୁ ଘେରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ଦାବି କରିଥିଲେ। ପରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ମଧ ଏହାକୁ ନିନ୍ଦା କରିଥିଲେ। ସେ ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ତାଙ୍କୁ ଅବଗତ କରାଇଛନ୍ତି। ତେବେ କେବଳ ଗିରଫଦାରି ପର୍ଯ୍ୟାପ୍ତ ନୁହେଁ । ଏଭଳି ଘଟଣାରେ ତୁରନ୍ତ ତତ୍ପରତା ସହ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ଯେପରି କି ସମାଜ ଓ ଦେଶକୁ ଏକ ସନ୍ଦେଶ ଯିବ ବୋଲି ନାଇଡୁ କହିଛନ୍ତି।

# ସୀମା ଟପିଲାଣି ବର୍ବରତା

ନୂଆଦିଲ୍ଲୀ,୫।୧୨

- ୟୁପି ସୀତାପୁରରେ ୧୫ ବର୍ଷୀୟାଙ୍କୁ ଗଣବଳାତ୍କାର
- ମୁମ୍ବାଇ ଝିଅଙ୍କ ସହ ଜୟପୁର ହୋଟେଲରେ ବର୍ବରତା
- ପଶ୍ଚିମବଙ୍ଗର ମାଲ୍‌ଦାରେ ମିଳିଲା ବଳାତ୍କୃତାଙ୍କ ମୃତଦେହ



ଦେଶରେ ଯୌନ ପିପାସୁଙ୍କ ବର୍ବରତା ସୀମା ଟପିଲାଣି। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ପରେ ତାଙ୍କ ମୃତଦେହକୁ ଜାଳିଦେବା ଘଟଣାକୁ ନେଇ ବିକ୍ଷୋଭ ଥମି ନ ଥିବାବେଳେ ଦିନକୁ ଦିନ ମହିଳା ବିରୋଧୀ ଅପରାଧ ଅଧ୍ୟାୟରେ ଯୋଡ଼ିହୋଇଯାଉଛି ଗୋଟିଏ ପରେ ଗୋଟିଏ ଫର୍ଦ୍ଦ। ଏହିକ୍ରମରେ ଗୁରୁବାର ସାମ୍ନାକୁ ଆସିଛି ଆଉ ୪ଟି ଜଘନ୍ୟକାଣ୍ଡ।

ଉତ୍ତରପ୍ରଦେଶର ସୀତାପୁରରେ ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଗତ ୩ ତାରିଖରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଏକ ଆଖୁ କ୍ଷେତକୁ ନେଇ ବଳାତ୍କାର କରିବା ପରେ ତାଙ୍କ ହାତଗୋଡ଼କୁ ବାନ୍ଧି ଫେରାର ହୋଇଯାଇଥିଲେ। ବୁଧବାର ପରିବାର ଲୋକେ ଓ ଗ୍ରାମବାସୀ ପୀଡ଼ିତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହି ମାମଲାରେ ପୋଲିସ ଦୁଇ ଅଭିଯୁକ୍ତ ରୂପେଶ ଓ ଯୋଗୀନ୍ଦ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଥିବା ଏସ୍‌ପି ଏଲ୍.ଆର୍. କୁମାର ସୂଚନା ଦେଇଛନ୍ତି। ସେହିପରି ମୁମ୍ବାଇର ଜଣେ ଝିଅଙ୍କୁ ରାଜସ୍ଥାନ ରାଜଧାନୀ ଜୟପୁରର ଏକ ହୋଟେଲରେ ବଳାତ୍କାର କରାଯାଇଛି। ୧୯ ବର୍ଷୀୟା ପୀଡ଼ିତା ଉକ୍ତ ହୋଟେଲରେ ତାଲିମ ନେଉଥିଲେ। ସେ ତାଙ୍କ ବନ୍ଧୁମାନଙ୍କ ସହ ଶୁକ୍ରବାର ରାତିରେ ଏକ କ୍ଲବ୍ ପାର୍ଟିରେ ଯୋଗଦେଇଥିବାବେଳେ ଉକ୍ତ ହୋଟେଲର କର୍ମଚାରୀ ଅକ୍ଷୟ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଖୋ ନାଗୋରିଆନ୍ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରିପାରି ନାହିଁ। ଇତିମଧ୍ୟରେ ଗୁରୁବାର ପଶ୍ଚିମବଙ୍ଗର ମାଲ୍‌ଦା ଜିଲାସ୍ଥିତ ଇଂଲିଶ୍ ବଜାରର ଏକ ଆମ୍ବ ବଗିଚାରୁ ସ୍ଥାନୀୟ ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ୨୦ ବର୍ଷୀୟା ଯୁବତୀଙ୍କ ପରିଚୟ ନଷ୍ଟ କରିବା ଲାଗି ତାଙ୍କ ମୁହଁ ଓ ଦେହରେ ଅନେକ କ୍ଷତ ଏବଂ ପୋଡ଼ା ଚିହ୍ନ ସୃଷ୍ଟି କରାଯାଇଛି।

## ଆର୍ଥିକ ମାନ୍ଦାବସ୍ଥାକୁ ନେଇ ବର୍ଷିଲେ ଚିଦାମ୍ବରମ




ଦେଶରେ ପିଆଜ ଦର ବୃଦ୍ଧି ପ୍ରତିବାଦରେ ପାର୍ଲାମେଣ୍ଟ ପରିସର ଗାନ୍ଧୀ ମୂର୍ତ୍ତି ସାମ୍ନାରେ ବିକ୍ଷୋଭ କରୁଛନ୍ତି କଂଗ୍ରେସ ନେତା ପି. ଚିଦାମ୍ବରମ୍ ଓ ଅଧୀର ରଞ୍ଜନ ଚୌଧୁରୀ।

ନୂଆଦିଲ୍ଲୀ, ୫।୧୨(ପି.ଟି.)

ଆଇଏନ୍ଏକ୍ସ ମିଡିଆ ମନି ଲଣ୍ଡରିଂ ମାମଲାରେ ଦୀର୍ଘ ୧୦୬ ଦିନ ତିହାର ଜେଲରେ କାଟିବା ପରେ ଜାମିନରେ ଆସିଥିବା ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ଗୁରୁବାର ରାଜ୍ୟ ସଭାରେ ଯୋଗ ଦେଇଛନ୍ତି। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ସେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ପରିଚାଳନାଗତ ତ୍ରୁଟିକୁ ଦୋଷ ଦେଇଥିଲେ। ଏଭଳି ଆର୍ଥିକ ଦୂରବସ୍ଥା ବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପାର୍ଲାମେଣ୍ଟରେ ମୋ ସ୍ୱରକୁ କେହି ଚପାଇପାରିବେ ନାହିଁ ବୋଲି ଚିଦାମ୍ବରମ କହିବା ସହ ଭାଜପାର ‘ଅଚ୍ଛେଦିନ’ ନାରାକୁ ନେଇ ପ୍ରଶ୍ନ କରିଛନ୍ତି। ଲୋକଙ୍କୁ ସୁବିଧା ଯୋଗାଇବା ପରିବର୍ତ୍ତେ କେନ୍ଦ୍ର ସରକାର ଦିଗହରା ହୋଇପଡ଼ିଛନ୍ତି। ଆର୍ଥିକ ପରିଚାଳନା ନେଇ ଦିଗହରା ଥିବା ସରକାର କିଛି ବୁଝିବାକୁ ନାରାଜ୍। ବିମୁଦ୍ରୀକରଣ, ଜିଏସ୍‌ଟି, କେନ୍ଦ୍ରୀୟ ପରିଚାଳନାଗତ ନିଷ୍ପତ୍ତି ଭଳି ଭୁଲ ପଦକ୍ଷେପ ଯୋଗୁ ଦେଶରେ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଖବରଦାତାଙ୍କୁ ସେ ପ୍ରକାଶ କରିଛନ୍ତି। ସ୍ଥିତି ସୁଧାରିବା ଲାଗି କୌଣସି ଠୋସ୍ ପଦକ୍ଷେପ ନାହିଁ, କେବଳ ଅବଗଣନା କରାଯାଉଛି। ଏଭଳି ସ୍ଥିତିରେ ଅର୍ଥନୀତି ଅଧିକ ବିଗିଡ଼ିବାର ଆଶଙ୍କା ରହିଥିବା ଚିଦାମ୍ବରମ ପ୍ରକାଶ କରିଛନ୍ତି।

## ୧୦୦ ଲୋକପ୍ରିୟ ସହର ମଧ୍ୟରେ ଭାରତର ୭

ଲଣ୍ଡନ, ୫।୧୨(ଆଇଏଏନ୍ଏସ୍): ବିଶ୍ୱର ସବୁଠାରୁ ଅଧିକ ଲୋକପ୍ରିୟ ୧୦୦ ସହର ମଧ୍ୟରେ ଭାରତର ୭ ସହର ରହିଛନ୍ତି। ବ୍ରିଟେନ୍‌ର ଗ୍ଲୋବାଲ ମାର୍କେଟ ରିସର୍ଚ୍ଚ କମ୍ପାନୀ ୟୁରୋମନିଟର ଇଣ୍ଟରନ୍ୟାଶନାଲ ଷ୍ଟେଟ୍ସର ଏକ ରିପୋର୍ଟରେ ଏହା ପ୍ରକାଶ କରାଯାଇଛି। ହଂକଂ ତାଲିକାର ସର୍ବାଗ୍ରେ ରହିଥିବାବେଳେ ବ୍ୟାଙ୍କକ୍, ଲଣ୍ଡନ, ମାକାଉ, ସିଙ୍ଗାପୁର, ନ୍ୟୁୟର୍କ ସିଟି ଆଦି ରହିଛି। ଭାରତର ୭ ସହର ମଧ୍ୟରେ ଦିଲ୍ଲୀ(୧୧), ମୁମ୍ବାଇ(୧୪), ଆଗ୍ରା(୨୬), ଚେନ୍ନାଇ(୩୧), ବେଙ୍ଗାଲୁରୁ(୧୦୦), ଜୟପୁର(୩୪), କୋଲକାତା(୭୪) ରହିଛି। ବିଶ୍ୱର ପର୍ଯ୍ୟଟକଙ୍କ ଲାଗି ଉଦ୍ଦିଷ୍ଟ ଲୋକପ୍ରିୟ ସହର ମଧ୍ୟରେ ଏସିଆ ମହାଦେଶର ସର୍ବାଧିକ ୪୩/୧୦୦ ସହର ରହିଛି।

## ■ ବାବ୍ରୀ ମସ୍‌ଜିଦ ଭଙ୍ଗା ଘଟଣାକୁ ୨୭ ବର୍ଷ
# ଅଯୋଧାରେ କଡ଼ା ସୁରକ୍ଷା

ଅଯୋଧା,୫।୧୨(ଆଇଏଏନ୍ଏସ୍)

ଶୁକ୍ରବାର ଅଯୋଧାରେ ବାବ୍ରୀ ମସ୍‌ଜିଦ ଭଙ୍ଗକୁ ୨୭ ବର୍ଷ ହେବ। ଏହି ବିବାଦୀୟ ଜମି ରାମମନ୍ଦିର ନିର୍ମାଣ ଲାଗି ସୁପ୍ରିମକୋର୍ଟ ରାୟ ଦେଇଥିବାବେଳେ ମୁସଲ୍‌ମାନ ପକ୍ଷରୁ ଏହା ବିରୋଧରେ ରିଭ୍ୟୁ ପିଟିଶନ ଦାଖଲ କରାଯାଇଛି। ଏହାକୁ ନେଇ ସେଭଳି କିଛି ଭୟଙ୍କର ସ୍ଥିତି ଦେଖାଦେଇ ନ ଥିବାବେଳେ ବାବ୍ରୀ ଭଙ୍ଗ ବର୍ଷ ପୂର୍ତ୍ତିକୁ ନେଇ ଅଯୋଧାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାକୁ ୪ଟି ସୁରକ୍ଷା ଜୋନ୍‌ରେ ବିଭକ୍ତ କରାଯାଇଥିବାବେଳେ ୧୦ ସିକ୍ୟୁରିଟି ସେକ୍ଟର ଓ ୧୪ ସିକ୍ୟୁରିଟି ସବ୍ ସେକ୍ଟରରେ ବିଭକ୍ତ କରାଯାଇଛି। ରାମକୋଟ୍ ଅଞ୍ଚଳରେ କୌଣସି ପାରମ୍ପରିକ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ସୁରକ୍ଷା ଲାଗି ୫ ଏଏସ୍‌ପି, ୧୦ ଡିଏସ୍‌ପି,୧୫ ଇନସ୍ପେକ୍ଟରଙ୍କୁ ନିୟୋଜିତ କରାଯାଇଥିବା ଏସ୍‌ଏସ୍‌ପି ଆଶିଷ ତିୱାରୀ କହିଛନ୍ତି। ୯ କମ୍ପାନୀ ସିଆର୍‌ପିଏଫ୍, ୨୯ କମ୍ପାନୀ ପିଏସିଙ୍କୁ ସେଠାରେ ଲଗାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ଶେଷ

ରାଞ୍ଚି, ୫।୧୨(ଆଇଏଏନ୍ଏସ୍)

### ଝାଡ଼ଖଣ୍ଡ: ୨୦ ଆସନ ଲାଗି ୨୬୦ ପ୍ରାର୍ଥୀ



ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶନିବାର ହେବାକୁ ଥିବାବେଳେ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଶେଷଦିନରେ ଭାଜପା, କଂଗ୍ରେସ, ଜେଏମ୍ଏମ୍ ଓ ଆର୍‌ଜେଡି ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଛି। ଏହି ପର୍ଯ୍ୟାୟରେ ୨୦ ଆସନ ଲାଗି ଭୋଟଗ୍ରହଣ କରାଯିବ। ୧୮ଟି ଆସନରେ ସେହିଦିନ ସକାଳ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବାକୁ ଥିବାବେଳେ ୨ ଆସନରେ ସକାଳ ୭ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ମତଦାନ କରାଯିବ ବୋଲି ଜଣାପଡ଼ିଛି। ୨୦ ଆସନରୁ ୧୬ଟି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପ୍ରାର୍ଥୀଙ୍କ ଲାଗି ଉଦ୍ଦିଷ୍ଟ ଅଛି। ମୋଟ ୨୯ ମହିଳାଙ୍କ ସମେତ ୨୬୦ ପ୍ରାର୍ଥୀ ଦ୍ୱିତୀୟ ପର୍ଯ୍ୟାୟ ଭୋଟରେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ। ପୂର୍ବ ଜାମ୍‌ସେଦପୁର ଓ ପଶ୍ଚିମ ଜାମ୍‌ସେଦପୁର ଆସନରେ ୨୦ଜଣ ଲେଖାଏ ପ୍ରାର୍ଥୀ ରହିଛନ୍ତି। ପୂର୍ବ ଜାମ୍‌ସେଦପୁର ଆସନରୁ ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଇଦାନରେ ଅଛନ୍ତି। ଏହି ୨୦ ଆସନରେ ମାଓବାଦୀଙ୍କ ପ୍ରଭାବ ରହିଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫ ପର୍ଯ୍ୟାୟ ଭୋଟ ଶେଷ ହେବାପରେ ୨୩ରେ ଭୋଟ ଗଣତି ହେବ।

# କର୍ଣ୍ଣାଟକ ଉପନିର୍ବାଚନ: ୬୭% ମତଦାନ

ବେଙ୍ଗାଲୁରୁ, ୫।୧୨(ଆଇଏଏନ୍ଏସ୍)

କର୍ଣ୍ଣାଟକର ୧୫ ବିଧାନସଭା ଆସନ ଲାଗି ଗୁରୁବାର କଡ଼ା ସୁରକ୍ଷା ମଧ୍ୟରେ ଭୋଟଗ୍ରହଣ କରାଯାଇଥିବାବେଳେ ମତଦାନ ହାର ୬୭ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ସବୁଠାରୁ ଅଧିକ ମତଦାନ ଚିକ୍କାବାଲାପୁରାରେ(୭୯.୮%) ହୋଇଛି। ସବୁଠାରୁ କମ୍ ଭୋଟ(୩୭.୫%) ବେଙ୍ଗାଲୁରୁର କେ.ଆର୍. ପୁରମ୍‌ରେ ପଡ଼ିଛି। ମହାଲକ୍ଷ୍ମୀରେ ୪୦.୪୭% ଓ ଶିବାଜୀନଗରରେ ୪୧.୧୩% ମତଦାନ କରାଯାଇଛି। ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି। ୧୨୬ ସ୍ୱାଧୀନ, ୯ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମଇଦାନରେ ଥିବା ମୋଟ ୧୬୫ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ରହିଛି। ଭାଜପା ଓ କଂଗ୍ରେସ ପକ୍ଷରୁ ସମସ୍ତ ୧୫ଟି ଆସନ ଲାଗି ପ୍ରାର୍ଥୀ ଦିଆଯାଇଥିବାବେଳେ




ବେଙ୍ଗାଲୁରୁର ମହାଲକ୍ଷ୍ମୀ ଲେଆଉଟ୍ ନିର୍ବାଚନମଣ୍ଡଳୀରେ ଭୋଟ ଦେବା ପରେ ନିଜ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି ଜଣେ ବୟସ୍କା ମହିଳା।

ଜେଡିଏସ୍ ୧୨ ଆସନରେ ଲଢୁଛି। ମିଳିଥିବା ସର୍ବଶେଷ ସୂଚନା ଅନୁଯାୟୀ ଅଠାଣିରେ ୭୦.୭୩%, କାଗ୍‌ୱାଡ୍‌ରେ ୬୯.୭୬%, ଗୋକାକ୍‌ରେ ୬୬.୬୪%,

### ୧୫ ଆସନରେ ଭୋଟ
### ଇଭିଏମ୍‌ରେ ୧୬୫ ପ୍ରାର୍ଥୀଙ୍କ ଭାଗ୍ୟ

ୟେଲାପୁରମ୍‌ରେ ୭୨.୨୩%, ହିରେକେରୁର୍‌ରେ ୭୨.୪୨%, ରାନେବେନ୍ନୁର୍‌ରେ ୬୭.୯୨%, ବିଜୟନଗରରେ ୫୮.୯୩%, ୟେଶୱନ୍ତପୁରରେ ୪୮.୩୪%, ହୋସ୍‌କୋଟେରେ ୭୬.୧୯%, କେ.ଆର୍. ପେଟେରେ ୭୫.୮୭%, ହୁନ୍‌ସୁର୍‌ରେ ୭୪.୪୭% ମତଦାନ କରାଯାଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। କଂଗ୍ରେସ ଓ ଜେଡିଏସ୍‌ର ୧୭ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପରେ ଏହିସବୁ ଆସନଗୁଡ଼ିକ ଖାଲି ପଡ଼ିଥିଲା। ଏଥିସହ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ହୋଇଥିଲା। ଅଯୋଗ୍ୟ ଘୋଷିତ ବିଧାୟକଙ୍କ ମଧ୍ୟରୁ ୧୩ ଏବେ ଭାଜପା ପ୍ରାର୍ଥୀ ହୋଇଥିବାବେଳେ ନିର୍ବାଚନ ଫଳାଫଳ ସରକାରଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଶାସକ ଭାଜପା ୧୦୫ ଆସନ ହାତେଇ ଥିବାବେଳେ ଆଉ ୭ ଆସନ ଆବଶ୍ୟକ କରୁଛି। ୨୨୩ ଆସନବିଶିଷ୍ଟ ରାଜ୍ୟ ବିଧାନସଭାରେ ମ୍ୟାଜିକ୍ ନମ୍ବର (୧୧୨) ଛୁଇଁବା ଲାଗି ଉପନିର୍ବାଚନରେ ଭାଜପାକୁ ୭ଟି ଆସନ ହାତେଇବାକୁ ପଡ଼ିବ। ନଚେତ୍ ସରକାର ଭାଙ୍ଗିଯିବାର ଆଶଙ୍କା ରହିଛି। ଏଥିଲାଗି ଉପନିର୍ବାଚନରେ ବିରୋଧୀ ନେତାମାନେ ଜୋର୍‌ଦାର ପ୍ରଚାର କରିଥିଲେ। ଭୋଟ ଗଣତି ୯ରେ ହେବାକୁ ଥିବାବେଳେ ଫଳାଫଳ କ’ଣ ହେବ ତାହା ସମୟ ହିଁ କହିବ।

# ଇ-କିଓସ୍କରେ ଆର୍‌ଟିଓ ଏଜେଣ୍ଟଙ୍କୁ ଥଇଥାନ କର

## ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୫।୧୨**

ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ପରେ ଆର୍‌ଟିଓ ପରିସରରେ କାର୍ଯ୍ୟ କରୁଥିବା ଏଜେଣ୍ଟମାନଙ୍କ ଉପରେ ରାଜ୍ୟ ପରିବହନ ଆୟୁକ୍ତଙ୍କ ପକ୍ଷରୁ କଟକଣା ଲାଗୁ କରାଯାଇଥିଲା। ଗତ ସେପ୍ଟେମ୍ବର ୨୭ରେ ଆର୍‌ଟିଓ ପରିସରକୁ ଏଜେଣ୍ଟଙ୍କ ପ୍ରବେଶ ଉପରେ ପରିବହନ ଆୟୁକ୍ତ ବିଜ୍ଞପ୍ତି ପ୍ରକାଶ କରି କଟକଣା ଜାରି କରିଥିଲେ। ମାତ୍ର ଆୟୁକ୍ତଙ୍କ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଏଜେଣ୍ଟଙ୍କ ଥଇଥାନ ଉପରେ ନିର୍ଦ୍ଦେଶ ଦେଇଛନ୍ତି। ଏଜେଣ୍ଟମାନଙ୍କ ଉପରେ କଟକଣା ଲାଗୁ କରିବା ପରେ ସେମାନଙ୍କ ଜୀବନ ଜୀବିକାକୁ ନେଇ ପ୍ରଶ୍ନ ଉଠିଛି। ତେଣୁ ସେମାନଙ୍କ ଥଇଥାନ ପାଇଁ ରାଜ୍ୟର ପ୍ରତ୍ୟେକ ଆରଟିଓ କାର୍ଯ୍ୟାଳୟରେ ଇ-କିଓସ୍କ ମେଶିନ ବସାଯିବ। ଏହି ମେଶିନ ଜରିଆରେ ଆରଟିଓ ପକ୍ଷରୁ ଚିହ୍ନଟ କରାଯାଇଥିବା ଏଜେଣ୍ଟମାନଙ୍କୁ ନିଯୁକ୍ତି ଦିଆଯିବ। ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଏ ସମ୍ପର୍କିତ ଆଗତ ମାମଲାର ଶୁଣାଣି କରି ଏଭଳି ଆଦେଶ ଦେଇଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଆଦେଶରେ କୁହାଯାଇଛି। ସୂଚନାଥାଉ କି, ସଂଶୋଧିତ ମୋଟରଯାନ ଆଇନ କାର୍ଯ୍ୟ କରିବା ପରେ ଆରଟିଓ ଅଫିସରେ କାର୍ଯ୍ୟ କରୁଥିବା ଏଜେଣ୍ଟମାନଙ୍କୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏପରି କି ପୋଲିସ ପକ୍ଷରୁ ଆରଟିଓ ଅଫିସଗୁଡ଼ିକ ଆଗରେ ପହରା ଦିଆଯାଇଥିଲା। ବିଭିନ୍ନ ସମୟରେ ଏଜେଣ୍ଟମାନଙ୍କୁ ପୋଲିସ ଗିରଫ ମଧ କରିଥିଲା। ଏହାପରେ ପରିବହନ ଆୟୁକ୍ତ ବିଜ୍ଞପ୍ତି ପ୍ରକାଶ କରି ଏଜେଣ୍ଟମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ମାତ୍ର ପରିବହନ ଆୟୁକ୍ତଙ୍କ ବିଜ୍ଞପ୍ତିକୁ ପାରଳାଖେମୁଣ୍ଡି ଆରଟିଓରେ କାର୍ଯ୍ୟ କରୁଥିବା ଜଣେ ଏଜେଣ୍ଟ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ପିଟିଶନରେ ସେ ଉଲ୍ଲେଖ କରିଥିଲେ, ତତ୍କାଳୀନ ପରିବହନ କମିଶନର ୧୯୯୪ରେ ଏଜେଣ୍ଟମାନଙ୍କ ନିମନ୍ତେ ଏକ ସର୍କୁଲାର ଜାରି କରିଥିଲେ। ଏହି ସର୍କୁଲାରରେ କୁହାଯାଇଥିଲା, ଆରଟିଓକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ସାଧାରଣ ଲୋକଙ୍କ ଯେ କୌଣସି କାମ ଏଜେଣ୍ଟମାନେ କରିପାରିବେ। ମାତ୍ର ଏହାପରେ ସୁନ୍ଦରଗଡ଼ ଆରଟିଓରେ ପୋଲିସ ଚଢାଉ କରି କେତେଜଣ ଏଜେଣ୍ଟଙ୍କୁ ୧୯୯୮ରେ ଗିରଫ କରିଥିଲା। ପୋଲିସର ଏହି ଗିରଫଦାରିକୁ ବିରୋଧ କରି ସେ ସମୟରେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଏଜେଣ୍ଟମାନଙ୍କ ସପକ୍ଷରେ ରାୟ ଦେଇଥିଲେ। ହେଲେ ସେପ୍ଟେମ୍ବରରେ ପରିବହନ ଆୟୁକ୍ତ ପୁଣି ଏଜେଣ୍ଟମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ତେଣୁ ପରିବହନ ଆୟୁକ୍ତଙ୍କ କଟକଣା ସମ୍ପର୍କିତ ବିଜ୍ଞପ୍ତି ଅବୈଧ ବୋଲି ଆବେଦନକାରୀ ପିଟିଶନରେ ଉଲ୍ଲେଖ କରି ଏହାକୁ ଖାରଜ କରିବା ପାଇଁ ନିବେଦନ କରିଥିଲେ।


Taste the difference! Vencobb FRESH CHICKEN

05.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 78 | 129 | 139 |
| BHM | 74 | 124 | 134 |

*Conditions Apply

Issued in the Interest of Consumers


# ବେଦାନ୍ତକୁ ମିଳିଲା ସୁନ୍ଦରଗଡ଼ ଜାମକାନୀ କୋଇଲା ଖଣି

**ଭୁବନେଶ୍ୱର, ୫।୧୨ (ବ୍ୟୁରୋ):** ସୁନ୍ଦରଗଡ଼ ଜିଲାର ଜାମକାନୀ କୋଇଲା ଖଣି ବେଦାନ୍ତ ଲିମିଟେଡକୁ ମିଳିଛି। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗୁରୁବାର ଏହି ଖଣିକୁ ଅନୁମୋଦନ କରିଛି। ଦୀର୍ଘ ୪ବର୍ଷ ପରେ ମନ୍ତ୍ରଣାଳୟ ୫ଟି ଖଣିକୁ ଅନୁମୋଦନ କରିଛି। ନଭେମ୍ବର ପ୍ରଥମ ସପ୍ତାହରେ ମନ୍ତ୍ରଣାଳୟ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ନିଲାମ କରାଯାଇଥିଲା। ୫ଟି ଖଣିକୁ ମନ୍ତ୍ରଣାଳୟ ପକ୍ଷରୁ ବିର୍ଲା କର୍ପୋରେଶନ, ବେଦାନ୍ତ, ପ୍ରକାଶ ଇଣ୍ଡଷ୍ଟ୍ରିଜ୍ ଏବଂ ପାୱାର ପ୍ଲସ ଟ୍ରେଡର୍ସକୁ ପ୍ରଦାନ କରାଯାଇଛି। ବିର୍ଲା କର୍ପୋରେଶନକୁ ମଧ୍ୟପ୍ରଦେଶର ବିକ୍ରମ ଓ ବ୍ରହ୍ମପୁରୀ କୋଇଲା ଖଣି ଟନ୍ ପିଛା ୧୫୪ ଟଙ୍କା ଏବଂ ୧୫୬ ଟଙ୍କା ହିସାବରେ ପ୍ରଦାନ କରାଯାଇଥିବାବେଳେ ବେଦାନ୍ତକୁ ଟନ୍ ପିଛା ୧,୬୭୪ ଟଙ୍କାରେ ଦିଆଯାଇଛି। ପ୍ରକାଶ ଇଣ୍ଡଷ୍ଟ୍ରିଜ୍‌କୁ ଛତିଶଗଡ଼ର ଭାସ୍କରପଡା କୋଇଲା ଖଣି ଟନ୍ ପିଛା ୧,୧୦୦ ଟଙ୍କା ଏବଂ ପାୱାର ପ୍ଲସ ଟ୍ରେଡର୍ସକୁ ପଶ୍ଚିମବଙ୍ଗର ଜଗନ୍ନାଥପୁର ବି ବ୍ଲକକୁ ଟନ୍ ପିଛା ୧୮୫ ଟଙ୍କାରେ ନିଲାମ ଦିଆଯାଇଛି। ଏହି ୫ଟି ଖଣି ବାବଦରେ ରୟାଲଟିକୁ ଛାଡି ଆସନ୍ତା ୩୦ ବର୍ଷ ମଧ୍ୟରେ ୧୭ ହଜାର ୧୩୬ କୋଟି ଟଙ୍କା ମିଳିବ ବୋଲି ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ଏହି ଖଣି ନିଲାମ ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।


**In Loving Memory**



**Smt. Nanda Das**
**(1952 – 2019)**

With profound grief and sadness, we inform that our beloved Nanda Das, Wife of Er. Banbir Das peacefully departed for her heavenly abode on 27th November 2019.

*A devoted wife, loving mother and caring friend, she touched everyone's heart with her exceptional love and affection.*

**In Grief**
**Banbir Das and Family**



www.cutm.ac.in

CONVOCATION CEREMONY OF THE NEXT SET OF CHANGEMAKERS

MADE IN CENTURION

The class of 2019



His Excellency, Governor of Odisha
**Prof. Ganeshi Lal**
Visitor, Centurion University, will preside.





Chief Guests

**Dr. K.P. Krishnan IAS**
Secretary, Ministry of Skill Development & Entrepreneurship, Government of India

**Shri. Pradeep Singh Kharola IAS**
Secretary, Ministry of Civil Aviation, Government of India

VENUE:
CENTURION UNIVERSITY CAMPUS, BHUBANESWAR, ODISHA

DATE & TIME:
FRIDAY, 6TH DECEMBER 2019 | 10:30 AM

Centurion University

NAAC (A) & ICAR ACCREDITED



MARUTI SUZUKI

NEXA

# CREATE NEW EXPERIENCES WITH THE BEST OFFERS OF THE YEAR.

Avail great year-end offers before the stock runs out.




LIMITED PERIOD OFFERS ONLY

VALID TILL 31st DECEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹25,000 | ₹25,000+ 5 YEAR WARRANTY | ₹30,000 | ₹50,000+ 5 YEAR WARRANTY | ₹25,000 | ₹40,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹25,000 | ₹40,000 | ₹40,000 | ₹40,000 |
| CORPORATE OFFER | ₹5,000 | ₹10,000 | ₹10,000 | ₹10,000 | ₹10,000 | ₹10,000 |
| TOTAL SAVINGS# | **₹45,000** | **₹67,400** | **₹65,000** | **₹1,22,900** | **₹75,000** | **₹1,12,700** |

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA RAJ BHAVAN ROAD** (NARAYANI MOTORS PH: 9583022008, 7381094898),
**NEXA CYBER CITY** (JYOTE MOTORS PH: 8338033884),
**NEXA TWIN CITY** (SKY AUTOMOBILES PH: 9776497764, 7064400101).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

*Offered separately as Genuine NEXA Accessory*

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and a 5-year warranty (2-year standard warranty + 3-year extended warranty) on all NEXA Diesel cars.

**ଆଜିର ମନ୍ତବ୍ୟ**
ମୋଦି, ଶାହା କାଳ୍ପନିକ ଦୁନିଆରେ ବଞ୍ଚୁଥିବାରୁ ଅସୁବିଧା ଭୋଗୁଛି ଦେଶ।
– ରାହୁଲ ଗାନ୍ଧୀ, ୱାୟନାଡ୍ ଏମ୍‌ପି

**କିଛି ତଥ୍ୟ**
୨୦୧୧-୧୨ ଆର୍ଥିକ ବର୍ଷ ପରଠାରୁ କେନ୍ଦ୍ର ସରକାର ଏୟାର ଇଣ୍ଡିଆକୁ ୩୦,୫୨୦.୨୧ କୋଟି ଟଙ୍କାର ପୁଞ୍ଜି ପ୍ରଦାନ କରିଛନ୍ତି।
– ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ବରୁଣ
ପରିବାରବର୍ଗ


ଏସ୍. ମଧୁମଙ୍ଗଳ
ପରିବାରବର୍ଗ


ସୁମନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସଂକଳ୍ପ ପଣ୍ଡା


ସୁଶ୍ରୀ ସୋନାଲିକା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା
# ୫ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ବାଲିଗୁଡା,୫।୧୨(ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ଜଲେଶପଟ୍ଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ୨୦୦୮, ଅଗଷ୍ଟ ୨୩ରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଫୁଲବାଣୀ ଜିଲା କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଫଳରେ ଅଭିଯୁକ୍ତମାନେ ଜେଲ୍‌ରେ ଥିଲେ। ଏବେ ସେମାନଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଛି। ଦୁର୍ଯ୍ୟୋଧନ ସୁନାମାଝି, ଭାସ୍କର ସୁନାମାଝି ଓ ମୁଣ୍ଡା ବଡମାଝି ମୁକୁଳିଛନ୍ତି। ଅନ୍ୟ ୨ଜଣ ବୁଦ୍ଧଦେବ ନାୟକ ଭଞ୍ଜନଗର ଜେଲ୍ ଓ ସନାତନ ବଡ଼ମାଝି ଏମ୍. ରାମପୁର ଜେଲରୁ ମୁକୁଳିବେ। ଅଭିଯୁକ୍ତମାନେ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ବେଳେ ରାଜ୍ୟ ମିଥ୍ୟା ମୋକଦ୍ଦମା ବିରୋଧୀ ଅଭିଯାନ ଓ ଖବରଦାତାଙ୍କ ପକ୍ଷରୁ ଉଭୟ ରାଜ୍ୟ ଓ ଜାତୀୟସ୍ତରରେ ଏମାନଙ୍କୁ ମୁକ୍ତି ଦେବାକୁ ପ୍ରୟାସ କରାଯାଇଥିଲା। ଗତ ୨୬ ତାରିଖ ସମ୍ବିଧାନ ଦିବସରେ ସୁପ୍ରିମକୋର୍ଟ ଏହି ୫ ଅଭିଯୁକ୍ତଙ୍କୁ ଜାମିନ ଦେଇଥିଲେ। ଗୁରୁବାର ବାଲିଗୁଡା ଉପଖଣ୍ଡ କାରାଗାରରେ ସଜା କାଟୁଥିବା ଦୁର୍ଯ୍ୟୋଧନ, ଭାସ୍କର ଓ ମୁଣ୍ଡା ମୁକୁଳିଛନ୍ତି। ଅନ୍ୟ ୨ଜଣ ବୁଦ୍ଧଦେବ ଓ ସନାତନ ମୁକୁଳିବେ ବୋଲି ଜଣାପଡିଛି। ଦୀର୍ଘ ୧୧ ବର୍ଷ ପରେ ଜାମିନ ପାଇଥିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବେ ବୋଲି ପ୍ରତିକ୍ରିୟାରେ ଦୁର୍ଯ୍ୟୋଧନ, ଭାସ୍କର ଓ ମୁଣ୍ଡା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଳାତ୍କାର ପୀଡ଼ିତାଙ୍କୁ...

ତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୯୦% ପୋଡ଼ିହୋଇଯାଇଛି ବୋଲି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ଆଶୁତୋଷ ଦୁବେ ସୂଚନା ଦେଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ହସ୍ପିଟାଲ ଓ ପରେ ଲକ୍ଷ୍ନୌକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଉତ୍ତରପ୍ରଦେଶ ସରକାର ତାଙ୍କୁ ସେଠାରୁ ଏକ ବିମାନରେ ନୂଆଦିଲ୍ଲୀସ୍ଥିତ ସଫ୍‌ଦରଜଙ୍ଗ ହସ୍ପିଟାଲକୁ ପଠାଇଛନ୍ତି। ଇତିମଧ୍ୟରେ ପୀଡ଼ିତା ଜଣକ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଦୟାଶଙ୍କର ପାଠକଙ୍କ ନିକଟରେ ବୟାନ ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଝଡ଼ ଉଠିଛି। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ରାଜ୍ୟ ସଭାକୁ ୩୦ ମିନିଟ ପାଇଁ ମୁଲତବୀ କରାଯାଇଥିଲା। କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ଘେରିଛନ୍ତି। ବୁଧବାର ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ଉତ୍ତରପ୍ରଦେଶରେ ଆଇନଶୃଙ୍ଖଳା ଭଲ ଅଛି ବୋଲି କହିଥିଲେ। କିନ୍ତୁ ଏଭଳି ଘଟଣାଗୁଡ଼ିକୁ ଦେଖିବା ପରେ ମନରେ କ୍ରୋଧ ଜାଗ୍ରତ ହେଉଛି। ଭାଜପା ତା'ର ମିଥ୍ୟା ପ୍ରଚାର ବନ୍ଦ କରିବା ଉଚିତ ବୋଲି ପ୍ରିୟଙ୍କା କହିଛନ୍ତି। ସେହିପରି ଅଖିଳେଶ କହିଛନ୍ତି, ରାଜ୍ୟର ଭାଜପା ସରକାରଙ୍କୁ ହଟାଯିବା ଉଚିତ। ଜଙ୍ଗଲରାଜକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲଜ୍ଜିତ ହୁଅନ୍ତୁ। ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ଇସ୍ତଫା ଦିଅନ୍ତୁ ବୋଲି ଏସ୍‌ପି ଅଧ୍ୟକ୍ଷ ଟୁଇଟରରେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀମାନଙ୍କୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ମାଗିଛନ୍ତି। ଏହାସହ ପୀଡ଼ିତାଙ୍କୁ ଯଥାସମ୍ଭବ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ ସୁନିଶ୍ଚିତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜାତୀୟ ମହିଳା କମିଶନ (ଏନ୍‌ସି) ଅଧ୍ୟକ୍ଷା ରେଖା ଶର୍ମା ଘଟଣାକୁ ଗମ୍ଭୀରତା ସହ ନେଇ ପୋଲିସ ଡିଜି ଓ.ପି. ସିଂଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହ କରି ବୈଜ୍ଞାନିକ ଆଧାରରେ ତଦନ୍ତ ଚାଲିଛି ବୋଲି ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ ଟୁଇଟ୍ କରାଯାଇଛି।

ପ୍ରକାଶ ଯେ, ୨୦୧୭ ଜାନୁୟାରୀରେ ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସେନ୍‌ଗାର ଜେଲରେ ଥିବାବେଳେ କିଛିମାସ ତଳେ ପୀଡ଼ିତାଙ୍କୁ ଟ୍ରକ୍‌ରେ ଧକ୍କାଦେଇ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା। ଏହି ଘଟଣା ଜନମାନସରୁ ଲିଭି ନ ଥିବାବେଳେ ଜାତୀୟ ଗଣମାଧ୍ୟମରେ ଉନ୍ନାଓ ପୁଣିଥରେ ଚର୍ଚ୍ଚାକୁ ଆସିଛି ଆଉ ଏକ ଗଣବଳାତ୍କାର ଓ ହତ୍ୟା ଉଦ୍ୟମ ଭଳି ବର୍ବରକାଣ୍ଡକୁ ନେଇ।

## ପିଆର୍‌ଏମ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ
# ରୋଗୀଙ୍କୁ ଇଞ୍ଜେକ୍ସନ ଦେଲେ ରୋଷେଇ କର୍ମଚାରୀ

ବାରିପଦା ଅଫିସ,୫।୧୨

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କେନ୍ଦ୍ରୀୟ ଅନୁଦାନରେ ରାଜ୍ୟ ସରକାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ପିଆରଏମ୍) ପ୍ରତିଷ୍ଠା କରିଛନ୍ତି। ବୁଧବାର ଏହି ମେଡିକାଲରେ ଚିକିତ୍ସାଧୀନ ଜଣେ ରୋଗୀଙ୍କୁ ମହିଳା ରୋଷେଇ କର୍ମଚାରୀ ଇଞ୍ଜେକ୍ସନ ଦେଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉକ୍ତ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ବୁଧବାର ଦିନବେଳା ପୁରୁଷ ମେଡିସିନ ୱାର୍ଡରେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ପାଇଁ ରୋଗୀଙ୍କ ସମ୍ପର୍କୀୟ ଡିଉଟିରେ ଥିବା ନର୍ସଙ୍କୁ ଡାକିଥିଲେ। ତେବେ ନର୍ସ ନିଜେ ନ ଆସି ମେଡିକାଲ କଲେଜରେ ରୋଷେଇ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଆସି ଇଞ୍ଜେକ୍ସନ ଦେଇଥିଲେ।

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**


ରୋଷେଇ କର୍ମଚାରୀ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବ୍ୟୟଭାବସ୍ଥ ଚନ୍ଦ୍ର ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ମନକୁ ବିଭ୍ରାନ୍ତ କରାଇପାରେ। ଅବଶ୍ୟ ନିଜର ଉଦାରତା ଗୁଣରୁ ଅନୁନୟ ବିନୟର ସହ ସାହାଯ୍ୟ ମାଗୁଥିବା ଲୋକଟିକୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ସାହିତ୍ୟ, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ବୃଷ** ଚନ୍ଦ୍ର ପ୍ରଭାବରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ। ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ।

**ମିଥୁନ** ରାଶିରେ ରାହୁ ପ୍ରଭାବରେ ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** ନିଜର ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ସୁଯୋଗ ପାଇବା ସହଜ ହୋଇ ନ ପାରେ। ନିଜକୁ ସଜାଇବାରେ ସମୟ ଅତିବାହିତ କରି ସମାଲୋଚିତ ହେବେ।

**ସିଂହ** ଭୁଲ୍ ବୁଝାମଣାରୁ ଘରେ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତି ବୋଧ କରିବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** କର୍ମକ୍ଷେତ୍ରର ବିଷମତା ଜନିତ କ'ଣ କରିବେ ଠିକ୍ କରି ନ ପାରି ଦ୍ୱନ୍ଦ୍ୱରେ ପଡିବେ। ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି, କିନ୍ତୁ ପଚାରି ମଧ୍ୟ ବୁଝିପାରିବେନାହିଁ। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ା ଲାଗିପାରେ।

**ତୁଳା** ଆକସ୍ମିକ ବିଭ୍ରାନ୍ତିକର ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ ବିଶେଷ କିଛି ଅସୁବିଧା ରହିବ ନାହିଁ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି। ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ସମାଲୋଚିତ ହୋଇପାରନ୍ତି।

**ବିଛା** ଯୋଜନାଗୁଡିକ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ପାରେ। ହାତେ ମାପି ଚାଖଣ୍ଡେ ଚାଲିଲେ ଚେଷ୍ଟା ସଫଳ ହେବାର ସମ୍ଭାବନା ମିଳିପାରେ। ଅର୍ଥ ସମ୍ପର୍କିତ କାମରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ** ଆଶାନୁରୂପକ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ ଅନ୍ୟଥା ପଶ୍ଚାତ୍ତେ ଅନୁତାପ କରିବାକୁ ପଡିପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ।

**ମକର** କର୍ମକ୍ଷେତ୍ରରେ ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ପ୍ରଶଂସିତ ହେବେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ, ଅବଶ୍ୟ ମଧ୍ୟାହ୍ନ ପରେ ମନ ଶାନ୍ତ ରହିବ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅସୁବିଧାରେ ପଡିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଏଣୁ ସାବଧାନତା ନିତାନ୍ତ ଦରକାର। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ** ଆଶା କରୁଥିବା ବନ୍ଧୁଙ୍କ ଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର ଶୁକ୍ଳ ଦଶମୀ ଶୁକ୍ରବାର, ଡିସେମ୍ବର ୬ ତାରିଖ, ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ତିରୋଧାନ ଦିବସ, ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୟନ୍ତୀ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଦିବା ରାଶି-ନକ୍ଷତ୍ର, ଉତ୍ତରଭାଦ୍ରପଦ୍/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଅଦ୍ୟ ନୂତନ ଗୃହପ୍ରବେଶ ପାଇଁ ଶୁଭ। ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୮ମି ଗତେ ଘ୯।୪୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୩୭ମି. ଗତେ ଘ୮/୫୮ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦/୧୬ ଗତେ, ଘ.୧୧/୩୭ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

2018 Swift DZire, 5,50,000/- for sale, refinance available. Contact: 8249627855. D-15535

4.11 years ATUL GEM PASS & 7.8 years Mahindra Alfa passenger auto for sale. Contact Satya- 8327786035, 9861460111. D-68909

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185



**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

**New Bhubaneswar Railway station ପାଖରେ 30ft ରାସ୍ତାଥାଇ immediate ଘରକଲାଭଳି yellowzone plot sqft.1400/-ରେ ମିଳୁଅଛି। 9337505891, 8328855822.** D-68438

**2020sqft. developed gharabari boundary plot near Rangabazar 13,13,000/- 7991052183.** D-68437

ଭୁବନେଶ୍ୱର Tamandoରେ yellowzone plot 30' ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex- 9583160668. D-68442

**Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320.** D-68444

Bhubaneswarରେ ନଖରା= 750/-, କେସୁରା= 1450/-, ଖଣ୍ଡଗିରି= 2200/- ଗୀତାଗାନ୍ଧୀ ପାଖରେ= 1150/- ଗୁଡିଆ ପୋଖରି= 750/-, ସୁନ୍ଦରପଦା= 850/-, ଆଗ possession ସହ ଜାଗା କିଣନ୍ତୁ 7978641199. D-68717

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68522

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15588

**Flat for sale of 2/3BHK at Patrapada (walkable distance from N.H.) Bhubaneswar. Contact: 7008420151, 9337834312.** D-68623

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851.** D-68445

3BHK fully furnished flat with modular kitchen & car parking sale at prime location of Puri. Please call for details: 9438109040, 8144658008. D-15581

କଟକ ସିଡ଼ିଏ ୨୦୦୦ବର୍ଗଫୁଟ, ଭୁବନେଶ୍ୱର ଆଇଗିଣିଆ ୭୦୦୦ବର୍ଗଫୁଟ ଘର ବିକ୍ରିହେବ। ବ୍ରୋକର ମନା- ୭୬୦୫୦୦୯୦୨୬ ଧ-୬୩୯୭୭



160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405



Shivam logistic packers movers. Household/ car relocation countrywide. 9777044177, 9338461133. D-15348

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15579



Rejuvenate and ayurvedic full body massage by smart therapist. 9114402304. D-68904

Sai herbal spa refresh your body with smart, expert therapist. 7608062524. D-68905

Full body herbal massage with refreshment expert therapist. 7381239385, 06742540855. D-68200

Summer special mesmerizing offer expert therapeutic refreshing massage appointment. 9668374480. D-68903

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719



Medical courses ପାଇଁ Registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (Only for practioners) Whatsapp/ Call- 9893869473 (Agent excuse). D-68912


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଯୁବକଙ୍କୁ ତୀରମାଡ଼**

ଗୋଷ୍ଠୀ ବିବାଦକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା ଡୁମୁସିଙ୍ଗା ଥାନା ଆମ୍ବଖୋଲକାଟେଣୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ତୀରମାଡ଼ ହୋଇଛି। ଏଥିରେ ବିମଳ ଦେହୁରୀ (୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତୀରଟି ତାଙ୍କ ବାମ ଜଙ୍ଘରେ ପଶିଯାଇ ପ୍ରବଳ ରକ୍ତସ୍ରାବ ହେଉଥିଲା। ଆଉଟଡୋର ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ କଟକ ପଠାଇବା ପାଇଁ ପରାମର୍ଶ ଦେଇଥିଲେ। ସେହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ସର୍ଜରୀ ସ୍ପେଶାଲିଷ୍ଟ ତଥା ସିଡିଏମ୍ଓ ଡା. ନିରଞ୍ଜନ ମିଶ୍ର ଯୁବକଙ୍କ ଜଙ୍ଘରୁ ତୀରକୁ ବାହାର କରିଥିଲେ। ଏ ନେଇ ସିଡିଏମ୍ଓ କୁହନ୍ତି, ତୀର ଜଙ୍ଘରେ ରହିଥିଲେ ସମସ୍ୟା ଉପୁଜିଥାନ୍ତା। ଯୁବକ ଜଣକ ଏବେ ବିପଦମୁକ୍ତ ଅଛନ୍ତି।




# ସଂସଦୀୟ ବ୍ୟାପାର ବିଭାଗରେ କାର୍ଯ୍ୟକାରୀ ହେବ ୫-ଟି

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ସଂସଦୀୟ ବ୍ୟାପାର ବିଭାଗରେ ୫-ଟି କାର୍ଯ୍ୟକାରୀ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ୫-ଟି ଆଧାରରେ ବିଭାଗରେ କେତେକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ରହିଛି। ବିଧାନସଭାରେ ଏକକାଳୀନ ବ୍ୟାଖ୍ୟାକରଣ ଓ ସେବାପ୍ରଦାନ ବ୍ୟବସ୍ଥାକୁ ଇଂଲିଶରୁ ଓଡ଼ିଆ ଓ ଓଡ଼ିଆରୁ ଇଂଲିଶରେ ଆରମ୍ଭ କରାଯିବ।

କାଗଜଶୂନ୍ୟ (ପେପରଲେସ୍) ଇ-କ୍ୟାବିନେଟ୍ ବୈଠକର ଅୟମାରମ୍ଭ କରାଯିବା ସହିତ ବିଧାନସଭା ସମ୍ବନ୍ଧୀୟ ବିଷୟକୁ ସ୍ୱୟଂକ୍ରିୟ, ନ୍ୟାଶନାଲ ଇ-ବିଧାନ ଆପ୍ଲିକେଶନ୍ (ଏନ୍ଇଭିଏ)ର କାର୍ଯ୍ୟାନ୍ୱୟନ ଏବଂ ଓସ୍ୱାସ୍(ଓଏସ୍ଡବ୍ଲ୍ୟୁଏସ୍)ର ଏକୀକରଣ କରାଯିବାର ପ୍ରସ୍ତାବ ରହିଛି। ସେହିଭଳି ବାଚସ୍ପତିଙ୍କ ପରାମର୍ଶ କ୍ରମେ ଗଣମାଧ୍ୟମକୁ ସମ୍ବୋଧନ ନିମନ୍ତେ ଏକ ସ୍ୱତନ୍ତ୍ର ଗଣମାଧ୍ୟମ ସମ୍ବୋଧନ ପ୍ରକୋଷ୍ଠ ସୃଷ୍ଟି କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ, ଅନ୍ୟ ସରକାରୀ/ବିଧାନସଭା ପଦାଧିକାରୀମାନେ ଗଣମାଧ୍ୟମ ସମ୍ମୁଖରେ ବକ୍ତବ୍ୟ ରଖିବେ।


**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



**ଅଲ୍କା ବିଶ୍ୱାଳ (ସୁମନ୍)**
ଅମିୟଝରୀ, ଜିଲ୍ଲା- ଯାଜପୁର
ଆଜି ତୁମର ସପ୍ତମ ଜନ୍ମତିଥି। ଏହି ଶୁଭ ଅବସରରେ ତୁମକୁ ଅନେକ ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଓ କରୁଣାରୁ ତୁମର ସଦୀର୍ଘ ଭବିଷ୍ୟତ ପୁଷ୍ପିତ ଏବଂ ଉଜ୍ଜ୍ୱଳମୟ ହେଉ। ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ:
ବାବା, ମାମା, ଅଜା, ଆଈ, ବଡବାବା, ବଡମାମା, ଦାଦା, ଖୁଡୀ, ଅପା, ପିଉସା ଏବଂ ବନ୍ଧୁ ଓ ସମ୍ପର୍କୀୟ ।
ଧ-୧୫୫୮୯

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ବେଦପ୍ରକାଶ ସାହୁ (ବରୁଣ)**
ନାହାଳପୁର, ମହାଜନ ସାହି, କଟକ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହ ତୁମକୁ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ବାବା-ଜଗବନ୍ଧୁ ସାହୁ, ମା'- ଶକ୍ତିମୟୀ ସାହୁ ବଡବାବା, ବଡମାମା, ବଡମାମା ଅଜା, ଆଈ, ଆଣ୍ଟି, ଅଙ୍କଲ୍, ଭାଇ ଓ ଦିଦି ।
ଧ-୧୪୫୭୨


# ସ୍ୟାଟ୍‌କୁ ନେଇ ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି

## ■ ଜଣିକିଆ ଖଣ୍ଡପୀଠରେ ହେବ ମାମଲାର ଶୁଣାଣି

**କଟକ ଅଫିସ, ୫।୧୨**

ସ୍ୟାଟ୍(ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ) ଉଚ୍ଛେଦ ଉପରେ କେନ୍ଦ୍ର ମୋହର ଲଗାଇବା ପରେ ଏହା ଏକପ୍ରକାର ଅଚଳ ହୋଇପଡ଼ିଛି। ସ୍ୟାଟ୍‌ରେ ଅଚଳାବସ୍ଥା ଯୋଗୁ ଏଠାରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ବିଚାରରେ ସମସ୍ୟା ଉପୁଜିଛି। ଏଭଳି ସ୍ଥିତିରେ ଗୁରୁବାର ସ୍ୟାଟ୍‌କୁ ନେଇ ହାଇକୋର୍ଟ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ସ୍ୟାଟ୍‌ରେ ବିଚାରାଧୀନ ଥିବା ମାମଲାଗୁଡିକୁ ଯଦି ଆବେଦନକାରୀମାନେ ହାଇକୋର୍ଟକୁ ଆଣନ୍ତି ତେବେ ତାହା ହାଇକୋର୍ଟରେ ପଞ୍ଜୀକୃତ ହେବ। ମାମଲାଟିର ପଞ୍ଜୀକରଣ ପରେ ତାହା ଜଣିକିଆ ଖଣ୍ଡପୀଠରେ ଶୁଣାଣି କରାଯିବ। ରାଜ୍ୟର କଟକ, ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁର ଆଦି ଖଣ୍ଡପୀଠରୁ ହାଇକୋର୍ଟକୁ ଆସୁଥିବା ମାମଲାଗୁଡ଼ିକର ଏହିଭଳି ଭାବେ ଶୁଣାଣି କରାଯିବ। ତେବେ ହାଇକୋର୍ଟରେ ମାମଲାଗୁଡ଼ିକର ପଞ୍ଜୀକରଣ ହେବା ପରେ ତାହାର ନୂଆ ନାମକରଣ କରାଯିବ। ହାଇକୋର୍ଟଙ୍କ ପକ୍ଷରୁ ଗୁରୁବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ସ୍ୟାଟ୍‌ରେ ଅନ୍ୟୁନ ୭୦ ହଜାର ମାମଲା ବିଚାର ଅପେକ୍ଷାରେ ପଡି ରହିଛି।

ସୂଚନାଥାଉ କି, ସ୍ୟାଟ୍ ଉଚ୍ଛେଦ ନେଇ ପ୍ରଥମେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ଅଛି। ମାତ୍ର ସ୍ୟାଟ୍ ଉଚ୍ଛେଦ ପ୍ରକ୍ରିୟା ଉପରେ କେନ୍ଦ୍ର ମୋହର ମାରିବା ପରେ ଏହା ଏକପ୍ରକାର ଅଚଳ ହୋଇପଡ଼ିଥିଲା। ନିଯୁକ୍ତି ଆଦି ମାମଲାକୁ ନେଇ ସ୍ୟାଟ୍‌ର ଦ୍ୱାରସ୍ଥ ହୋଇଥିବା ଆବେଦନକାରୀମାନେ ଏକପ୍ରକାର ଦୋଛକି ଭିତରେ ରହିଥିଲେ।

# ରାଜଧାନୀ ମଡେଲ ସ୍କୁଲ ଲାଗି ଖଣ୍ଡଗିରି ନିକଟରେ ଜାଗା ଚିହ୍ନଟ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ରାଜ୍ୟର ବର୍ତ୍ତମାନ ୨୧୪ଟି ବ୍ଲକରେ ମଡେଲ ସ୍କୁଲ ରହିଛି। ଏହିସବୁ ମଡେଲ ସ୍କୁଲରେ ଛାତ୍ରୀନିବାସ ରହିଥିବାବେଳେ ଛାତ୍ର ନିବାସ ଏବଂ ଖେଳପଡ଼ିଆ ବ୍ୟବସ୍ଥା ରହିନାହିଁ। ତେଣୁ ଆଗକୁ ରାଜଧାନୀ ଭୁବନେଶ୍ୱରରେ ଏକ ଇଣ୍ଟିଗ୍ରେଟେଡ ମଡେଲ ସ୍କୁଲ ଖୋଲିବା ଲାଗି ରାଜ୍ୟ ସରକାର ନିକଟରେ ନିଷ୍ପତ୍ତି ନେଇଥିଲେ। ଏହି ମଡେଲ ସ୍କୁଲରେ ଛାତ୍ରୀ ନିବାସ, ଛାତ୍ରନିବାସ ଏବଂ ଖେଳପଡ଼ିଆ ସୁବିଧା ରହିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱରଠାରେ ହେବାକୁ ଥିବା ମଡେଲ ସ୍କୁଲ୍‌ଟିର ଶ୍ରେଣୀ ଗୃହ ସିବିଏସ୍ଇ ସ୍କୁଲ ଢାଞ୍ଚାରେ କରାଯିବ। ଯଦି ଏହା ସଫଳ ହୁଏ ତେବେ ପରେ ସେହି ଢାଞ୍ଚାରେ ଅନ୍ୟ ଜିଲାରେ ମଧ୍ୟ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ରାଜଧାନୀରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହେବାକୁ ଥିବା ଏହି ମଡେଲ ସ୍କୁଲ ଲାଗି ଜାଗା ଚିହ୍ନଟ କରିବା ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରାଥମିକ ଭାବେ ଖଣ୍ଡଗିରି ନିକଟସ୍ଥ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସ ପାଖରେ ମଡେଲ ସ୍କୁଲ ଲାଗି ଜାଗା ଚିହ୍ନଟ ହୋଇଥିବା ଜଣାପଡିଛି। ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଚିହ୍ନଟ ହୋଇଥିବା ସରକାରୀ ସ୍ଥାନରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏଥିଲାଗି ନିକଟରେ ଆଉଥରେ ଏକ ବୈଠକ ବସିବା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।




## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



**ଜେକେପୁର, ୫।୧୨**

ରାୟଗଡ଼ା ଷ୍ଟେସନରୁ ୧୦କି.ମି. ଦୂର ସିଙ୍ଗାପୁର ରେଳ ଷ୍ଟେସନରେ ଗୁରୁବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଥିଲା। ଉକ୍ତ ଟ୍ରେନ୍‌ଟି ବିଶାଖାପାଟଣାରୁ ଟିଟିଲାଗଡ଼ ଯାଉଥିଲା। ସୂଚନାନୁଯାୟୀ, ଟ୍ରେନଟି ସିଙ୍ଗାପୁର ଷ୍ଟେସନରୁ ଛାଡିବାବେଳେ ଏକ ବଗିରୁ ଧୂଆଁ ବାହାରୁଥିବା ଦେଖି ଷ୍ଟେସନମାଷ୍ଟର ତାହାକୁ ଅଟକାଇଥିଲେ। ପରେ କୋଲନରା ଓ ରାୟଗଡ଼ା ଅଗ୍ନିଶମ ବାହିନୀଙ୍କୁ ଖବର ଦିଆଯାଇଥିଲା। ମୋଟ ୧୨ଟି ବଗିରେ ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ୫ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

# ନିଶାସକ୍ତ ଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ

**ଯାଜପୁର ଅଫିସ,୫।୧୨**

## ରାସ୍ତାରେ ଛାତ୍ରୀଛାତ୍ରଙ୍କୁ ଆଣ୍ଠେଇ ବହିଷ୍କୃତ



ନିଶାସକ୍ତ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ଆଣ୍ଠେଇ ଦେଇଛନ୍ତି।

**ତୁରନ୍ତ କାର୍ଯ୍ୟକାରୀ କରିବାକୁ ଡିଇଓଙ୍କ ନିର୍ଦ୍ଦେଶ**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଲେମ୍ବୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିଆ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ଗଣଶିକ୍ଷକ ମକରନ୍ଦ ମହାନ୍ତଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ନିଶାସକ୍ତ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ରାସ୍ତା ମଝିରେ ଆଣ୍ଠେଇବା ଅଭିଯୋଗରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମର୍ମରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀ(ବିଇଓ) ଶିବରାମ ସାହୁ ତାଙ୍କ ପତ୍ରସଂଖ୍ୟା ୧୨୯୩/୫।୧୨।୨୦୧୯ରେ ନୋଟିସ ଜାରି କରିବା ସହିତ ଶିକ୍ଷକ ମହାନ୍ତଙ୍କୁ ତୁରନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯାଜପୁର ଜିଲାପାଳଙ୍କୁ ଏନେଇ ବିଇଓ ସାହୁ ୧୨୯୭/୫।୧୨।୨୦୧୯ ପତ୍ରାଙ୍କରେ ସୂଚିତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗଣଶିକ୍ଷକ ମହାନ୍ତ ପ୍ରାୟ ଶିକ୍ଷା ଦିବସରେ ନିଶାସକ୍ତ ହୋଇ ସ୍କୁଲକୁ ଯାଇଥାନ୍ତି। ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ସହିତ ବିଭିନ୍ନ ସମୟରେ ଅକଥନୀୟ ଅତ୍ୟାଚାର କରିଥାନ୍ତି। ଏନେଇ ଗ୍ରାମବାସୀ ପୂର୍ବରୁ ଅନେକ ଥର ତାଙ୍କୁ ତାଗିଦ କରିଥିଲେ ହେଁ କିଛି ସୁଫଳ ମିଳି ନ ଥିଲା। ବୁଧବାର ପୂର୍ବାହ୍ନରେ ଶିକ୍ଷକ ମହାନ୍ତ ନିଶାସକ୍ତ ଅବସ୍ଥାରେ ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ଧମକଚମକ ଦେଇଥିଲେ। ଏପରିକି ତାଙ୍କ ବାଇକକୁ ରାସ୍ତାରେ ପକାଇ ଦେଇ ଛାତ୍ରୀଛାତ୍ରଙ୍କୁ ଡାକି ଆଣ୍ଠେଇବାକୁ କହିଥିଲେ। ଛାତ୍ରୀଛାତ୍ରମାନେ ରାସ୍ତା ମଝିରେ କାନ ଧରି ଆଣ୍ଠେଇଥିଲେ । ଏହାକୁ ଦେଖି ଆଖପାଖରେ ଥିବା ଲୋକେ ବାରଣ କରିଥିଲେ ବି ଶିକ୍ଷକ ଜଣକ କାହାରି କଥାକୁ ମାନି ନ ଥିଲେ। ଓଲଟା ଛାତ୍ରୀଛାତ୍ରଙ୍କ ଆଣ୍ଠେଇବାର ଦୃଶ୍ୟ ଦେଖି ମଜା ନେଉଥିଲେ। ବିଡ଼ମ୍ବନା ଯେ ଆଣ୍ଠେଇଥିବା ଛାତ୍ରୀଛାତ୍ରଙ୍କ ସହ ସେ ଝୁଲିଝୁଲି ଫଟୋ ନେବାକୁ କହିଥିଲେ। ଏହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭା।ଇ।ର।ଲ ହେବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ପୂର୍ବରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ତେବେ ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯିବା ସହିତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ବହିଷ୍କାର କରିବାକୁ ବିଇଓଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ଆବଶ୍ୟକ ତଦନ୍ତ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।





# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା**
ଗଡ଼କଣ୍ଟୁଣିଆ, ବାଲକାଟି, ଖୋର୍ଦ୍ଧା
ଆବିର୍ଭାବ: ୨୮।୦୬।୧୯୪୨
ତିରୋଧାନ: ୧୬।୧୨।୨୦୧୮
ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଅନନ୍ତକାଳ ପର୍ଯ୍ୟନ୍ତ ଆପଣଙ୍କ ଅମରାତ୍ମା ଶାନ୍ତିରେ ବିଚରଣ କରୁ।
ଶୋକସନ୍ତପ୍ତ
ଆପଣଙ୍କ ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ପୌତ୍ର, ପୌତ୍ରୀ ଓ ପରିବାରବର୍ଗ ।
ଧ-୬୮୩୧୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉପେନ୍ଦ୍ର କୁମାର ଜେନା**
ଆବିର୍ଭାବ: ୧୫।୦୮।୧୯୫୨
ତିରୋଧାନ: ୨୬।୧୧।୨୦୧୯
ଶାନ୍ତମୁଣ୍ଡ, ହଳଦୀବସନ୍ତ, ବରୀ, ଯାଜପୁର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ:
ଦୀପକ କୁମାର ଜେନା, ଆଲୋକ କୁମାର ଜେନା, ବୋହୂ- ବିଶ୍ୱଜିତା ଜେନା, ସଂଘମିତ୍ରା ଜେନା, ଝିଅ- ମଧୁସ୍ମିତା, ଜ୍ୱାଇଁ- ନବଘନ, ଭ୍ରାତା- ମନୋରଞ୍ଜନ, ଚିତ୍ତରଞ୍ଜନ, ଜ୍ଞାନରଞ୍ଜନ, ଦେବରଞ୍ଜନ, ପ୍ରୀତି ରଞ୍ଜନ, ନିହାର ରଞ୍ଜନ, ତୁଷାର ରଞ୍ଜନ, ଭିଣେଇ- ନିରଞ୍ଜନ, ଦୁଃଶାସନ, କ୍ଷୀରୋଦ, ଭଉଣୀ- ରଞ୍ଜିତା, ରଶ୍ମିତା, ଶଶ୍ମିତା, ନାତି ନାତୁଣୀ- ସୋମ, ସୋମି, ଓମ୍, ଭଣଜା- ଗୁଡ୍ଡୁ, ଚିଣ୍ଟୁ, ରିଣ୍ଟୁ, ରିକି, ବିଟୁଆ ।
ଧ-୧୫୫୯୦

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ପ୍ରମୋଦିନୀ ଶତପଥି**
ଗଛକାଳୀ ଲେନ୍, ପୁରୀ
ଆବିର୍ଭାବ: ୨୪।୦୨।୧୯୫୧
ତିରୋଧାନ: ୨୭।୧୧।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଇତି:
ଲୁନା, ସିମୁନି, ବବି, ମାମୁନି, ଭିକି, ୟସ୍, ଲୁସି, କିକି ଓ ଆତ୍ମୀୟସ୍ୱଜନ ।
ଧ-୬୮୮୦୬


## ■ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

# ସାମିଲ ହେବେ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଆଉ ୨ ଲକ୍ଷ ୨ ହଜାର ୮୦୯ ଅନ୍ତର୍ଭୁକ୍ତ କରାଯିବ। ଯେଉଁ ଯୋଗ୍ୟ ହିତାଧିକାରୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିନାହାନ୍ତି, ସେମାନଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖାଯାଇଛି।

ଏଥିସହିତ ଜିଲା ନିମନ୍ତେ ଧାର୍ଯ୍ୟ ହିତାଧିକାରୀଙ୍କୁ ଯୋଗ୍ୟତା ଅନୁସାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ଲାଗି କୁହାଯାଇଛି। ଏହି କ୍ରମରେ ଅନୁଗୋଳ ପାଇଁ ୨୮୩୮, ବାଲେଶ୍ୱର ୭୬୫୬, ବରଗଡ଼ ୨୯୯୨, ଭଦ୍ରକ ୪୪୭୬, ବଲାଙ୍ଗୀର ୧୩୮୦୪, ବୌଦ୍ଧ ୧୧୩୬, କଟକ ୪୯୨୪, ଢେଙ୍କାନାଳ ୫୨୬୪, ଦେବଗଡ଼ ୩୫୨ ଏବଂ ଗଜପତି ଜିଲାର ୪୩୦୬ ବ୍ୟକ୍ତିବିଶେଷଙ୍କ ଲାଗି ଧାର୍ଯ୍ୟ ହୋଇଛି। ସେହିଭଳି ଗଞ୍ଜାମ ୩୮୦୩୪, ଜଗତ୍‌ସିଂହପୁର ୩୪୮୬, ଯାଜପୁର ୫୭୪୨, ଝାରସୁଗୁଡ଼ା ୨୨୪୨, କଳାହାଣ୍ଡି ୭୬୫୬, କନ୍ଧମାଳ ୪୬୦୯, କେନ୍ଦ୍ରାପଡ଼ା ୫୨୬୪, କେନ୍ଦୁଝର ୮୧୩୪, ଖୋର୍ଦ୍ଧା ୩୫୦୨ ଏବଂ କୋରାପୁଟ ଜିଲାର ୮୬୧୨ ଜଣ ହିତାଧିକାରୀଙ୍କ ଲାଗି ବ୍ୟବସ୍ଥା ରହିଥିଲା ବେଳେ ମାଲକାନଗିରି ୩୫୬୮, ମୟୂରଭଞ୍ଜ ୧୪,୩୫୪, ନବରଙ୍ଗପୁର ୩୭୨୨, ନୟାଗଡ଼ ୩୮୧୨, ନୂଆପଡ଼ା ୬୩୫୨, ପୁରୀ ୭୧୬୮, ରାୟଗଡ଼ା ୬୬୯୮, ସମ୍ବଲପୁର ୫୭୪୨, ସୁବର୍ଣ୍ଣପୁର ୪୩୦୬ ଏବଂ ସୁନ୍ଦରଗଡ଼ ଜିଲା ପାଇଁ ୧୨୦୪୮ ଜଣ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି ଜଣାପଡ଼ିଛି।

> ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ– ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି– ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ।
>
> –ଶ୍ରୀଅରବିନ୍ଦ

# ଚକିତ କଲା ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଆର୍ଥିକ ନୀତି କମିଟି (ଏମ୍‌ପିସି) କ୍ରମାଗତ ଭାବେ ପାଞ୍ଚଥର ସୁଧହାର (ରେପୋ ରେଟ୍) ହ୍ରାସ କରିବା ପରେ ଗୁରୁବାର ସର୍ବସମ୍ମତିକ୍ରମେ ଏଥିରେ ବିରତି ଲଗାଇବା ପାଇଁ ନିଷ୍ପତ୍ତି ନେଇଛି। ଉକ୍ତ ପ୍ୟାନେଲର ଛଅଜଣିଆ ସଦସ୍ୟ ରେପୋ ରେଟ୍‌କୁ ୫.୧୫ ପ୍ରତିଶତ ଓ ରିଭର୍ସ ରେପୋ ରେଟ୍‌କୁ ୪.୯୦ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ତେବେ କେନ୍ଦ୍ରୀୟ ବ୍ୟାଙ୍କର ଗତ ଛଅମାସର କାର୍ଯ୍ୟକଳାପକୁ ଦେଖିଲେ ବ୍ୟାଙ୍କ ଏପରି ନିଷ୍ପତ୍ତି ନେବ ବୋଲି ଆଶା କରାଯାଉ ନ ଥିଲା। ବ୍ୟାଙ୍କର ମତିଗତିରୁ ଜଣାପଡୁଥିଲା ଯେ ଏହା ଦେଶର ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ପାଇଁ କିଛି ଭିନ୍ନ ଚିନ୍ତାଧାରା ପୋଷଣ କରିବା ସହ ସେଥିଲାଗି କାର୍ଯ୍ୟ କରୁଛି।

ଦାସ ଆର୍‌ବିଆଇର ମଙ୍ଗ ଧରିବା ପରଠାରୁ ଆର୍ଥିକ ଅଭିବୃଦ୍ଧିର କ୍ଷୀୟମାଣ ଦୃଶ୍ୟପଟ ଭିତରେ ନିରବଚ୍ଛିନ୍ନ ଭାବେ ସୁଧହାର ହ୍ରାସ କରିଚାଲିଥିଲେ। ଚଳିତବର୍ଷ ଫେବୃୟାରୀ ମାସରୁ ଏ ପର୍ଯ୍ୟନ୍ତ ବ୍ୟାଙ୍କ ରେପୋ ରେଟ୍ (ଯେଉଁ ସୁଧହାରରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦିଏ)ରେ କ୍ରମାଗତ ଭାବେ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିସାରିଛି। ଏହି ହ୍ରାସ ମୂଳତଃ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବା ଉଦ୍ଦେଶ୍ୟରେ କରାଯାଇଥିଲା। ମୁଦ୍ରାସ୍ଫୀତି ୪ ପ୍ରତିଶତରୁ ତଳେ ରହିଲେ ତାହା ଆର୍‌ବିଆଇର ସହନୀୟ ସୀମା ଭିତରେ ଥାଏ। କିନ୍ତୁ ତାହା ଖାଦ୍ୟଦ୍ରବ୍ୟ ଓ ପନିପରିବା ଦରବୃଦ୍ଧି ଯୋଗୁ ୪ ପ୍ରତିଶତକୁ ଟପିଗଲେ ଆର୍‌ବିଆଇକୁ ବିଚଳିତ କରିଥାଏ। ଅର୍ଥନୀତିରେ ମାନ୍ଦାବସ୍ଥା, ମୁଦ୍ରାସ୍ଫୀତି ଓ ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ଉପରେ ଆର୍‌ବିଆଇ ସବୁବେଳେ ଗୁରୁତ୍ୱ ଦେଇଥାଏ।

କିନ୍ତୁ ଗତ ୧୦ ମାସ ଭିତରେ ରେପୋ ରେଟ୍ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ ପାଇଥିଲେ ସୁଦ୍ଧା ଅଭିବୃଦ୍ଧିରେ କୌଣସି ସୁଧାର ଆସି ନ ପାରିବା ଆର୍‌ବିଆଇ ଲକ୍ଷ୍ୟ କରିଛି। ଅନ୍ୟ ପକ୍ଷରେ ଦେଶର ଜିଡିପିରେ ଅଭିବୃଦ୍ଧି ଗତ ଜୁଲାଇ–ସେପ୍ଟେମ୍ବର ତ୍ରିମାସୀରେ ୪.୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ପୂର୍ବ ତ୍ରିମାସୀରେ ୫ ପ୍ରତିଶତ ଥିଲା ଏବଂ ଯାହା ୨୬ଟି ତ୍ରିମାସୀ ଭିତରେ ସବୁଠାରୁ କମ୍। ତେଣୁ କେବଳ ସୁଧହାର ହ୍ରାସ କରିଦେଲେ ଆର୍ଥିକ ଅଭିବୃଦ୍ଧି ବଢ଼ିବ ନାହିଁ ବୋଲି ବ୍ୟାଙ୍କ ନିଶ୍ଚିତ ହୋଇସାରିଛି।

## ଆଜିର ଅର୍ଥନୀତି

ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିମାସ ହେଲା ପ୍ରତ୍ୟେକ ଦ୍ରବ୍ୟ, ବିଶେଷତଃ ପନିପରିବା ଓ ଖାଦ୍ୟଦ୍ରବ୍ୟର ମୂଲ୍ୟ ନିରବଚ୍ଛିନ୍ନଭାବେ ବୃଦ୍ଧି ପାଇଚାଲିଛି। ପିଆଜ ପ୍ରତିଟି ଘରେ ରୋଷେଇଶାଳର ଏକ ଅତ୍ୟାବଶ୍ୟକ ଉପାଦାନ ହୋଇଥିବା ବେଳେ ତା'ର ଆକାଶଛୁଆଁ ମୂଲ୍ୟବୃଦ୍ଧି ଉଭୟ ସରକାର ଓ ଖାଉଟିମାନଙ୍କୁ ହତବୁଦ୍ଧି କରିଦେଇଛି। ଅଦିନିଆ ବର୍ଷା ଯୋଗୁ ଅମଳ ହ୍ରାସ ପାଇବା ଫଳରେ ପିଆଜ ଦର ସ୍ଥାନୀୟ ବଜାରଗୁଡ଼ିକରେ କିଲୋ ପିଛା ୧୪୦ ଟଙ୍କା ହୋଇଛି। ତା' ସାଙ୍ଗକୁ ଅନ୍ୟ ପନିପରିବା ଦର ମଧ୍ୟ ବୃଦ୍ଧି ପାଇଛି। କେନ୍ଦ୍ରୀୟ ବ୍ୟାଙ୍କର ମଧ୍ୟବର୍ତ୍ତିକାଳୀନ ଲକ୍ଷ୍ୟ ଅନୁସାରେ ଖାଉଟି ମୂଲ୍ୟସୂଚୀଭିତ୍ତିକ ମୁଦ୍ରାସ୍ଫୀତି ୪ ପ୍ରତିଶତ ଭିତରେ ରହିବା ସ୍ଥଳେ ତାହା ଅକ୍ଟୋବର ମାସରେ ୧୬ ମାସର ସର୍ବୋଚ୍ଚ ସ୍ତର ୪.୬ ପ୍ରତିଶତରେ ପହଞ୍ଚିଛି। ଆଗାମୀ ମାସଗୁଡ଼ିକରେ ଏହି ମୁଦ୍ରାସ୍ଫୀତି ଆହୁରି ବୃଦ୍ଧିପାଇବା ଆଶଙ୍କା କରାଯାଉଛି। ଏହା ଆର୍ଥିକ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଡିସେମ୍ବର ମାସର ପଲିସି ରିଭ୍ୟୁକୁ ଅଧିକ ଜଟିଳ କରିତୋଳିଛି। ବ୍ୟାଙ୍କ କହିଛି ଯେ, ରେପୋ ରେଟ୍ ହ୍ରାସରେ ଏବେ ଯେଉଁ ବିରତି ଦିଆଯାଇଛି ତାହା ସାମୟିକ ଏବଂ ଚଳିତ ବର୍ଷ ଉକ୍ତ ପାଞ୍ଚଟି ପଲିସି ଘୋଷଣା ସମୟରେ ଯେଉଁ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଛି ତା'ର ପ୍ରଭାବ କିପରି ରହୁଛି ତାହା ଆର୍‌ବିଆଇ ଦେଖିବାକୁ ଚାହୁଁଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା କରାଯାଇଥିବା କ୍ରମାଗତ ସୁଧହାର ହ୍ରାସର ସୁଫଳ ଉପଭୋକ୍ତାମାନଙ୍କୁ ଦେବାରେ ବ୍ୟାଙ୍କଗୁଡ଼ିକ ଅନିଚ୍ଛା ପ୍ରକାଶ କରିବା ଯୋଗୁ ବାସ୍ତବରେ ତାହାର କିଛି ବି ସୁଫଳ ମିଳିପାରି ନାହିଁ। ଗତ ୧୦ ମାସ ଭିତରେ ଆର୍‌ବିଆଇ ସୁଧହାରରେ ମୋଟ ୧୩୫ ବେସିସ୍ ପଏଣ୍ଟ ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡ଼ିକ ମାତ୍ର ୪୪ ବେସିସ୍ ପଏଣ୍ଟର ଲାଭ ଋଣଗ୍ରହୀତାମାନଙ୍କୁ ଦେଇଛନ୍ତି। ଆର୍‌ବିଆଇ ହୃଦ୍‌ବୋଧ କରିଛି ଯେ, ରେପୋ ରେଟ୍ ହ୍ରାସ କରି କିଛି ବି ଲାଭ ନାହିଁ, ଯଦି ବ୍ୟାଙ୍କଗୁଡ଼ିକ ତାହାର ଲାଭ ଉପଭୋକ୍ତାମାନଙ୍କୁ ନ ଦିଅନ୍ତି ବା ସେମାନଙ୍କୁ ଏଥିପାଇଁ ବାଧ୍ୟ କରା ନ ଯାଏ। ବ୍ୟାଙ୍କଗୁଡ଼ିକ ବା ସରକାର ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ତେବେ ବ୍ୟାଙ୍କ କହିଛି ଯେ, ଆଗାମୀ ଦିନରେ ସୁଧହାର ହ୍ରାସ ଅସ୍ୱାଭାବିକ ନୁହେଁ। କମିଟି କହିଛି ଯେ, ଏ ଦିଗରେ ଆଗାମୀ ମାସଗୁଡ଼ିକରେ ନିଷ୍ପତ୍ତି ନିଆଯିବ, କିନ୍ତୁ ଏବେ ନୁହେଁ। ବର୍ତ୍ତମାନ ପିଆଜର ଦରବୃଦ୍ଧିକୁ ନେଇ ଆର୍‌ବିଆଇ ଚିନ୍ତିତ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ କନ୍ଦାଇଚାଲିଛି। ବ୍ୟାଙ୍କଗୁଡ଼ିକ ଆର୍‌ବିଆଇର ସଂକେତକୁ ବୁଝି ଯଥାଶୀଘ୍ର ଉପଭୋକ୍ତାମାନଙ୍କ ଋଣ ଉପରେ ସୁଧହାର ହ୍ରାସ କରିବା ଦରକାର।

## ଚିରନ୍ତନୀ

ସେହି ମନ୍ତ୍ରେ ପ୍ରକମ୍ପିତ ସ୍ପନ୍ଦନବିହୀନ କେତେ ଛାତି
ଚମକିବ ଅକସ୍ମାତ ଘୋଷି ଉଠି ଜାତି! ଜାତି! ଜାତି!
ମୂକ ମାନବର ମୁଖୁଁ ମୁଖରିତ ହେଉ ପୁଣି ଭାଷା
ଦଳିତର ପୀଡ଼ିତର ତେଜି ଦିଅ ଜ୍ୱଳନ୍ତ ପିପାସା।
କ୍ଷୁଧିତକୁ ଶିଖାଅ ହେ ଭାଗ୍ୟ ତା'ର ନୁହେଁ ଅନାହାର
ଅପର ନେଇଛି କାଢ଼ି ଜନ୍ମଗତ ସର୍ବ ଅଧିକାର।
ବସ୍ତ୍ରହୀନେ ବତାଅ ହେ ନିଜ ହାତେ ନିର୍ମିବାକୁ ବସ୍ତ୍ର
ନିରସ୍ତ୍ରକୁ ଦିଅ ଆଣି ଅଦ୍‌ଭୁତ ଅହିଂସାର ଅସ୍ତ୍ର।

(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | A | 1 | | | | | | | | 6 | 3 | |
| | 4 | | E | | | | 0 | | B | | | D | | A |
| | | | | 4 | 9 | B | | | C | | | | | 7 |
| | 7 | | | | | | | | 6 | | 3 | | | |
| 1 | E | 9 | 0 | | | | | 6 | | 7 | | | | B |
| | 9 | B | 1 | | | | C | | D | 8 | | 5 | | |
| | | | 9 | | A | | | 1 | 2 | | 4 | 0 | | |
| | | 1 | 8 | | | | 2 | 0 | 3 | B | | | | |
| E | | | 4 | | | | 9 | | | | | 7 | A | |
| 2 | A | | | 5 | | 8 | D | | 7 | | 0 | | | 3 |
| A | | | | | | | | 7 | | 3 | | | | |
| D | | | | | 2 | | | | | | 6 | A | 9 | |
| 4 | | E | | | 8 | | B | 2 | | | | 1 | | 0 |
| | 3 | | C | | B | E | | | | | | | 2 | 5 |
| | 2 | 6 | | | | 0 | | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 0 | 6 | 8 | C | 1 | B | 7 | 2 | E | 9 | 5 | D | 3 |
| 1 | 7 | 6 | B | 3 | A | E | 8 | D | 5 | 0 | C | 9 | 2 | 4 |
| 9 | E | 2 | 0 | 4 | 1 | A | 5 | C | D | 6 | 3 | B | 7 | 8 |
| B | D | C | 5 | 7 | 2 | 0 | 3 | 9 | A | 8 | 4 | 6 | 1 | E |
| 8 | 5 | 3 | 9 | E | D | 4 | 6 | 2 | 1 | 7 | B | C | A | 0 |
| 6 | 4 | 5 | C | 1 | 3 | 2 | 9 | E | 8 | D | 0 | A | B | 7 |
| 2 | 9 | E | A | 0 | 4 | 7 | C | 6 | B | 5 | 1 | 3 | 8 | D |
| 0 | B | A | 8 | 6 | E | 3 | D | 1 | 4 | C | 7 | 2 | 9 | 5 |
| 3 | 1 | D | 2 | 5 | 7 | B | A | 8 | 6 | 9 | E | 4 | 0 | C |
| C | 8 | 7 | D | 9 | B | 5 | 4 | 0 | 3 | 2 | A | E | 6 | 1 |
| 5 | 3 | 8 | 1 | 2 | 9 | C | E | B | 0 | A | D | 7 | 4 | 6 |
| D | 2 | B | 3 | A | 0 | 6 | 7 | 4 | C | 1 | 5 | 8 | E | 9 |
| A | C | 9 | E | D | 6 | 8 | 1 | 5 | 7 | 4 | 2 | 0 | 3 | B |
| E | 0 | 4 | 7 | C | 8 | D | 2 | 3 | 9 | B | 6 | 1 | 5 | A |
| 7 | 6 | 1 | 4 | B | 5 | 9 | 0 | A | E | 3 | 8 | D | C | 2 |

ଗତକାଲିର ଉତ୍ତର

# ଉଚ୍ଚ ମଣିଷର ନୀଚ ପ୍ରବୃତ୍ତି



ବୈକୁଣ୍ଠନାଥ ମିଶ୍ର

ସରକାରୀ ସ୍ତରରେ ଦରିଦ୍ରର ସଂଜ୍ଞା ନିରୂପଣ ପାଇଁ ଏକ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ରହିଛି। ଉକ୍ତ ସଂଜ୍ଞା ଅନୁଯାୟୀ ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ସେମାନେ ଦରିଦ୍ର ପଦବାଚ୍ୟ। ବିଶ୍ୱସ୍ତରୀୟ ସଂଜ୍ଞା କହେ, ଦୈନିକ ୧.୯୦ ଡଲାର ବା ମୁଣ୍ଡପିଛା ପ୍ରାୟ ୧୩୫ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତି ଦରିଦ୍ର। କିନ୍ତୁ ଭାରତରେ ବର୍ଷକୁ ୨୭,୦୦୦ ଟଙ୍କାରୁ କମ୍ ଆୟ କରୁଥିବା ବ୍ୟକ୍ତି ଦରିଦ୍ର ସୀମାରେଖାର ତଳେ ବୋଲି ସ୍ଥିର କରାଯାଇଛି। ଦାରିଦ୍ର୍ୟ ନିର୍ଦ୍ଧାରଣ କରିବା ଏକ ପ୍ରବଞ୍ଚନାମୟ କୌଶଳ। ଏକ ନିର୍ଦ୍ଦିଷ୍ଟ ଅଙ୍କର ଆୟକୁ ନେଇ ଦାରିଦ୍ର୍ୟ ନିର୍ଦ୍ଧାରଣ ହୁଏ ତ ସହଜ ହୋଇପାରେ, ମାତ୍ର ଗ୍ରାମ ଓ ସହରାଞ୍ଚଳରେ ବାସ କରୁଥିବା ଦରିଦ୍ର, ନିରକ୍ଷର ବ୍ୟକ୍ତିମାନଙ୍କର ଆୟର କୌଣସି ସ୍ଥିରତା ନାହିଁ। ସମାଜର ସର୍ବନିମ୍ନ ସ୍ତରରେ ବାସ କରୁଥିବା ଏହି ଲୋକମାନଙ୍କର ନା ଅଛି କୌଣସି ସ୍ଥିର ଆୟର ଉତ୍ସ ନା ଆୟର ମୂଲ୍ୟାଙ୍କନ ପାଇଁ ସେପରି ବଳିଷ୍ଠ ପ୍ରମାଣପତ୍ର। ସରକାରୀ କିମ୍ବା ବେସରକାରୀ ଉଦ୍ୟୋଗରେ ଚାକିରି କରୁଥିବା ବ୍ୟକ୍ତିଙ୍କର ଆୟ ଆକଳନ କରିବା ସହଜ। କାରଣ ସେମାନଙ୍କର ଆୟ ସ୍ଥିର ଏବଂ ଆୟର ଉତ୍ସ ମଧ୍ୟ ନିର୍ଦ୍ଦିଷ୍ଟ। ସାଧାରଣ ବ୍ୟକ୍ତିଟିଏ ଅଧିକ ଆୟ କରି ସ୍ୱଳ୍ପ ଆୟକାରୀ ବୋଲି ଦର୍ଶାଇଲେ, ତା'ର ସତ୍ୟତା ପରଖିବାର କୌଣସି ଉପାୟ ନାହିଁ। ଶ୍ରମଜୀବୀମାନଙ୍କ ମଧ୍ୟରେ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକ ଅଛନ୍ତି, ଯେଉଁମାନଙ୍କର ଆୟ ପରସ୍ପରଠାରୁ ଭିନ୍ନ। ତଥାପି ସରକାର ବିପିଏଲ୍ ଶ୍ରେଣୀ ସୃଷ୍ଟି କରିଛନ୍ତି, ଯାହାଙ୍କୁ କିଛି ସରକାରୀ ସାହାଯ୍ୟର ବ୍ୟବସ୍ଥା କରାଯାଇଛି। ଏହି ସାମାନ୍ୟ ସୁବିଧା ଗଣ୍ଡାକ ହାତେଇବା ପାଇଁ ଥିଲାବାଲାଙ୍କର ପ୍ରତିଯୋଗିତା ଦେଖି ମନରେ କ୍ଷୋଭ ଜାତ ହୁଏ। ମଣିଷ ସାମାନ୍ୟ ସ୍ୱାର୍ଥ ପାଇଁ ଏତେ ତଳକୁ ଖସିଯାଇପାରେ କିପରି?

କିନ୍ତୁ ଧାର୍ମିକ ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଦେଖିଲେ ଅନେକ ଧର୍ମଗୁରୁ ଅଛନ୍ତି, ଯେଉଁମାନେ ତମାମ ଜୀବନ ଦାରିଦ୍ର୍ୟର କଷଣ ମଧ୍ୟରେ ଜିଇ ଆସିଛନ୍ତି। ଗୁରୁ ନାନକ, ସନ୍ଥ କବୀର, ତୁକାରାମ ଓ ଆଉ ଅନେକେ ଉତ୍କଟ ଦାରିଦ୍ର୍ୟକୁ ସାମ୍ନା କରି ମଧ୍ୟ ତାଙ୍କ ସାଧନାପଥରୁ ବିଚ୍ୟୁତ ହୋଇନାହାନ୍ତି। ରାମକୃଷ୍ଣ ପରମହଂସ, ଠାକୁର ଅନୁକୂଳଚନ୍ଦ୍ର ମଧ୍ୟ ଏହି ଶ୍ରେଣୀର ଜଣେ ଜଣେ ଆଧ୍ୟାତ୍ମିକ ଗୁରୁ, ଯେଉଁମାନେ ଅର୍ଥ ପାଇଁ ସମ୍ପୂର୍ଣ୍ଣ ଉଦାସୀନ। ରାମକୃଷ୍ଣଙ୍କ ଜୀବନର ଏକ କ୍ଷୁଦ୍ର କାହାଣୀ ଏହାର ବଳିଷ୍ଠ ପ୍ରମାଣ। ଥରେ ରାତିରେ ବିଛଣାରେ ଶୋଇବାମାତ୍ରେ ହଠାତ୍ ଉଠିପଡ଼ି 'ବିଛା ବିଛା' ବୋଲି ଚିତ୍କାର କଲେ। ଶିଷ୍ୟମାନେ ତାଙ୍କ ପାଖକୁ ଆସିବାରୁ ସେ ସେମାନଙ୍କୁ ବିଛଣା ଝାଡ଼ିବାକୁ ନିର୍ଦ୍ଦେଶ ଦେଇ କହିଲେ, "ବିଛଣା ପ୍ରସ୍ତୁତ କରିବା ପୂର୍ବରୁ ଟିକେ ଭଲକରି ଝାଡ଼ିଦେଲ ନାହିଁ, ଏଥିରେ ବିଛାଟିଏ ରହି ମୋତେ ଦଂଶନ କରୁଛି।" ଶିଷ୍ୟମାନେ ବିଛଣା ଝାଡ଼ିଦେବାରୁ ତହିଁରୁ ମୁଦ୍ରାଟିଏ ବାହାରିଲା ଓ ତା'ପରେ ଗୁରୁଜୀ ଆରାମରେ ଶୋଇଲେ। ସେହି ଆଧ୍ୟାତ୍ମିକ ଗୁରୁମାନଙ୍କୁ ଅର୍ଥ ଠିକ୍ ବିଛା ପରି ଦଂଶନ କରନ୍ତି। ସେମାନଙ୍କ ପାଇଁ ଅର୍ଥ ହେଉଛି ଅର୍ଥହୀନ। ସେ ସମୟର ପ୍ରତ୍ୟେକ ଆଧ୍ୟାତ୍ମିକ ଗୁରୁ ଠିକ୍ ଏହିପରି ଅର୍ଥ ପ୍ରତି ନିରାସକ୍ତ ଥିଲେ। ସେମାନେ କାମିନୀକାଞ୍ଚନଠାରୁ ଦୂରରେ ରହିବାକୁ ଉପଦେଶ ଦେଉଥିଲେ, ଯାହା ଆଜିର ଗୁରୁମାନଙ୍କଠାରେ ବ୍ୟତିକ୍ରମ।

ଶ୍ରୀମଦ୍‌ଭାଗବତର ଅନୁଶୀଳନ ମଧ୍ୟ ଅନୁରୂପ। ଥରେ ଉଦ୍ଧବଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀକୃଷ୍ଣ କହିଲେ, ଜଣେ ଦରିଦ୍ର ଅର୍ଥଶୂନ୍ୟ ବ୍ୟକ୍ତି ସେ ନୁହେଁ ଯାହାର ଧନ ନାହିଁ। ସେ ହିଁ କେବଳ ଦରିଦ୍ର ଯେ ସଦା ଅସନ୍ତୁଷ୍ଟ। ଦାରିଦ୍ର୍ୟ ଏକ ମାନସିକ ସ୍ଥିତି। ଯାହା ଆମକୁ ପ୍ରାପ୍ତ ହେଉଛି ତାହା ଈଶ୍ୱରଙ୍କ ଦାନ ଭାବି ସନ୍ତୁଷ୍ଟ ହେବାକୁ ପଡ଼ିବ। ତହୁଁ ଅଧିକ ଆଶା କିମ୍ବା ପ୍ରୟାସ କରିବା କେବଳ ପାପ ନୁହେଁ, ଭଗବାନଙ୍କୁ ଅସମ୍ମାନ କରିବା ସଙ୍ଗେ ସମାନ। ପ୍ରାପ୍ୟଠାରୁ ଅଧିକ ଆଶା କରିବା ଓ ଆଶା ଫଳବତୀ ନ ହେଲେ ମନରେ କ୍ଷୋଭ ଜାତହେବା ଦୁଇଟିଯାକ ଈଶ୍ୱରୀୟ ଚିନ୍ତନର ପରିପନ୍ଥୀ। ମହାତ୍ମା ଗାନ୍ଧୀ କୁହନ୍ତି, ଧରିତ୍ରୀ ମା' ତା'ର ସମସ୍ତ ସନ୍ତାନର ଜୀବନ ଧାରଣ ପାଇଁ ବ୍ୟବସ୍ଥା କରିଛି କିନ୍ତୁ ଲୋଭ ଚରିତାର୍ଥ କରିବା ପାଇଁ ନୁହେଁ– 'ଦି ଆର୍ଥ ପ୍ରୋଭାଇଡ୍ସ ଏନଫ୍ ଟୁ ସାଟିସ୍‌ଫାଏ ଏଭ୍ରି ମ୍ୟାନ୍‌ସ ନିଡ୍, ବଟ୍ ନଟ୍ ଏଭ୍ରି ମ୍ୟାନ୍‌ସ ଗ୍ରିଡ୍'। ଜଣେ ବ୍ୟକ୍ତିର ଧନର ପୂର୍ଣ୍ଣତା ଅର୍ଥ ଅନ୍ୟ କେତେକଙ୍କର ଧନର ଶୂନ୍ୟତା। ଅଳ୍ପ କିଛି ବ୍ୟକ୍ତିଙ୍କର ଅସୀମ ଧନସମ୍ପତ୍ତି ବହୁଲୋକଙ୍କ ଦାରିଦ୍ର୍ୟର କାରଣ। ଭାରତର ଏକ ପ୍ରତିଶତ ଲୋକଙ୍କ ହାତରେ ସମୁଦାୟ ସମ୍ପତ୍ତିର ୭୩ ପ୍ରତିଶତ ଠୁଳ ହୋଇଛି। ଗୋଟିଏ ଜାଗାରେ ମାଟି ଗଦା କରିବା ଅର୍ଥ ଅନ୍ୟ ସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। ମହାତ୍ମା ଗାନ୍ଧୀ ପୁଣି କୁହନ୍ତି, "ଆମେ ଉତ୍ପାଦନକୁ ଗୁରୁତ୍ୱ ନ ଦେଇ ସୁଷମ ବଣ୍ଟନକୁ ଗୁରୁତ୍ୱ ଦେବା ଉଚିତ। କିଛି ଲୋକଙ୍କଠାରେ ଧନ ଗଚ୍ଛିତ ରହି ଆଉ କିଛି ନିରନ୍ନ ରହିଲେ, ଏହାକୁ କଦାପି ପ୍ରଗତିର ଶୁଭ ଲକ୍ଷଣ ବୋଲି ମନେ କରାଯାଇପାରିବ ନାହିଁ।" ତେଣୁ ଧନର ବିକେନ୍ଦ୍ରୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧନୀ ମଧ୍ୟ ଦାନ କରିବାର ମାନସିକତା ଆହରଣ କରିବା ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ। ଚାଣକ୍ୟ କୁହନ୍ତି– ଦାନ, ଉପଭୋଗ ଓ ବିନାଶ ଏହିପରି ଧନର ତିନୋଟି ଗତି ଅଛି। ଯେ ଦାନ କରେ ନାହିଁ, ଭୋଗ କରେ ନାହିଁ, ତା'ର ତୃତୀୟାଗତି ଅର୍ଥାତ୍ ନାଶ ହୋଇଯାଏ।

ଦାନ ଏକ ସ୍ୱର୍ଗୀୟ ଗୁଣ। ଶ୍ରୀମଦ୍‌ଭାଗବତ କହେ, 'ଦାନମୀଶ୍ୱରଭାବଶ୍ଚ'–ଦାନ ଏକ ମହାନ ଈଶ୍ୱରୀୟ ଗୁଣ, ଯାହାକୁ ଜାତି ଧର୍ମ ନିର୍ବିଶେଷରେ ଗ୍ରହଣ କରିବା ବିଧେୟ। ଇସ୍‌ଲାମ ଓ ଖ୍ରୀଷ୍ଟଧର୍ମ ମଧ୍ୟ ଦାନ ଉପରେ ଗୁରୁତ୍ୱ ଦିଅନ୍ତି। ଆଧ୍ୟାତ୍ମିକ ଗୁରୁମାନେ ମତଦିଅନ୍ତି ଯେ, ମଣିଷ ପଛେ ଆର୍ଥିକ ଦୃଷ୍ଟିରୁ ଦରିଦ୍ର ହୋଇଥାଉ, ମାତ୍ର ନୀତି ନୈତିକତାରେ ଦରିଦ୍ର ନ ହେଉ। ପାର୍ଥିବ ସୁଖପ୍ରାପ୍ତି ମଣିଷ ପକ୍ଷେ ସହଜ ହୋଇପାରେ। ମାତ୍ର ଈଶ୍ୱରୀୟ ସୁଖପ୍ରାପ୍ତି ସହଜ ନୁହେଁ। ପାର୍ଥିବ ସୁଖପ୍ରାପ୍ତି ନିମନ୍ତେ ମନୁଷ୍ୟର ପ୍ରୟାସ ଯେତେ ପ୍ରଗାଢ଼, ତା'ର କିୟଦଂଶ ଯଦି ଈଶ୍ୱରୀୟ ସୁଖପ୍ରାପ୍ତି ନିମନ୍ତେ କରାଯାନ୍ତା ତେବେ ଭଗବତ୍ କରୁଣା ବିଡ଼ମ୍ବିତ ହୁଅନ୍ତା ନାହିଁ। ପାର୍ଥିବ ସମ୍ପତ୍ତି ବ୍ୟୟରେ କ୍ଷୟ ହୁଏ, କିନ୍ତୁ ଈଶ୍ୱରୀୟ ସମ୍ପତ୍ତି ବ୍ୟୟରେ ବୃଦ୍ଧିପ୍ରାପ୍ତ ହୁଏ। ଧନର ଚୌର୍ଯ୍ୟ ଭୟ ଅଛି, କିନ୍ତୁ ଈଶ୍ୱରୀୟ ଧନ ବ୍ୟକ୍ତିସତ୍ତାର ବିଲୋପ ପରେ ମଧ୍ୟ ଉଜ୍ଜୀବିତ ଥାଏ। ଈଶ୍ୱରୀୟ ପୁଞ୍ଜିର ରକ୍ଷଣାବେକ୍ଷଣ ପାଇଁ କୌଣସି ବ୍ୟାଙ୍କ କିମ୍ବା ଜଗୁଆଳିର ଆବଶ୍ୟକତା ପଡ଼ି ନ ଥାଏ। ହୃଦୟରୂପକ ବ୍ୟାଙ୍କରେ ବିନା ଜଗୁଆଳିରେ ଏହା ଛାଏଁ ଛାଏଁ ପରିବର୍ଦ୍ଧିତ ହେଉଥାଏ। ଭକ୍ତର ୧୦ଟି ଲକ୍ଷଣ ଯଥା ଅକ୍ରୋଧ, ବୈରାଗ୍ୟ, ଜିତେନ୍ଦ୍ରିୟ, କ୍ଷମା, ଦୟା, ସର୍ବଜନପ୍ରିୟତା, ନିର୍ଲୋଭ, ଦାନ, ଭୟଶୂନ୍ୟତା ଓ ଶୋକଶୂନ୍ୟତା (ଅଚ୍ୟୁତାନନ୍ଦଙ୍କ ଭକ୍ତିରସ ମାଳିକା) ଥିଲେ ମନୁଷ୍ୟ ଈଶ୍ୱରୀୟ ସତ୍ତାର ନିକଟବର୍ତ୍ତୀ ହୁଏ।

ଆଧ୍ୟାତ୍ମିକତା ଦୃଷ୍ଟିରୁ ଦାରିଦ୍ର୍ୟ ଏକ ଆପେକ୍ଷିକ ଶବ୍ଦ। ଅର୍ଥଶୂନ୍ୟତା ଦାରିଦ୍ର୍ୟ ନୁହେଁ। ମାନସିକ ଆବେଗର ଅନୁପସ୍ଥିତି ହିଁ ଦାରିଦ୍ର୍ୟ। ଏପରି ଜ୍ଞାନୋଦୟ ହେଲେ ଅର୍ଥ ତୋସରପାତ ମନୋବୃତ୍ତିରୁ ନିବୃତ୍ତି ମିଳେ ଓ ଈଶ୍ୱରୀୟ ସାନ୍ନିଧ୍ୟ ପାଇଁ ସ୍ୱର୍ଗୀୟ ଲାଳସା ଜାତ ହୁଏ। ପାର୍ଥିବ ଧନସମ୍ପତ୍ତି ଆହରଣଜନିତ ସୁଖ ଅଳିକ ଓ କ୍ଷଣସ୍ଥାୟୀ। ପାର୍ଥିବ ସୁଖ କେବଳ ଧୂମ ସଦୃଶ, ଯାହା କିୟତ୍‌କାଳ ସ୍ଥାୟୀ। ଏକ କ୍ଷଣରେ ପ୍ରତିଭାତ ହୋଇ ଅନ୍ୟ କ୍ଷଣରେ ଉଭେଇଯାଏ। ମାତ୍ର ବାସ୍ତବ ସୁଖ ଚିରନ୍ତନ। ଜୀବନ ହେଉଛି ଜନ୍ମ ଓ ମୃତ୍ୟୁ ମଧ୍ୟରେ ବ୍ୟବଧାନ। ଜନ୍ମ ପୂର୍ବରୁ ଓ ମୃତ୍ୟୁ ପରେ ସମସ୍ତେ ସମାନ। ଜୀବଦ୍ଦଶାରେ କେବଳ ଦେଖାଦିଏ ଧନୀ ନିର୍ଦ୍ଧନର ପାର୍ଥକ୍ୟ। ଜୀବନକୁ ଉପଲବ୍ଧି କରିବାରେ ନିହିତ ରହିଛି ସକଳ ସୁଖର ଆଦିସତ୍ତା। ଏପରି ବୋଧଶକ୍ତିର ଅବର୍ତ୍ତମାନରେ ଅସାଧୁତାର ଜନ୍ମ। ଅସାଧୁତାରୁ ଜନ୍ମ ନିଏ ଚଞ୍ଚକତା, ଅନ୍ୟକୁ ଠକିବାର ମନୋବୃତ୍ତି। ସାଧାରଣ ସ୍ତରରେ ବିପିଏଲ୍ ଅନ୍ତର୍ଭୁକ୍ତ ହେବା, ରାଶନ କାର୍ଡ ଖଣ୍ଡେ ହାତେଇବା, କାଳିଆ ଯୋଜନାରୁ ଅନୁଚିତ ଫାଇଦା ଉଠାଇବା ଯେପରି ଏକ ନୀଚ ପ୍ରବୃତ୍ତି, ସେହିପରି ସାଧାରଣ ବଣ୍ଟନ ସାମଗ୍ରୀ ଲୁଣ୍ଠନ କରିବା, ସରକାରୀ ଅର୍ଥ ତୋସରପାତ କରିବା ଓ ଅସାଧୁ ଉପାୟରେ ଧନ ସଂଗ୍ରହ କରିବା ଉଚ୍ଚ ମଣିଷର ନୀଚ ପ୍ରବୃତ୍ତି।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ନାରୀ ସ୍ୱାଧୀନତା ଓ ସୁରକ୍ଷା



ପ୍ରଦୀପ୍ତ ନାୟକ

ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳାମାନଙ୍କ ଉପରେ ହେଉଥିବା ହିଂସାକୁ ତର୍ଜମା କଲେ ନାରୀ ସୁରକ୍ଷା ତଥା ସ୍ୱାଧୀନତା ଆମ ଦେଶ ତଥା ରାଜ୍ୟରେ ନାହିଁ ବୋଲି ପ୍ରତୀୟମାନ ହୁଏ। ଆଉ ସବୁଠାରୁ ଚିନ୍ତାଜନକ ଓ ଲଜ୍ଜାକର ବିଷୟ ହେଲା, ଆମ ରାଜ୍ୟ ଓଡ଼ିଶାରେ ମହିଳା ହିଂସା ଦେଶରେ ସବୁଠାରୁ ଅଧିକ ବୋଲି ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୭ ମସିହା ପର୍ଯ୍ୟନ୍ତ ଅପରାଧ ଚିଠା ପ୍ରସ୍ତୁତ କରିଥିବା ଏହି ଜାତୀୟ ଅନୁଷ୍ଠାନ କହିଛି, ଓଡ଼ିଶାରେ ଉକ୍ତ ବର୍ଷ ୨୦,୦୯୮ଟି ମହିଳା ହିଂସା ଓ ପାଶବିକ ଅତ୍ୟାଚାର ସଂଘଟିତ ହୋଇଛି। ଏହି ସଂଖ୍ୟା ୨୦୧୬ରେ ୧୭,୮୩୭ ଥିବାବେଳେ ଆମ ପୋଲିସ ବିଭାଗ ନାରୀ ଅତ୍ୟାଚାର ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସରକାରୀ ଭାବରେ ଏହି ପରିସଂଖ୍ୟାନ ଆମର ହସ୍ତଗତ ହୋଇଛି। ମାତ୍ର ଯଦି ବାସ୍ତବ ସ୍ଥିତି ପରଖିବା, ତେବେ ଆମକୁ ବର୍ତ୍ତମାନ 'ମୋ ସରକାର' ତଥା '୫–ଟି' ଚାଲିଥିବା ଥାନାଗୁଡ଼ିକୁ ପରିଦର୍ଶନ କରିବାକୁ ପଡ଼ିବ। ରାଜ୍ୟରେ ସବୁଠାରୁ ଶୃଙ୍ଖଳିତ ସୁଦୃଢ଼ ପୋଲିସ ବ୍ୟବସ୍ଥା ଥିବା କୁହାଯାଉଥିବା ଭୁବନେଶ୍ୱର–କଟକ କମିଶନରେଟ ପୋଲିସ ଥାନାଗୁଡ଼ିକରେ ପରୀକ୍ଷଣ କଲେ ବୁଝାପଡ଼ିବ, କେତେ ମହିଳା ହିଂସା ମାମଲା ଥାନାକୁ ଆସୁଛି ଆଉ ପୋଲିସ ତ୍ୱରିତ ହିଂସା ରୋକିବାରେ କି କି ପଦକ୍ଷେପ ନେଉଛି। କିଭଳି ଭାବରେ ପୋଲିସ ବାବୁମାନେ ପୀଡ଼ିତା ଓ ତା'ର ପରିବାରବର୍ଗଙ୍କୁ ବ୍ୟବହାର କରୁଛନ୍ତି।

ଯାହା ସରକାର ପ୍ରଚାର କରୁଛନ୍ତି ବାସ୍ତବ ସ୍ଥିତି ତା'ର ଓଲଟା। ଅଧିକାଂଶ ଥାନାରେ ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଦୂରର କଥା, ସମବେଦନା ଜଣାଇବାକୁ ମଧ୍ୟ ପୋଲିସ ବାବୁ କୁଣ୍ଠାବୋଧ କରନ୍ତି। ପୀଡ଼ିତାମାନେ ଲାଞ୍ଛିତ ଓ ଅପମାନିତ ହୁଅନ୍ତି, କାରଣ ସାଧାରଣତଃ ସେମାନେ ସବୁ ଦରିଦ୍ର, ଅନୁସୂଚିତ ଜାତି କି ଜନଜାତି ବର୍ଗର ହୋଇଥାନ୍ତି, ମଧ୍ୟବିତ୍ତ ଓ ଧନିକ ଘରର ମହିଳାମାନଙ୍କ ପ୍ରତି ଅପେକ୍ଷାକୃତ କମ୍ ହିଂସା ଓ ପାଶବିକ ଅତ୍ୟାଚାର ହୋଇଥାଏ। ଆଉ ସେଭଳି ପରିବାରର ପୀଡ଼ିତା ଯଦି ଥାନାକୁ ନ୍ୟାୟ ପାଇଁ ଯାଉଛି ହୁଏତ କିଛି ପରିମାଣରେ ସହାୟତା ପାଉଛି। ଏନ୍‌ସିଆରବି ତାଲିକାରେ ପୁଣି କୁହାଯାଇଛି ଯେ, ପ୍ରମାଣିତ ହୋଇ ମାମଲା ଚାଲୁଥିବା ମହିଳା ଅତ୍ୟାଚାର ଘଟଣାରେ ମଧ୍ୟ ଓଡ଼ିଶା ୨୦୧୭ ମସିହାରେ ଦେଶରେ ସବୁଠାରୁ ଆଗରେ ଓ ମାମଲା ସଂଖ୍ୟା ୨,୪୫୭। ତା' ତଳକୁ ଭାଜପାଶାସିତ ରାଜ୍ୟ ଉତ୍ତରପ୍ରଦେଶରେ ଏହି ସଂଖ୍ୟା ୧୬୦୦ ଏବଂ ପଶ୍ଚିମବଙ୍ଗରେ ୯୫୪। ଉପରୋକ୍ତ ଘଟଣାଗୁଡ଼ିକରେ ପୋଲିସ କହୁଛି ମହିଳାମାନଙ୍କୁ ଭିଡ଼ହିଂସା, ଗ୍ୟାଙ୍ଗରେପ୍ ତଥା ସର୍ବସାଧାରଣ ସ୍ଥଳରେ ଯୌନଗତ ହିଂସା ଇତ୍ୟାଦିର ସାମ୍ନା କରିବାକୁ ପଡ଼ୁଛି। ଦେଶରେ ତିନି ପାରଙ୍ଗମ ରାଜ୍ୟରେ ନାରୀମାନେ ଅସୁରକ୍ଷିତ ବୋଲି ସରକାରୀ ତଥ୍ୟ କହୁଛି। ଦେଖାଯାଉଛି ମଦର ପ୍ରାବଲ୍ୟ ମହିଳା ହିଂସା ବଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହା ସତ୍ତ୍ୱେ ଓଡ଼ିଶାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସରକାରୀ ମଦ ଦୋକାନ ଖୋଲୁଛି।

ଯଦି ମହିଳାମାନେ ଆଜିର ଦିନରେ ସମାଜରେ ନିରାପଦରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ବା ଦାୟିତ୍ୱ ସମ୍ପାଦନ କରିପାରିବେ ନାହିଁ ତେବେ ନାରୀ ସ୍ୱାଧୀନତା, ସମାନତା ଓ ସହଭାଗିତା କଥା ଆମେ କିପରି ଆଶା କରିବା? ଝିଅଟିଏ ସ୍କୁଲ୍ କଲେଜ କିମ୍ବା ବାହାରକୁ ତା'ର କାମ ପାଇଁ ଯାଇ ଯେପର୍ଯ୍ୟନ୍ତ ନିରାପଦରେ ଘରକୁ ନ ଫେରିଛି, ବାପାମା' ସେପର୍ଯ୍ୟନ୍ତ ଚିନ୍ତାରେ ରହୁଛନ୍ତି। ସିସି ଟିଭି କ୍ୟାମେରା, ମୋବାଇଲ୍ ଫୋନ୍ ଓ ଯାତାୟାତ ବ୍ୟବସ୍ଥାରେ ଯେତେ ଉନ୍ନତି ହେଲେ ମଧ୍ୟ ମହିଳାମାନଙ୍କର ନିସ୍ତାର ନାହିଁ। ଏପରି ହେଉଛି କାହିଁକି? ଏ ବିଷୟରେ ଯଦି ଗବେଷଣା କରାଯାଏ ତେବେ ନିଶ୍ଚିତ ବୁଝାପଡ଼ିବ ଏଥିପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାର ଅଭାବ। ରାଜ୍ୟ ତଥା ଦେଶରେ ଚରମ ଦାରିଦ୍ର୍ୟ, ବେକାରି, ବେରୋଜଗାର, ନିରକ୍ଷରତା, ଆଇନ ସଚେତନତାର ଅଭାବ, ଲଗାମଛଡ଼ା ମଦ ବେପାର, ସର୍ବୋପରି ଏକ ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଓ ଶାସନ ବ୍ୟବସ୍ଥାର ଅଭାବ ଯୋଗୁ ନାରୀ ଅତ୍ୟାଚାର, ଘରୋଇ ହିଂସା, କର୍ମକ୍ଷେତ୍ରରେ ହିଂସା ସଂଘଟିତ ହେଉଛି। ସରକାରୀ ଆଇନ କାନୁନ ସବୁ ପାଣିର ଗାର ହୋଇଯାଉଛି। ସେଥିପାଇଁ ନା ସରକାରଙ୍କ ନିଘା ଅଛି ନା ଆମ ଲୋକମାନଙ୍କର କିଛି ଚିନ୍ତା। ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ ସମସ୍ତେ ଚୁପ୍, ମାତ୍ର ଯେତେବେଳେ ନିଜ ଉପରେ କେବେ ବିପଦ ଆସୁଛି ସେତି ପିଠିରେ ପଡ଼ିବାକୁ କେହି ନାହିଁ।

ଓଡ଼ିଶାରେ ବିବାହ ଓ ଜୀବିକା ନିର୍ବାହ ନାମରେ ଶିଶୁକନ୍ୟା ଚାଲାଣ ବହୁଳ ଭାବରେ ହେଉଛି। ପେଟ ପୋଷିବା ପାଇଁ ସୁଦୂର ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣାଟକ, ଦିଲ୍ଲୀ, ବମ୍ବେ ଇତ୍ୟାଦି ସ୍ଥାନକୁ ଯାଇ ମହିଳାଟିଏ ଯୌନ ଶୋଷଣ, ରୋଗ ଓ ଅତ୍ୟାଚାରର ଶିକାର ହୋଇ ଘରକୁ ଫେରୁଛି। ବର୍ଷ ବର୍ଷ ଧରି ବାରମ୍ବାର ଏପରି ଘଟି ଚାଲିଥିଲେ ମଧ୍ୟ ସରକାର ସ୍ଥିତି ସମ୍ଭାଳିବାରେ ଅସମର୍ଥ। ରାଜ୍ୟରେ ଲକ୍ଷ ଲକ୍ଷ ଲୋକ କାମ ନ ପାଇ ବାହାର ରାଜ୍ୟକୁ ଯାଉଛନ୍ତି। ଆମ ସରକାର ନିରୁପାୟ। ରାଜ୍ୟରେ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ମାତ୍ର ୬୧୨ଟି ଥାନା ଓ ୭୨ ହଜାର ୧୪୫ ପୋଲିସ ଅଫିସର ଏବଂ ସିପାହି ପଦବୀ ରହିଛି। ପରିତାପର ବିଷୟ ଯେ, ହଜାର ହଜାର ପଦବୀ ଖାଲି ପଡ଼ିଛି। କେବଳ ଭୁବନେଶ୍ୱର–କଟକ କମିଶନରେଟ ପୋଲିସରେ ୨୦୦ ଅଫିସର ଓ ୪୦୦ ସିପାହି ପଦବୀ ଖାଲି ପଡ଼ିଛି। ଯଦି ରାଜ୍ୟର ଦୁଇ ପ୍ରମୁଖ ସହରର ଆଇନଶୃଙ୍ଖଳା ରକ୍ଷା କରିବାରେ ପୋଲିସର ଏପରି ଦୟନୀୟ ଅବସ୍ଥା, ତେବେ ରାଜ୍ୟର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ କି ଅବସ୍ଥା ଥିବ ଅନୁମାନ କରାଯାଇପାରେ। ଅଯଥା ରାଜନୈତିକ ହସ୍ତକ୍ଷେପ ପୋଲିସର କର୍ତ୍ତବ୍ୟ ପାଳନରେ ଅନ୍ତରାୟ ସୃଷ୍ଟି କରୁଛି। ନାରୀଶିକ୍ଷାର ବିକାଶ ନ ହେବାରୁ ମଧ୍ୟଯୁଗୀୟ ସାମାଜିକ ପ୍ରଥା, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ମଧ୍ୟ ନାରୀ ଅତ୍ୟାଚାର ବଢ଼ାଉଛି। ଏପରି କ୍ଷେତ୍ରରେ ନାରୀ ସମାଜ କିପରି ବା ସୁରକ୍ଷିତ ହେବ!

ଟିକରପଡ଼ା, କାକଟପୁର, ପୁରୀ, ମୋ– ୯୪୩୭୦୫୩୩୨୯

## ଏଇ ଭାରତରେ

ନିଜ ଚାକିରିକୁ ଦେଖିବା ସହ ଅଭାବୀଙ୍କ ମୁହଁରେ ହସ ଖେଳାଇବା ନିଶ୍ଚିତ ପ୍ରଶଂସନୀୟ। ଏମିତି କାର୍ଯ୍ୟରେ ଲାଗିଛନ୍ତି ତେଲେଙ୍ଗାନାର ଭିନିଲ ରେଡ୍ଡୀ। ତାଙ୍କୁ ବର୍ତ୍ତମାନ ବୟସ ୨୫। ପେସାରେ ସେ ଜଣେ ଏରୋନଟିକାଲ ଇଞ୍ଜିନିୟର। ୨୦୧୫ରେ ସ୍ନାତକ ଡିଗ୍ରୀ ହାସଲ କରିବାର ଦିନକ ପରେ ସେ ଅଭିଷ୍ଟି ୱେଲ୍‌ଫେୟାର ସୋସାଇଟି ନାମକ ଏନ୍‌ଜିଓ ଗଠନ କରିଥିଲେ। ଏବେ ତାଙ୍କ ଭାଇ ସୁନୀଲଙ୍କ ସହ ସେ ଭାରତରେ ୫୬ଟି ଶାଖାରେ ୩୪,୦୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ସମାଜସେବାରେ ଲାଗିଛନ୍ତି। ସେ ଏହି ସଂସ୍ଥା ମାଧ୍ୟମରେ କୃଷକମାନଙ୍କୁ ସାହାଯ୍ୟ କରୁଛନ୍ତି। ଅଭାବୀଙ୍କୁ ଖାଦ୍ୟ ଦେଉଛନ୍ତି। ହୋଟେଲଗୁଡ଼ିକରୁ ଖାଦ୍ୟ ସଂଗ୍ରହ କରି ହାଇଦ୍ରାବାଦର ମହାତ୍ମା ଗାନ୍ଧୀ ବସଷ୍ଟାଣ୍ଡରେ ରାତିରେ ଯାତ୍ରା କରୁଥିବା ଲୋକଙ୍କୁ ଖାଇବା ଲାଗି ଦେଉଛନ୍ତି। ଦିନକୁ ୧ ଲିଟର ଲେଖାଏ କ୍ଷୀର ହାଇଦ୍ରାବାଦର ୧୬୦୦ଟି ଗ୍ରୋସରି ଷ୍ଟୋରରୁ ସକାଳ ୬ଟାରେ ସଂଗ୍ରହ କରି ତାହାକୁ ଗରମ କରି ୨୦୦୦ ଗରିବ ଛାତ୍ରଙ୍କୁ ପିଇବାକୁ ଦିଆଯାଉଛି। ଭିନିଲଙ୍କ ଟିମ୍ ସରକାରୀ ସ୍କୁଲ୍ ଓ କଲେଜରେ ଛାତ୍ରମାନଙ୍କ ଲାଗି କ୍ୟାରିୟର ଗଠନର ମାର୍ଗ ଦେଖାଉଛନ୍ତି। ତାଙ୍କ କ୍ୟାରିୟର ଗାଇଡାନ୍ସ ପ୍ରୋଗ୍ରାମ୍‌ରେ ଏବେ ୪.୫ ଲକ୍ଷ ଛାତ୍ର ଯୋଡି ହୋଇଛନ୍ତି। ଏହା ସହରଠାରୁ ଗାଁ ଯାଏ ବ୍ୟାପିଛି। ବସ୍ତି ଅଞ୍ଚଳରେ ମହିଳା ସଶକ୍ତୀକରଣ ଲାଗି ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ବସ୍ତିରେ ଅଭାବୀମାନଙ୍କୁ ଖାଦ୍ୟ ଦେଉଛନ୍ତି। ଭିନିଲ ପିଲାଦିନେ ତାଙ୍କ ଭାଇଙ୍କ ସହ ନାଲ୍‌ଗୋଣ୍ଡା ହସ୍ପିଟାଲକୁ ଯାଇ ବିଷାଦଗ୍ରସ୍ତ କ୍ୟାନ୍‌ସର ରୋଗୀ ଓ ତାଙ୍କ ପରିବାରଙ୍କ ସହ ସମୟ ବିତାଇ ସେମାନଙ୍କ ମନୋବଳ ବୃଦ୍ଧି କରୁଥିଲେ। କ୍ୟାନ୍‌ସରପୀଡିତ ପିଲାମାନଙ୍କ ପାଖକୁ ଯାଇ ସେମାନଙ୍କ ସହ ଖେଳୁଥିଲେ। ୧୦ମରେ ପଢୁଥିବାବେଳେ ଭିନିଲ 'ସ୍ମାଇଲ୍ କ୍ୟାନ୍‌ସର ଫାଉଣ୍ଡେଶନ' ଗଠନ କରି ତାଙ୍କ ସହପାଠୀଙ୍କୁ ଏଥିପାଇଁ ପ୍ରତିଦିନର ପକେଟ୍ ମନିରୁ ୧ ଟଙ୍କା ଦାନ କରିବା ଲାଗି କହିଥିଲେ। ମାସରେ ଜଣ ପିଛା ୩୦ଟଙ୍କା ହେବା ପରେ ତାହାକୁ ଏକାଠି କରି ଭିନିଲ ଓ ତାଙ୍କ ସାଙ୍ଗମାନେ ଔଷଧ, ଖାଦ୍ୟ ଓ ଆବଶ୍ୟକ ଜିନିଷ କିଣି ରୋଗୀମାନଙ୍କୁ ଦେଉଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୯୪

- ଅଣୁ ଅପ୍ରସାର (ଏନ୍‌ପିଟି) ଚୁକ୍ତିରେ ୟୁକ୍ରେନର ସ୍ୱାକ୍ଷର।
- ସୌଦିଆରବ ଓ ଭାରତ ମଧ୍ୟରେ ପୁଞ୍ଜି ବିନିଯୋଗ ବୃଦ୍ଧି କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଘନିଷ୍ଠ କରିବା ପାଇଁ ଦୁଇ ଦେଶ ମଧ୍ୟରେ ସହମତି।
- ଲୋକ ସଭା ସଦସ୍ୟ ପଦରୁ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂଙ୍କ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦିଅନ୍ତୁ

ମହାଶୟ,

ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆୟୁଷ–ଆୟୁର୍ବେଦ, ଯୋଗ ୟୁନାନୀ, ସିଦ୍ଧ ଓ ହୋମିଓପ୍ୟାଥି ନାମରେ ଅନେକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଗଣାରେ ଲୋକଙ୍କୁ ଯୋଗାଉଛନ୍ତି। ଆମ ଗ୍ରାମରେ ଏକ ସରକାରୀ ହୋମିଓ ଚିକିତ୍ସାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଏଏନ୍‌ଏମ୍ ସେବା ଓ ଅଙ୍ଗନୱାଡି କେନ୍ଦ୍ର ଅଛି। ଏଠାରେ ଅବସ୍ଥାପିତ ହୋମିଓ ଚିକିତ୍ସକ ଅନ୍ୟ ଚିକିତ୍ସାଳୟ ଦାୟିତ୍ୱରେ ଥିବାରୁ ସେ ଗୁରୁବାରକୁ ବାଦ୍ ଦେଇ ସପ୍ତାହରେ ଦୁଇ, ତିନିଦିନ ଆସନ୍ତି। ଅବଶ୍ୟ ସେ ଚିକିତ୍ସାରେ ଧୁରୀଣ। ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଏଏନ୍‌ଏମ୍‌ଙ୍କ କାର୍ଯ୍ୟ କେବଳ ମମତା ଦିବସରେ ସୀମିତ। ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ନୁହେଁ। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ପୁରୁଣା ହୋମିଓ ଚିକିତ୍ସାଳୟ ପରିତ୍ୟକ୍ତ ଘରେ ଚାଲିଛି। ଏଠାରେ ପ୍ରଥମରୁ ମଞ୍ଜୁର ହୋଇଥିବା ପ୍ରସୂତି କେନ୍ଦ୍ର ଆଦୌ କାର୍ଯ୍ୟକାରୀ ନ ହୋଇ ଆଶାକର୍ମୀ ନିକଟସ୍ଥ ହସ୍‌ପିଟାଲକୁ ନେଇ ପ୍ରସୂତି କାର୍ଯ୍ୟ କରନ୍ତି। ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦିଅନ୍ତୁ।

ହରି, ବାବୁଲି, ସୁଦର୍ଶନ ଓଗେର, ବିଦ୍ୟାଧରପୁର, ସୁଆଣ୍ଡୋ, ଗୁଆଳିଗୋରଡା ଗ୍ରାମବାସୀ, ସତ୍ୟବାଦୀ, ପୁରୀ

### ଅସ୍ଥାୟୀ ଅଧ୍ୟାପକ କରିବେ କ'ଣ

ଓଡ଼ିଶା ସରକାର ଉଚ୍ଚ ଶିକ୍ଷା ବିଭାଗ ୧୪।୧୦।୨୦୧୯ରିଖ ଚିଠି ନଂ.୨୧୩୦୩ ଅନୁଯାୟୀ ରାଜ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ଆଡହକ ଅଧ୍ୟାପକମାନଙ୍କର ଆଉ ମେ ୨୦୨୦ରୁ କାର୍ଯ୍ୟକାଳ ବୃଦ୍ଧି ହେବ ନାହିଁ। ଯେଉଁମାନେ ଅଧ୍ୟାପନା କରି ବୁଢ଼ା ହେଲେଣି ସେମାନେ ଏବେ କ'ଣ କରିବେ? ମୁଖ୍ୟମନ୍ତ୍ରୀଙ୍କ ୫–ଟି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏତେ ସଂଖ୍ୟକ ଅଧ୍ୟାପକଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲେ, ସେମାନେ ବଞ୍ଚିବେ କିପରି? ବରଂ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛୁ।

ସତ୍ୟନାରାୟଣ ମିଶ୍ର, ସଭାପତି, ଆଡହକ ଅଧ୍ୟାପକ ସଂଘ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପୂର୍ବତନ ପ୍ରଧାନ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଯଦି ଆଇ.କେ. ଗୁଜରାଲଙ୍କ ପରାମର୍ଶ ମାନିଥାନ୍ତେ ତେବେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗାକୁ ରୋକାଯାଇ ପାରିଥାନ୍ତା।
– ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ପୂରଣ ହେବ ୧୦ ଆଇଏଏସ୍ ପଦବୀ

ଭୁବନେଶ୍ୱର, ୫।୧୨(ବ୍ୟୁରୋ): ଓଡ଼ିଶା ପ୍ରଶାସନରେ ୨୦୧୮ ବର୍ଷର ୧୦ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସର ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରାଯିବ। ତନ୍ମଧ୍ୟରୁ ୯ ପଦବୀ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଗୋଟିଏ ପଦବୀ ଅନ୍ୟ ସରକାରୀ ପଦରୁ କରାଯିବ। ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୨୭ ଓଏଏସ୍ ଏବଂ ୫ ଅନ୍ୟ ସରକାରୀ ଅଧିକାରୀଙ୍କ ନାଁ ୟୁପିଏସ୍‌ସିକୁ ପଠାଯାଇଛି।

### ରାଜସ୍ୱ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୫।୧୨(ବ୍ୟୁରୋ): ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ କାର୍ଯ୍ୟରତ ୨୮ ଅଧିକାରୀଙ୍କ ବଦଳି କରାଯାଇଛି। ଏହି ଅଧିକାରୀମାନେ ହେଉଛନ୍ତି-ଗାୟତ୍ରୀ ସାମନ୍ତରାୟ, ଶିବାଶିଷ ପଣ୍ଡା, କ୍ଷେତ୍ରମୋହନ ସ୍ୱାଇଁ, ସୋନମ୍ ଦାସ, ପ୍ରିୟଙ୍କା ମଲିକ, ଦେବାଶିଷ ସାମଲ, ଝରଣା ପ୍ରଧାନ, ରଶ୍ମିତା ନାଥ, ଯଶୋବନ୍ତ ଦେହୁରୀ, ମନୋଜ କୁମାର ନାୟକ, ବିଜୟିତା ସାମନ୍ତସିଂହାର ପ୍ରମୁଖ।

### ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନରେ ନୂଆ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,୫।୧୨(ବ୍ୟୁରୋ): ଡା. ବିଜୟ କୁମାର ମହାପାତ୍ରଙ୍କୁ ଏଡି-୧ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଡା. ପ୍ରଦୀପ କୁମାର ମହାପାତ୍ର ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀଭାବେ ନିଯୁକ୍ତି ପାଇଛନ୍ତି। ଡା.ବିଶ୍ୱରଞ୍ଜନ ପତି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଭାରପ୍ରାପ୍ତ ସିଡିଏମ୍ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଭାବେ ନିଯୁକ୍ତି ପାଇଛନ୍ତି। ଡା. ରୂପଭାନୁ ମିଶ୍ରଙ୍କୁ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟର ଭାରପ୍ରାପ୍ତ ସିଡିଏମ୍ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଭାବେ ନିଯୁକ୍ତି ଦିଆଯାଇଛି।

### ବ୍ରାହ୍ମଣୀ ପ୍ରଦୂଷଣ ରୋକିବାକୁ ୨.୭୯ କୋଟି କେନ୍ଦ୍ରୀୟ ସହାୟତା

ଭୁବନେଶ୍ୱର, ୫।୧୨(ବ୍ୟୁରୋ): ରାଜ୍ୟର ୧୯ଟି ନଦୀ ପ୍ରଦୂଷିତ ହୋଇଛି। ଗୁରୁବାର ପାର୍ଲାମେଣ୍ଟରେ ଭାଜପା ସଭ୍ୟ ଜୁଏଲ ଓରାମଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଜଳଶକ୍ତି ଓ ସାମାଜିକ ନ୍ୟାୟ ମନ୍ତ୍ରୀ ରତନଲାଲ କଟାରିଆ। ଜୁଏଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ବ୍ରାହ୍ମଣୀ ନଦୀରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ୨କୋଟି ୭୯ ଲକ୍ଷ ୯ହଜାର ଟଙ୍କା ମଞ୍ଜୁର କରାଯାଇଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୂତନ ରିପୋର୍ଟ ଅନୁଯାୟୀ ଓଡ଼ିଶାର ୧୯ଟି ନଦୀ ଅତି ପ୍ରଦୂଷିତ ହୋଇଥିବା ଚିହ୍ନଟ ହୋଇଛି। ସେହି ନଦୀଗୁଡିକ ହେଲା ଗଙ୍ଗୁଆ, ଗୁରାଡିହ ନାଳ, କାଠଯୋଡି, ନନ୍ଦିରାଯୋର, ଦୟା, କୁଆଖାଇ, ବଙ୍ଗୁରୁ ନାଳ, ଭେଡେନ, ବ୍ରାହ୍ମଣୀ, ବୁଢାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୁଲ୍ୟା, ସବୁଲିଆ ଓ ସେରୁଆ।

# ନୂଆବର୍ଷରୁ ଶ୍ରଦ୍ଧାଳୁଙ୍କୁ ସ୍ୱତନ୍ତ୍ର ସୁବିଧା

- ପାନୀୟଜଳ ଓ ଟଏଲେଟର ବ୍ୟବସ୍ଥା ହେବ
- ଘୁଞ୍ଚିବ ସିଂହଦ୍ୱାର ବ୍ୟାରିକେଡ, ଆରମ୍ଭ ହେଲା କାମ
- ନୂଆବର୍ଷରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ, ୫।୧୨

ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ସମସ୍ତ ପ୍ରକାର ସୁବିଧା କରାଯିବ। ସେମାନେ ଯେପରି କୌଣସି ତିକ୍ତ ଅନୁଭୂତି ନ ସାଉଣ୍ଟିବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ସରକାର। ଅନ୍ୟପଟେ ସୁପ୍ରିମ୍‌କୋର୍ଟ ମଧ୍ୟ ଏ ନେଇ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏଥିପାଇଁ କାମ ଆରମ୍ଭ ହୋଇଯାଇଛି। ସ୍ଥାୟୀ ଜୋତାଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ଟଏଲେଟ୍, ପାନୀୟଜଳ ସୁବିଧା ସାଙ୍ଗକୁ ଶ୍ରଦ୍ଧାଳୁମାନେ ବ୍ୟାରିକେଡରେ କିପରି ଶୃଙ୍ଖଳିତ ଭାବେ ଯାଇ ଦର୍ଶନ କରିବେ ତା'ର ବ୍ୟବସ୍ଥା ମଧ୍ୟ କରାଯାଉଛି। ନୂଆବର୍ଷରୁ ଭକ୍ତମାନେ ଏହି ସ୍ୱତନ୍ତ୍ର ସୁବିଧା ପାଇପାରିବେ। ଏହିସବୁ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆବର୍ଷରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ଗତ ୪ତାରିଖରେ ସୁପ୍ରିମ୍‌କୋର୍ଟ ମଧ୍ୟବର୍ତ୍ତିକାଳୀନ ରାୟ ଦେଇ ଶ୍ରଦ୍ଧାଳୁଙ୍କ ଲାଗି ସୁବନ୍ଦୋବସ୍ତ କରିବାକୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଶୃଙ୍ଖଳିତ ଦର୍ଶନ ଓ ୬୦ହଜାର ଶ୍ରଦ୍ଧାଳୁଙ୍କ ରହଣି ଲାଗି ବ୍ୟବସ୍ଥା କରିବାକୁ ମଧ୍ୟ କହିଛନ୍ତି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ ଆରମ୍ଭ କରିଦେଇଛନ୍ତି ସରକାର। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡକୁ ଘୁଞ୍ଚାଯିବା ଲାଗି ନିଷ୍ପତ୍ତି ହୋଇଛି। ପ୍ରତ୍ୟହ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ ଦର୍ଶନ ପାଇଁ ଆସୁଥିବା ବେଳେ ସ୍ୱତନ୍ତ୍ର ପର୍ବପର୍ବାଣି ଦିନଗୁଡ଼ିକରେ ଏହି ସଂଖ୍ୟା ଲକ୍ଷେ ଟପିଯାଉଛି। ଅଧିକାଂଶ ସମୟରେ ଲମ୍ବା ଲାଇନ ଲାଗୁଥିବାରୁ ଖରା, ବର୍ଷାରେ ଠିଆ ହେଉଛନ୍ତି ଭକ୍ତ। ତେଣୁ ସିଂହଦ୍ୱାରରେ ଯେଉଁ ଅସ୍ଥାୟୀ ବ୍ୟାରିକେଡ ରହିଛି ତାହାକୁ ଆହୁରି ପୂର୍ବ ପାର୍ଶ୍ୱକୁ ଘୁଞ୍ଚାଇ ଦିଆଯିବ ଏବଂ ଏହି ବ୍ୟାରିକେଡ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ହିଁ ଆରମ୍ଭ ହେବ। ଫଳରେ ବହୁ ସଂଖ୍ୟକ ଭକ୍ତ ବ୍ୟାରିକେଡ ଶେଡ୍ ତଳେ ରହିପାରିବେ। ଏହାର କାମ ଗୁରୁବାରଠାରୁ ଆରମ୍ଭ ହୋଇଛି। ବଡ଼ ବଡ଼ ଲୁହା ରେଲିଂ ଆସିଥିବାବେଳେ ଗାତ ଖୋଳାଯାଇଛି। ବ୍ରହ୍ମପୁରର ଏକ ଠିକା ସଂସ୍ଥା ଏହାର କାମ ନେଇଛି। ଅସ୍ଥାୟୀ ବ୍ୟାରିକେଡ ୧୪ ଲାଇନ ବିଶିଷ୍ଟ ହେବ ଓ ଏହା ଉପରେ ଶିଲିଂ ରହିବ। ଏଥିପାଇଁ ସିଂହଦ୍ୱାର ସମ୍ମୁଖରେ ଯେଉଁ କଣ୍ଟେନରଗୁଡ଼ିକ ପଡ଼ିଥିଲା ତାହାକୁ ସ୍ଥାନାନ୍ତର କରାଯାଇଛି। ବଡ଼ ଆଖଡା ମଠ ପାଖରେ ସ୍ଥାୟୀ ଜୋତା ଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ପାନୀୟଜଳ ଏବଂ ଟଏଲେଟ୍ ବ୍ୟବସ୍ଥା କରାଯିବ। ଚଳିତ ମାସ ଶେଷ ସୁଦ୍ଧା କାମ ସାରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଯତ୍ନବାନ ଅଛି। ତେଣୁ ସବୁ ପ୍ରକାର ସୁବିଧା ସୁଯୋଗ କରାଯିବ। ଜୋତା ଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ପାନୀୟ ଜଳ, ଟଏଲେଟ୍‌ର ସ୍ଥାୟୀ ବ୍ୟବସ୍ଥା କରାଯାଉଛି। ବ୍ୟାରିକେଡ ଘୁଞ୍ଚିବା କାମ ଆରମ୍ଭ ହୋଇଛି। ଆସନ୍ତା ନୂଆବର୍ଷରୁ ଭକ୍ତଙ୍କୁ ଏ ସବୁର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖି କାମ ଚାଲିଛି।



ବ୍ୟାରିକେଡ୍ ସମ୍ପ୍ରସାରଣ ପାଇଁ ବଡଦାଣ୍ଡରେ ଗାତ ଖୋଳାଯାଉଛି।

### ୧ରୁ ଧରାହେଲେଣି ୧୦ହଜାରରୁ ଅଧିକ ଉଲ୍ଲଂଘନକାରୀ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଶେଷ ୩ମାସ (ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର) ମଧ୍ୟରେ ୧ଲକ୍ଷରୁ ଅଧିକ ଲୋକ ଲର୍ନିଂ ଲାଇସେନ୍ସ ନେଇଛନ୍ତି। ୯୫ହଜାର ଲୋକ ଡ୍ରାଇଭିଂ ଲାଇସେନ୍ସ ନେଇଥିବା ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଆହୁରି ଅନେକ ଲୋକ ଲାଇସେନ୍ସ ପାଇଁ ଆବେଦନ କରିଥିବା ସେ କହିଛନ୍ତି। ଡିସେମ୍ବର ୧ରୁ ପୁଣିଥରେ କଡ଼ାକଡ଼ି ଭାବେ ଟ୍ରାଫିକ ନିୟମ ଲାଗୁ ହେବା ପରେ ସବୁଦିନ ପ୍ରାୟ ୩ ହଜାରରୁ ଅଧିକ ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ୨ ତାରିଖରେ ମୋଟ ୩୩୪୯ ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ବେଳେ ୩ ତାରିଖରେ ୩୫୫୫ ଜଣ ଏବଂ ୪ ତାରିଖରେ ୩୦୨୭ ଜଣଙ୍କଠାରୁ ଟ୍ରାଫିକ ନିୟମ ଉଲ୍ଲଂଘନ କାରଣରୁ ଚାଲାଣ କଟାଯାଇଛି। ସେହିପରି ଆରମ୍ଭ ଦିନରେ ଏନ୍‌ଆଇସି ଦେଇଥିବା ତଥ୍ୟ ଅନୁଯାୟୀ ୬୩୩ ଜଣଙ୍କଠାରୁ ଚାଲାଣ କଟାଯାଇଥିଲା। ଯଦି ଏହାକୁ ହିସାବକୁ ନିଆଯାଏ ତେବେ ୫ ତାରିଖ ସୁଦ୍ଧା ମୋଟ ୧୦,୪୬୪ରୁ ଅଧିକ ଟ୍ରାଫିକ ନିୟମ ଉଲ୍ଲଂଘନକାରୀ ଜରିମାନା ଦେଲେଣି। ତେବେ ଆସନ୍ତା ୧୮ ତାରିଖରେ ରୋଡ୍ ସେଫ୍‌ଟି କାଉନସିଲ୍ ବୈଠକ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ।

# ମୃତ୍ତିକା ପରୀକ୍ଷା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

**ବିଶ୍ୱ ମୃତ୍ତିକା ଦିବସ**

**ମାଟିର ଉର୍ବରତା, ସୁରକ୍ଷା ପାଇଁ ଆବଶ୍ୟକ ଜନସଚେତନତା**

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଭଲ ମାଟି ହେବା ପାଇଁ ହଜାର ହଜାର ବର୍ଷ ଲାଗିଥାଏ। ହେଲେ ବର୍ତ୍ତମାନ ସ୍ଥିତିରେ ଯେଉଁ ପରିମାଣରେ ମୃତ୍ତିକା କ୍ଷୟ ହେଉଛି, ତାହା ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରିବ। ତେଣୁ ସମ୍ପୂର୍ଣ୍ଣ ଜୀବଜଗତ ଓ ଉଦ୍ଭିଦଜଗତର ଆଧାର ମାଟିର ସୁରକ୍ଷା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ବୋଲି କୃଷି ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। କୃଷି ଭବନରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ ଏହା କହିଛନ୍ତି।

ଡକ୍ଟର ଅରୁଣ କହିଛନ୍ତି, ମାନବ ସଭ୍ୟତାକୁ ବଞ୍ଚାଇବାକୁ ହେଲେ ମାଟିର ଉର୍ବରତା ଓ ସୁରକ୍ଷା ଏକାନ୍ତ ଆବଶ୍ୟକ। ଏଥି ନିମନ୍ତେ ବର୍ଷ ସାରା ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ପ୍ରତିବର୍ଷ ସମଗ୍ର ବିଶ୍ୱରେ ପ୍ରାୟ ୭୫ ବିଲିୟନ୍ ଟନ୍ ମୃତ୍ତିକା କ୍ଷୟ ଘଟିଥାଏ। ମୃତ୍ତିକା କ୍ଷୟ ଉଭୟ ପ୍ରାକୃତିକ ଓ ମାନବକୃତ ହୋଇଥିବାରୁ ମାଟିର ଦୁରୁପଯୋଗ ଓ ଅବିଚାରିତ ଭାବେ ବ୍ୟବହାର ଦିଗରେ ସତର୍କ ହେବାକୁ ପଡ଼ିବ। ମାଟିରେ ବିଭିନ୍ନ ଖଣିଜ ଲବଣ, ଜୈବିକ ତତ୍ତ୍ୱ, ବାୟୁ ସମେତ ୧୮ ପ୍ରକାର ଗୁଣ ରହିଛି, ଯାହା ଖାଦ୍ୟ ଉତ୍ପାଦନରେ ସହାୟକ ହୋଇଥାଏ। ଚାଷୀମାନେ ସଚେତନ ହୋଇ ନିଜ ଆଡୁ ମୃତ୍ତିକା ପରୀକ୍ଷା କରାଇ ଚାଷକାର୍ଯ୍ୟ କରିବା ଦିଗରେ ଆଗଭର ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। କୃଷି ସଚିବ ଡ. ସୌରଭ ଗର୍ଗ କହିଛନ୍ତି ଯେ , ପୁରାକାଳରୁ ଆମ ସଂସ୍କୃତିରେ ମାଟିର ମହତ୍ତ୍ୱ ରହିଆସିଛି। ମୃତ୍ତିକା କ୍ଷୟ ରୋକିବା ଓ ମୃତ୍ତିକାର ଉର୍ବରତା ବିଷୟରେ ଚାଷୀମାନଙ୍କୁ ଜଣାଇବା ନିମନ୍ତେ ଭୂଚେତନା କାର୍ଯ୍ୟକ୍ରମ କରାଯାଇଛି। ବର୍ତ୍ତମାନ ରାଜ୍ୟର ୩୧୪ ବ୍ଲକ୍‌ରେ ମୃତ୍ତିକା ପରୀକ୍ଷଣ ସୁବିଧା ଉପଲବ୍ଧ ହେଉଛି। ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ ମୃତ୍ତିକା ଉର୍ବରତାକୁ ଅବକ୍ଷୟରୁ ରୋକାଯାଇ ପାରିବ। ୨୦୧୮–୧୯ରେ ୧୯ଲକ୍ଷରୁ ଉର୍ଦ୍ଧ୍ୱ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ବୋଲି ଡ. ଗର୍ଗ କହିଥିଲେ। ଇକ୍ରିସାଟ୍‌ର ଥିମ୍ ଲିଡର ଡ. ଶ୍ରୀନାଥ ଦୀକ୍ଷିତ କହିଛନ୍ତି ଯେ, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଖାଦ୍ୟ, ବାସଗୃହ ଓ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ମାଟି ଉପରେ ଅତ୍ୟଧିକ ଚାପ ପଡୁଛି। ଭୂଚେତନା କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଉର୍ବରତା ସମ୍ବନ୍ଧରେ ଜ୍ଞାନ ହାସଲ କରି ଓଡ଼ିଶାର ଚାଷୀମାନେ ବହୁଳ ଭାବେ ଉପକୃତ ହୋଇପାରିବେ। ସେହିପରି କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଏବଂ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର କୁମ୍ଭକର୍ଣ୍ଣ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମୃତ୍ତିକା ଅବକ୍ଷୟର ବିଭିନ୍ନ ଦିଗ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ଖୋର୍ଦ୍ଧା ଓ ପୁରୀ ଜିଲାର କିଛି ଅଗ୍ରଣୀ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା।

### ଫସଲ ପାଇଁ ଚାଷୀ-ବାର୍‌ହା ଲଢ଼େଇ

# ମହିଳା ଚାଷୀଙ୍କ ଜୀବନ ଗଲା

ମହାକାଳପଡା, ୫।୧୨ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକର ଉପାନ୍ତ ଅଞ୍ଚଳରେ ବାର୍‌ହା ଉପଦ୍ରବ ଚାଷୀଙ୍କ ନିଦ ହଜାଇ ଦେଇଛି। ରାତିରେ ବାର୍‌ହା ପଲ ଫସଲ ଉଜାଡ଼ି ଦେଉଥିବାରୁ ଚାଷୀମାନେ ଜୀବନକୁ ବାଜି ଲଗାଇ ବିଲରେ ଜଗି ରହୁଛନ୍ତି। ଫଳରେ ଅନେକ ସମୟରେ ବାର୍‌ହା ଆକ୍ରମଣରେ ଚାଷୀମାନେ ମୃତାହତ ମଧ୍ୟ ହେଉଛନ୍ତି। ଗହୀରମଥା ଶାସିନିପେଟା ରେଞ୍ଜ ଅଞ୍ଚଳରେ ବାର୍‌ହା ଜଗିବାକୁ ଯାଇଥିବା ବେଳେ ବୁଧବାର ରାତିରେ ଜଣେ ମହିଳା ଚାଷୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଭାରତୀ ଜାନା (୬୨)।

ପ୍ରକାଶ ଯେ, ବାର୍‌ହା ପଲ ରାତିରେ କ୍ଷେତରେ ପଶି ଫସଲ ନଷ୍ଟ କରୁଥିବାରୁ ବୁଧବାର ରାତିରେ ଭାରତୀ ତାଙ୍କ ସ୍ୱାମୀ ଝଣ୍ଟୁ ଜାନା ଓ ଅନ୍ୟ କେତେଜଣ ଧାନ କ୍ଷେତ ଜଗିବାକୁ ଯାଇଥିଲେ। ଧାନ କ୍ଷେତ ନିକଟରେ ଥିବା ବାଉଁଶ ମଞ୍ଚାକୁ ଯାଉଥିବା ବେଳେ ଭାରତୀଙ୍କୁ ବାର୍‌ହା ପଲ ଆକ୍ରମଣ କରିଥିଲେ। ଏହାଦେଖି ଅନ୍ୟମାନେ ହୋହଲ୍ଲା କରିବାକୁ ବାର୍‌ହାଗୁଡ଼ିକ ସେଠାରୁ ଚାଲିଯାଇଥିଲେ। ଗହୀରମଥା ରେଞ୍ଜରଙ୍କ ଗାଡ଼ିରେ ଭାରତୀଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଭାରତୀଙ୍କ ପୁଅ ଗଣେଶ ଚନ୍ଦ୍ର ଜାନା ତନ୍ତିଆପାଳ ମେରାଇନ ଥାନା ଓ ଗହୀରମଥା ରେଞ୍ଜରଙ୍କୁ ଲିଖିତ ଭାବେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜିଲା ରେଡ୍‌କ୍ରସ ପାଣ୍ଠିରୁ ଭାରତୀଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ରେଞ୍ଜର ଦେବାଶିଷ ଭୋଇ, ରାଜସ୍ୱ ନିରୀକ୍ଷକ ମାନସ ଚନ୍ଦ୍ର ନାଥ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ରାଜ୍ୟ ଭାଜପା ଉପସଭାପତି ଭୁବନ ମୋହନ ଜେନାଙ୍କ ସମେତ କେତେଜଣ କର୍ମୀ ଭାରତୀଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ଦେବା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୩ ଅକ୍ଟୋବର ୧୮ ରେ ଉକ୍ତ ରେଞ୍ଜ ଅଧୀନ ରଟଙ୍କ ଗ୍ରାମର ଚାଷୀ କିରିଟ ମଣ୍ଡଳଙ୍କର ବାର୍‌ହା ଆକ୍ରମଣରେ ମୃତ୍ୟୁ ହୋଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରେଞ୍ଜ କାର୍ଯ୍ୟାଳୟକୁ ପେଟ୍ରୋଲ ପକାଇ ଜାଳି ଦେଇଥିଲେ।

# ବିଜୁ ଯୁବ ବାହିନୀ ଆରମ୍ଭ କରିବ 'ନନ୍ଦିନୀ'

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ବାଲ୍ୟବିବାହ, ଯୌତୁକ ଏବଂ ଘରୋଇ ହିଂସା ବିରୋଧରେ ସଚେତନତା ପାଇଁ ବିଜୁ ଯୁବ ବାହିନୀ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ 'ନନ୍ଦିନୀ' ଆରମ୍ଭ କରାଯିବ। ଯୁବ ବାହିନୀ ସ୍ୱେଚ୍ଛାସେବୀମାନେ ୩୧୪ଟି ବ୍ଲକ ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମ ଓ ୱାର୍ଡରେ ଏହି ସଂସ୍କାରମୂଳକ କାର୍ଯ୍ୟକ୍ରମ କରିବେ। ସେମାନେ ପୋଷ୍ଟର ଓ ପ୍ଲାକାର୍ଡ ମାଧ୍ୟମରେ ପ୍ରଚାର ସହ ଘରକୁ ଘର ଯାଇ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବେ। ଏଥିସହିତ ବିଭିନ୍ନ ସରକାରୀ ନିୟମ ଓ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବେ। ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜନ କରାଯାଇ ସମ୍ପୃକ୍ତ ଅଞ୍ଚଳକୁ ବାଲ୍ୟବିବାହ ମୁକ୍ତ, ଯୌତୁକ ମୁକ୍ତ ଏବଂ ଘରୋଇ ହିଂସାମୁକ୍ତ ଅଞ୍ଚଳ ଭାବେ ଗଠନ କରିବା ପାଇଁ ସଙ୍କଳ୍ପ ସଭାମାନ ଆୟୋଜନ କରିବେ। ନନ୍ଦିନୀ କାର୍ଯ୍ୟକ୍ରମର ପ୍ରାକ୍ ପ୍ରସ୍ତୁତି ବୈଠକ ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା, ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୁବ କଲ୍ୟାଣ ପରିଷଦ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ କୁମାର ନାୟକ, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ ପ୍ରମୁଖ ଯୋଗଦେଇଥିଲେ।

# ୧୪ ମାସ ପରେ ବୋଟିଂ ବ୍ୟବସ୍ଥା




ପର୍ଯ୍ୟଟକଙ୍କ ପାଇଁ କିଣାଯାଇଥିବା ନୂଆ ବୋଟ୍।

- ୫୦ ଲକ୍ଷରେ କିଣାଯାଇଛି ୫ ବୋଟ୍
- ୧୬ ଶହ ଟଙ୍କାରେ ବୁଲିବେ ୪୫ ମିନିଟ୍
- ତାଲିମପ୍ରାପ୍ତ ଚାଳକ, ଗାଇଡ୍ ନିଯୁକ୍ତ

ବନ୍ତଳା, ୫।୧୨(ଡି.ଏନ.ଏ.)

ବାଘୁଣୀ ସୁନ୍ଦରୀ ଆକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ଓ ବ୍ୟାପକ ପୋଡ଼ାଜଳା ପରଠାରୁ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଗଣ୍ଡରେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ହୋଇଯାଇଥିବା ବୋଟିଂ ବ୍ୟବସ୍ଥା ୧୪ ମାସ ପରେ ପୁନଃ ଆରମ୍ଭ ହୋଇଛି। ବନ ବିଭାଗ ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ୫ଟି ବୋଟ୍ କିଣାଯାଇଥିବାରୁ ଏବେ ପର୍ଯ୍ୟଟକମାନେ ପୂର୍ବପରି ସାତକୋଶିଆର ସୌନ୍ଦର୍ଯ୍ୟକୁ ଭରପୂର ଉପଭୋଗ କରିପାରିବେ। ଉକ୍ତ ୫ଟି ବୋଟ୍ ମଧ୍ୟରୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ୨ଟି ଓ ବନ୍ୟପ୍ରାଣୀ ପିସିସିଏଫଙ୍କ ତତ୍ତ୍ୱାବଧାନରେ ୩ଟି ବୋଟ କ୍ରୟ କରାଯାଇଛି। ଇତିମଧ୍ୟରେ ନୂତନ ବୋଟ୍‌ର ପୂଜାର୍ଚ୍ଚନା ସହ ପର୍ଯ୍ୟଟକଙ୍କୁ ବୁଲାଇବା ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରତ୍ୟେକ ବୋଟ୍‌ରେ ୮ ଜଣ ଲେଖାଏ ବସିବାର ବ୍ୟବସ୍ଥା ରହିଛି। ଦୁଇଟି ବୋଟ୍‌କୁ ଇକୋଟୁରିଜିମ ପାଇଁ ଦିଆଯାଇଛି। ଗୋଟିଏ ବୋଟ୍ ବୁକିଂ କରିବାକୁ ପର୍ଯ୍ୟଟକମାନଙ୍କୁ ୧୬ ଶହ ଟଙ୍କା ଦେବାକୁ ପଡିବ। ସେମାନେ ଗଣ୍ଡରେ ୪୫ ମିନିଟ୍ ବୁଲିବା ସହିତ ବିଦେଶୀ ପକ୍ଷୀ, ଘଡ଼ିଆଳ ଓ ମଗର କୁମ୍ଭୀର ଦେଖି ପାରିବେ। ବୋଟ୍‌ରେ ଲାଇଫ ଜ୍ୟାକେଟର ବ୍ୟବସ୍ଥା ଥିବାବେଳେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଚାଳକଙ୍କୁ ନିଯୁକ୍ତି ସହିତ ଗାଇଡଙ୍କୁ ମଧ୍ୟ ସେବାରେ ରଖାଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୮ ସେପ୍ଟେମ୍ବର ୧୨ରେ ବାଘୁଣୀ ସୁନ୍ଦରୀ ଆକ୍ରମଣରେ ଟିକରପଡା ପଞ୍ଚାୟତ ହାତୀବାରି ଗ୍ରାମର କୈଳାସ ସାଏ (୫୦)ଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ରେଞ୍ଜ କାର୍ଯ୍ୟାଳୟ, ବିଟ ଘର, ବନ ବିଭାଗ ବଙ୍ଗଳା ସହିତ ଗଣ୍ଡରେ ଥିବା ୫ଟି ବୋଟ୍‌କୁ ପୋଡ଼ି ଦେଇଥିଲେ। ସେବେଠାରୁ ଗଣ୍ଡରେ ପର୍ଯ୍ୟଟକମାନଙ୍କ ପାଇଁ ବୋଟ୍‌ରେ ବୁଲିବା ବ୍ୟବସ୍ଥା ବନ୍ଦ ହୋଇ ଯାଇଥିଲା।

### କୋଷ୍ଟାଲ ହାଇୱେ ପ୍ରସଙ୍ଗ

## ସାତପଡ଼ାରୁ ଦୀଘା ଯାଏ ରାଜ୍ୟ ସରକାରଙ୍କ ଅନୁମତି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ପଶ୍ଚିମବଙ୍ଗର ଦୀଘାଠାରୁ ଓଡ଼ିଶାର ଗୋପାଳପୁର ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନିର୍ମାଣ କରାଯିବ। ହେଲେ ଦୀଘାରୁ ଗୋପାଳପୁର ପର୍ଯ୍ୟନ୍ତ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁମତି ମିଳିନାହିଁ। ରାଜ୍ୟ ସରକାର ସାତପଡାରୁ ଦୀଘା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ପାଇଁ ସମ୍ମତି ଦେଇନାହାନ୍ତି ବୋଲି ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲିକ ସୂଚନା ଦେଇଛନ୍ତି। କୋଣାର୍କ–ଅସ୍ତରଙ୍ଗ, ରତନପୁର–ଧାମରା–ବାସୁଦେବପୁର ଏବଂ ଚାନ୍ଦିପୁର ରାସ୍ତାର ନିର୍ମାଣ କରାଯିବ। ହେଲେ ସାତପଡାରୁ ଗୋପାଳପୁର ପର୍ଯ୍ୟନ୍ତ ହାଇୱେ ନିର୍ମାଣ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ତେଣୁ ଏଥିପାଇଁ ଆଗାମୀ ଦିନରେ କେନ୍ଦ୍ର–ରାଜ୍ୟ ମଧ୍ୟରେ ଆଲୋଚନା ହେବ ବୋଲି ଜଣାପଡିଛି। ବିଶେଷ କରି ଜୈବବିବିଧତା ଏବଂ ପରିବେଶଗତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ଚିଲିକା ଦେଇ ନିର୍ମାଣ ନେଇ ଦ୍ୱନ୍ଦ୍ୱ ରହିଛି। ଏହି ନୂତନ ଜାତୀୟ ରାଜପଥ ୫୧୬–ଏ'ର ନିର୍ମାଣ ନେଇ ଦୀର୍ଘଦିନ ଧରି କେନ୍ଦ୍ର–ରାଜ୍ୟ ମଧ୍ୟରେ ଟଣାଓଟରା ଲାଗିରହିଥିଲା। ଏପରି କି ଗତ ସାଧାରଣ ନିର୍ବାଚନରେ ଏହି ପ୍ରକଳ୍ପ ବିଳମ୍ବ ନେଇ କେନ୍ଦ୍ର–ରାଜ୍ୟ ପରସ୍ପରକୁ ଦୋଷାରୋପ କରିଥିଲେ।

### ଦ୍ୱାଦଶ,ଦଶମ ପରୀକ୍ଷାରେ ସ୍ୱଚ୍ଛତା ପାଇଁ ପ୍ରୟାସ

# ପରୀକ୍ଷା ସେଣ୍ଟରରେ ଲାଗିବ କ୍ୟାମେରା

- ଯୁକ୍ତ୨ ପରୀକ୍ଷା ଦାୟିତ୍ୱରେ ରହିବା ଅଧ୍ୟାପକଙ୍କୁ ଯୁକ୍ତ ୩ ପରୀକ୍ଷା ଦାୟିତ୍ୱ ନ ଦେବାକୁ ଅନୁରୋଧ
- ଜିଏମ୍ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ସମସ୍ୟା ବିଷୟରେ ଆଲୋଚନା ଆଜି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ସ୍ୱଚ୍ଛତା ରଖିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗତବର୍ଷ ଦ୍ୱାଦଶ ପରୀକ୍ଷା ସମୟରେ କେତେଗୁଡ଼ିଏ ସେଣ୍ଟରରେ କ୍ୟାମେରା ଲଗିଥିଲା। ଏଥର ସେହିସବୁ ପରୀକ୍ଷା ସେଣ୍ଟର ସମେତ ଯେଉଁ ଗୁଡିକରେ କ୍ୟାମେରା ଲାଗି ନ ଥିଲା ତା'ର ରିପୋର୍ଟ ପ୍ରସ୍ତୁତ କରାଯିବ। ସବୁ ଯୁକ୍ତ ୨ କଲେଜର ପରୀକ୍ଷା ସେଣ୍ଟରରେ କିପରି କ୍ୟାମେରା ଲଗାଯିବ ତା' ଉପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁତ୍ୱ ଦେଇଛନ୍ତି। ଗତ ୩ ତାରିଖରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମନ୍ତ୍ରୀ ଦାଶଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ବୈଠକରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ପ୍ରସ୍ତାବ ରଖାଯାଇଥିବା ଜଣାପଡିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବହି ଛପା, କୋର୍ସ ଫି ବାବଦରୁ ମିଳୁଥିବା ଟଙ୍କାରେ ପ୍ରତ୍ୟେକ ପରୀକ୍ଷା ସେଣ୍ଟରରେ କ୍ୟାମେରା ଲଗାଇବାର ବ୍ୟବସ୍ଥା କରିବ। ଆସନ୍ତା ମାସକ ମଧ୍ୟରେ କେତେ କଲେଜରେ କ୍ୟାମେରା ବ୍ୟବସ୍ଥା ଅଛି ଆଉ କେତୋଟିରେ କରିବାକୁ ପଡ଼ିବ ସେନେଇ ରିପୋର୍ଟ ପ୍ରସ୍ତୁତ କରି ମନ୍ତ୍ରୀଙ୍କ ନିକଟରେ ରଖିବେ। ସେହିପରି ଯେଉଁସବୁ କଲେଜରେ ପରୀକ୍ଷା ସେଣ୍ଟର ପାଇଁ ସମସ୍ୟା ରହିଛି ସେ ବାବଦରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷା ନେଇ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଯୁକ୍ତ ୨ ପରୀକ୍ଷା ପାଇଁ ଜିଏମ୍ ବିଶ୍ୱବିଦ୍ୟାଳୟ କ୍ଲାସରୁମ୍ ଦେଇପାରିବ ନାହିଁ ବୋଲି ମନା କରିଦେଇଛି। ପରୀକ୍ଷା କରିବା ଲାଗି କ୍ଲାସ୍‌ରୁମ୍ ନ ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମନା କରାଯାଉଥିବା କୁହାଯାଉଛି। ଏପରି କେତେଗୋଟି କଲେଜରେ ସମସ୍ୟା ଅଛି ସେନେଇ ମନ୍ତ୍ରୀ ଦାଶ ପଚାରିଥିବା ବେଳେ ସମ୍ପୂର୍ଣ୍ଣ ରିପୋର୍ଟ ଆସି ନ ଥିବା ଜଣାପଡିଛି। ତେଣୁ ପ୍ରଥମେ ପରୀକ୍ଷା ବାବଦରେ ଜିଏମ୍ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ସୁନ୍ଦରଲାଲ୍ ସିଲ୍‌ଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ଶୁକ୍ରବାର ସୁନ୍ଦରଲାଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗସ୍ତ କରି ଏ ବାବଦରେ କୁଳପତିଙ୍କ ସହ ଆଲୋଚନା କରିବେ। ଏହାସହିତ କେଉଁସବୁ କଲେଜରେ ଲାଇନ ଏବଂ ଇଣ୍ଟରନେଟର ସମସ୍ୟା ଅଛି ତା'ର ମଧ୍ୟ ରିପୋର୍ଟ ସଂଗ୍ରହ ଲାଗି କୁହାଯାଇଛି। ଅପରପକ୍ଷରେ ଦଶମ ଶ୍ରେଣୀ ପରୀକ୍ଷା ସେଣ୍ଟରରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଛି। କେତେ ବିଦ୍ୟାଳୟରେ ପରୀକ୍ଷା ହେବ ଏବଂ କ୍ୟାମେରା ଲାଗିବା ଦରକାର ତା'ର ରିପୋର୍ଟ ସଂଗ୍ରହ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦକୁ କୁହାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ ରିପୋର୍ଟ ସଂଗ୍ରହ କରି ମାସକ ମଧ୍ୟରେ ମନ୍ତ୍ରୀଙ୍କ ନିକଟରେ ଦାଖଲ କରିବେ। ଅନ୍ୟପଟେ ଯେଉଁ ଅଧ୍ୟାପିକାମାନେ ଯୁକ୍ତ ୨ ପରୀକ୍ଷା ଦାୟିତ୍ୱରେ ରହିବେ ଏବଂ ପରୀକ୍ଷା ଖାତା ଦେଖିବେ ସେମାନଙ୍କୁ ଯୁକ୍ତ ୩ ପରୀକ୍ଷା ଦାୟିତ୍ୱ ନ ଦେବା ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ଅନୁରୋଧ କରାଯାଇଥିବା ଜଣାପଡିଛି।



କୌଣସି କଥାରେ ମତପ୍ରକାଶ କରିବି ନାହିଁ ବୋଲି ଯେ କହେ,
ଶେଷରେ ସେ ଜଣେ ଦୁର୍ବଳମନା ବ୍ୟକ୍ତି ବୋଲି ପରିଚିତ ହୋଇଯାଏ।
- ଲିଓ ଟଲଷ୍ଟୟ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବହୁଜନ ଏକତା ପରିଷଦ ଓ ଭାରତୀୟ ବୌଦ୍ଧ ମହାସଭା ପକ୍ଷରୁ ଡ.ବି.ଆର ଆମ୍ବେଦକରଙ୍କ ଶ୍ରାଦ୍ଧଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ, ଏ.ଜି.ଛକ, ସକାଳ ୮ଟା।
- ସିଭିଲ ଡିଫେନ୍ସ ଅଫିସର ବାର୍ଷିକ ଉତ୍ସବ, ଓଡ଼ିଶା ଅଗ୍ନି ଓ ବିପର୍ଯ୍ୟୟ ଏକାଡେମୀ ପରିସର, ସକାଳ ୯ଟା ୩୦।
- ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର, ଇମେଜ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ରାଜ୍ୟର ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ କାର୍ଡ ଉନ୍ମୋଚନ, ଗୀତଗୋବିନ୍ଦ ଭବନ, ପୂର୍ବାହ୍ନ ୧୦ଟା ୩୦।
- ମହିଳା ଅଧିକାର ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ହେଲ୍ପମେଟ ଦ୍ୱାରା ରାଜ୍ୟସ୍ତରୀୟ ଦିବ୍ୟାଙ୍ଗଙ୍କ ଶିଶୁ ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା।
- ଜଳସେଚନ ସାଂସ୍କୃତିକ ପରିଷଦର ଦଶମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଏକ୍ସପ୍ରେସନ୍‌ସ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଥିଏଟର ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍, ଝୋଲାସାହି, ସକାଳ ୯ଟା ୩୦।
- ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ପାଳନ ଅବସରରେ ମାଲ୍ୟାର୍ପଣ, ଗୋପବନ୍ଧୁ ଭବନ ଓ ସମାଜ ଅଫିସ ଛକ, ବକ୍ସିବଜାର, ପୂର୍ବାହ୍ନ ୧୦ଟା। ଶ୍ରଦ୍ଧାଞ୍ଜଳି ସଭା, ଗୋପବନ୍ଧୁ ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।

**ପୁରୀ**

- ରକ୍ତଦାନ ଶିବିର, ବୀରହରେକୃଷ୍ଣପୁର ପାଠାଗାର, ପୂର୍ବାହ୍ନ ୧୦ଟା।
- ଜୟୀରାଜଗୁରୁଙ୍କ ପୁଣ୍ୟତିଥୀ ଅବସରରେ ପୁଷ୍ପମାଲ୍ୟାର୍ପଣ, ବୀରହରେକୃଷ୍ଣପୁର ଛକ, ଅପରାହ୍ନ ୩ଟା।
- କୃଷକ ମଞ୍ଚ ପକ୍ଷରୁ ବିଶାଳ ଶୋଭାଯାତ୍ରା, ଷ୍ଟେଶନ ରୋଡ, ମଧ୍ୟାହ୍ନ ୧୨ଟା।

## ■ ଆରମ୍ଭ ହେଲା ପ୍ରଥମ ମିଶନ ଶକ୍ତି ମେଳା

# 'ଦିଲ୍ଲୀ ହାଟ୍' ଭଳି ଭୁବନେଶ୍ୱରରେ ହେବ ସ୍ୱତନ୍ତ୍ର ହାଟ

- ■ ମିଶନ ଶକ୍ତି ମୋବାଇଲ୍ ଆପ୍ ଉନ୍ମୋଚିତ
- ■ ୩୦ ଜିଲାରେ ପ୍ରତିଷ୍ଠା ହେବ ୩୦୦ ପ୍ରଡ୍ୟୁସର୍ସ ଗ୍ରୁପ୍
- ■ ୫ ହଜାର କୋଟି ଋଣ ଦେବାକୁ ଲକ୍ଷ୍ୟ



ମନ୍ତ୍ରୀ ଟୁକୁନି ସାହୁ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ମିଶନ ଶକ୍ତି ପ୍ରମୁଖ ସଚିବ ଅନୁ ଗର୍ଗ, ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ ପ୍ରମୁଖ ଷ୍ଟଲ୍ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

ରାଜ୍ୟରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ଭୁବନେଶ୍ୱରରେ ଖୋଲିବ ସ୍ୱତନ୍ତ୍ର ହାଟ। ଦିଲ୍ଲୀର ଅର୍ବାନ ହାଟ୍ ଢାଞ୍ଚାରେ ଏହି ହାଟ ପ୍ରତିଷ୍ଠା ହେବ। ବର୍ଷକ ୧୨ମାସ ଏଠାରୁ ଲୋକେ ଗ୍ରାମୀଣ ଉତ୍ପାଦିତ ଏବଂ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ସାମଗ୍ରୀ କିଣିବାର ଅବସର ପାଇବେ। କେବଳ ଏତିକି ନୁହେଁ, ସୁଦୂର କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ ଓ ରାୟଗଡ଼ା ଆଦି ଜିଲାର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଜଙ୍ଗଲଜାତ ସାମଗ୍ରୀ ମଧ୍ୟ ଏଠାରେ ବର୍ଷତମାମ ଉପଲବ୍ଧ ହେବ। ଏଥିପାଇଁ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ଏକ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ମିଶନ ଶକ୍ତିର ୭୦ ସ୍ଥାୟୀ ଷ୍ଟଲ୍ ଏଠାରେ ଖୋଲିବ। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଘରକରଣା, ଘରସଜ୍ଜା ଓ ଖାଦ୍ୟସାମଗ୍ରୀ କେବଳ ମେଳା, ମହୋତ୍ସବରେ ସୀମିତ ନ ରହି ସବୁବେଳେ ମିଳିପାରିବ ବୋଲି ମିଶନଶକ୍ତି ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ୍ ସୂଚନା ଦେଇଛନ୍ତି।

ମିଶନ ଶକ୍ତି ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ରାଜ୍ୟର ପ୍ରଥମ ମିଶନଶକ୍ତିମେଳାର ଉଦ୍‌ଘାଟନୀ ସମାରୋହରେ ସୁଜାତା କହିଥିଲେ, ପ୍ରଥମଥର ପାଇଁ ଏସ୍‌ଏଚ୍‌ଜି ଉତ୍ପାଦକୁ ମିଶନ ଶକ୍ତି ଦ୍ୱାରା ୟୁନିଫର୍ମ ପ୍ୟାକେଜିଂ କରାଯାଇଛି। ଏଥିପାଇଁ ପରିବେଶ ଉପଯୋଗୀ 'ପଲି ପାଉଚ୍' ବ୍ୟବହାର ହୋଇଥିବାବେଳେ ୟୁନିଫର୍ମ ପ୍ୟାକେଜିଂ ଦ୍ୱାରା ମିଶନ ଶକ୍ତିର ବ୍ରାଣ୍ଡିଂ ସମ୍ଭବ ହୋଇଛି। ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରାଜ୍ୟର ୭୦ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରତି ମହିଳା ଗ୍ରୁପ୍‌କୁ ଏବେ ୩ଲକ୍ଷ ଟଙ୍କାର ଋଣ ଦିଆଯାଉଥିବାବେଳେ ଆଗାମୀ ଦିନରେ ମୋଟ ଋଣ ପରିମାଣକୁ ୫ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

### ୨୧୩ ଷ୍ଟଲରେ ୨୦୦ରୁ ଊର୍ଦ୍ଧ୍ୱ ସାମଗ୍ରୀ

ମେଳାରେ ୨୧୩ ଷ୍ଟଲରେ ହସ୍ତତନ୍ତ, ହସ୍ତଶିଳ୍ପ, ଅଣକାଷ୍ଠ, ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ, ମସଲା ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି। ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ପ୍ରାୟ ୨୦୦ ପ୍ରକାରର ଦ୍ରବ୍ୟ ପ୍ରଦର୍ଶନୀ ଓ ବିକ୍ରୟ ହେଉଛି। ୩୦ ଜିଲାର ୨୫୧ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀ ସେମାନଙ୍କ ସାମଗ୍ରୀ ସହିତ ଅଂଶଗ୍ରହଣ କରିଛନ୍ତି। ଏସ୍‌ଏସ୍‌ଜି ମହିଳାମାନଙ୍କ ଦ୍ୱାରା ଫୁଡ୍ କୋର୍ଟ କରାଯାଇଥିବାବେଳେ ଏଠାରେ ବିଭିନ୍ନ ପିଠାପଣା ସାଙ୍ଗକୁ ମାଣ୍ଡିଆ ବିରିୟାନୀ ଓ ବିଭିନ୍ନ ଲୁପ୍ତପ୍ରାୟ ଓଡ଼ିଆ ଖାଦ୍ୟ ମିଳୁଛି। ମେଳା ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ।

ଓରମାସ୍ ସହିତ ମିଳିତ ଭାବେ ୩୦ ଜିଲାରେ ୩୦୦ ପ୍ରଡ୍ୟୁସର୍ସ ଗ୍ରୁପ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୫ବର୍ଷରେ ଉଭୟ ସାମଗ୍ରୀ ଓ ସେବା କ୍ଷେତ୍ରରେ ୫ହଜାର କୋଟି ଟଙ୍କାର ସରକାରୀ କାମ ମହିଳାମାନଙ୍କୁ ଦିଆଯିବ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିବା କାର୍ତ୍ତିକେୟନ ସୂଚନା ଦେଇଛନ୍ତି।

ମେଳାକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରି ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ମିଶନ ଶକ୍ତି ଦ୍ୱାରା ସ୍ୱତନ୍ତ୍ର ମୋବାଇଲ୍ ଆପ୍‌ର ଉନ୍ମୋଚନ କରିଥିଲେ। ପ୍ରତିବର୍ଷ ଏହି ମେଳାକୁ ବୃହତ୍ ଆକାରରେ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ମିଶନ୍ ଶକ୍ତି ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ, ଏନ୍‌ଆର୍‌ଏଲ୍‌ଏମ୍ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ଼ର ମା'ତାରିଣୀ ଡବ୍ଲ୍ୟୁଏସ୍‌ଏଚ୍‌ଜି, ସୁନ୍ଦରଗଡ଼ର ଦିବ୍ୟଜ୍ୟୋତି ଡବ୍ଲ୍ୟୁଏସ୍‌ଏଚ୍‌ଜି, ଗଞ୍ଜାମର ମା' ବେହେରା ପାତ୍ର ପ୍ରାଇମେରି ଫିସରି ୱିମେନ୍ ଡେଭେଲପ୍‌ମେଣ୍ଟ ସୋସାଇଟିକୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମିଶନ୍ ଶକ୍ତି ଯୁଗ୍ମସଚିବ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ମହିଳାମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରୁଛନ୍ତି।



ଷ୍ଟଲରେ ମିଳୁଥିବା ହାତ ତିଆରି ସାମଗ୍ରୀ।



## ଆହତ ଭାଲୁ ଛୁଆ, ମଣିପୁର ହରିଣ ମା' ଛୁଆ ମୃତ

ବାରଙ୍ଗ,୫।୧୨(ଡି.ଏନ୍.ଏ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ଗୋଟିଏ ଭାଲୁ ଛୁଆ ଜନ୍ମ ହୋଇ ଖୁସିର ବାତାବରଣ ଥିବାବେଳେ ଗୁରୁବାର ଅଚାନକ ଭାଲୁ ଛୁଆ ସହ ଦୁଇଟି ହରିଣର ଜୀବନ ଚାଲିଯିବାରୁ ଦୁଃଖ ଖେଳିଯାଇଛି। ବୁଧବାର ସକାଳେ ଭାଲୁ ସଫାରିରେ ଦେଶୀ ଭାଲୁ ଆରତି ପ୍ରଥମ ସନ୍ତାନ ଜନ୍ମ ଦେଇଥିବାର କର୍ମଚାରୀମାନେ ଦେଖିଥିଲେ। ଖବରପାଇ ଡାକ୍ତରମାନେ ଆସି ଭାଲୁ ଛୁଆର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଥିବାବେଳେ ଛୁଆଟି ଗୋଡ଼ରେ ଥିବା ନଖଗୁଡ଼ିକ ନ ଥିଲା। କିନ୍ତୁ ଦୂରରେ ଥିବା ମା' ଭାଲୁଟି ସେହି ନଖଗୁଡ଼ିକୁ ନେଇ ଚାଟୁଥିବାବେଳେ ପ୍ରାୟ ଘଣ୍ଟାଏ ଅପେକ୍ଷା କରିଥିଲେ ମଧ୍ୟ ଛୁଆ ନିକଟକୁ ଆସି ନ ଥିଲା। ଫଳରେ ଡାକ୍ତରମାନେ ଆହତ ଛୁଆକୁ ଡାକ୍ତରଖାନାର ଲାଳନପାଳନ ଗୃହରେ ରଖାଯାଇଥିବାବେଳେ ଗୁରୁବାର ସକାଳେ ସେ ମରିପଡିଥିବାର ଦେଖାଯାଇଥିଲା। ଜନ୍ମିତ ଛୁଆର ନଖ ସବୁ ଉଠିଯାଇଥିବାରୁ ଅତ୍ୟଧିକ ଯନ୍ତ୍ରଣା ସହ୍ୟ ନ କରିପାରି ମୃତ୍ୟୁ ହୋଇଥିବା ଡାକ୍ତରମାନେ କହିଛନ୍ତି। ସେହିଭଳି ୩୬ କ ଏନକ୍ଲୋଜରରେ ଥିବା ମଣିପୁର ହରିଣ ଗୁରୁବାର ସକାଳେ ୧୦ଟାରେ ଏକ ମଲାଛୁଆ ଜନ୍ମ କରିଛି। ଏହାର କିଛି ସମୟ ପରେ ହିଁ ମା'ର ମଧ୍ୟ ମୃତ୍ୟୁ ହୋଇଯାଇଛି। ହରିଣଟି ମଲାଛୁଆ ଜନ୍ମ ଦେବା ପରେ ଡାକ୍ତରମାନେ ଆସି ଦେଖିଥିଲେ। କିନ୍ତୁ ସେତେବେଳେ ହରିଣର ଫୁଲଟି ବାହାରି ରହିଥିବାରୁ ଡାକ୍ତରମାନେ ନିଶା ଦେଇ ଫୁଲକୁ ଭିତରକୁ ପୂରାଇ ସିଲାଇ କରି ଆସିଥିଲେ। କିନ୍ତୁ ଅପରାହ୍ନରେ ଦେଖିବାବେଳେ ହରିଣଟିର ମୃତ୍ୟୁ ହୋଇଯାଇଥିଲା। ଫଳରେ ମଣିପୁର ହରିଣ ସଂଖ୍ୟା ହ୍ରାସ ପାଇ ୧୧ରେ ପହଞ୍ଚିଛି। ସେଥି ମଧ୍ୟରେ ୬ ଅଣ୍ଡିରା ଓ ୫ ମାଈ ଥିବାର ଜଣାପଡ଼ିଛି।

## ମଝି ଆକାଶରୁ ଫେରିଲା ବିମାନ

ଭୁବନେଶ୍ୱର, ୫।୧୨(ବ୍ୟୁରୋ): ମୁମ୍ବାଇରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ଏ-୩୨୦ ବିମାନ ଗୁରୁବାର ପୁନଶ୍ଚ ମୁମ୍ବାଇରେ ଜରୁରୀ ଅବତରଣ କରିଛି। ମଝି ଆକାଶରେ ବିମାନର ଇଞ୍ଜିନ ବହୁତ ଜୋର୍‌ରେ ଥରିବାରୁ ୧୮୦ ଯାତ୍ରୀଙ୍କୁ ନେଇ ମୁମ୍ବାଇ ଫେରିଥିଲା ଏହି ବିମାନ। ସକାଳ ୯.୩୮ରେ ଉଡ଼ାଣ କରିଥିବା ଏହି ବିମାନ ୧୩ ହଜାର ଫୁଟ୍ ଉପରେ ପାଇଲଟ୍ ଇଞ୍ଜିନ ଥରୁଥିବା ଜାଣିବାକୁ ପାଇଲେ। ଦୁଇ ଇଞ୍ଜିନ ବିଶିଷ୍ଟ ଏହି ବିମାନଟିକୁ ପାଇଲଟ୍ ୧୦.୩୫ରେ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ।

# ଇଷ୍ଟକୋଷ୍ଟର ଟିଟିଆଇ ପାର୍ବତୀ

### ମାସେ ହେବ ଓପନ ଡ୍ୟୁଟି କରୁଛନ୍ତି



**କଟକ ଅଫିସ,୫।୧୨**

ଟ୍ରେନ୍ ଟିକେଟ୍ ଇନ୍ସପେକ୍ଟର(ଟିଟିଆଇ) ଡ୍ୟୁଟି ଅତ୍ୟନ୍ତ କଷ୍ଟକର। ଡ୍ୟୁଟିବେଳେ ଅନେକ ସମୟରେ ପ୍ରତିକୂଳ ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥାଏ। ଗୋଟିଏ ଜୋନ୍‌ରୁ ଅନ୍ୟ ଜୋନ୍‌କୁ ଯିବାକୁ ପଡ଼େ। ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସହ ପାଟିତୁଣ୍ଡ ହେବାର ମଧ୍ୟ ସମ୍ଭାବନା ରହିଥାଏ। ତେଣୁ ମହିଳାଙ୍କ ଅପେକ୍ଷା ପୁରୁଷ ଏହି ଡ୍ୟୁଟିରେ ନିଯୁକ୍ତ ଥାନ୍ତି। କେତେଜଣ ମହିଳାଙ୍କୁ ଟିଟିଆଇ ଡ୍ୟୁଟି ମିଳିଥିଲେ ମଧ୍ୟ ସେମାନେ କେବଳ ରେଲ୍‌ୱେ ଷ୍ଟେଶନରେ ହିଁ ଏହି ଡ୍ୟୁଟି କରନ୍ତି। ତେବେ ଇଷ୍ଟକୋଷ୍ଟ ରେଲ୍‌ୱେରେ ଏବେ ଜଣେ ମହିଳାଙ୍କୁ ଓପନ ଡ୍ୟୁଟି କରୁଥିବା ଦେଖିବାକୁ ମିଳୁଛି। ସେ ହେଲେ ଓଡ଼ିଶାର ଅନ୍ୟତମ ଅନ୍ତର୍ଜାତୀୟ ଆଥ୍‌ଲେଟ୍ ପାର୍ବତୀ ସେଠୀ। ପ୍ରାୟ ୧ମାସ ହେବ ପାର୍ବତୀ ଏହି ଡ୍ୟୁଟି କରୁଥିବାବେଳେ ପ୍ରତିଦିନ କଟକ ରେଲ୍‌ୱେ ଷ୍ଟେଶନ୍‌ରୁ ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ପାର୍ବତୀଙ୍କ ଏହି ପଦକ୍ଷେପ ପୂର୍ବତଟ ରେଲ୍‌ୱେରେ ଚର୍ଚ୍ଚାର ବିଷୟ ହୋଇଛି।

କିଛିଦିନ ତଳେ ଇଟାଲୀରୁ ଅନ୍ତର୍ଜାତୀୟ ମେଡାଲ ଧରି ପାର୍ବତୀ ଓଡ଼ିଶା ଫେରିଥିଲେ। ୧୯୯୯ରୁ ଇଷ୍ଟକୋଷ୍ଟ ରେଲ୍‌ୱେ ଚାକିରି କରିଥିବା ପାର୍ବତୀ ଇଟାଲୀରୁ ଫେରିବା ପରେ ଖୋର୍ଦ୍ଧା ଡିଭିଜନ ଡିଆର୍‌ଏମ୍ ଶଶିକାନ୍ତ ସିଂଙ୍କୁ ଭେଟିଥିଲେ। ଏହି ସମୟରେ ପାର୍ବତୀ ଖେଳ ଅଭ୍ୟାସ ପାଇଁ ଅଧିକ ସମୟ ଦେବାକୁ ଡିଆର୍‌ଏମ୍‌ଙ୍କୁ ନିବେଦନ କରିଥିଲେ। ଷ୍ଟେଶନରେ ରହିଲେ ତାଙ୍କୁ ପୂରା ୮ଘଣ୍ଟା ଡ୍ୟୁଟି କରିବାକୁ ପଡୁଥିବାରୁ ସେ ଓପନ ଡ୍ୟୁଟି କରିବା ପାଇଁ ଡିଆର୍‌ଏମ୍‌ଙ୍କୁ ଅନୁରୋଧ କରିଥିଲେ। ହେଲେ ଡିଆର୍‌ଏମ୍ ତାଙ୍କୁ ଏହି ଡ୍ୟୁଟି ନ କରିବା ପାଇଁ କହିଥିଲେ। ମାତ୍ର ନିଜେ ନିଜର ସୁରକ୍ଷା କରିପାରିବେ ଓ ଯେ କୌଣସି ଅପ୍ରୀତିକର ପରିସ୍ଥିତିକୁ ସମ୍ମୁଖୀନ ହେବାର ଦକ୍ଷତା ରଖିଛନ୍ତି ବୋଲି ସେ ତାଙ୍କୁ ଜଣାଇଥିଲେ। ଫଳରେ ଡିଆର୍‌ଏମ୍ ତାଙ୍କୁ ସାବାସୀ ଦେବା ସହ ଏହି ଡ୍ୟୁଟି ଦେବା ପାଇଁ ସିନିୟର ଡିସିଏମ୍ ପି.କେ. ସାମଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ପାର୍ବତୀ ଏହି ଡ୍ୟୁଟି କରି ଆସୁଛନ୍ତି। ତେବେ ଓପନ ଡ୍ୟୁଟିରେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ନିର୍ଦ୍ଦିଷ୍ଟ କାମ ଶେଷ ହେବା ପରେ ଡ୍ୟୁଟି ସରିଥାଏ ବୋଲି ରେଳ ବିଭାଗର ନିୟମ ରହିଛି। ଏ ସମ୍ପର୍କରେ ପାର୍ବତୀ କହନ୍ତି, ମୁଁ ଜଣେ ଆଥ୍‌ଲେଟ୍, ଯେ କୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ସାହସ ରଖିଛି। ଘରେ ୯ବର୍ଷର ପୁଅ ଓ ସ୍ୱାମୀ ରହିଥିବାବେଳେ ସମସ୍ତଙ୍କ ଦାୟିତ୍ୱ ଠିକ୍ ସମୟରେ ତୁଲାଇବାରେ କୌଣସି ଅସୁବିଧା ହେଉନାହିଁ। ଅନ୍ୟ ଝିଅମାନେ ଏହି ଡ୍ୟୁଟି କରିବାରେ କୌଣସି ଅସୁବିଧା ନାହିଁ, କେବଳ ନିଜର ଇଚ୍ଛାଶକ୍ତି ଓ ସାହସ ରହିବା ଆବଶ୍ୟକ।

## ଜେଲ ଗଲେ ଓଜନ ମାପ ସହକାରୀ ନିୟନ୍ତ୍ରକ

- ■ ଭିଜିଲାନ୍ସ ଠାବ କରିଥିଲା ବିପୁଳ ସମ୍ପତ୍ତି

**କଟକ ଅଫିସ, ୫।୧୨**

ଭୁବନେଶ୍ୱର ଓଜନ ଓ ମାପ ବିଭାଗର ସହକାରୀ ନିୟନ୍ତ୍ରକ ରାମଚନ୍ଦ୍ର ଦଳେଇଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୬୬/୧୯) ରୁଜୁ କରାଯାଇ ଦଳେଇଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ଦଳେଇ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ବୁଧବାର ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର, ଅଫିସ ଆଦି ସ୍ଥାନରେ ଚଢାଉ କରାଯାଇଥିଲା। ଚଢାଉରୁ ମୋଟ୍ ୧ କୋଟି ୨୫ ଲକ୍ଷ ୪୫ହଜାର ୧୧୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତେବେ ଭିଜିଲାନ୍ସ ପକ୍ଷରୁ ଦଳେଇଙ୍କ ସମ୍ପତ୍ତି ବାବଦରେ ଅଧିକ ଖୋଳତାଡ଼ କରାଯିବାରୁ ସମ୍ପତ୍ତି ପରିମାଣ ୧ କୋଟି ୨୬ ଲକ୍ଷ ୧୫ହଜାର ୨୮୬ ଟଙ୍କା ହୋଇଥିଲା। ଏହି ସମ୍ପତ୍ତି ବାବଦରେ ଦଳେଇ ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ବାଦଲ



ବୀରବର



ଶ୍ରୁତିସଙ୍ଗମ



ଅବିନାଶ



ନିଶାର୍



ବରୁଣ



କ୍ରିଷ୍ଣା



ରାଜୀବ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ,
ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍



## ସଂକ୍ଷେପରେ

### ନଦୀପଠାରୁ ମିଳିଲା ନାବାଳିକାଙ୍କ ମୃତଦେହ

#### ବଳାତ୍କାର ପରେ ହତ୍ୟା ସନ୍ଦେହ: ଜଣେ ଅଟକ

**ପୁରୀ ଅଫିସ, ୫।୧୨:** କାକଟପୁର ଥାନା ଅଧୀନ ବାଉରିଆକଣ ନିକଟ ଦେବୀ ନଦୀପଠାରୁ ଗୁରୁବାର ଜଣେ ନାବାଳିକା(୧୨)ଙ୍କ ମୃତଦେହ ମିଳିଛି। ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ମୃତଦେହକୁ ନଦୀପଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ପୁରୀ ପୋଲିସ କ୍ୱାର୍ଟର୍ସ ଗଣବଳାତ୍କାର ଘଟଣା ମନରୁ ନ ଲିଭୁଣୁ ଏହି ଘଟଣା ପୁଣି ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରୁ ସମ୍ପୃକ୍ତ ନାବାଳିକା ଘରୁ ନିଖୋଜ ଥିଲେ। ଏ ନେଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ପତ୍ତା ନ ପାଇବାରୁ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଦଫା ଆଇପିସି ୩୦୨, ୩୪ରେ କେସ୍ ନଂ. ୧୮୧/୧୯ ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ଅନୁସନ୍ଧାନ ପରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରି ଜଣଙ୍କୁ ଅଟକ ରଖିଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବୁଧବାର ଜଣେ ବ୍ୟକ୍ତି ନାବାଳିକାଙ୍କ ପରିବାରର ଏକ ମୋବାଇଲ ଫୋନରେ କଥାବାର୍ତ୍ତା ହୋଇଥିଲେ। ମୋବାଇଲ କଲ୍‌କୁ ଆଧାର କରି ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଧରିଥିବା ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁଜିତ କୁମାର ସାହୁ କହିଛନ୍ତି।

### ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ ଟଳିଲା

#### ୨ ଜଣଙ୍କୁ କାବୁକଲେ ଲୋକେ

**ପୁରୀ ଅଫିସ, ୫।୧୨:** ବାଲୁଖଣ୍ଡ ଅଭୟାରଣ୍ୟରେ ଗୁରୁବାର ରାତିରେ ବଡ଼ଧରଣର ଅଗ୍ନିକାଣ୍ଡ ଟଳିଯାଇଛି। ନଚେତ ନିଆଁ ଲାଗି ବ୍ୟାପକ ଗଛଲତା ଜଳିଯିବା ସାଙ୍ଗକୁ ବନ୍ୟଜନ୍ତୁ ମଧ୍ୟ ପ୍ରଭାବିତ ହୋଇଥାନ୍ତେ। ଠିକଣା ସମୟରେ ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ କୌଣସି ପ୍ରକାର କ୍ଷୟକ୍ଷତି ହୋଇନାହିଁ। କିନ୍ତୁ ଏହି ଘଟଣାରେ ଲୋକେ ୨ ଜଣଙ୍କୁ କାବୁ କରିଛନ୍ତି। ସୂଚନା ମୁତାବକ, ରାତି ପ୍ରାୟ ସାଢେ ୮ଟାରେ ବାଲିଗୁଆଳି ଛକ ବିପଦ ତାରିଣୀ ମନ୍ଦିର ସମ୍ମୁଖ ଅଭୟାରଣ୍ୟରେ ନିଆଁ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେମାନେ ସେଠାରେ ପହଞ୍ଚି ୪ଜଣ ବ୍ୟକ୍ତି ଏକ ବଡ଼ ଟାୟାରରେ ନିଆଁ ଲଗାଇ ବସିଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ୨ଜଣ କୌଶଳକ୍ରମେ ଖସି ପଳାଇଥିଲେ। ଅନ୍ୟ ଦୁଇଜଣଙ୍କୁ ଲୋକେ କାବୁ କରିଥିଲେ। ସେମାନଙ୍କୁ ପଚରାଉଚରା କରିବାରୁ ଜଣାପଡିଥିଲା ଏହି ୪ ଜଣ ହେଉଛନ୍ତି ବିହାର ବାସିନ୍ଦା। ଏମାନେ ରାଜମିସ୍ତ୍ରି କାମ କରିବାକୁ ଆସିଥିଲେ। ରାସ୍ତା କାମରେ ବ୍ୟବହୃତ ହେଉଥିବା ଭାଇବ୍ରେଟର ଗାଡ଼ିର ଏକ ମୋଟା ଟାୟାରରେ ଥିବା ଲୁହା ବିକ୍ରି କରିବା ଉଦ୍ଦେଶ୍ୟରେ ୪ଜଣ ଯାକ ଜଙ୍ଗଲକୁ ଆଣି ଏଥିରେ ନିଆଁ ଲଗାଇଥିଲେ।

### ଅପହୃତ ନାବାଳିକା ବରମୁଣ୍ଡାରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ଖଣ୍ଡଗିରି ଥାନାଞ୍ଚଳରୁ ଅପହୃତ ଜଣେ ନାବାଳିକାଙ୍କୁ ଗୁରୁବାର ପୋଲିସ ବରମୁଣ୍ଡା ଅଞ୍ଚଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବରମୁଣ୍ଡା ଶବରସାହିର ସୁଜୁ ନାୟକ। ପୋଲିସ ତାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସୁଜୁଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗତ ୩୦ ତାରିଖରେ ଅଭିଯୁକ୍ତ ସୁଜୁ ଉକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରି ନେଇଥିଲେ। ଖୋଜାଖୋଜି ପରେ ପରିବାର ଲୋକେ ଝିଅକୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୮୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରି ୪ଦିନ ପରେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ତେବେ ଉଦ୍ଧାର ନାବାଳିକାଙ୍କୁ ଡାକ୍ତରୀ ମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପୁଣି ଚର୍ଚ୍ଚାରେ ସମ୍ ହସ୍ପିଟାଲ

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ ମହିଳା କମିଶନ ଅଧ୍ୟକ୍ଷା

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**



ଜଗନ୍ନାଥ ମହାନ୍ତି

- ବଳାତ୍କାରୀ ଅଭିଯୁକ୍ତ ଗଲେ ଜେଲ୍
- ଘଟଣାସ୍ଥଳରୁ ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍
- ବଳାତ୍କାରୀଙ୍କୁ ଦରକାର ପେଟେଣ୍ଟ ମେଡିସିନ

ଖଣ୍ଡଗିରି ଥାନା ପଣ୍ଡାକୁଦିଆ ବସ୍ତିରେ ଯୁବତୀଙ୍କୁ ବଳାତ୍କାର ଘଟଣାରେ ବହୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗିରଫ ଅଭିଯୁକ୍ତ ଜଗନ୍ନାଥ ମହାନ୍ତି ସମ୍ ହସ୍ପିଟାଲର ଜଣେ ଠିକା କର୍ମଚାରୀ ବୋଲି ଜଣାପଡିଛି। ସେ ଆଉଟ୍‌ସୋର୍ସିଂ ଜରିଆରେ ଏଠାରେ ସୁଭରଭାଇଜର କାର୍ଯ୍ୟ କରୁଥିଲେ। ସେହିଭଳି ବଳାତ୍କାର ଶିକାର ହୋଇଥିବା ଯୁବତୀ ଜଣକ ମଧ୍ୟ ଏଠାରେ ଜଣେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି। ଏହି ଘଟଣା ପରେ ହସ୍ପିଟାଲ ଓ ବିଭିନ୍ନ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ମହିଳାଙ୍କ ସୁରକ୍ଷାକୁ ନେଇ ମହିଳା ସଂଗଠନ ପ୍ରଶ୍ନ ଉଠାଇଛନ୍ତି। ଗୁରୁବାର ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା ଘଟଣାସ୍ଥଳ ପଣ୍ଡାକୁଦିଆ ବସ୍ତିକୁ ଯାଇ ଅନୁଧ୍ୟାନ କରିବା ସହ ପୀଡିତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଅଧ୍ୟକ୍ଷା ବେହେରା କହିଛନ୍ତି ଯେ, ବିଚାର ବ୍ୟବସ୍ଥାରେ ଆଇନ ଅନୁଯାୟୀ ଅଭିଯୁକ୍ତମାନେ ତ ଦଣ୍ଡ ପାଇବେ, କିନ୍ତୁ ଏଭଳି ଅପରାଧ ଘଟାଉଥିବା ବ୍ୟକ୍ତିଙ୍କୁ ପେଟେଣ୍ଟ ମେଡିସିନ ଆବଶ୍ୟକ। ଏଥିପାଇଁ ସେ ମହିଳାମାନଙ୍କୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି। ବଳାତ୍କାର ମାମଲାଗୁଡ଼ିକର ଫାଷ୍ଟଟ୍ରାକ୍ କୋର୍ଟରେ ତୁରନ୍ତ ବିଚାର କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଗଲେ ଅନ୍ୟକେହି ଏଭଳି ଜଘନ୍ୟକାଣ୍ଡ ଘଟାଇବାକୁ ସାହସ କରିବେ ନାହିଁ। ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଥାନାଧିକାରୀ ମହାପାତ୍ର କହିଛନ୍ତି, ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଘରକୁ ଯାଇ କେତେକ ନମୁନା ସଂଗ୍ରହ କରିଛି। ତାହାକୁ ପରୀକ୍ଷଣ ପାଇଁ ପଠାଯିବ। ସେହିଭଳି ଅଭିଯୁକ୍ତ ଜଗନ୍ନାଥଙ୍କୁ ଡାକ୍ତରୀ ପରୀକ୍ଷା କରିବା ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଧୀରେ ଧୀରେ ଉନ୍ନତି ଆସିଥିବା ଡାକ୍ତର କହିଛନ୍ତି।

ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଜଗନ୍ନାଥଙ୍କ ଘର ଜଗତ୍‌ସିଂହପୁରରେ। ସେ ପଣ୍ଡାକୁଦିଆ ବସ୍ତିରେ ରହି ସମ୍ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ମାସେ ତଳେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହୋଇ ସମ୍ପର୍କ ବଢ଼ିଥିଲା। ମଙ୍ଗଳବାର ରାତି ୮ଟାରେ ଡ୍ୟୁଟି ସରିବା ପରେ ଜଗନ୍ନାଥ ସମ୍ପୃକ୍ତା ଯୁବତୀଙ୍କୁ ନିଜ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ଗୁରୁତର ହେବାରୁ ତାଙ୍କୁ ଜଗନ୍ନାଥ ହସ୍ପିଟାଲରେ ଭର୍ତ୍ତି କରିବା ପରେ ଘଟଣା ପଦାକୁ ଆସିଥିଲା। ପରେ ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ଯୁବତୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରିଥିଲା। ଘଟଣା ସଂକ୍ରାନ୍ତରେ ସମ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।



ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ମହିଳାମାନେ ମାଣବସା ଗୁରୁବାର ପୂଜା କରୁଛନ୍ତି।

# ମାଣ ବସେଇଲେ ୧୦୦ ମହିଳା

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଲକ୍ଷ୍ମୀପୁରାଣର ବାର୍ତ୍ତାକୁ ବିଶ୍ୱସ୍ତରରେ ପହଞ୍ଚାଇବା ଏବଂ ଯୁବପିଢ଼ି ତଥା ସହରବାସୀଙ୍କ ମଧ୍ୟରେ ମାଣବସା ଗୁରୁବାରର ଲୋକପ୍ରିୟତା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଶ୍ରୀ ଉତ୍ସବ' ଅନୁଷ୍ଠାନ ପକ୍ଷରୁ ସାର୍ବଜନୀନ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଶହୀଦନଗର ଦୁର୍ଗାପୂଜା ମଣ୍ଡପଠାରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ଏକାଠି ବସି ମା'ଙ୍କ ପୂଜାର୍ଚ୍ଚନା ଓ ଆରାଧନା କରିବା ସହ ସମୂହଭାବେ ଲକ୍ଷ୍ମୀପୁରାଣ ପାଠ କରିଥିଲେ। ପରମ୍ପରା ଅନୁଯାୟୀ ଧଳା ଉପରେ ନାଲିଛିଟ ପକା ଶାଢ଼ୀ ପିନ୍ଧି ମୁଣ୍ଡରେ ଓଢ଼ଣା ଦେଇ ମହିଳାମାନେ ସମୂହଭାବେ ମାଣ ବସାଇଥିଲେ। ପିଠାମିଠା, ଫୁଲଫଳ ଦେଇ ପରିବାର, ରାଜ୍ୟ ଓ ଦେଶକୁ ସୁଖ ସମୃଦ୍ଧିରେ ଭରିଦେବାକୁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସାର୍ବଜନୀନ ଭାବେ ଲକ୍ଷ୍ମୀପୂଜା କରିବା ପାଇଁ ଓଡ଼ିଶାରେ ୫ମ ଥର ପାଇଁ 'ଶ୍ରୀ ଉତ୍ସବ' ଆୟୋଜିତ ହୋଇଥିଲା। ପରିଷ୍କାର ପରିଚ୍ଛନ୍ନ, ମହିଳାମାନଙ୍କୁ ସମ୍ମାନ ଓ ଝୋଟି ଚିତା ମାଧ୍ୟମରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି 'ଶ୍ରୀ ଉତ୍ସବ' କମିଟି ଅଧ୍ୟକ୍ଷ ଡ. ରିନା ରାଉତରାୟ ଓ ମୁଖ୍ୟ ଆବାହକ ପିନାକୀ ମହାନ୍ତି କହିଥିଲେ। ଉତ୍ସବର ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ର ଓ ଜଗଦାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୧୪ରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଡିସେମ୍ବର ୧୯ ତାରିଖରେ ଶ୍ରୀଉତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।



କୋଣାର୍କ ଚନ୍ଦ୍ରଭାଗାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଭାଗ ନେଇଥିବା ୬ ବିଦେଶୀ ଶିଳ୍ପୀଙ୍କୁ ଭୁବନେଶ୍ୱର ଲୋକସେବା ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

# ଦର୍ଶକଙ୍କୁ ବିମୋହିତ କଲା ଗୀତଗୋବିନ୍ଦମ୍‌ର ଦଶାବତାର

**କୋଣାର୍କ, ୫।୧୨(ଡି.ଏନ୍.ଏ)**

**ସରିଲା କୋଣାର୍କ ଉତ୍ସବ**

ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ୫ଦିନ ବ୍ୟାପୀ ଚାଲିଥିବା ୩୦ତମ କୋଣାର୍କ ଉତ୍ସବ ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମ ପର୍ଯ୍ୟାୟରେ ପ୍ରସିଦ୍ଧ ଭାରତନାଟ୍ୟମ ଗୁରୁ ବୈଭବ ଆରେକର ଓ ସାଥୀ ସୂର୍ଯ୍ୟ ସ୍ତୁତି ଓ ଯତିଶ୍ୱରମ୍ ପରିବେଷଣ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ଶିଳ୍ପୀ ଆରେକର୍ କବିରାଜ ଜୟଦେବଙ୍କ ଶ୍ରୀ ଗୀତଗୋବିନ୍ଦମ୍ କାବ୍ୟ ଅନ୍ତର୍ଗତ ଦଶାବତାରକୁ ନିଖୁଣ ଭାବେ ଉପସ୍ଥାପନ ନୃତ୍ୟାନୁରାଗୀ ଦର୍ଶକଙ୍କୁ ବିମୋହିତ କରିଥିଲେ। ଦ୍ୱିତୀୟ ଚରଣରେ ହରିବଂଶ ମହାପୁରାଣର ଗାଥା ହଂସଦୂତ ନୃତ୍ୟନାଟିକାକୁ ମଞ୍ଚସ୍ଥ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀଗଣ। ଡ.ସଙ୍ଗୀତା ଗୋସାଇଁଙ୍କ ପରିକଳ୍ପନା ଓ ଗୁରୁ ସଦାଶିବ ପ୍ରଧାନଙ୍କ ରଚନାକୁ ନେଇ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ଓ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ତାଳ ରଚନା ଆଧାରରେ ନୃତ୍ୟ ସଂଯୋଜନା ରଖିଥିଲେ ଗୁରୁ କସ୍ତୁରୀ ପଟ୍ଟନାୟକ। ମୁଖ୍ୟ ଅତିଥି ଭାବେ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଦୀପ ପ୍ରଜ୍ୱଳନ କରି ସନ୍ଧ୍ୟାର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍, ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଶାଲ ଦେବ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱେଲେ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ। ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଉତ୍ପଳ ପତି ଓ ରତିକାନ୍ତ ପଟ୍ଟନାୟକ, ବିଜୟ କୁମାର ଜେନା, ସରୋଜକାନ୍ତ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଚନ୍ଦ୍ରଭାଗାଠାରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା ମହୋତ୍ସବର ଅନ୍ତିମ ଦିବସରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



କୋଣାର୍କ ଉତ୍ସବର ଶେଷ ସନ୍ଧ୍ୟାକୁ ଗଜପତି ମହାରାଜା ଦିବ୍ୟସିଂହଦେବ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରୁଛନ୍ତି।



କୋଣାର୍କ ଉତ୍ସବ ମଞ୍ଚରେ ପରିବେଷିତ ନୃତ୍ୟ।



ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବରେ ଗୌତମ ବୁଦ୍ଧଙ୍କ କଳାକୃତି।

### ବିନା ନମ୍ବରରେ ନୂତନ ଗାଡ଼ି ବିକ୍ରି ମହଙ୍ଗା ପଡ଼ିଲା

# ଡିଲରଙ୍କୁ ଲକ୍ଷେ ଟଙ୍କା ଜରିମାନା

**ପୁରୀ ଅଫିସ, ୫।୧୨**

ବିନା ନମ୍ବରରେ ନୂତନ ଗାଡ଼ି ବିକ୍ରି କରିବା ଜଣେ ଡିଲରଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଡିଲରଙ୍କୁ ଏକ ଲକ୍ଷ ଟଙ୍କା ଜରିମାନା କରିଛନ୍ତି ଏମ୍‌ଭିଆଇ। ପୁରୀର ଶିବମ୍ ହୋଣ୍ଡା ଡିଲରଙ୍କୁ ଏହି ଜରିମାନା ଦେବାକୁ ପଡ଼ିଛି। ଗୁରୁବାର ସମୁଦ୍ରକୂଳ ଥାନା ପୋଲିସ ଏବଂ ଏମ୍‌ଭିଆଇ ପକ୍ଷରୁ ମିଳିତ ଭାବେ ସମୁଦ୍ରକୂଳ ଥାନା ଅଞ୍ଚଳରେ ଯାନବାହନ ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ନମ୍ବର ବିହୀନ ମୋପେଡ୍‌ରେ ଯାଉଥିବା ବ୍ୟକ୍ତିଙ୍କୁ ପୋଲିସ ଅଟକାଇଥିଲା। ସେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଗାଡ଼ି ମାଲିକ ଚମାରକେରା ଅଞ୍ଚଳର ହୋଇଥିବାବେଳେ ସମ୍ପୃକ୍ତ ଡିଲର କୌଣସି ନମ୍ବର ଦେଇ ନ ଥିବା ସେ ପୋଲିସକୁ ଜଣାଇଥିଲେ। ପୋଲିସ ସମ୍ପୃକ୍ତ ଡିଲରଙ୍କୁ ଘଟଣାସ୍ଥଳକୁ ଡାକି ଜରିମାନା ନିର୍ଦ୍ଦେଶ ଦେଇଥିଲେ। ପୁରୀରେ ପ୍ରଥମ ଥର ଲାଗି ଏତେ ବଡ ଧରଣର ଜରିମାନା ଆଦାୟ କରାଯାଇଛି। ଏ ନେଇ ଗାଡି ବିକ୍ରି କରୁଥିବା ଡିଲରମାନଙ୍କ ମଧ୍ୟରେ ଛନକା ପଶିଛି। ନୂତନ ମୋଟରଯାନ ଆଇନ ସଂଶୋଧନ ହେବା ପରେ ଯାନବାହନ ଚେକିଂକୁ ଜୋରଦାର କରାଯାଇଛି ବୋଲି ଟ୍ରାଫିକ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ କହିଛନ୍ତି।

# ଚିତ୍ରକଳାର ଯୁଗଳବନ୍ଦୀ, ୭ ସାରସ୍ୱତ ପ୍ରତିଭା ସମ୍ବର୍ଦ୍ଧିତ

**କୋଣାର୍କ, ୫।୧୨(ଡି.ଏନ୍.ଏ.)**

**କୋଣାର୍କ ଉତ୍ସବରେ ସାହିତ୍ୟ ଆସର**

କୋଣାର୍କ ଉତ୍ସବ ଅବସରରେ ବୁଧବାର କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ସାହିତ୍ୟ ଆସର। ଏହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଚିତ୍ରଶିଳ୍ପୀ ବି. ବିନିତା କୁମାରୀ ଓ ଚିତ୍ରଶିଳ୍ପୀ ମାନମୟୀ ରଥଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀର ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା। ମୁଖ୍ୟବକ୍ତା ଭାବେ ଡ.ହୃଷୀକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ, କବି ପବିତ୍ରମୋହନ ଦାଶ, କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସାଇଁ, ପଦ୍ମଶ୍ରୀ ଶିଳ୍ପୀଗୁରୁ ପ୍ରଭାକର ମହାରଣା ଓ ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ପୌରୋହିତ୍ୟ କରିଥିଲେ। ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ପ୍ରଥମ ଅଧିବେଶନରେ 'ଓଡ଼ିଆ କବିତାରେ ଚିତ୍ରକଳ୍ପର ପ୍ରୟୋଗ' ଶୀର୍ଷକ ଆଲୋଚନାରେ ଡ.ମଲ୍ଲିକ, କବି ରକ୍ଷକ ନାୟକ ଓ କବି ପବିତ୍ରମୋହନ ଦାଶ ଅଂଶଗ୍ରହଣ କରି ସ୍ୱକୀୟ ମତ ଉପସ୍ଥାପନ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ମୁଖପତ୍ର 'ଧରମା'ର ପଞ୍ଚମ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିଶୁ ସାହିତ୍ୟିକ ସାମନ୍ତରାୟଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, କବି ରକ୍ଷକ ନାୟକଙ୍କୁ କୋଣାର୍କ କବି ସମ୍ମାନ, କବି ପବିତ୍ରମୋହନ ଦାଶଙ୍କୁ ଅର୍କପ୍ରଜ୍ଞା ସମ୍ମାନ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କୁ କୋଣାର୍କ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଶିଳ୍ପୀ ପ୍ରଭାକର ମହାରଣାଙ୍କୁ ଧରମା ସମ୍ମାନ ଓ ଡ. ସଙ୍ଗୀତା ଗୋସାଇଁଙ୍କୁ କୋଣାର୍କ ଉତ୍ସବ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସଦର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।




ଅତିଥିମାନେ ଜଣେ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ହାଣ୍ଡିଶାଳରୁ ହୋଟେଲ

# ପିଆଜ ଉଭାନ



**କଟକ ଅଫିସ,୫।୧୨**

ଆକାଶଛୁଆଁ ପିଆଜର ଦର। ଖୁଚୁରା ବଜାରରେ କେଜି ପିଛା ପିଆଜ ୧୪୦ଟଙ୍କାରେ ବିକ୍ରି ହେଉଛି। ଆଉ କିଛିଦିନ ଗଲେ ଏହି ଦର ଦେଢଶହ ଟପିବ ବୋଲି ଆଶା କରାଯାଉଛି। ଅତ୍ୟଧିକ ଦରବୃଦ୍ଧି ଯୋଗୁ ହାଣ୍ଡିଶାଳରୁ ହୋଟେଲ ପର୍ଯ୍ୟନ୍ତ ପିଆଜ ଉଭାନ ହୋଇଯାଇଛି। ବଜାରରେ ବିକ୍ରି ହେଉଥିବା ଫାଷ୍ଟଫୁଡ ଖାଦ୍ୟରେ ବି ପିଆଜର ବ୍ୟବହାର ପୂର୍ବଭଳି ହେଉନାହିଁ। ରାଜ୍ୟର ପ୍ରମୁଖ ପରିବା ହାଟ ଛତ୍ରବଜାରରେ ପିଆଜ ସଙ୍କଟ ଦେଖାଦେଇଛି। ଆମଦାନୀ ପୂର୍ବଭଳି ହେଉନାହିଁ। ମହାରାଷ୍ଟ୍ରର ନାସିକ୍ ଓ ଆନ୍ଧ୍ରପ୍ରଦେଶରୁ ଆସୁଥିବା ପିଆଜ ଏବେ ବନ୍ଦ ହେବାକୁ ବସିଲାଣି। ଏହି ଦୁଇଟି ସ୍ଥାନରେ ପିଆଜ ଉତ୍ପାଦନରେ ପ୍ରଭାବ ପଡ଼ିବା ଯୋଗୁ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ ଦେଖାଦେଇଛି। ଏହାଛଡ଼ା ଛତ୍ରବଜାରର ପିଆଜ ଗୋଦାମଗୁଡ଼ିକରେ ମଧ୍ୟ ଅଧିକ ପିଆଜ ମହଜୁଦ ନାହିଁ ବୋଲି ବ୍ୟବସାୟୀମାନେ କହିଛନ୍ତି।

### ଜାନୁୟାରୀରେ କମିବ ପିଆଜ ଦର

ଜାନୁୟାରୀ ୧୦ପରେ ପିଆଜ ଦର ହ୍ରାସ ପାଇବ ବୋଲି ଛତ୍ରବଜାରର ବ୍ୟବସାୟୀମାନେ ଦୃଢୋକ୍ତିର ସହ କହିଛନ୍ତି। ଛତ୍ରବଜାରରେ ପିଆଜ କେଜି ୧୨୦ଟଙ୍କା ଓ ଖୁଚୁରା ବ୍ୟବସାୟୀମାନେ ୧୪୦ ଟଙ୍କାରେ ବିକ୍ରି କରୁଛନ୍ତି। ଏବେ ଆମଦାନୀ ହ୍ରାସ ପାଇଥିବାରୁ ପିଆଜ ଦର କ୍ରମଶଃ ବୃଦ୍ଧି ପାଇପାରେ। ହେଲେ ନାସିକ୍ ଓ ଆନ୍ଧ୍ରପ୍ରଦେଶର ବଡ଼ ବ୍ୟବସାୟୀଙ୍କ ସହ କଥାବାର୍ତ୍ତା ଶେଷ ହୋଇଛି। ଅମଳ ହେବାକୁ ଥିବା ନୂଆ ପିଆଜ ଆସିଲେ ବର୍ତ୍ତମାନର ଦରଠାରୁ ଢେର କମ୍ ରହିବ ବୋଲି ଛତ୍ରବଜାରର ଜଣେ ପିଆଜ ଗୋଦାମ ମାଲିକ କହିଛନ୍ତି।

### ୪ଟନ୍ ମେଣ୍ଟାଉଛି ୧୫୦ଟନ୍‌ର ଆବଶ୍ୟକତା

ଛତ୍ରବଜାରରେ ଏଭଳି ପରିସ୍ଥିତି ପୂର୍ବରୁ କେବେ ଦେଖିବାକୁ ମିଳିନି ବୋଲି ବ୍ୟବସାୟୀ କହିଛନ୍ତି। ପ୍ରତିଦିନ ଛତ୍ରବଜାରରେ ୧୫୦ଟନ୍ ପିଆଜ ପହଞ୍ଚେ। କଟକ ଜିଲା ସମେତ ଆଖପାଖ ପ୍ରାୟ ୧୦ଟି ଜିଲାର ବ୍ୟବସାୟୀ ଏଠାରୁ ପିଆଜ କିଣନ୍ତି। ଏଣୁ ନିୟମିତ ଆବଶ୍ୟକତା ୧୫୦ଟନ୍ ବୋଲି କୁହାଯାଇପାରିବ। ହେଲେ ଏବେ ଅତିବେଶିରେ ୪ଟନ ପିଆଜ ଛତ୍ରବଜାରକୁ ଆସୁଛି। ୧୫୦ଟନ୍‌ର ଆବଶ୍ୟକତା ୪ଟନ୍‌ରେ ପୂରଣ ହେଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି।

### ଚିଲି ଚିକେନ୍ ବ୍ୟବସାୟ ବନ୍ଦ



ଦୁଇବର୍ଷର ଫାଷ୍ଟଫୁଡ୍ ବ୍ୟବସାୟ ଭିତରେ ଏଭଳି ପରିସ୍ଥିତି କେବେ ଦେଖିବାକୁ ମିଳି ନ ଥିଲା। ଫାଷ୍ଟଫୁଡ୍ ଖାଦ୍ୟର ସବୁ ଆଇଟମ୍‌ରେ ପିଆଜ ଦରକାର ପଡେ। ପିଆଜ ଦର ବଢିଲେ ମଧ ବିଭିନ୍ନ ଖାଦ୍ୟର ଦର ବଢାଇପାରୁନୁ। ବାଧ ହୋଇ ଏବେ ଚିଲି ଚିକେନ୍ ଆଇଟମ୍ ବିକ୍ରି ବନ୍ଦ କରିଛୁ।

- ମନମୋହନ ନାୟକ, ଫାଷ୍ଟଫୁଡ୍ ବ୍ୟବସାୟୀ

### ଅସନ୍ତୁଷ୍ଟ ହେଉଛନ୍ତି ଗ୍ରାହକ



ଗୁପ୍‌ଚୁପ୍‌ର ଆଳୁ ମସଲାରେ ପିଆଜ ରହିବା ନିହାତି ଜରୁରୀ। ପୂର୍ବରୁ ଦିନକୁ ୩କେଜି ପିଆଜ ଆଣୁଥିଲି। ଏବେ ଅଧକେଜି ଆଣୁଛି। କେତେଜଣ ଗ୍ରାହକ ଠିକ୍ ପରିମାଣରେ ପିଆଜ ପଡୁ ନ ଥିବାରୁ ଅସନ୍ତୁଷ୍ଟ ହେଉଥିବାବେଳେ ଆଉ କେତେଜଣ ବୁଝିଯାଉଛନ୍ତି।

- ମିଥୁନ କୁମାର, ଗୁପଚୁପ୍ ବ୍ୟବସାୟୀ

### ବ୍ୟବସାୟରେ ପ୍ରଭାବ ପଡ଼ିଛି



ଆଳୁଦମ୍ ତିଆରିରେ ପିଆଜ ବ୍ୟବହାର କରିବାକୁ ବାଧ୍ୟ। ଏଣୁ କେବଳ ଆଳୁଦମ୍ ପ୍ରସ୍ତୁତରେ ପିଆଜ ବ୍ୟବହାର କରୁଛି। ଗ୍ରାହକଙ୍କୁ ଦହିବରା ଓ ଆଳୁଦମ୍ ଦେବାବେଳେ କଟା ପିଆଜ ଦେବା ବନ୍ଦ କରି ସାରିଛୁ। ଏଥିପାଇଁ କିଛି ମାତ୍ରାରେ ବ୍ୟବସାୟରେ ପ୍ରଭାବ ପଡ଼ିଛି।

- ସଞ୍ଜୟ ସାହା, ଦହିବରା ବ୍ୟବସାୟୀ

### ଦର କମିବାକୁ ଅପେକ୍ଷା



ଆମ ହାତରେ କିଛି ନାହିଁ। ଯେଉଁଦିନ ନୂତନ ଅମଳ ହୋଇ ପିଆଜ କଟକକୁ ଆସିବ, ସେଦିନ ଆପେଆପେ ଦର କମିବ। ଗାଡି ଭଡା ଓ ଟୋଲ୍‌ଗେଟ ଖର୍ଚ୍ଚକୁ ମିଶାଇ ଦର ଧାର୍ଯ୍ୟ କରାଯାଇଛି। ଖାଉଟିଙ୍କୁ ହନ୍ତସନ୍ତ କରିବା ଆମ ଲକ୍ଷ୍ୟ ନୁହେଁ। ଲୋକଙ୍କ ସମସ୍ୟା ବୁଝି ଦରକୁ ଠିକ୍ ରଖାଯିବାକୁ ଚେଷ୍ଟା କରାଯାଉଛି।

- ଦେବେନ୍ଦ୍ରନାଥ ସାହୁ, ବ୍ୟବସାୟୀ, ଛତ୍ରବଜାର



"ପ୍ରିୟଙ୍କା ଚୋପ୍ରା ଦେଖିବାକୁ ଯେମିତି, ଗୁଣ ମଧ୍ୟ ସେମିତି। ତାଙ୍କ ଦ୍ୱାରା ସବୁଦିନେ ମୁଁ ଅନୁପ୍ରାଣିତ ହୋଇଥାଏ।"

-ନିକ୍ ଜୋନାସ୍,
ଆମେରିକାନ୍ ସିଙ୍ଗର

# ନୀଳନୟନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଆଖି ଦେଖିବାକୁ ନୀଳ। ତେଣୁ ତାଙ୍କୁ ପ୍ରଶଂସକମାନେ ନୀଳନୟନା କହିଥାନ୍ତି। ତେବେ ଏହା ପଛରେ ରହିଛି ଏକ ବଡ଼ କାରଣ। ବୈଜ୍ଞାନିକଙ୍କ ଅନୁସାରେ ଆଖିର ରଙ୍ଗ ଆଇରିସ୍‌ରେ ଥିବା ମେଲାନିନ୍ ଉପରେ ନିର୍ଭର କରିଥାଏ। ଆଇରିସ୍‌ରେ ନୀଳ, ସବୁଜ ଆଦି ପିଗ୍‌ମେଣ୍ଟ ନ ଥାଏ। ଏଥିରେ ବାଦାମି, କଳା, ହଳଦିଆ, ଲାଲ୍ ଆଦି ପିଗ୍‌ମେଣ୍ଟ ହିଁ ରହିଥାଏ। କଳା ପିଗମେଣ୍ଟ ରଡ୍ ଆକାରର ହୋଇଥିବାବେଳେ ଅନ୍ୟ ରଙ୍ଗର ପିଗମେଣ୍ଟ କୋନ୍ ଅକାରର ହୋଇଥାଏ। ଆଇରିସ୍‌ରେ ଅଧିକ ବ୍ରାଉନ୍ ପିଗ୍‌ମେଣ୍ଟ ରହିଲେ ଆଖିର ରଙ୍ଗ କଳା ହୋଇଥାଏ। ଏହାର ପରିମାଣ କମିଗଲେ ଆଖିର ରଙ୍ଗ ନୀଳ, ସବୁଜ ଅବା ଚିଲା ଭଳି ହୋଇଥାଏ। ଶରୀରରେ ଥିବା ମେଲାନିନ୍ ତ୍ୱଚା, କେଶ ଏବଂ ଆଖି ରଙ୍ଗକୁ ପ୍ରଭାବିତ କରିଥାଏ। ତେବେ ନୀଳ, ସବୁଜ ଅବା ଚିଲା ଆଖି ଉପରେ ସୂର୍ଯ୍ୟର ଆଲ୍ଟ୍ରା। ଭାଓଲେଟ ରଶ୍ମୀର ପ୍ରଭାବ ଅଧିକ ପଡ଼ିବାର ଆଶଙ୍କା ରହିଥାଏ। ତେଣୁ ଏଭଳି ବ୍ୟକ୍ତି ଖାଲି ଆଖିରେ ସୂର୍ଯ୍ୟଙ୍କୁ ଅନାଇବା କ୍ଷତିକାରକ ବୋଲି ବୈଜ୍ଞାନିକ କହିଥାନ୍ତି।



ଐଶ୍ୱର୍ଯ୍ୟା ରାୟ ବଚ୍ଚନ

# ଜଳବାୟୁ ପରିବର୍ତ୍ତନର ପ୍ରଭାବ

## ବଦଳୁଛି ପକ୍ଷୀଙ୍କ ଶରୀର ଗଠନ

**ୱାଶିଂଟନ:** ସବୁଜ ବଳୟ ଧ୍ୱଂସ ପାଇବା, ଗାଡ଼ିମୋଟର ଚଳାଚଳ ବୃଦ୍ଧି ସାଙ୍ଗକୁ ହଜାର ହଜାର କଳକାରଖାନା ଧୂଆଁରେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ଜଳବାୟୁ ପରିବର୍ତ୍ତନ ଘଟୁଥିବା ବେଳେ ଏଥିଯୋଗୁ ଦୁନିଆ ସାରା ଥିବା ପକ୍ଷୀଙ୍କ ଶରୀର ଗଠନରେ ପରିବର୍ତ୍ତନ ହେଉଛି। ଆମେରିକାର ମିସିଗାନ୍ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଏହି ତଥ୍ୟ ପଦାକୁ ଆସିଛି। ଏଥିରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ଚଢ଼େଇଙ୍କର କେବଳ ପର ବଢୁଥିବା ବେଳେ ଶରୀର ସଙ୍କୁଚିତ ହେଉଛି। ଉତ୍ତର ଆମେରିକାର ପ୍ରବାସୀ ଘରେ ୫୨ ପ୍ରଜାତିର ୭୨,୭୧୬ପକ୍ଷୀଙ୍କୁ ନେଇ ସର୍ଭେ କରାଯାଇଥିଲା। ଗତ ୪୦ବର୍ଷ ଧରି କରାଯାଉଥିବା ସର୍ଭେ ଯୋଗେ ଅନେକ ରୋଚକ ତଥ୍ୟ ପଦାକୁ ଆସିଥିବା ବେଳେ ଜଳବାୟୁ ପରିବର୍ତ୍ତନକୁ ପକ୍ଷୀମାନେ କିଭଳି ଭାବେ ସାମ୍ନା କରିବେ ସେ ଦିଗରେ ମଧ୍ୟ ସର୍ଭେ କରାଯାଇଥିଲା। ୧୯୭୮ରୁ ୨୦୧୬ ମଧ୍ୟରେ ଏହି ଘରେ ରଖାଯାଇଥିବା ପକ୍ଷୀଗୁଡ଼ିକର ଲମ୍ୱ ମପାଯାଇଥିଲା। ସମସ୍ତ ପକ୍ଷୀଙ୍କ ଗୋଡ଼ର ଲମ୍ୱ ୨.୪ ପ୍ରତିଶତ କମିଥିବା ବେଳେ ପର ୧.୩ ପ୍ରତିଶତ ବଢ଼ିଥିବା ଦେଖାଯାଇଛି। ବୈଜ୍ଞାନିକ ବ୍ରେନ୍ ୱିକ୍ସଙ୍କ କହିବା ମୁତାବକ, ସର୍ଭେରେ ସାମିଲ କରାଯାଇଥିବା ସମସ୍ତ ପକ୍ଷୀ ଅଲଗା ହୋଇଥିଲେ ବି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମସ୍ତଙ୍କ ଉପରେ ଏକାପ୍ରକାର ପଡୁଥିବା ଦେଖାଯାଇଥିଲା। ବହୁ ଦୂରକୁ ଉଡ଼ିବାକୁ ହେଲେ ପକ୍ଷୀମାନଙ୍କୁ ଅଧିକ ଉର୍ଜାର ଆବଶ୍ୟକ ପଡ଼ିଥାଏ। କିନ୍ତୁ ଶରୀର ଛୋଟ ହେଉଥିବାରୁ ସେମାନଙ୍କୁ ଉଡ଼ିବା ପାଇଁ ଆବଶ୍ୟକ ଉର୍ଜା ମିଳିପାରୁନାହିଁ। ତେବେ ଜଳବାୟୁ ପରିବର୍ତ୍ତନ ସହ ପକ୍ଷୀଙ୍କ ଶରୀର ଗଠନରେ ପରିବର୍ତ୍ତନର କ'ଣ ସମ୍ପର୍କ ରହିଛି ସେ ସମ୍ପର୍କରେ ଜାଣିବା ସକାଶେ ବୈଜ୍ଞାନିକ ମାନେ ଉଦ୍ୟମ ଚଳାଇଛନ୍ତି।



# ଗର୍ଭାବସ୍ଥାରେ ପିଲା ହେବେ ସଂସ୍କାରି

**ଲକ୍ଷ୍ନୌ:** ମହିଳାଙ୍କ ଗର୍ଭରେ ବଢୁଥିବା ପିଲାଙ୍କ ଭିତରେ ସଂସ୍କାର ଆଣିବା ପାଇଁ ଉତ୍ତରପ୍ରଦେଶ ସରକାର ଏକ ନିଆରା ପଦକ୍ଷେପ ଆପଣାଇଛନ୍ତି। କାନପୁରର ଛତ୍ରପତି ସାହୁଜି ମହାରାଜ ବିଶ୍ୱବିଦ୍ୟାଳୟ(ସିଏମ୍‌ଜେଏମ୍‌ୟୁ)ପକ୍ଷରୁ ଏନେଇ ଏକ ଅଭିଯାନ ଆରମ୍ଭ କରାଯାଇଛି। ଗର୍ଭାବସ୍ଥାରେ ଶିଶୁଙ୍କୁ ସଂସ୍କାରି କରିବା ପାଇଁ ମା'ମାନଙ୍କୁ କୌଶଳଶିଖାଇବା ପାଇଁଶିକ୍ଷା ଦିଆଯିବ। ଗର୍ଭବତୀ ମହିଳାଙ୍କ ଗର୍ଭରେ ହିଁ ଶିଶୁଙ୍କୁ ସଂସ୍କାର ଦିଆଯିବ। ଜାନୁୟାରୀ ପହିଲାରୁ ଆରମ୍ଭ ହେବାକୁ ଥିବା ଏହି ପାଠ୍ୟକ୍ରମରେ ଗର୍ଭବତୀ ଥିବା ମହିଳାଙ୍କ ସହ ଅବିବାହିତ ଯୁବତୀଙ୍କୁ ମଧ୍ୟ ଶିକ୍ଷାଦାନ କରାଯିବ। ବର୍ତ୍ତମାନ ସମୟରେ ସଂସ୍କାରକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ସମାଜରେ ଆପରାଧିକ ମାମଲା ବଢ଼ି ବଢ଼ି ଚାଲିଛି। ତେଣୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପାଠ୍ୟକ୍ରମ ଆରମ୍ଭ କରାଯାଉଛି ବୋଲି ସିଏମ୍‌ଜେଏମ୍‌ୟୁର କୁଳପତି ପ୍ରଫେସର ନୀଳିମା ଗୁପ୍ତା କହିଛନ୍ତି। ଏହି ପାଠ୍ୟକ୍ରମର ଅବଧି ୩ ଓ ୬ ମାସ ରହିବ। ଏଥିସହ ପଢ଼ା ସରିବା ପରେ ଶିକ୍ଷାର୍ଥୀଙ୍କୁ ଏକ ସାର୍ଟିଫିକେଟ ପ୍ରଦାନ କରାଯିବ। ଏଥିରେ ପ୍ରବେଶ ପାଇଁ ଗର୍ଭବତୀ ମହିଳାଙ୍କ ସହ ସାଧାରଣ ମହିଳା ମଧ୍ୟ ଆବେଦନ କରିପାରିବେ। ଦ୍ୱାଦଶ ପାଠପଢ଼ା ପରେ ଯୁବତୀମାନେ ଏଥିରେ ଆବେଦନ କରିପାରିବେ। ଏକାଡେମୀ ପରିଷଦ ବୈଠକରେ ଏହି ପାଠ୍ୟକ୍ରମକୁ ଅନୁମୋଦନ ମିଳିବା ପରେ ଜାନୁୟାରୀ ପହିଲାରୁ କ୍ଲାସ୍ ଆରମ୍ଭ ହେବ ବୋଲି କୁଳପତି ନୀଳିମା ସୂଚନା ଦେଇଛନ୍ତି। ତେବେ ସିଏସ୍‌ଜେଏମ୍‌ୟୁ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ, ଯେଉଁଠାରେ ଏଭଳି ଶିକ୍ଷାଦାନ କରାଯାଉଛି।



# ସିଗାରେଟ୍‌ଠାରୁ କ୍ଷତିକାରକ ମଶାଧୂଆଁ



**ନୂଆଦିଲ୍ଲୀ:** ସିଗାରେଟ୍ ଟାଣିବା ଦ୍ୱାରା ବିଭିନ୍ନ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେବେ ସିଗାରେଟ୍‌ଠାରୁ ମଧ୍ୟ ଅଧିକ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ମଶାଧୂପ। ମଶା ଦାଉରୁ ରକ୍ଷାପାଇବା ପାଇଁ କେତେକ ଘରେ ମଶାଧୂପ ଜଳାଇଥାନ୍ତି। ଏହା ଦ୍ୱାରା ମଶା ସାମୟିକ ଭାବେ ଦୂରେଇ ଗଲେ ମଧ୍ୟ ଏଥିରୁ ନିର୍ଗତ ହେଉଥିବା ଧୂଆଁ ଯୋଗୁ ବିଭିନ୍ନ ଶ୍ୱାସ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଧୂଆଁ ତ୍ୱଚା ଏବଂ ଆଖି ଉପରେ ମଧ୍ୟ ଖରାପ ପ୍ରଭାବ ପକାଇଥାଏ ବୋଲି ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏହାର ଧୂଆଁ ଫୁସଫୁସ୍ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହାଯୋଗୁ କେତେକଙ୍କଠାରେ ସାମାନ୍ୟ କଥାରେ ଭୟ ପାଇ ଥରିବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ ବୋଲି ଚିକିତ୍ସକମାନେ ମତ ଦେଇଛନ୍ତି।

# ଦଶନ୍ଧିର ସବୁଠାରୁ ସେକ୍ସି ପୁରୁଷ ହୃତିକ୍

**ନୂଆଦିଲ୍ଲୀ:** ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନଙ୍କ ପାଇଁ ୨୦୧୯ ଅନେକ ସଫଳତା ଆଣିଦେଇଛି। ଫିଲ୍ମ 'ସୁପର୍ ୩୦' ଏବଂ 'ୱାର୍' ବକ୍ସ-ଅଫିସ୍‌ରେ ସୁପର୍‌ହିଟ୍ ହେବା ପରେ ବର୍ଷ ଶେଷରେ ହ୍ରିତିକ୍ ଓ ତାଙ୍କ ଫ୍ୟାନ୍‌ମାନଙ୍କୁ ମିଳିଲା ଆଉ ଏକ ଖୁସି ଖବର। 'ସେକ୍ସିଏଷ୍ଟ ଏସିଆନ୍ ମେଲ୍ ଅଫ୍ ୨୦୧୯' ଭାବେ ମନୋନୀତ ହୋଇଛନ୍ତି ବଲିଉଡ୍ ଷ୍ଟାର୍ ହ୍ରିତିକ୍ ରୋଶନ୍। ବୁଧବାର ଲଣ୍ଡନରେ ଜାରି କରାଯାଇଥିବା ଏକ ଅନ୍‌ଲାଇନ ସର୍ଭେ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାର ତଥା ଦଶନ୍ଧିର ସବୁଠାରୁ ସେକ୍ସି ଏସିଆନ୍ ପୁରୁଷଭାବେ ହ୍ରିତିକ୍‌ଙ୍କୁ ଚୟନ କରାଯାଇଛି। ବ୍ରିଟିଶ୍ ସାପ୍ତାହିକ ଖବରକାଗଜ 'ଇଷ୍ଟର୍ଟ ଆଏ' ଦ୍ୱାରା କରାଯାଇଥିବା ଏହି ସର୍ଭେରେ ସାରା ଦୁନିଆରୁ ପ୍ରଶଂସକଙ୍କ ଭୋଟ୍, ମତାମତ, ସୋସିଆଲ ମିଡିଆରେ ଚର୍ଚ୍ଚା ଓ ବର୍ଷ ତମାମ ରହିଥିବା ବ୍ୟକ୍ତିତ୍ୱର ପ୍ରଭାବକୁ ଆଧାର କରି ତାଲିକା ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ହ୍ରିତିକ୍‌ଙ୍କୁ ଦୁଇ ଦୁଇଟି ସଫଳତା ମିଳିଛି। ସେ କେବଳ ୨୦୧୯ ମସିହା ଲାଗି ନୁହେଁ ବରଂ ଗତ ଦଶ ବର୍ଷ ସମୟକାଳ ପାଇଁ ଉଦ୍ଦିଷ୍ଟ ଏହି ସର୍ଭେରେ ଶୀର୍ଷ ରେଙ୍କିଂ ହାସଲ କରିଛନ୍ତି।

ଏକ ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଦଶକର ସବୁଠାରୁ ସେକ୍ସି ପୁରୁଷ ଭାବେ ମାନ୍ୟତା ପାଇବା ପରେ ହ୍ରିତିକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁମାନେ ମୋତେ ଯୋଗ୍ୟ ଭାବି ଭୋଟ ଦେଲେ, ସମସ୍ତଙ୍କୁ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି। ତେବେ ମୁଁ କାହାର ଲୁକ୍ ଦେଖି ତାଙ୍କୁ ଜଜ୍ କରେନାହିଁ। ଏଣୁ ମୁଁ ନିଜ ଲୁକ୍ ଉପରେ ମଧ୍ୟ କେବେ ଧ୍ୟାନ ଦେଇନାହିଁ। କୌଣସି ମଣିଷର ଜୀବନର କାହାଣୀ, ଯାତ୍ରା ଏବଂ ଘଟଣାକୁ ଦେଖିବା ବା ବୁଝିବା ଶୈଳୀ ମୋତେ ଆକର୍ଷିତ କରିଥାଏ ବୋଲି ହ୍ରିତିକ୍ କହିଛନ୍ତି। ଅନ୍ୟପଟେ, ବଲିଉଡ୍ ଷ୍ଟାର୍ ଶାହୀଦ୍ କପୁର ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେହିପରି ଟିଭି ଆକ୍ଟର ଭିଭିୟାନ୍ ଡି'ସେନା ତୃତୀୟ, ଆକ୍ସନ ହିରୋ ଟାଇଗର ଶ୍ରଫ୍ ଚତୁର୍ଥ ଏବଂ ବ୍ରିଟିଶ୍ ଏସିଆଇ ପପ୍ ଷ୍ଟାର୍ ଜାଇନ୍ ମଲିକ ସେକ୍ସିଏଷ୍ଟ ଏସିଆନ୍ ମେଲ୍ ଅଫ୍ ୨୦୧୯' ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି।



# ଚାଇନାରେ ରିଲିଜ୍ ହେବ 'ଗୋଲ୍ଡ'

**ମୁମ୍ବାଇ:** ଚାଇନାରେ ରିଲିଜ୍ ହେବ ବଲିଉଡ୍ ଖିଲାଡି ତଥା ସୁପର୍‌ଷ୍ଟାର୍ ଅକ୍ଷୟ କୁମାରଙ୍କ ଫିଲ୍ମ 'ଗୋଲ୍ଡ'। ଏନେଇ ଅକ୍ଷୟ ନିଜ ଅଫିସିଆଲ୍ ଟୁଇଟର୍ ହ୍ୟାଣ୍ଡେଲ୍‌ରେ ଜଣାଇଛନ୍ତି। ରିମା କାଗ୍‌ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୧୮ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଭାରତରେ ରିଲିଜ୍ ହୋଇଥିଲା। ଫିଲ୍ମଟି ଏକ ସତ୍ୟ ଘଟଣା ଉପରେ ଆଧାରିତ ହୋଇଥିବାବେଳେ ଏଥିରେ ୧୯୪୮ରେ ଲଣ୍ଡନରେ ଆୟୋଜିତ ଅଲିମ୍ପିକ୍‌ରେ ଭାରତ ଗୋଲ୍ଡ ମେଡାଲ ହାସଲ କରିଥିବା ଭଳି ଗୌରବମୟ ଦୃଶ୍ୟ ରହିଛି। 'ଗୋଲ୍ଡ'ରେ ଅକ୍ଷୟ କୁମାରଙ୍କ ବ୍ୟତୀତ ମୌନୀ ରୟ, କୁନାଲ କପୁର, ଭୀନିତ୍ କୁମାର ସିଂ ଏବଂ ଅମିତ୍ ସାଧ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିକୁ ଫର୍‌ହାନ୍ ଅଖତର୍ ଏବଂ ରିତେଶ ସିଧୱାନୀ ପ୍ରଯୋଜନା କରିଛନ୍ତି। ଆସନ୍ତା ୧୩ରେ ଫିଲ୍ମଟି ଚାଇନାରେ ରିଲିଜ୍ ହେବ।




# କ୍ଷେତରୁ ଖୋଳି ନେଇଗଲେ ପିଆଜ



**ମଣ୍ଡସୋର:** ହୁ ହୁ ହୋଇ ବଢ଼ିଚାଲିଛି ପିଆଜ ଦର। ରୋଷେଇଘରେ ସବୁଠୁ ବେଶି ଖୋଜା ପଡୁଥିବା ଏହି ଅତ୍ୟାବଶ୍ୟକ ପରିବା ୧୫୦ ଟଙ୍କା ଛୁଇଁଲାଣି। ଏପରି ସ୍ଥିତିରେ ଚୋରମାନେ ଏବେ ପିଆଜ ଉପରେ ଆଖି ପକାଇଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ଖେତରେ ମଧ୍ୟ ପିଆଜ ଆଉ ସୁରକ୍ଷିତ ହୋଇ ରହିନାହିଁ। ମଧ୍ୟପ୍ରଦେଶର ମଣ୍ଡସୋର ଜିଲା ସଦରଠାରୁ ୨୫କିମି ଦୂର ଏକ ଗ୍ରାମରୁ ଜଣେ ଚାଷୀଙ୍କ ଜମିରୁ ୩୦ ହଜାର ଟଙ୍କାର ପିଆଜ ଖୋଳି ନେଇଯାଇଛନ୍ତି ଦୁର୍ବୃତ୍ତ। ପିଆଜ ଦର ବୃଦ୍ଧି ପରେ ଦେଶରେ ପ୍ରଥମ ଥର ଏପରି ଘଟଣା ଘଟିଥିବା କୁହାଯାଉଛି। ରିଛା ଗ୍ରାମର ଚାଷୀ ଜିତେନ୍ଦ୍ର ଧନଗର ନାରାୟଣଗଡ଼ ଥାନାରେ ଅଭିଯୋଗ କରିଛନ୍ତି, ସେ ନିଜ ଜମିରେ ପିଆଜ ଚାଷ କରିଥିଲେ। ଏଥର ଭଲ ଫସଲ ହୋଇଥିଲା। ଦର ବୃଦ୍ଧି ଥିବାରୁ ଭଲ ଦି ପଇସା ରୋଜଗାର କରିବା ଆଶାରେ ଥିଲେ। ହେଲେ ସୋମବାର ରାତିରେ ଜମିରୁ ୭ କୁଇଣ୍ଟାଲ ପିଆଜ ଦୁର୍ବୃତ୍ତମାନେ ଖୋଳି ନେଇଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ। ସେ ଆହୁରି ମଧ୍ୟ ଏତଲାରେ ଉଲ୍ଲେଖ କରିଛନ୍ତି, ଅଭିଯୁକ୍ତମାନେ ପିଆଜ ନେଇଯାଇଛନ୍ତି, ହେଲେ ଏହାର ସବୁଜ ଷଣ୍ଢାକୁ ଜମିରେ ପକାଇ ଦେଇଛନ୍ତି। ଏ ନେଇ ଥାନାଧିକାରୀ ଆର୍.ଏସ୍. ଦିଲବାଲା କୁହନ୍ତି, ଚାଷୀଙ୍କ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। କ୍ଷେତ୍ର ପରିଦର୍ଶନ କରି ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

କିଛିଦିନ ହେଲା ପିଆଜ ଦର ଆକାଶଛୁଆଁ ହୋଇଛି। ୧୫ରୁ ୨୦ ଟଙ୍କାରେ ମିଳୁଥିବା ପିଆଜ ଏବେ ୧୦୦ ଟପିଲାଣି। ଏଥିପୂର୍ବରୁ ନାସିକରୁ ଗୋରଖପୁର ଯାଉଥିବା ଏକ ପିଆଜ ଟ୍ରକ୍‌କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଯାଇଥିଲେ। ଉକ୍ତ ଟ୍ରକ୍‌ରୁ ୨୦ ଲକ୍ଷ ଟଙ୍କାର ପିଆଜ ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଟ୍ରକ୍‌କୁ ଶିବପୁରୀ ଅଞ୍ଚଳରୁ ଠାବ କରାଯାଇଥିଲା। ହେଲେ ଗାଡ଼ିରେ ଥିବା ୪୦ ଟନ ପିଆଜକୁ ଚୋରମାନେ ଗାଏବ କରିଦେଇଥିଲେ।

# ଥଣ୍ଡା ସମସ୍ୟା ଦୂର କରେ ସୂର୍ଯ୍ୟମୁଦ୍ରା

**ନୂଆଦିଲ୍ଲୀ:** ଶୀତଦିନ ସକାଳେ ଅଭ୍ୟାସ କରି ୫ ମିନିଟ୍ ସୂର୍ଯ୍ୟମୁଦ୍ରା କଲେ ଶରୀର ଉପରେ ବହୁ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ମନୁଷ୍ୟ ଶରୀର ପୃଥିବୀ, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ଆଦି ପାଞ୍ଚ ତତ୍ତ୍ୱରେ ସୃଷ୍ଟି ହୋଇଛି ବୋଲି ପୁରାଣରେ ଉଲ୍ଲେଖ ରହିଛି। ଶରୀରରେ ଏସବୁ ତତ୍ତ୍ୱର ସନ୍ତୁଳନ ବିଗିଡ଼ି ଗଲେ ନାନା ପ୍ରକାର ସମସ୍ୟା ଦେଖାଦେଇଥାଏ। ତେବେ ସୂର୍ଯ୍ୟମୁଦ୍ରା ଦ୍ୱାରା ଶରୀରରେ ଅଗ୍ନି ତତ୍ତ୍ୱର ପରିମାଣ ବୃଦ୍ଧି ପାଇଥାଏ। ଫଳରେ ଶରୀର ସତେଜ ରହିବା ସହିତ ଆଭ୍ୟନ୍ତରୀଣ ଶକ୍ତି ବୃଦ୍ଧି ପାଇଥାଏ। ତେଣୁ ଶୀତଦିନେ ନିୟମିତ ଏହି ମୁଦ୍ରା କଲେ ଥଣ୍ଡା ସମସ୍ୟା ଦୂର ହେବା ସହିତ ମେଟାବୋଲିଜିମ୍ ପ୍ରକ୍ରିୟା ସ୍ୱାଭାବିକ ହୋଇଥାଏ। ଏହି ମୁଦ୍ରା କରିବା ଦ୍ୱାରା ଶରୀରର ଉଷ୍ମତା ବଢ଼ିଥାଏ ତେଣୁ ଏପରି କରିବା ପୂର୍ବରୁ ଏକ ଗ୍ଲାସ ଥଣ୍ଡା ପାଣି ପିଇଲେ ଭଲ ବୋଲି ଯୋଗଗୁରୁମାନେ ପରାମର୍ଶ ଦେଇଥାନ୍ତି।



## ୨ ବାଲି ବୋଝେଇ ଟ୍ରକ୍ ଜବତ

ବାଲିପାଟଣା : ବାଲିପାଟଣା ଅଞ୍ଚଳରେ ବେଆଇନ ଭାବେ ବାଲିଚାଲାଣ ହେଉଥିବା ଅଭିଯୋଗରେ ଗୁରୁବାର ଅତିରିକ୍ତ ତହସିଲଦାର ସ୍ନେହମୟୀ ଆଚାର୍ଯ୍ୟ ଗୋଟିଏ ହାଇୱା ଓ ଗୋଟିଏ ଟ୍ରକ୍ ଜବତ କରିଛନ୍ତି। ଜବତ ହାଇୱା ଠାରୁ ୨୫ହଜାର ଟଙ୍କା ଫାଇନ କଟାଯାଇ ଛଡ଼ାଯାଇଥିବା ବେଳେ ଅନ୍ୟ ଟ୍ରକ୍‌ର କାଗଜପତ୍ର ଠିକ୍ ନ ଥିବାରୁ ଥାନାରେ ଅଟକ ରଖାଯାଇଛି। ଖମଙ୍ଗ ଛକ ପଟୁ ଅଠାନ୍ତର ଅଭିମୁଖେ ଯାଉଥିବା ଏହି ଦୁଇ ଗାଡ଼ିକୁ ଅତିରିକ୍ତ ତହସିଲଦାର ଆଚାର୍ଯ୍ୟ ପୋଲିସ ସହାୟତାରେ ସରିପୁର ଛକଠାରେ ଅଟକାଇଥିଲେ।

## ସଂକ୍ଷେପରେ

### ୬୦ ରଙ୍ଗ୍‌ସାଇଡ୍‌ରେ ଲାଗିବ ସୂଚନାଫଳକ

ଭୁବନେଶ୍ୱର, ୫।୧୨(ବ୍ୟୁରୋ): ରାଜଧାନୀରେ ଯାନବାହନ ଯାଞ୍ଚ କଡ଼ାକଡ଼ି ହେବା ପରେ ଏବେ ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନାକୁ ନେଇ ପୋଲିସର ଚିନ୍ତା ବଢ଼ାଇ ଦେଇଛି। ତେଣୁ ପୋଲିସ ଭୁବନେଶ୍ୱରରେ ୬୦ଟି ରଙ୍ଗସାଇଡ୍ ଚିହ୍ନଟ କରିଛି। ସେଠାରେ ଟ୍ରାଫିକ ପୋଲିସ ମୁତୟନ ରହି ଫାଇନ୍ କାଟିବେ। ଏହାସହ ଚିହ୍ନଟ ୬୦ଟି ରଙ୍ଗସାଇଡ୍‌ରେ ପୋଲିସ ସୂଚନା ଫଳକ ମାରିବ। ଏଥିରେ ଲୋକଙ୍କୁ ରଙ୍ଗ୍ ସାଇଡ୍ ଦେଇ ନ ଯିବାକୁ ସଚେତନ କରାଯିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ ସୂଚନା ଦେଇଛନ୍ତି। ଶହୀଦନଗରରୁ ବାଣୀବିହାର ଛକ, ଏକ ନମ୍ବର ହାଟରୁ ରାଜମହଲ ଛକ, ସତସଙ୍ଗ ବିହାରରୁ ବାଣୀବିହାର, କୋଟିଲେଇ ହାଟରୁ ଏସ୍‌ପ୍ଲାନେଡ୍ ମଲ୍‌କୁ ଯିବା ଆଦି ପ୍ରମୁଖ ରାସ୍ତାର ଛକରେ ସୂଚନା ଫଳକ ଲଗାଯିବ। ଅନ୍ୟପକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଛାତ୍ରୀଛାତ୍ର କେଉଁ ବାଟ ଦେଇ ଯିବେ ତାହାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଶହୀଦନଗର ଛକରୁ ବାଣୀବିହାର ଛକକୁ ଯିବାକୁ ହେଲେ ରଙ୍ଗରୁଟ ଦେଇ ଯିବାକୁ ହେବ। ତେଣୁ ଛାତ୍ରମାନେ ଏ ନେଇ ଚିନ୍ତାରେ ପଡ଼ିଥିବା ବେଳେ ପୋଲିସ ପାଇଁ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

### ନାରୀ ନିର୍ଯାତନା ପ୍ରସଙ୍ଗରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ: କଂଗ୍ରେସ

ଭୁବନେଶ୍ୱର,୫।୧୨(ବ୍ୟୁରୋ):ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ନାବାଳିକା ଓ ମହିଳାଙ୍କ ପ୍ରତି ଅସଦାଚରଣ, ନିର୍ଯାତନା, ବଳାତ୍କାର ବଢ଼ିଚାଲିଛି। ପୁରୀ ଗଣବଳାତ୍କାର ଘଟଣା ପରେ ବିଭିନ୍ନ ଅଞ୍ଚଳରେ ଘଟିଥିବା ନାରୀ ନିର୍ଯାତନା ପ୍ରସଙ୍ଗ ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ରାଜ୍ୟ ସରକାର ମା'କୁ ସମ୍ମାନ ଦେବାରେ କେତେଦୂର ଯଥାର୍ଥ ମୁଖ୍ୟମନ୍ତ୍ରୀ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ରାଜ୍ୟବାସୀଙ୍କୁ ଉତ୍ତର ଦେବା ପାଇଁ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ ଦାବି କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ କହିଛନ୍ତି ଯେ, ପ୍ରତି ୧୫ମିନିଟ୍‌ରେ ଦେଶରେ ଜଣେ ଏବଂ ଓଡିଶାରେ ଦୈନିକ ୮ଜଣ ମହିଳା, ନାବାଳିକା ବଳାତ୍କାର ଓ ଅସଦାଚରଣର ଶିକାର ହେଉଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ସବୁବେଳେ ପୀଡିତା ଓ ତାଙ୍କ ପରିବାର ବର୍ଗଙ୍କ ସହିତ ଶେଷ ଲଢେଇ ପର୍ଯ୍ୟନ୍ତ ରହିବ ବୋଲି ସତ୍ୟ ପ୍ରକାଶ କହିଛନ୍ତି। ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ନିରାପତ୍ତା, ସମ୍ମାନ ଓ ସ୍ୱାଭିମାନ ଦାବିରେ କଂଗ୍ରେସ କେବେ ହେଲେ ହୀନ ରାଜନୀତି କରିନାହିଁ। ବିଧାନସଭାର ନିର୍ଦ୍ଦିଷ୍ଟ ସମୟସୀମାର ଅବ୍ୟବହିତ ପୂର୍ବରୁ ବନ୍ଦ କରିବା ଘଟଣା ସଂସଦୀୟ ଗଣତନ୍ତ୍ରର ପରମ୍ପରା ପାଇଁ ଏକ କଳଙ୍କିତ ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ତତ୍‌କ୍ଷଣାତ୍ ଏକ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡକାଇ ନାରୀ ନିର୍ଯାତନା ପ୍ରସଙ୍ଗରେ ଆଲୋଚନା କରି ନିରପେକ୍ଷ ତଦନ୍ତର ବ୍ୟବସ୍ଥା କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ବିଧାନର ସମସ୍ତ କ୍ଷେତ୍ର ପ୍ରସ୍ତୁତ କରିବାକୁ ସତ୍ୟ ପ୍ରକାଶ ଦାବି କରିଛନ୍ତି।

### ଉତ୍କଳ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୫-୧୨:ଉତ୍କଳ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବିଭୂତି ଭୁଷଣ ସ୍ୱାଇଁ ସଂଘର ସଭାପତି ଏବଂ ପ୍ରକାଶ କୁମାର ବିଶ୍ୱାଳ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଏହା ସହ ଏସ୍.କେ.ଇମତିଆଜ ଅଲ୍ଲୀ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ନିରଞ୍ଜନ କୁମାର ସାହୁ ପରିଚାଳକ ସମ୍ପାଦକ, ଲକ୍ଷ୍ମୀଧର ବେହେରା ସାଂସ୍କୃତିକ ସମ୍ପାଦକ, ଗଣେଶ୍ୱର ପଣ୍ଡା ସହ ସମ୍ପାଦକ ଏବଂ ଡମ୍ବରଧର ନାୟକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

■ ସରିଲା କଲ୍ୟାଣ ମଣ୍ଡପ, ବିବାହ ମଣ୍ଡପ ଯାଞ୍ଚ

# ୨ ଜୋନରେ ସିଲ୍ ହେବ ୪୮ ବେଆଇନ ବିଲ୍ଡିଂ

**୬ରୁ ଉତ୍ତର ଜୋନରେ, ୭ରୁ ଦକ୍ଷିଣ ପୂର୍ବ ଜୋନରେ ହେବ ଆରମ୍ଭ**

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଭୁବନେଶ୍ୱରର ଦୁଇ ଜୋନ ଦକ୍ଷିଣ ପୂର୍ବ ଓ ଉତ୍ତର ଜୋନରେ କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପଗୁଡ଼ିକର ଯାଞ୍ଚ ସରିଛି। ବିଳମ୍ବରେ ହେଲେ ମଧ୍ୟ ଜେନାଲ ଡେପୁଟି କମିଶନର ପ୍ରମୋଦ ପୃଷ୍ଟି ଓ ରୂପକ ପଟ୍ଟନାୟକ ସମସ୍ତ ବିଲ୍ଡିଂର ଯାଞ୍ଚ ପ୍ରକ୍ରିୟା ସାରିଛନ୍ତି। ଯାଞ୍ଚ ସରିବା ପରେ ଟ୍ରେଡ ଲାଇସେନ୍ସ, ହୋଲ୍ଡିଂ ଟ୍ୟାକ୍ସ, ବିଲ୍ଡିଂ ପ୍ଲାନ, ୱେଷ୍ଟ ମ୍ୟାନେଜ୍‌ମେଣ୍ଟ, ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ୪୮ଟି କଲ୍ୟାଣ ମଣ୍ଡପ, ବିବାହ ମଣ୍ଡପକୁ ସିଲ କରାଯିବ। ଗୁରୁବାର ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପୃଥକ ଭାବେ ଦୁଇଟି ବିଜ୍ଞପ୍ତି ଜାରି କରିବା ସହ ଉକ୍ତ ବିଲ୍ଡିଂଗୁଡ଼ିକୁ ବେଆଇନ ଘୋଷଣା କରିଛି।

ବିଜ୍ଞପ୍ତିରୁ ପ୍ରକାଶ ଯେ, ସମସ୍ତ ବେଆଇନ ବିଲ୍ଡିଂଗୁଡ଼ିକୁ ସିଲ କରିବାକୁ ଏକ ନିର୍ଦ୍ଧାରିତ ତାରିଖ ଚୟନ କରାଯାଇଛି। ନିର୍ଦ୍ଦିଷ୍ଟ ତାରିଖରେ ଉକ୍ତ ବିଲ୍ଡିଂଗୁଡ଼ିକୁ ସିଲ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ବିଏମ୍‌ସିର ମିଳିତ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସ୍ଥାନୀୟ ପୋଲିସର ସହଯୋଗ ନେବ। ଉତ୍ତରଜୋନର ସୂର୍ଯ୍ୟମୁଖି, ମାଧବ ରିସୋର୍ଟ, ବ୍ଲାକ୍ ଫରେଷ୍ଟ, ସାକ୍ଷ୍ୟ କନ୍‌ଭେନ୍‌ସନ୍, ମା' ବିମଳା ମଣ୍ଡପ, ରାଜାରାଣୀ ମଣ୍ଡପ, ମା' ତାରିଣୀ ମଣ୍ଡପ, ରସି ରିସୋର୍ଟ, ଲାଲ ଲନ୍‌ସ, କେ.ଆର ଗାର୍ଡେନ୍, ଡାଲଫିନୀ ଗାର୍ଡେନ୍, କ୍ରିଷ୍ଟାଲ କନ୍‌ଭେନ୍‌ସନ୍, ଆଙ୍ଗନ କନ୍‌ଭେନ୍‌ସନ୍, ଆ.ଜେ ଲନ୍‌ସ, ସିଲାକନ୍ ଭାଲ୍ୟୁ, ବି. ଟେନ୍, ମା' ଦୁର୍ଗା ମଣ୍ଡପ, ଆଶୀର୍ବାଦ ମଣ୍ଡପ (ମୋଟେଲ ରୋଲାଣ୍ଡ), ତ୍ରିଷ୍ଟା ରିସୋର୍ଟ, ତ୍ରିଷ୍ଟା ବାନକ୍ୟୁଟ, ଲୋଗ୍ନା ମଣ୍ଡପ, ବିଳାସିନୀ ମଣ୍ଡପ, ରାଜ୍ ମଣ୍ଡପ, ଅମୃତ ମଣ୍ଡପ, ରେଲୱେ ମ୍ୟାରେଜ୍ ମଣ୍ଡପ (ଉପେନ୍ଦ୍ର ଭଞ୍ଜ), ଗ୍ରୀନ ପାର୍କ ମଣ୍ଡପ, ମଞ୍ଜୁଳା କଲ୍ୟାଣମଣ୍ଡପ ଓ ସାଇଜ୍ୟୋତି ମଣ୍ଡପକୁ ୬ତାରିଖ ଶୁକ୍ରବାରଠାରୁ ସିଲ୍ କରାଯିବ। ସେହିପରି ଦକ୍ଷିଣ ପୂର୍ବ ଜୋନର ଚର୍ତୁଭୂଜ କଟେଜ୍, ପଲ୍ଲଦ୍ୟମ କୋର୍ଟୟାର୍ଡ କଲ୍ୟାଣମଣ୍ଡପ, ମଧୁବନ୍ କଲ୍ୟାଣମଣ୍ଡପ, ମା' ସନ୍ତୋଷୀ କଲ୍ୟାଣମଣ୍ଡପ, ଜି.ଡି ସ୍ୱପତମ୍ କଲ୍ୟାଣମଣ୍ଡପ, ନାମଧାରୀ ଗାର୍ଡେନ୍ସ, ସିଦ୍ଧି ମଣ୍ଡପ, ମା' କଲ୍ୟାଣୀ ମଣ୍ଡପ, କୋରାପୁଟ ଭବନ, ଶିବାନୀ ମଣ୍ଡପ, ଶଗୁନ୍ କଲ୍ୟାଣମଣ୍ଡପ, ପାୟକଲ ହୋଟେଲ (ପ୍ରଶାନ୍ତ କଲ୍ୟାଣ ମଣ୍ଡପ), ବରଜବନ୍ଧୁ କଲ୍ୟାଣ ମଣ୍ଡପ, କେଦାରଗୌରୀ ରିସୋର୍ଟ, ଗୌରୀ କଲ୍ୟାଣ ମଣ୍ଡପ, ଫ୍ରିଡମ ଫାଇଟର ମାଟ୍ରିମୋନିଆଲ ହୋମ୍, ଓଡ଼ିଶା ଓଏଏସ୍ ଆସୋସିଏଶନ୍ ମ୍ୟାରେଜ୍ ମଣ୍ଡପ, ନିଖିଳ ଉତ୍କଳ ପ୍ରାଇମେରୀ ସ୍କୁଲ (ଟିଚର୍ସ ଫେଡେରେସନ୍) ମ୍ୟାରେଜ୍ ମଣ୍ଡପ, ଉତ୍କଳ ଜର୍ନାଲିଷ୍ଟ ଆସୋସିଏଶନ୍ ଓଡ଼ିଶା ମ୍ୟାରେଜ୍ ମଣ୍ଡପକୁ ଆସନ୍ତା ୭ତାରିଖରୁ ସିଲ କରାଯିବ।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ସମସ୍ତ କଲ୍ୟାଣମଣ୍ଡପ ଯାଞ୍ଚ କରାଯିବାକୁ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାଥନାନ ବିଏମ୍‌ସି ଓ ବିଡିଏକୁ ଚିଠି ଲେଖିଥିଲେ। ଏହାକୁ ତୁରନ୍ତ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରିବା ସହ ପ୍ରତିଦିନ ଏହାର ତଦାରଖ କରିବା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ପରେ ବିଏମ୍‌ସି କମିଶନର ବିଲ୍ଡିଂଗୁଡ଼ିକର ଯାଞ୍ଚ କରିବା ସହ ନଭେମ୍ବର ୨୫ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।




'ବିଦେଶ ଆସିଲା ପ୍ରଦେଶ ଦ୍ୱାରକୁ' ଶୀର୍ଷକ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ।

'ବିଦେଶ ଆସିଲା ପ୍ରଦେଶ ଦ୍ୱାରକୁ' ଶୀର୍ଷକ କର୍ମଶାଳା

## 'ମନ୍ତ୍ରଣାଳୟ ପରାମର୍ଶ ନେଇ ବିଦେଶ ଯାଅ'

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ଚାକିରି, ଭ୍ରମଣ ହେଉ ଅବା ବିଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ପ୍ରତିବର୍ଷ ହଜାର ହଜାର ଓଡ଼ିଆ ବିଦେଶକୁ ଯାଉଛନ୍ତି। ହେଲେ ସେଠାକାର ଆଇନକାନୁନ ଓ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି। ଶୋଷଣ, ଠକେଇ ଓ ନିର୍ଯାତନାର ମଧ୍ୟ ଶିକାର ହେଉଛନ୍ତି। ବିଶେଷକରି ଅଣସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କ ଜରିଆରେ ଯାଉଥିବା ଲୋକେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଦେଶକୁ ଯିବାକୁ ଚାହୁଁଥିବା ଲୋକେ ବିଦେଶ ମନ୍ତ୍ରଣାଳୟର ପରାମର୍ଶ ନେଇ ଯିବାକୁ ପରାମର୍ଶ ଦେଇଛନ୍ତି ଏହାର ମୁଖପାତ୍ର ତଥା ଯୁଗ୍ମ ସଚିବ ରବିଶ କୁମାର।

କେନ୍ଦ୍ର ସରକାରଙ୍କ ବୈଦେଶିକ ପ୍ରଚାର ଓ ଜନ କୂଟନୀତି ବିଭାଗ ଏବଂ ଭୁବନେଶ୍ୱର ଆଞ୍ଚଳିକ ପାସ୍‌ପୋର୍ଟ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ଏକ ହୋଟେଲରେ 'ବିଦେଶ ଆସିଲା ପ୍ରଦେଶ ଦ୍ୱାରକୁ' ଶୀର୍ଷକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ରବିଶ କୁମାର ଯୋଗଦେଇ କହିଲେ, ବିଦେଶ ମନ୍ତ୍ରଣାଳୟ ଲୋକଙ୍କୁ ସେବା ଯୋଗାଇବାକୁ ପ୍ରସ୍ତୁତ। ଇ-ମାଇଗ୍ରେଶନ ନାମକ ଏକ ୱେବ୍ ପୋର୍ଟାଲ ଖୋଲାଯାଇଛି। ଏଥିରେ ସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କୁ ନିୟୋଜିତ କରାଯାଇଛି। ଲୋକମାନେ ସେମାନଙ୍କ ସହ ପରାମର୍ଶ କରି ବିଦେଶକୁ ଯାଆନ୍ତୁ ବୋଲି କୁମାର କହିଛନ୍ତି। ଏହି କର୍ମଶାଳାରେ ଓଡ଼ିଶାର ବୈଦେଶିକ ମନ୍ତ୍ରଣାଳୟ ଯୁଗ୍ମ ସଚିବ ନିଖିଳେଶ ଗିରି, ଭୁବନେଶ୍ୱର ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଗରିମା ପଲ୍ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

■ ଯୁକ୍ତ ୩ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବାକୁ ଦାବି

## କୁଳପତିଙ୍କ କାର୍ଯ୍ୟାଳୟ ଘେରିଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)



ଯୁକ୍ତ୩ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବି ନେଇ ଛାତ୍ରୀଛାତ୍ରମାନେ ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଳପତିଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଏକାଠି ହୋଇ ପ୍ରଥମେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ଏବଂ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ରେଜିଷ୍ଟ୍ରାର ଓ ପରୀକ୍ଷା ନିୟନ୍ତ୍ରକ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିବା ସହ ବାକି ଥିବା ପରୀକ୍ଷା ଜାନୁୟାରୀ ୧୫ ପରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଛାତ୍ରୀଛାତ୍ରମାନେ କୁଳପତିଙ୍କୁ ଭେଟିବାକୁ ଜିଦ୍ ଧରିଥିଲେ। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କହିଥିଲେ, ରାଷ୍ଟ୍ରପତିଙ୍କ ଗସ୍ତ ଦୃଷ୍ଟିରୁ ଏବେ କୌଣସି ନିଷ୍ପତ୍ତି ନିଆଯାଇପାରିବ ନାହିଁ। ପରେ ଛାତ୍ର ପ୍ରତିନିଧିମାନଙ୍କୁ ଡାକି ଏହା ଉପରେ ଆଲୋଚନା କରାଯିବ। ଏହାପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଅନ୍ୟପଟେ ପରୀକ୍ଷା ଘୁଞ୍ଚାଇବା ପ୍ରସଙ୍ଗକୁ ଅନେକ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ପାଠପଢା ଓ ପରୀକ୍ଷା ପ୍ରତି ଛାତ୍ରୀଛାତ୍ର ଅବହେଳା ପ୍ରଦର୍ଶନ କରିବା ଯଥାର୍ଥ ନୁହେଁ ବୋଲି ସେମାନେ ସୋସିଆଲ ମିଡିଆରେ ମତ ରଖିଛନ୍ତି। ସୂଚନା ମୁତାବକ, ଫନୀ ବାତ୍ୟା ପାଇଁ ସେତେବେଳେ ହେବାକୁ ଥିବା ପରୀକ୍ଷା ୨ମାସ ଲାଗି ଘୁଞ୍ଚାଇ ଦିଆଯାଇଥିଲା। ତେଣୁ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଜୁଲାଇ ଶେଷ ବେଳକୁ ହୋଇଥିଲା। ୨ମାସ ବିତିଛି କି ନାହିଁ ଆସନ୍ତା ୨୩ ତାରିଖରେ ତୃତୀୟ ସେମିଷ୍ଟର ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବିମାନବନ୍ଦର ଘରୋଇକରଣ ପ୍ରସ୍ତାବର ପ୍ରତିବାଦ

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ଏଏଆଇ କର୍ମଚାରୀ ସଂଘ**

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଭୁବନେଶ୍ୱର ସମେତ ଦେଶର ୬ ବିମାନ ବନ୍ଦରର ଘରୋଇକରଣ ପାଇଁ ପ୍ରସ୍ତାବ ରହିଛି। ତେବେ ଏହାକୁ ତୀବ୍ର ବିରୋଧ କରିଆସୁଛି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ମିଳିତ କର୍ମଚାରୀ ସଂଘ। ଗୁରୁବାର ସଂଘ ପକ୍ଷରୁ ବିମାନବନ୍ଦର କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘ ସଭାପତି ଅଭିରାମ ଭୂୟାଁ କହିଛନ୍ତି, ଏଏଆଇ ମିନି ରତ୍ନ ସଂସ୍ଥା ଭାବେ ଲାଭ ପ୍ରଦାନକାରୀ ହୋଇ ଥିଲେବି କେନ୍ଦ୍ର ସରକାର ଏହାକୁ ଘରୋଇକରଣ କରିବାର ଅର୍ଥ କ'ଣ ବୁଝି ହେଉନି। ଘରୋଇକରଣ ହେଲେ ଏଏଆଇର ସମସ୍ତ ୨୦୩ କର୍ମଚାରୀ ପ୍ରଭାବିତ ହେବେ। ଘରୋଇ ସଂସ୍ଥା ହାତକୁ ଏୟାରପୋର୍ଟ ଚାଲିଗଲେ କର୍ମଚାରୀମାନେ ୩ବର୍ଷ ପର୍ଯ୍ୟନ୍ତ ସମାନ ଦରମାରେ କାର୍ଯ୍ୟ କରିବେ। ଏପରିକି ଘରୋଇ ସଂସ୍ଥା କର୍ମଚାରୀମାନଙ୍କୁ ଛଟେଇ କରିବାର ଆଶଙ୍କା ରହିଛି। ସେହିଭଳି ଏୟାରପୋର୍ଟ ଜମିର ଦୁରୁପଯୋଗ ବି ହୋଇପାରେ। ଏନେଇ ସଂଘ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବ ବୋଲି ଭୂୟାଁ କହିଛନ୍ତି।

### ଭିନ୍ନକ୍ଷମ ସଂଘ ସମ୍ପାଦକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ମଙ୍ଗଳବାର ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ବେହେରାଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ଆଦିବାସୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେହେରାଙ୍କୁ ପୁରସ୍କୃତ କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ନିମନ୍ତେ ଅହରହ ଉଦ୍ୟମ ପାଇଁ ବେହେରାଙ୍କୁ ଏହି ପୁରସ୍କାର ଦିଆଯାଇଛି।

## ଶିକ୍ଷାନୁଷ୍ଠାନ ସମ୍ମୁଖରୁ ହଟିଲା କଂସେଇଖାନା




ମୁଖ୍ୟ ରାସ୍ତାରେ ଥିବା ଏକ କଂସେଇଖାନାକୁ ଭଙ୍ଗାଯାଉଛି।

ବାଲକାଟୀ,୫।୧୨(ଡି.ଏନ୍.ଏ)

**■ଜବରଦଖଲ କରି ମୁଖ୍ୟ ରାସ୍ତାରେ ପଡ଼ୁଛି ଦୋକାନ**

ବାଲକାଟୀର ବଜାର ନିକଟରେ ବିଭିନ୍ନ ବିଦ୍ୟାଳୟ ସମ୍ମୁଖରେ ଥିବା କଂସେଇଖାନାଗୁଡିକ ଜିଲାପାଳଙ୍କ ତାଗିଦର ମାସେ ପରେ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର-ବନମାଳୀପୁର ମୁଖ୍ୟରାସ୍ତାର ଆରମ୍ଭରେ ହିଁ କଂସେଇ ଖାନାଠାରୁ ଆରମ୍ଭ କରି ବହୁ ଆମିଷ ଦୋକାନ ରହିଛି। ଏହି ଦୋକାନଗୁଡିକୁ ଲାଗିରହିଛି ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟ, ନୂଆପାଟଣା ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଜିଏ ପବ୍ଲିକ ସ୍କୁଲ ଏବଂ ପ୍ରତାପ ଶାସନ ଯୁକ୍ତ୨ ମହାବିଦ୍ୟାଳୟ ଏବଂ ଅଳ୍ପ ଦୂରରେ ଶ୍ରୀଶ୍ରୀ ମଦନମୋହନ ଦେବ ମନ୍ଦିର। ଏଥିସହ ଏହି ରାସ୍ତା ଦେଇ ଦୈନିକ ଶହଶହ ଗାଡ଼ିମୋଟର ଯାତାୟାତ ହୁଅନ୍ତି। ବ୍ୟବସାୟୀମାନେ ଜବରଦଖଲ କରି ରାସ୍ତା ଉପରେ ଦୋକାନ କରି ରାସ୍ତାକୁ ସଙ୍କୁଚିତ କରୁଛନ୍ତି। ଫଳରେ ଆମିଷ କିଣିବା ପାଇଁ ଗ୍ରାହକମାନେ ମୁଖ୍ୟରାସ୍ତାରେ ଗାଡି ରଖୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷେ ପ୍ରତ୍ୟହ ଛାତ୍ରୀଛାତ୍ର ଏହି ସବୁ ଶିକ୍ଷାନୁଷ୍ଠାନକୁ ଆସୁଥିବାବେଳେ କଂସେଇଖାନାରେ ପଶୁହତ୍ୟାର ଦୃଶ୍ୟ ଦେଖି ମନରେ କୁପ୍ରଭାବ ପଡିଥାଏ। ଗୋଟିଏ ପଟେ ଛାତ୍ରୀଛାତ୍ରଙ୍କ ମନରେ ପଡୁଥିବା କୁପ୍ରଭାବ ଦ୍ୱିତୀୟରେ ଟ୍ରାଫିକ ସମସ୍ୟା ଯୋଗୁ ହେଉଥିବା ଦୁର୍ଘଟଣାକୁ ପ୍ରଶାସନର ଅଣଦେଖା ନୀତି ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗତ ନଭେମ୍ବର ୫ତାରିଖରେ ରାଜସ୍ୱ ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ବାଲକାଟୀ ଗସ୍ତରେ ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ମହାପାତ୍ର ଏହି କଂସେଇଖାନାକୁ ହଟାଇବା ପାଇଁ ଅନୁରୋଧ କରିଥିଲେ। ଉପସ୍ଥିତ ଥିବା ଖୋର୍ଦ୍ଧା ଜିଲାପାଳ ସୀତାଂଶୁ ରାଉତ, ସରପଞ୍ଚ ଭାଗ୍ୟଧର ନନ୍ଦୀ ଏବଂ ତହସିଲଦାର ରଶ୍ମିରେଖା ପ୍ରଧାନଙ୍କୁ ଉକ୍ତ କଂସେଇଖାନା ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶର ଠିକ ମାସେ ପରେ ଗୁରୁବାର ପୂର୍ବାହ୍ନ ବାଲକାଟୀ ଫାଣ୍ଡି ପୋଲିସ କଂସେଇଖାନାକୁ ଉଚ୍ଛେଦ କରିଥିବାବେଳେ ଅନ୍ୟ ଆମିଷ ଦୋକାନ ପୂର୍ବଭଳି ସେଠାରେ ରହିଛି। ଏ ସମ୍ପର୍କରେ ସରପଞ୍ଚ ଭାଗ୍ୟଧର ନନ୍ଦୀ କୁହନ୍ତି, ଅନ୍ୟ ଆମିଷ ଦୋକାନ ଗୁଡ଼ିକ ଖୁବଶୀଘ୍ର ତହସିଲଦାରଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯିବ।

ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ

## 'ସ୍ୱଚ୍ଛ ମନ ହିଁ ସ୍ୱେଚ୍ଛାସେବୀ ତିଆରି କରେ'

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ସମାଜର ବିକାଶ ଦିଗରେ ଅହରହ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ ନିଜ ମନରେ ଏକ ଦୃଢ଼ ସଙ୍କଳ୍ପ ଓ ପ୍ରତିବଦ୍ଧତା ସାଇତି ରଖିଥାନ୍ତି। ଏକ ସ୍ୱଚ୍ଛ, ସଙ୍କଳ୍ପବଦ୍ଧ ଓ ସମର୍ପିତ ମନ ହିଁ ଜଣେ ସାଧାରଣ ମଣିଷକୁ ସ୍ୱେଚ୍ଛାସେବୀ ଭାବେ ଗଢି ତୋଳେ। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାରେ ସର୍ବଦା ସ୍ୱେଚ୍ଛାସେବୀର ସ୍ଥାନ ସ୍ୱତନ୍ତ୍ର ରହିଆସିଛି। ଗାନ୍ଧୀବାଦ ଓ ସ୍ୱେଚ୍ଛାସେବୀ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ଅବସରରେ ବକ୍ତାମାନେ କହିଛନ୍ତି।

ସ୍ଥାନୀୟ ସିୱାଇଏସ୍‌ଡିଠାରେ ଗୁରୁବାର ବିଭିନ୍ନ ସଂଗଠନ ପକ୍ଷରୁ 'ସ୍ୱେଚ୍ଛାସେବୀ ଓ ମହାତ୍ମା ଗାନ୍ଧୀ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀବାଦୀ ପ୍ରହଲ୍ଲାଦ ଜୀ, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ୟୁଏନ୍‌ଡିପିର ଓଡିଶା ମୁଖ୍ୟ ଆଭା ମିଶ୍ର, ଟାଟା ଷ୍ଟିଲ୍ ସିଏସ୍‌ଆର୍‌ର ଓଡିଶା ମୁଖ୍ୟ ଅମ୍ବିକା ନନ୍ଦ, ସିୱାଇଏସ୍‌ଡି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସିୱାଇଏସ୍‌ଡି ସହ-ପ୍ରତିଷ୍ଠାତା ତଥା ମାର୍ଗଦର୍ଶକ ଜଗଦାନନ୍ଦ ପ୍ରମୁଖ ଏହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆର୍‌ସିଡିସିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ ଉଦ୍‌ଯାପନୀ ସମ୍ଭାଷଣ ଦେଇଥିବାବେଳେ ସଲାମ୍ ଜୀବନର ପ୍ରତିନିଧି ଇମ୍ରାନ୍ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

■ ମହିଳାଙ୍କୁ ପୋଲିସ କମିଶନରଙ୍କ ପରାମର୍ଶ

## 'ସୋସିଆଲ ମିଡିଆରେ ସହାୟତାକୁ ସାବଧାନ'

ଭୁବନେଶ୍ୱର,୫।୧୨(ବ୍ୟୁରୋ)

**■ ସମସ୍ୟାରେ ପଡିଲେ ୧୦୦କୁ ଡାଏଲ କରନ୍ତୁ**

ତେଲଙ୍ଗାନା ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ରାତିରେ ଘରକୁ ଫେରୁଥିବା ମହିଳାଙ୍କ ସୁରକ୍ଷାକୁ ନେଇ ଏବେ ପୋଲିସ ଚିନ୍ତାରେ। ଏଭଳି କ୍ଷେତ୍ରରେ ସୋସିଆଲ ମିଡିଆରେ ମହିଳାଙ୍କୁ ସହାୟତାର ହାତ ବଢାଉଛନ୍ତି ଏକାଧିକ ବ୍ୟକ୍ତି। ନିଜର ନାମ ସହ ଫୋନ୍ ନମ୍ବର ଦେଇ ରାତିରେ ଆବଶ୍ୟକ ପଡ଼ିଲେ କଲ୍ କରି ସାହାଯ୍ୟ ଲୋଡ଼ିବାକୁ ବାର୍ତ୍ତା ଦେଉଛନ୍ତି। ଏପରି କି ରାତିରେ ଯୋଗାଯୋଗ କଲେ ଯୁବତୀମାନଙ୍କୁ ଘରେ ପହଞ୍ଚାଇଦେବେ ବୋଲି ସୋସିଆଲ ମିଡିଆରେ ଏକାଧିକ ପୋଷ୍ଟ ଦେଖିବାକୁ ମିଳୁଛି। ତେବେ ଏହି ଭାଇରାଲ ପୋଷ୍ଟଗୁଡିକ ପୋଲିସର ଚିନ୍ତା ବଢ଼ାଇଛି। ଏ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଟୁଇଟ୍ କରି କହିଛନ୍ତି, ଏଭଳି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ। ଯଦି କୌଣସି ବ୍ୟକ୍ତି ସହଯୋଗର ହାତ ବଢ଼ାଉଛନ୍ତି ସାବଧାନ ହୋଇଯାଆନ୍ତୁ। ସେମାନଙ୍କ ଉପରେ ବିଶ୍ୱାସ ନ କରି ୧୦୦କୁ ଡାଏଲ୍ କରନ୍ତୁ। ଆମର ଅଭିଜ୍ଞ ବ୍ୟକ୍ତି ପରାମର୍ଶ ଦେବା ସହ ସହଯୋଗ କରିବେ। ତେଣୁ ଏଭଳି ପୋଷ୍ଟ ଉପରେ ପୋଲିସ କଡ଼ା ନଜର ରଖିଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଏଭଳି ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

■ ସଙ୍ଗିନ ଅଭିଯୋଗ ଆଣିଲେ ମୃତ ନାବାଳକଙ୍କ ମା'

## 'ପୋଲିସ ମାଡ଼ରେ ମୋ ପୁଅ ମରିଛି'

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

**■ନ୍ୟାୟ ପାଇଁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ**

**■ ନୟାପଲ୍ଲୀ ଥାନା ଅଧିକାରୀ କହିଲେ ପୋଲିସ ମାଡ଼ ମାରିନି**

ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ ଚୋରି ଘଟଣାରେ ସମ୍ପୃକ୍ତି ନେଇ ଲୋକଙ୍କଠାରୁ ନିସ୍ତୁକ ମାଡ଼ ଖାଇଥିବା ନାବାଳକଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା ଆରମ୍ଭ କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ନାବାଳକଙ୍କ ମୃତ୍ୟୁ ଘଟିବା ପରେ ମାମଲାଟି ଏବେ ଭିନ୍ନ ମୋଡ଼ ନେଇଛି। ମୃତ ନାବାଳକ ଜଣକ ହେଲେ ନୟାପଲ୍ଲୀରେ ରହୁଥିବା ହରେକୃଷ୍ଣ ମଲ୍ଲିକ। ଏହି ଘଟଣାରେ ନ୍ୟାୟ ପାଇଁ ହରେକୃଷ୍ଣଙ୍କ ପରିବାର ଲୋକେ ଗୁରୁବାର ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ସହ ପୋଲିସ ନାମରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ହରେକୃଷ୍ଣଙ୍କ ମା' କହିଛନ୍ତି, ଯେତେବେଳେ ପୁଅକୁ ୨ବର୍ଷ ହୋଇଥିଲା ବାପା ଚାଲିଗଲେ। ଦୁଇ ଝିଅ ଓ ଗୋଟିଏ ପୁଅକୁ ଧରି ଦୁଃଖକଷ୍ଟରେ ଚଳୁଥିଲି। ହରେକୃଷ୍ଣ ବଡ଼ ହେବା ପରେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଏକ ମିଛ ଘଟଣାରେ ତାଙ୍କ ପୁଅକୁ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ଡାକ୍ତରୀ ରିପୋର୍ଟରେ ତାଙ୍କ ହାତ ଗୋଡ଼ ଭାଙ୍ଗିଥିବା ସହ ମୁଣ୍ଡ ଓ ପିଠିରେ କ୍ଷତ ଦାଗ ଥିବା ଦର୍ଶାଯାଇଛି। ନୟାପଲ୍ଲୀ ଥାନା ପୋଲିସ ପଚରାଉଚରା କରିବା ବେଳେ ହାଜତ ଭିତରେ ନିସ୍ତୁକ ମାଡ଼ ମାରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ନେଇ ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି, ମୁଁ ୨୨ତାରିଖ ଦିନ ମାଷ୍ଟରକ୍ୟାଣ୍ଟିନରେ ଡ୍ୟୁଟିରେ ଥିଲି। ହରେକୃଷ୍ଣ ଜଣଙ୍କ ଘରୁ ଚୋରି କରୁଥିବା ବେଳେ ଛାତ ଉପରୁ ତଳକୁ ଖସିପଡ଼ିବା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ମାଡ଼ ମାରିଥିଲେ। ପିସିଆର ଭ୍ୟାନ୍ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ପୋଲିସର କୌଣସି ଭୂମିକା ନାହିଁ, ବରଂ ଯୁବକଙ୍କୁ ପୋଲିସ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲା।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ ସଂଗ୍ରାମୀ ଓ ବୈପ୍ଳବିକ ଅଭିନନ୍ଦନ ।

ଶ୍ରୀଯୁକ୍ତ ସମର ବଳ
ଜିଲ୍ଲା ସମ୍ପାଦକ
ସିପିଆଇ (ଏମ୍‌ଏଲ୍) ଲିବରେସନ
ଭଦ୍ରକ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ଏମ ଶ୍ରୀଗିଡା ପଞ୍ଚାୟତବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀ ସୌକିଲାଲ ଜେନା
ସରପଞ୍ଚ

ଶ୍ରୀ ମୌସମ ପଧାନ
କାର୍ଯ୍ୟନିର୍ବାହୀ ଅଧିକାରୀ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ସାନବାଉଁଶ ପଞ୍ଚାୟତର ଜନସାଧାରଣଙ୍କୁ ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀମତୀ ଗୀତାଞ୍ଜଳି ବରିହା
ସରପଞ୍ଚ

ଶ୍ରୀ ମାୟାଧର ଭୋଇ
କାର୍ଯ୍ୟନିର୍ବାହୀ ଅଧିକାରୀ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ତଥା ପବିତ୍ର ମାର୍ଗଶିରର ଶୁଭ ଲଗ୍ନରେ ବରଗଡ ଜିଲ୍ଲା ବିଜେପୁର ବ୍ଲକ ବେନିଆଁଚାଲ ପଞ୍ଚାୟତବାସୀଙ୍କର ସୁଖ, ସମୃଦ୍ଧି କାମନା କରୁଅଛୁ।

ଶ୍ରୀମତୀ ପୂର୍ଣ୍ଣମାସୀ ଡନସନା
ସରପଞ୍ଚ

ଶ୍ରୀ ଚୂଡ଼ାମଣି ସାହା
କାର୍ଯ୍ୟନିର୍ବାହୀ ଅଧିକାରୀ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶ୍ରୀମତୀ ତିଲୋତ୍ତମା ବେହେରା
ସରପଞ୍ଚ, କୋଚ୍ଛ ଗ୍ରାମପଞ୍ଚାୟତ
ତିହିଡ଼ି, ଜି: ଭଦ୍ରକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ।
ଶ୍ରୀଯୁକ୍ତ ଅଜୟ କୁମାର ମହାନ୍ତି
ଚେୟାରମ୍ୟାନ୍
Purna Chandra ITI, Tihidi
Affiliated to S.C.T.E. & V.T., Odisha
N.C.V.T., New Delhi
100% Guarantee, Sure Placement
Trade: FITTER, ELECTRICAL, PLUMBER, COPA, ELECTRONIC
Contact No. 9937960957, 8338077373

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶ୍ରୀଯୁକ୍ତ ଅଜୟ ନାୟକ
ସଭାପତି
ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ
ଭଦ୍ରକ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

କୁମାରେନ୍ଦ୍ର ମହାପାତ୍ର
ପୂର୍ବତନ କର୍ପୋରେଟର (ବିଏମ୍‌ସି)

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

ଆଶିଷ ପଟ୍ଟନାୟକ
ଆଇନଜୀବୀ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

କିଶୋର ମହାନ୍ତି
ପୂର୍ବତନ କର୍ପୋରେଟର (ବିଏମ୍‌ସି)

With best compliments from......
TIHIDI I.T.I
Affiliated to N.C.V.T. New Delhi, Govt. of India vide Regd. No. 6/18/47/2008-TC
Mob: +91 8327716169, www.tihidiiti.org mail: itc.tihidi@gmail.com
U.S INTERNATIONAL SCHOOL
Play, Nursery to Std. V, CBSE Pattern English Medium School, (Tihidi ITI Campus) Mob: +91 8327716169
UMASHANKAR HEALTH CARE
(All Type of Surgery done here)At-Tahasil Chhaka (B.S.K.Y Scheme empanelled), Ph:06784-274982
Mob: 9437298483, mail: umasankar.hc@gmail.com
UMASHANKAR FLY ASH BRICKS
(Quality Fly Ash Bricks are Available here)
At-Bhatapada, Po-Tihidi, Mob-9437133311
UMASHANKAR MEDICAL STORE
(In front Hospital Gate Tihidi) Ph:06784-274475, Mob: +91 9040229025
PREMALATA GANESHPRASAD FOUNDATION
(A Research, Development, Growth and Welfare Trust dedicated to the Society), Registration No. 40301801085
AT/PO-TIHIDI, DIST-BHADRAK, ODISHA, 756130

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

ରବୀନ୍ଦ୍ର କୁମାର ସ୍ୱାଇଁ
ସାଧାରଣ ସମ୍ପାଦକ, କଟକରୋଡ଼ ବ୍ୟବସାୟୀ ସଂଘ

୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

ଅଶୋକ ସିଂହ
ପୂର୍ବତନ କର୍ପୋରେଟର (ବିଏମ୍‌ସି)

Your classified advertisement published in Dharitri will be listed free in Dharitri online edition : dharitriepaper.in

HP GAS
your friendly gas
M/S ANUPAM GAS
ଶୁଭେଚ୍ଛା ବାର୍ତ୍ତା
ବରୀ ଅଞ୍ଚଳର ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ଅନୁପମ ଗ୍ୟାସ, କମ୍ପଗଡ଼, ବରୀ, ଯାଜପୁରରେ ଦୀର୍ଘ ୯ବର୍ଷ ହେବ ସୁଚାରୁପେ ଗ୍ରାହକମାନଙ୍କ ସେବା କରି ଆସୁଛି, ଧରିତ୍ରୀର ୪୬ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛୁ। ଏ ନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କୋଟି ପ୍ରଣାମ ଜଣାଉଛୁ।
ଜୀହାଁ!

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

ସନ୍ତୋଷ କୁମାର ସିଂହ
ସଭାପତି
ନେତାଜୀ ଯୁବକ ସଂଘ, ବଡ଼ଗଡ଼




With Best Compliments from
AARTI STEELS LTD.
...Sharing the dreams of Odisha.
(An ISO 9001, 14001 & OHSAS 18001 Certified Company)



A leading manufacturer of Special Steels of North has integrated itself with East having following facilities at plant.

EXISTING FACILITIES
- RAW MATERIAL PREPARATION PLANT
- SPONGE IRON PLANT
- POWER PLANT
- STEEL MELTING SHOP
- FERRO ALLOYS PLANT
- ROLLING MILL

PROPOSED EXPANSION
- COKE OVENPLANT
- SINTER PLANT
- BLAST FURNACE

| Registered Office | Works |
|---|---|
| G.T.Road, Miller Ganj, Ludhiana, Pin- 141003<br>Ph: 91- 161-3006100<br>Fax:91-161-3006150<br>E-mail: info@aartisteelsltd.com | At: Ghantikhal, P.O. Mahakalabasta<br>Dist: Cuttack, Pin-754029<br>Ph: 0671-3061000<br>Fax:0671-3061150<br>E-mail: cuttack@aartisteelsltd.com |

Website: www.aartisteelsltd.com

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କୁ ସୁଖ ଆଣିଦେଉ, ଏତିକି କାମନା ।

ରାଜଲକ୍ଷ୍ମୀ ନାୟକ
ପୂର୍ବତନ କର୍ପୋରେଟର, ୪୩ନଂ. ୱାର୍ଡ଼
ଭୁବନେଶ୍ୱର ମହାନଗରନିଗମ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ନୂତନ ବର୍ଷ-୨୦୨୦ ସମସ୍ତଙ୍କ ମନରେ ପବିତ୍ରତା ଭରିଦେଉ, ଆଣିଦେଉ, ଏତିକି କାମନା ।

ବାବୁ ସିଂ
ଏକାମ୍ର ନିର୍ବାଚନ ମଣ୍ଡଳୀ
ବିଧାୟକ ପ୍ରାର୍ଥୀ (ଭାଜପା)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ବିଜେପି ନେତୃତ୍ୱରେ ଦେଶରେ ଏକ ସୁଦୃଢ଼ ସରକାର ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟତର ହୋଇଛି।
ସେହିପରି ଦୈନିକ ଖବରକାଗଜ 'ଧରିତ୍ରୀ' ୪୬ ବର୍ଷରେ ପଦାର୍ପଣ କରି ଏକ ସ୍ୱତନ୍ତ୍ର ସ୍ଥାନ ମିଡ଼ିଆ ଜଗତରେ ବଜାୟ ରଖିଛି। ଏହାର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ଓ ପାଠକଙ୍କୁ ଶୁଭେଚ୍ଛା ଜଣାଉଛି ।

ଦିଲୀପ୍ କୁମାର ସ୍ୱାଇଁ
ରାଜ୍ୟ ଉପସଭାପତି, କୃଷକମୋର୍ଚ୍ଚା, ବିଜେପି

**ରେକର୍ଡ ଷଷ୍ଠଥର ପାଇଁ ବାଲୋନ ଡି' ଅର ପୁରସ୍କାର ହାସଲ କରିଥିବା ଲିଓନେଲ ମେସି ବାର୍ସିଲୋନା ପାଇଁ ୭୦୦ତମ ମ୍ୟାଚ ଖେଳିଛନ୍ତି। ଚାମ୍ପିୟନ୍ସ ଲିଗ୍‌ରେ ବୋରୁସିଆ ଡର୍ଟମୁଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଏଥି ସହିତ ସେ ସର୍ବାଧିକ ମ୍ୟାଚ୍ ଖେଳିବା ଓ ସର୍ବାଧିକ ଗୋଲ ସ୍କୋର କରିବା ରେକର୍ଡର ନିକଟତର ହୋଇଛନ୍ତି।**

# ମେସି ମାଇଲଷ୍ଟୋନ

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ନିକଟତର ହୋଇଛନ୍ତି। କେବଳ ସେତିକି ନୁହେଁ ସେ କିମ୍ବଦନ୍ତୀ ଫୁଟବଲର ପେଲେ ଓ ତାଙ୍କ ପୂର୍ବତନ ବାର୍ସିଲୋନା ସାଥି ଖେଳାଳି ଜାଭି ହେର୍ନାଣ୍ଡେଜଙ୍କ ରେକର୍ଡକୁ ଅତିକ୍ରମ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ସେ ନିଜ କ୍ଲବ ବାର୍ସିଲୋନ ପାଇଁ ୭୦୦ତମ ମ୍ୟାଚ୍ ଖେଳିଛନ୍ତି। ଚାମ୍ପିୟନ୍ସ ଲିଗ୍‌ରେ ସେ ଗତ ୨୭ ତାରିଖରେ ବୋରୁସିଆ ଡର୍ଟମୁଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଗ୍ରୁପ୍ ଏଫ୍‌ର ଏହି ମ୍ୟାଚ୍‌ରେ ମେସି ବାର୍ସିଲୋନାର ନେତୃତ୍ୱ ନେଇଥିଲେ। ଘରୋଇ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୩-୧ ଗୋଲରେ ବିଜୟୀ ହୋଇ ବାର୍ସିଲୋନା ନକ୍‌ଆଉଟ୍ ପର୍ଯ୍ୟାୟକୁ ଉଠିଛି। ୩୩ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ମୋଟ ଉପରେ ବାର୍ସିଲୋନା ପାଇଁ ମେସି ୬୧୩ଟି ଗୋଲ ସ୍କୋର କରିଛନ୍ତି।

ଏଥିସହିତ ୩୨ ବର୍ଷୀୟ ମେସି କ୍ଲବରେ ରେକର୍ଡ ୭୬୭ ମ୍ୟାଚ୍ ଠାରୁ କିଛି ଦୂରରେ ରହିଛନ୍ତି। ପୂର୍ବରୁ ତାଙ୍କ ବାର୍ସିଲୋନା ସାଥୀ ଖେଳାଳି ତାରକା ମିଡ୍ ଫିଲ୍ଡର ଜାଭି ହେର୍ନାଣ୍ଡେଜ ୭୬୭ ସଂଖ୍ୟକ ମ୍ୟାଚ୍ ଖେଳି ଏହି ରେକର୍ଡ ସ୍ଥାପନ କରିଥିଲେ। ମେସି ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଚାଲିଛନ୍ତି। ସେ ମଧ୍ୟ ଗତ ସୋମବାର ରେକର୍ଡ ଷଷ୍ଠଥର ପାଇଁ ବିଶ୍ୱ ଫୁଟବଲର ସର୍ବୋଚ୍ଚ ପୁରସ୍କାର ବାଲୋନ ଡି' ଅର ହାସଲ କରିଛନ୍ତି। ଏହି କ୍ରମରେ ନିଜର ପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ପଛରେ ପକାଇଛନ୍ତି।

ପୂର୍ବରୁ ଅବଶ୍ୟ ମେସି ବାର୍ସିଲୋନାର ଟପ୍ ଟ୍ରଫି ୱିନର ସାବ୍ୟସ୍ତ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୩୪ଟି ଟାଇଟଲ ହାସଲ କରି ରେକର୍ଡ ସ୍ଥାପନ କରିଛନ୍ତି। ଏଥିରେ ତାଙ୍କର ୧୧୩ଟି ଷ୍ଟ୍ରାଇକ୍ ସାମିଲ ରହିଛି। ଚାମ୍ପିୟନ୍ସ ଲିଗ୍‌ରେ ୧୪୦ଟି ମ୍ୟାଚ ଖେଳି ସେ ଏହି ସଫଳତା ପାଇଛନ୍ତି। ମେସି ମାତ୍ର ୧୭ ବର୍ଷ ବୟସରେ ୨୦୦୪ରେ ପଦାର୍ପଣ କରିଥିଲେ।

ଚଳିତ ସେସନରେ ଗୋଟିଏ କ୍ଲବ ତରଫରୁ ସେ ୯ଟି କ୍ଲବ ମ୍ୟାଚ୍ ଖେଳି ୧୨ଟି ଗୋଲ ସ୍କୋର କରି କିମ୍ବଦନ୍ତୀ ଫୁଟବଲର ପେଲେଙ୍କ ନିକଟତର ହୋଇଛନ୍ତି। ପେଲେ ୧୯୫୦ରୁ ୧୯୭୦ ମଧ୍ୟରେ ସାଣ୍ଟୋସ୍ ତରଫରୁ ଖେଳି ୬୪୩ଟି ଗୋଲ ସ୍କୋର କରିଥିଲେ। ଚଳିତ ସିଜନ ଶେଷ ଆଡକୁ ଏହି ରେକର୍ଡଗୁଡିକ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି। ବାର୍ସିଲୋନା ସହିତ ମେସି ୪ଥର ୟୁରୋପର ସର୍ବବୃହତ୍ କ୍ଲବ ପୁରସ୍କାର ହାସଲ କରିଛନ୍ତି। ୨୦୧୫ରେ ସେ ଶେଷଥର ପାଇଁ ଏହି ପୁରସ୍କାର ହାସଲ କରିଥିଲେ। ରେକର୍ଡ ୬ଥର ବାଲୋନ ଡି' ଅର ପୁରସ୍କାର ଜିତିଥିବା ମେସି ୬ଥର ୟୁରୋପିଆନ ଗୋଲ୍ଡେନ ବୁଟ୍ ମଧ୍ୟ ହାସଲ କରିଛନ୍ତି।





ନିର୍ମଳ କୁମାର ମିଶ୍ର

# ଫର୍ମୁଲାୱାନ ମୋଟର ରେସିଂ



ଭାଲଟେରି ବୋଟ୍ଟାସ ଓ ଲୁଇସ ହାମିଲଟନ

**୨୦୧୯ ଫର୍ମୁଲାୱାନ ମୋଟର ରେସିଂରେ ମର୍ସିଡିଜ୍‌ର ବ୍ରିଟିଶ୍ ଡ୍ରାଇଭର ଲୁଇସ ହାମିଲଟନ ସବୁଠାରୁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିବା ସହ ସେ ମୋଟ ୬ ଥର ପାଇଁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଭାଲଟେରି ବୋଟ୍ଟାସ ଦ୍ୱିତୀୟ ଓ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନରେ ରହି ସିଜନ ଶେଷ କରିଛନ୍ତି...**

ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରୁ ଆରମ୍ଭ ହୋଇଥିବା ୨୦୧୯ ଫର୍ମୁଲାୱାନ ମୋଟର ରେସିଂ ଆବୁଧାବି ଗ୍ରାଁ ପ୍ରି ସହ ଶେଷ ହୋଇଛି। ଏଥିରେ ବାଜି ମାରିଛନ୍ତି ମର୍ସିଡିଜ୍‌ର ବ୍ରିଟିଶ୍ ଡ୍ରାଇଭର ଲୁଇସ ହାମିଲଟନ। ଟାଇଟଲ୍‌ରେ ହ୍ୟାଟ୍ରିକ ସହ ଏହାକୁ ମିଶାଇ ହାମିଲଟନ ୬ ଥର ପାଇଁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮ ସିଜନରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଫର୍ମୁଲାୱାନର ସଦ୍ୟ ସମାପ୍ତ ସଂସ୍କରଣରେ ସେ ପ୍ରଭାବ ବିସ୍ତାର କରି ୨ଟି ରେସ୍ ବାକିଥାଇ ବିଜୟ ମୁକୁଟ ପିନ୍ଧିବା ନିଶ୍ଚିତ କରିଥିଲେ। ୨୦୧୯ ମୋଟର ରେସିଂ ସିଜନରେ ସେ ମୋଟ ୧୧ଟି ଗ୍ରାଁ ପ୍ରି ଜିତି ୪୧୩ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟ କୌଣସି ଡ୍ରାଇଭର ତାଙ୍କ ପାଖାପାଖି ପଏଣ୍ଟ ହାସଲ କରିପାରି ନ ଥିବାବେଳେ ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ଭାଲଟେରି ବୋଟ୍ଟାସ ୪ ଗ୍ରାଁ ପ୍ରି ବିଜୟ ସହ ୩୨୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ୩ ବିଜୟ ଓ ୨୭୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ସିଜନ ଶେଷ କରିଛନ୍ତି।

ଫର୍ମୁଲାୱାନ ମୋଟରରେସିଂ ଏକ ବିପଜ୍ଜନକ କ୍ରୀଡ଼ା ହୋଇଥିଲେ ହେଁ ବିଶ୍ୱରେ ଏହାର ଅଗଣିତ ଦର୍ଶକ ରହିଛନ୍ତି। ଏହି କ୍ରୀଡ଼ାର କିମ୍ବଦନ୍ତୀ ଡ୍ରାଇଭର ହେଉଛନ୍ତି ଜର୍ମାନୀର ମାଇକେଲ ସୁମାକର। ସେ ୧୯୯୧ରୁ ୨୦୧୨ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରିଥିଲେ। ଫର୍ମୁଲା ୱାନର ବାଦଶାହା ରୂପେ ପରିଚିତ ସୁମାକର ୭ଥର ବିଶ୍ୱ ଚାମ୍ପିୟନ ହୋଇ ରେକର୍ଡର ଅଧିକାରୀ ଅଛନ୍ତି। ସେ ୧୯୯୪, ୧୯୯୫, ୨୦୦୦, ୨୦୦୧, ୨୦୦୨, ୨୦୦୩, ୨୦୦୪ରେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସୁମାକର ବର୍ତ୍ତମାନ ଜୀବିତ ଥିଲେ ହେଁ ଦୁର୍ଘଟଣାର ଶିକାର ହୋଇ ଦୀର୍ଘଦିନ ହେବ କୋମାରେ ଅଛନ୍ତି। ତାଙ୍କ ପଛକୁ ବିଶ୍ୱର ଦ୍ୱିତୀୟ ସଫଳ ଫର୍ମୁଲା ୱାନ ଡ୍ରାଇଭର ରୂପେ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ହାମିଲଟନ। ସେ ୬ଥର ବିଶ୍ୱ ଚାମ୍ପିୟନ ହୋଇ ସାରିଥିବାରୁ ସୁମାକରଙ୍କ ରେକର୍ଡ ଭାଙ୍ଗିବା ସମ୍ଭାବନା ସୃଷ୍ଟି କରିଛନ୍ତି।

୨୦୧୯ରେ ଅନୁଷ୍ଠିତ ଶ୍ରେଷ୍ଠ ଗ୍ରାଁ ପ୍ରି ଗୁଡିକ ମଧ୍ୟରେ ରହିଥିଲା ଅଷ୍ଟ୍ରେଲିଆନ, ଫ୍ରେଞ୍ଚ, ଜର୍ମାନ, ଇଟାଲିଆନ୍, ରୁଷିଆ, ଜାପାନିଜ୍, ମେକ୍ସିକାନ୍, ୟୁଏସ୍, ବ୍ରିଟିଶ, ଅଷ୍ଟ୍ରିଆନ, ହଙ୍ଗେରିଆନ, ସିଙ୍ଗାପୁର ଏବଂ ସ୍ପାନିସ୍ ଗ୍ରାଁପ୍ରି। ଏହି ସିଜନରେ ହାମିଲଟନଙ୍କର ମୁଖ୍ୟତଃ ଭାଲଟେରି ବୋଟ୍ଟାସ, ମ୍ୟାକ୍ସ ଭର୍ଷ୍ଟାପେନ, ଚାର୍ଲ୍ସ ଲେକ୍‌ଲେର୍କ, ସେବାଷ୍ଟିଆନ ଭେଟେଲଙ୍କ ସହ କଡ଼ା ମୁକାବିଲା ହୋଇଥିଲା। ମାତ୍ର ୨୧ଟିରୁ ଏକାକୀ ୧୧ଟି ଗ୍ରାଁ ପ୍ରି ଜିତି ଅନ୍ୟମାନଙ୍କୁ ବହୁ ପଛରେ ପକାଇ ଦେଇଥିଲେ ହାମିଲଟନ। ସେ ମୋଟ ୧୭ ଥର ପୋଡିୟମ ମଣ୍ଡନ କରିଥିଲେ।

ଫର୍ମୁଲାୱାନ ମୋଟର ରେସିଂ ଇତିହାସରେ ସୁମାକର ଓ ହାମିଲଟନଙ୍କ ପଛକୁ ଜୁଆନ-ମାନୁଏଲ ପାଙ୍ଗିଓ ୫ଟି ଟାଇଟଲ ସହ ୩ୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ସେବାଷ୍ଟିଆନ୍ ଭେଟେଲ ମଧ୍ୟ ୪ଥର ବିଶ୍ୱ ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଚଳିତ ସିଜନ ଶେଷରେ ହାମିଲଟନ ମୋଟ ୧୫୧ଥର ପୋଡିୟମ ମଣ୍ଡନ କରିଛନ୍ତି। ଏହି ତାଲିକାରେ ସୁମାକର ୧୫୫ ପୋଡିୟମ ମଣ୍ଡନ ସହ ଶୀର୍ଷରେ ଅଛନ୍ତି। ସର୍ବାଧିକ ଫର୍ମୁଲା ୱାନ ଗେମ୍ ଜିତିବାରେ ମଧ୍ୟ ହାମିଲଟନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମାଇକେଲ ସୁମାକର ତାଙ୍କର କ୍ୟାରିୟର ମଧ୍ୟରେ ୯୧ଟି ରେସ୍ ଜିତିଥିବା ବେଳେ ହାମିଲଟ୍ ୮୪ଟି ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫର୍ମୁଲା ୱାନରେ ମୋଟ ବିଜୟ ହାରକୁ ଦେଖିଲେ ହାମିଲଟନ୍‌ଙ୍କ ସ୍ଥାନ ୩ୟ ସ୍ଥାନରେ ରହିଛି।

**୨୦୧୯ ଫଳାଫଳ**

| ଗ୍ରାଁ ପ୍ରି | ବିଜେତା |
|---|---|
| ଅଷ୍ଟ୍ରେଲିଆନ | ଭାଲଟେରି ବୋଟ୍ଟାସ |
| ବାହାରିନ | ଲୁଇସ ହାମିଲଟନ |
| ଚାଇନିଜ | ଲୁଇସ ହାମିଲଟନ |
| ଆଜରବୈଜାନ | ଭାଲଟେରି ବୋଟ୍ଟାସ |
| ସ୍ପାନିଶ୍ | ଲୁଇସ ହାମିଲଟନ |
| ମୋନାକୋ | ଲୁଇସ ହାମିଲଟନ |
| କାନାଡ଼ିଆନ | ଲୁଇସ ହାମିଲଟନ |
| ଫ୍ରେଞ୍ଚ୍ | ଲୁଇସ ହାମିଲଟନ |
| ଅଷ୍ଟ୍ରିଆନ | ମ୍ୟାକ୍ସ ଭର୍ଷ୍ଟାପେନ |
| ବ୍ରିଟିଶ୍ | ଲୁଇସ ହାମିଲଟନ |
| ଜର୍ମାନ | ମ୍ୟାକ୍ସ ଭର୍ଷ୍ଟାପେନ |
| ହଙ୍ଗେରିଆନ | ଲୁଇସ ହାମିଲଟନ |
| ବେଲଜିଆନ | ଚାର୍ଲ୍ସ ଲେକ୍‌ଲେର୍କ |
| ଇଟାଲିଆନ | ଚାର୍ଲ୍ସ ଲେକ୍‌ଲେର୍କ |
| ସିଙ୍ଗାପୁର | ସେବାଷ୍ଟିଆନ ଭେଟେଲ |
| ରୁଷିଆନ | ଲୁଇସ ହାମିଲଟନ |
| ଜାପାନିଜ୍ | ଭାଲଟେରି ବୋଟ୍ଟାସ |
| ମେକ୍ସିକାନ | ଲୁଇସ ହାମିଲଟନ |
| ୟୁଏସ | ଭାଲଟେରି ବୋଟ୍ଟାସ |
| ବ୍ରାଜିଲିଆନ | ମ୍ୟାକ୍ସ ଭର୍ଷ୍ଟାପେନ |
| ଆବୁଧାବି | ଲୁଇସ ହାମିଲଟନ |








ଶୁଭେଚ୍ଛା ବାର୍ତ୍ତା

ଧରିତ୍ରୀର ୪୭ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହାର ଉନ୍ନତି କାମନା କରିବା ସହ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।



ମମତା ବେହେରା
ଅଧ୍ୟକ୍ଷା, ଏନ୍.ଏ.ସି.
ବାଲିଗୁଡ଼ା, ଜି: କନ୍ଧମାଳ

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଅବସରରେ "ପ୍ରକୃତିମିତ୍ର" ପ୍ରାପ୍ତ ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦମାନଙ୍କ ତରଫରୁ ଶୁଭେଚ୍ଛା।

ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବାଳକାଟି, ଖୋର୍ଦ୍ଧା

ବନ୍ତଳା ଅଞ୍ଚଳର ଦୀପଶିଖା

ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବନ୍ତଳା ୧୯୮୬ ମସିହାରୁ ଆଜି ପର୍ଯ୍ୟନ୍ତ +୨ ଶିକ୍ଷାଦାନ କରି ବନ୍ତଳା ଅଞ୍ଚଳର ଶୈକ୍ଷିକ ଅଭିବୃଦ୍ଧିରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ରୂପେ ପରିଚିତ। ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ହଷ୍ଟେଲ ସୁବିଧା ଥିବା ଏହି ବିଦ୍ୟାଳୟରେ +୨ ବିଜ୍ଞାନ ଓ କଳା ପାଠ୍ୟକ୍ରମ ପାଇଁ ଯଥାକ୍ରମେ ୧୯୨ ଓ ୨୫୬ ସିଟ୍ ରହିଛି। ଗତବର୍ଷମାନଙ୍କରେ ପ୍ରାୟ ୭୫% ଫଳାଫଳ ଅର୍ଜନ କରିଥିବା ଏହି ଶିକ୍ଷାନୁଷ୍ଠାନ ଅନୁଗୋଳ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ।








| Dollar | Sensex | Nifty | Gold | Silver |
|---|---|---|---|---|
| 24 71.29 | 70.70 40,779.59 | 24.80 12,018.40 | ₹74 38,985.00 | ₹771 45,539.00 |



ମାନ୍ଦାବସ୍ଥାକୁ ନେଇ ସରକାର ଅନ୍ଧାରରେ ଅଛନ୍ତି। ଅର୍ଥ ବ୍ୟବସ୍ଥାକୁ ନେଇ ପ୍ରଧାନମନ୍ତ୍ରୀ ଚୁପ୍ ରହିବା ଅତ୍ୟନ୍ତ ଚିନ୍ତାଜନକ।
–ପି.ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ



୨୦୧୮–୧୯ରେ ଖାଉଟିଙ୍କ ଖର୍ଚ୍ଚ ବଢ଼ିଛି। ଖାଉଟିଙ୍କ ଖର୍ଚ୍ଚ କମିବା ନେଇ ଆସିଥିବା ରିପୋର୍ଟ ଏକ ଭ୍ରାନ୍ତ ଧାରଣା।
–ରାଓ ଇନ୍ଦରଜିତ ସିଂ, ପରିସଂଖ୍ୟାନ ରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ରେକର୍ଡ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର

ମୁମ୍ବାଇ,୫-୧୨: ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ନୂଆ ରେକର୍ଡ ସ୍ତର ଛୁଇଁଛି। ଏହି ସମୟରେ ଏହା ୪୫୧.୭ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ବିଦେଶୀ ମୁଦ୍ରା ଭଣ୍ଡାରରେ ୩୮.୮ ବିଲିୟନ ଡଲାର ବୃଦ୍ଧି ଘଟିଥିବା ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ନଭେମ୍ବର ୨୨ ପରଠାରୁ ଏଥିରେ ୩୪୭ ନିୟୁତ ବୃଦ୍ଧି ଘଟିଛି। ମାତ୍ର ପ୍ରଥମ ଥର ଲାଗି ଏହା ୪୫୦ ବିଲିୟନ ଡଲାର ଟପିଥିବା ଜଣାପଡିଛି।

### ପିଏମ୍‌ସି ଠକେଇର ଫୋରେନସିକ ଅଡିଟ୍ ରିପୋର୍ଟ ଶୀଘ୍ର

ମୁମ୍ବାଇ,୫-୧୨: ଠକେଇ ଦ୍ୱାରା ପ୍ରଭାବିତ ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋ ଅପରେଟିଭ୍ ବ୍ୟାଙ୍କର ଫୋରେନସିକ ରିପୋର୍ଟ ଚଳିତ ମାସ ଶେଷ ସୁଦ୍ଧା ଆସିବ ବୋଲି ରିଜର୍ଭ ବ୍ୟାଙ୍କ କହିଛି। ଏହା ଆସିଲେ ଋଣ ନେଇଥିବା ବ୍ୟକ୍ତି ବିଶେଷଙ୍କ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରିବା ସହଜ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି।

### ସିଆର୍‌ଆଇଏଲ୍‌ସି ଅଧୀନକୁ ଆସିବେ ସମବାୟ ବ୍ୟାଙ୍କ

ମୁମ୍ବାଇ,୫-୧୨: ସେଣ୍ଟ୍ରାଲ ରିପୋଜିଟୋରି ଅଫ୍ ଇନଫରମେଶନ ଅନ୍ ଲାର୍ଜ କ୍ରେଡିଟ୍ସ(ସିଆର୍‌ଆଇଏଲ୍‌ସି) ପରିସରକୁ ସମବାୟ ବ୍ୟାଙ୍କଗୁଡିକୁ ଆଣିବାକୁ କେନ୍ଦ୍ରୀୟ ବ୍ୟାଙ୍କ ପ୍ରସ୍ତାବ ଦେଇଛି। ଯେଉଁ ବ୍ୟାଙ୍କଗୁଡିକର ମୋଟ ସମ୍ପତ୍ତି ୫୦୦ କୋଟି ଟଙ୍କାରୁ ଅଧିକ ସେମାନେ ଏହା ପରିସରକୁ ଆଣିବାକୁ କୁହାଯାଇଛି। ପିଏମ୍‌ସି ଭଳି ବ୍ୟାଙ୍କ ଠକେଇ ଉପରେ ରୋକ ଲଗାଇବା ଲାଗି ଏଭଳି ନିଷ୍ପତ୍ତି ହୋଇଛି।

# ଅପରିବର୍ତ୍ତିତ ରହିଲା ରେପୋ ରେଟ୍

ମୁମ୍ବାଇ,୫-୧୨



- ରେପୋ ହାର ୫.୧୫%
- ମୁଦ୍ରାସ୍ଫୀତି ପୂର୍ବାନୁମାନ ୫.୧-୪.୭%
- ଅଭିବୃଦ୍ଧି ପୂର୍ବାନୁମାନ ୫%କୁ ହ୍ରାସ
- ପରବର୍ତ୍ତୀ ଏମ୍‌ପିସି ବୈଠକ ୨୦୨୦ ଫେବୃୟାରୀ ୪ରୁ ୬

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗୁରୁବାର ଏହାର ରେପୋ ରେଟ ବା ସୁଧହାରକୁ ଅପରିବର୍ତ୍ତିତ ରଖିଛି। କେନ୍ଦ୍ରୀୟ ବ୍ୟାଙ୍କ ଏହା ପୂର୍ବରୁ ଲଗାତର ଭାବେ ସୁଧହାର ହ୍ରାସ କରି ଆସୁଥିଲା। ଚଳିତ ଥର ମଧ୍ୟ ସୁଧ ହାର ହ୍ରାସ ହେବ ବୋଲି ବଜାର ବିଶେଷଜ୍ଞ ଏବଂ ଶିଳ୍ପ ଜଗତ ଆଶା ରଖିଥିଲା। ହେଲେ ସୁଧ ହାର ହ୍ରାସ ଧାରାରେ ଚଳିତ ଥର ବିରତି ଲାଗିଛି। ମୁଦ୍ରାସ୍ଫୀତି ଜନିତ ଚାପ, ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଏବଂ ଆର୍ଥିକ ମାନ୍ଦାବସ୍ଥା ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ରିଜର୍ଭ ବ୍ୟାଙ୍କ ସୁଧ ହାର କମାଇ ନ ଥିବା କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏହା ପୂର୍ବରୁ ଚଳିତ ବର୍ଷ ୫ଥର ସୁଧ ହାର ହ୍ରାସ କରିଥିଲା। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକରେ ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିବା ନେଇ ଭୋଟ କରିଛନ୍ତି। ଫଳରେ ରେପୋ ୫.୧୫% ଏବଂ ରିଭର୍ସ ରେପୋ ୪.୯୦% ସ୍ତରରେ ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ମଧ୍ୟ ହ୍ରାସ କରାଯିବା ଫଳରେ ୫% କୁ ଖସିଛି।

ଜିଡ଼ିପି ଅଭିବୃଦ୍ଧିକୁ ଧ୍ୟାନରେ ରଖି ଏହାର ପଦକ୍ଷେପ ଧାରାକୁ ବଜାୟ ରଖିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱାରୋପ କରିଛି। ଏପରି ସ୍ଥିତିରେ ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ଭାରତର ଜିଡିପି ଅଭିବୃଦ୍ଧି ୫% ରହିବ ବୋଲି ଏହା ପରିବର୍ତ୍ତିତ ପୂର୍ବାନୁମାନରେ ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ଅଭିବୃଦ୍ଧି ୬.୧% ରହିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା। ସୁଧ ହାରରେ ହ୍ରାସରେ ବର୍ତ୍ତମାନ ଲାଗିଥିବା ରୋକ କ୍ଷଣସ୍ଥାୟୀ ବୋଲି ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ଚଳିତ ବର୍ଷ ମୋଟ ୫ ଥରରେ ହ୍ରାସ ହୋଇଥିବା ୧୩୫ ବେସିସ ପଏଣ୍ଟ ରେପୋର ପ୍ରଭାବ ଅର୍ଥନୀତି ଉପରେ କ'ଣ ରହୁଛି ତାର ତର୍ଜମା କରାଯିବ। ବ୍ୟାଙ୍କଗୁଡିକ ବର୍ତ୍ତମାନ ୪୪ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ସୁଧହାର ହ୍ରାସର ଲାଭ ଗ୍ରାହକଙ୍କୁ ଦେଇଥିବା ସେ କହିଛନ୍ତି। ସବୁ ସମୟରେ ସୁଧ ହାର ହ୍ରାସ କରାଯାଇ ପାରିବନାହିଁ। କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପର ପ୍ରଭାବ କ'ଣ ରହୁଛି ତାର ବିଚାର କରାଯାଉଥିବା ସେ ମତ ରଖିଛନ୍ତି।

ସେ ପୁଣି କହିଛନ୍ତି ଯେ, ସରକାର ଗ୍ରହଣ କରିଥିବା ପଦକ୍ଷେପ ଗ୍ରାହକଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଏବଂ ଚାହିଦା ବଢାଇବା ଦିଗରେ କାର୍ଯ୍ୟ କରୁଛି। ଅଭିବୃଦ୍ଧିକୁ ନଜରରେ ରଖି ବିତ୍ତୀୟ ଏବଂ ମୁଦ୍ରାନୀତି କ୍ଷେତ୍ରରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ସରକାର ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ ନ କରି ପାରିଲେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଏଥିଲାଗି ଚିନ୍ତିତ ନୁହେଁ। ଆସନ୍ତା ଫେବୃୟାରୀରେ ସରକାରଙ୍କ ବଜେଟ ଏବଂ ଡାଟା ଆସିଲା ପରେ ପୁଣି ଥରେ ସୁଧ ହାର ହ୍ରାସ ନେଇ ବିଚାର କରାଯିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ବାରମ୍ବାର ସୁଧହାର ହ୍ରାସ କରିବା ଅପେକ୍ଷା ବର୍ତ୍ତମାନ ଯାଏ ଯାହା ପଦକ୍ଷେପ ନିଆଯାଇଛି ତା'ର ପ୍ରଭାବକୁ ବିଚାର କରି ପରବର୍ତ୍ତୀ ଯୋଜନା ହାତକୁ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅକ୍ଟୋବରରେ ମୁଦ୍ରାସ୍ଫୀତି ୪.୬% ରହିଛି ଯାହା କେନ୍ଦ୍ରୀୟ ବ୍ୟାଙ୍କ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ। ଏହାକୁ ବିଚାର କରି ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧ ଲାଗି ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୫.୧–୪.୭% କରିଛି। ଏହା ପୂର୍ବରୁ ୩.୫–୩.୭% ରହିଥିଲା। ପ୍ରଥମଥର ଲାଗି ଅକ୍ଟୋବରର ମୁଦ୍ରାସ୍ଫୀତି ମଧ୍ୟମ ମିଆଦୀ ଲକ୍ଷ୍ୟଠାରୁ ଟପି ୪.୬% ରହିଛି। ପିଆଜ ଏବଂ ଟମାଟୋ ଭଳି ପନିପରିବା ଦର ବଢିବା ଯୋଗୁ ମୁଦ୍ରାସ୍ଫୀତି ବଢିଥିବା ଗଭର୍ଣ୍ଣର ଦାସ ମତ ରଖିଛନ୍ତି।

କେନ୍ଦ୍ରୀୟ ବ୍ୟାଙ୍କ ନୂଆ ପ୍ରିପେଡ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ (ପିପିଆଇ) ଲାଗୁ କରିବାକୁ ପ୍ରସ୍ତାବ ଦେଇଛି। ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ଏଭଳି ପ୍ରିପେଡ କାର୍ଡ ବ୍ୟବହାର କରାଯାଇପାରିବ। ଡିଜିଟାଲ ପେପେଣ୍ଟ ପ୍ରୋତ୍ସାହନ ଦିଗରେ ପିପିଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହା ଲାଗୁ ହେଲେ ଡିଜାଟାଲ ନେଣଦେଣ ଧାରା ତ୍ୱରାନ୍ୱିତ ହେବ ବୋଲି ଆର୍‌ବିଆଇ କହିଛି।

ପିଅର ଟୁ ପିଅର (ପିଟୁପି) ଲେଣ୍ଡିଂ ପ୍ଲାଟଫର୍ମକୁ ବୃଦ୍ଧି ଲାଗି ରିଜର୍ଭ ବ୍ୟାଙ୍କ ପିଟୁପି ଲେଣ୍ଡରଙ୍କ ମୋଟ ଋଣ ପ୍ରଦାନ ସୀମା ୫୦ ଲକ୍ଷ ଟଙ୍କାକୁ ବଢିଛି। ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ଡିଜିଟାଲ କରେନ୍ସି ଆଣିବା ନେଇ ସ୍ପଷ୍ଟ ଭାବେ କହି ହେବ ନାହିଁ ବୋଲି ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ପ୍ରାଇଭେଟ ଡିଜିଟାଲ କରେନ୍ସି ବିପକ୍ଷରେ ରିଜର୍ଭ ବ୍ୟାଙ୍କ ରହିଥିବା ଗଭର୍ଣ୍ଣର ଦାସ ସ୍ପଷ୍ଟ କରିଛନ୍ତି।

# ଟିଭିଏସ୍‌ର ନୂଆ ଏକ୍ସଏଲ୍ ୧୦୦ କମ୍ଫର୍ଟ ଆଇ-ଟଚ୍ ଷ୍ଟାର୍ଟ




ଭୁବନେଶ୍ୱର,୫-୧୨

ଟିଭିଏସ୍ ପକ୍ଷରୁ ନୂଆ ଟିଭିଏସ୍ ଏକ୍ସଏଲ୍ ୧୦୦ କମ୍ଫର୍ଟ ଆଇ-ଟଚ୍ ଷ୍ଟାର୍ଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ ୟୁଟିଲିଟି ପ୍ରଡକ୍ଟ ମାର୍କେଟିଂ ଡିଜିଏମ୍ ଏନ୍‌ଆର୍ ବିଘ୍ନେଷ ଏବଂ ଏରିଆ ମ୍ୟାନେଜର ଡି.ବାପିରାଜୁ ବଜାର ପ୍ରବେଶ କରାଇଛନ୍ତି। ନୂଆ ମଡେଲଟିରେ ଆଇ-ଟଚ୍ ଷ୍ଟାର୍ଟ, ମୋବାଇଲ ଚାର୍ଜିଂ ବିକଳ୍ପ, ସିଙ୍କ୍ ବ୍ରେକିଂ ଟେକ୍ନୋଲୋଜି, ଏଲ୍ଇଡି ଡିଆର୍‌ଏଲ୍, ହାଇଡ୍ରୋଲିକ ସସ୍‌ପେନ୍‌ସନ, ଆରାମ ଏବଂ ଦୀର୍ଘ ଡୁଆଲ ଟୋନ ସିଟ୍, କୁସନ ବ୍ୟାକ୍ ସିଟ୍, ଉନ୍ନତ ଷ୍ଟାଇଲିଂ ଏଲିମେଣ୍ଟ, କ୍ରୋମ ଲେଗ୍ ଗାର୍ଡ ଏବଂ କ୍ରୋମ ସାଇଲେନ୍ସର ଗାର୍ଡ ଭଳି ବୈଶିଷ୍ଟ୍ୟ ରହିଛି। ଏହା କୁଲ୍ ମିଣ୍ଟ ବ୍ଲୁ, ଲଷ୍ଟର ଗୋଲ୍ଡ, ସ୍ପାର୍କଲିଙ୍ଗ ସିଲଭର ରଙ୍ଗ ସହ ବଜାରକୁ ଆସିଛି। ଏହାର ଏକ୍ସ ଶୋରୁମ ଓଡ଼ିଶା ବଜାର ଦର ୪୦,୬୭୮ ଟଙ୍କା ରହିଛି ବୋଲି ଟିଭିଏସ୍ ମୋଟର କମ୍ପାନୀର ୟୁଟିଲିଟି ପ୍ରଡକ୍ଟ ଉପସଭାପତି ଏସ୍.ବୈଦ୍ୟନାଥନ କହିଛନ୍ତି।

# ଭୁବନେଶ୍ୱରରେ ହିଲିୟସର ୨ୟ ଷ୍ଟୋର



ଭୁବନେଶ୍ୱର,୫-୧୨

ଟାଇଟାନ କମ୍ପାନୀ ଲିମିଟେଡର ପ୍ରିମିୟମ ୱାଚ ରିଟେଲର ହିଲିୟସର ଦ୍ୱିତୀୟ ଷ୍ଟୋର ଭୁବନେଶ୍ୱରରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିଷ୍କ ଏବଂ କ୍ୟାରେଟଲେନ ଶୋ'ରୁମ୍ ନିକଟରେ ୭୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହା ଖୋଲିଛି। ନୂଆ ଶୋ'ରୁମକୁ ଟାଇଟାନ କମ୍ପାନୀ ଲିମିଟେଡର ଡବ୍ଲ୍ୟୁଓଟି,ହିଲିୟସ, ଫାଷ୍ଟ୍ରାକ ରିଟେଲ ହେଡ ଅଜୟ ଦ୍ୱିବେଦୀ, ବିଜନେସ ଆସୋସିଏଟ ପପୁ ହଂସ, ହିଲିୟସର ନ୍ୟାଶନାଲ ବିଜନେସ ମ୍ୟାନେଜର ରାମ ଚନ୍ଦ୍ରନ, ରିଜିଅନାଲ ବିଜନେସ ମ୍ୟାନେଜର ଜୟକିଶନ ମେହେଟା ଉନ୍ମୋଚନ କରିଥିଲେ। ନୂଆ ଷ୍ଟୋରରେ ଟାଇଟନ ଷ୍ଟାଇଲରେ ଗ୍ରାହକମାନେ ସର୍ବୋତ୍ତମ ଗ୍ରାହକ ସେବା ପାଇ ପାରିବେ ବୋଲି ରିଟେଲ ହେଡ ଦ୍ୱିବେଦୀ କହିଛନ୍ତି। ଏହା ଦ୍ୱାରା ଗ୍ରାହକ ପରିବର୍ଦ୍ଧିତ କ୍ରୟ ଅଭିଜ୍ଞତା ଲାଭ କରିବାକୁ ସକ୍ଷମ ହେବେ। ଏହା ହିଲିୟସର ୮୮ତମ ଷ୍ଟୋର। ଏହି ଅବସରରେ ଟମି ହିଲଫିଗର, ପୋଲିସ୍, କେନେଥ କୋଲେ, ସିକୋ ଏବଂ ସିଟିଜେନ ଭଳି ଅନ୍ୟ ଅନ୍ତର୍ଜାତୀୟ ବ୍ରାଣ୍ଡ ହାତଘଣ୍ଟା ଉପରେ ଫ୍ଲାଟ ୧୦% ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଡିସେମ୍ବର ୬ରୁ ୮ ଯାଏ ଉପଲବ୍ଧ ରହିବ।

# ସଞ୍ଜୀବ କୁମାର ରାଉତଙ୍କୁ ପରିବର୍ତ୍ତନକାରୀ ଅଧିନାୟକ ସମ୍ମାନ

ଭୁବନେଶ୍ୱର,୫-୧୨



ସିଭି ରମଣ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତଙ୍କୁ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ(ଫିକି) ପକ୍ଷରୁ ପରିବର୍ତ୍ତନକାରୀ ଅଧିନାୟକ ସମ୍ମାନ ୨୦୧୯ରେ ସମ୍ମାନିତ କରାଯାଇଛି। ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ତାଙ୍କୁ ଏଭଳି ପୁରସ୍କାର ମିଳିଛି। ନିକଟରେ ଫିକି ପକ୍ଷରୁ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ସଞ୍ଜୀବ ରାଉତଙ୍କ ପକ୍ଷରୁ ତାଙ୍କ ଧର୍ମପତ୍ନୀ ଶୈଳଜା ରାଉତ କେନ୍ଦ୍ର ରାଜପଥ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ ଏହି ପୁରସ୍କାର ଲାଭ କରିଛନ୍ତି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିବଦ୍ଧତା, ଆବେଗ, ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ଏହି ସମ୍ମାନାସ୍ପଦ ଆୱାର୍ଡ ଲାଗି ଯୋଗ୍ୟ ବିବେଚିତ ହୋଇ ପାରିଛନ୍ତି। ତାଙ୍କର ଉତ୍ତମ କାର୍ଯ୍ୟଶୈଳୀ ଯୋଗୁ ସେ ଅନ୍ୟମାନଙ୍କ ଲାଗି ପ୍ରେରଣା ହୋଇ ପାରିଛନ୍ତି। ଅନ୍ତର୍ଜାତୀୟ ସଂସ୍ଥା ସହଭାଗିତାରେ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର ସ୍ଥାପନ ଦିଗରେ ଯୋଗଦାନ ଲାଗି ସେ ବିଭିନ୍ନ ସ୍ଥାନରେ ପ୍ରଶଂସିତ ହୋଇଥିବା ସିଭି ରମଣ ପକ୍ଷରୁ ସୂଚନା ରହିଛି।

# ଗ୍ରୀଭସ୍‌ର ନୂତନ ଶୋ'ରୁମ୍

ଭୁବନେଶ୍ୱର, ୫-୧୨



ପ୍ରମୁଖ କମ୍ପାନୀ ଗ୍ରୀଭସ୍‌ର ନୂଆ ଶୋ'ରୁମ ସ୍ଥାନୀୟ ପାତ୍ରପଡାସ୍ଥିତ 'ତୃପ୍ତିୱାନ' ଡିଲରଶିପରେ ଶୁଭାରମ୍ଭ ହୋଇଛି। ଏହାକୁ ତୃପ୍ତିୱାନର ଡିଲର ପ୍ରିନ୍ସିପାଲ ମାନସ ରଞ୍ଜନ ଦାସ, ଗ୍ରୀଭସ ରିଟେଲ ବିଜନେସର ଏରିଆ ମ୍ୟାନେଜର ଜେ.ସବୀର, ଆମ୍ପିୟର ବିଜନେସର ସିଇଓ ପି.ସଞ୍ଜୀବ ଏବଂ ଶୋ'ରୁମ ମ୍ୟାନେଜର ରାଜେଶ କୁମାର ବେହେରା ଉନ୍ମୋଚନ କରିଥିଲେ। ଏହି ଅବସରରେ ଗ୍ରୀଭସ ଅଧୀନସ୍ଥ ଆମ୍ପିୟର ଇଲେକଟ୍ରିକ ମୋବିଲିଟ ସଲ୍ୟୁଶନର ଇ-ସ୍କୁଟର ବଜାର ପ୍ରବେଶ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ଜିଲ୍, ମ୍ୟାଗନସ୍ ଏବଂ ରିଓ ଭଳି ମଡେଲ ଆଣିଛି। ଆଗାମୀ ଦିନରେ ଭି-୪୮ ମଡେଲ ଆଣିବାକୁ ଯୋଜନା ରଖିଛି। ଏହି ଯାନଗୁଡିକରେ ଗ୍ରାହକ ସର୍ବୋତ୍ତମ ପରଫରମାନ୍ସ, ଉଚ୍ଚ ଇକୋନୋମୀ ଏବଂ ସୁବଜ ଟେକ୍ନୋଲୋଜି ଲାଭ କରିପାରିବେ। ମଡେଲଗୁଡ଼ିକରେ ଲିଥିୟମ ଆୟନ, ଲିଡ ଏସିଡ ବ୍ୟାଟେରି ରହିଛି। କିମି ପିଛା ରନିଙ୍ଗ କଷ୍ଟ ୧୫ ପଇସା ରହିଛି। ସେହିଭଳି ଗ୍ରାହକ ସେଫ୍ ସ୍ପିଡ ଲିମିଟ ଲାଭ କରିପାରିବେ। ଯାନର ବ୍ୟାଟେରିକୁ ସହଜରେ ଚାର୍ଜ କରାଯାଇ ପାରିବ। ସେହିଭଳି ସ୍ୱଳ୍ପ ପରିଚାଳନା ଖର୍ଚ୍ଚ, ଦୃଢ ସର୍ଭିସ ବ୍ୟାକଅପ୍, ୨ ଜଣ ବସିବା ସୁବିଧା ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ହ୍ୟୁଣ୍ଡାଇର ସ୍ମାର୍ଟ ମୋବିଲିଟି ଯୋଜନା

**ସିଓଲ,୫-୧୨:** ଭବିଷ୍ୟତର ସ୍ମାର୍ଟ ମୋବିଲିଟି ଶିଳ୍ପରେ ଏକ ପ୍ରମୁଖ ସ୍ଥାନରେ ରହିବା ଲାଗି ହ୍ୟୁଣ୍ଡାଇ ମୋଟର୍ସ କମ୍ପାନୀ ଲକ୍ଷ୍ୟ ରଖିଥିବା କହିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ଷ୍ଟ୍ରାଟେଜି ୨୦୨୫ ନାମରେ ନୂଆ ରୋଡ ମ୍ୟାପ ପ୍ରସ୍ତୁତ କରିଛି। ଏହି ପଦକ୍ଷେପ ଅନ୍ତର୍ଗତ ହ୍ୟୁଣ୍ଡାଇ ସ୍ମାର୍ଟ ମୋବିଲିଟି ଡିଭାଇସ ଏବଂ ସ୍ମାର୍ଟ ମୋବିଲିଟି ସର୍ଭିସକୁ ଏହାର ଦୁଇ ମୁଖ୍ୟ ସ୍ତମ୍ଭ ଭାବେ ଗୁରୁତ୍ୱ ଦେବାକୁ ଯୋଜନା ରଖିଛି। ଏହି ଦୁଇଟିର ମିଶ୍ରଣରେ କମ୍ପାନୀ ଏକ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନକାରୀ ଭାବେ ଅଗ୍ରସର ହେବାକୁ ଲକ୍ଷ୍ୟ ରଖିଛି। ଏହି ସମୟରେ କମ୍ପାନୀ ପର୍ସନାଲ ଏୟାର ଭେଇକିଲ, ରବୋଟିକ୍ସ, ଲାଷ୍ଟ ମାଇଲ ମୋବିଲିଟି, ଅର୍ବାନ ଏୟାର ମୋବିଲିଟି, ଇଣ୍ଟରନାଲ କମ୍ବସନ ଇଞ୍ଜିନ, ଭେଇକିଲ ଇଲେକ୍ଟ୍ରିଫିକେଶନ ଭଳି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଯୋଜନା ଧାର୍ଯ୍ୟ କରିଛି। ୨୦୨୫ ସୁଦ୍ଧା ଇ-ଯାନର ବ୍ୟାଟେରି ଏବଂ ଫୁଏଲ ସେଲ୍ ନିର୍ମାଣ କ୍ଷେତ୍ରରେ ଏହା ଶୀର୍ଷ ୩ କମ୍ପାନୀ ମଧ୍ୟରେ ସ୍ଥାନୀତ ହେବା ଲକ୍ଷ୍ୟ ନେଇ ଅଗ୍ରସର ହେଉଥିବା କହିଛି।

# ସୋନିର ମିରର୍ ଲେସ୍ କ୍ୟାମେରା

**ନୂଆଦିଲ୍ଲୀ,୫-୧୨:** ସୋନି ପକ୍ଷରୁ ୨ ମିରର ଲେସ୍ କ୍ୟାମେରା ଆଲଫା ୬୬୦୦ ଏବଂ ଆଲଫା ୬୧୦୦ ବଜାରକୁ ଆସିଛି। ଏହି ମଡେଲଗୁଡିକରେ ସୋନିର ଅତ୍ୟାଧୁନିକ ଟେକ୍ନୋଲୋଜି ରହିଛି। ଏଥିରେ ଅଟୋଫୋକସ ପରଫରମାନ୍ସ, ସର୍ବୋତ୍ତମ ଇମେଜ ଗୁଣବତ୍ତା, ସଦ୍ୟତମ ଭିଡ଼ିଓ ଟେକ୍ନୋଲୋଜି ଭଳି ବୈଶିଷ୍ଟ୍ୟ ଗ୍ରାହକ ପାଇ ପାରିବେ। ଆଲ୍‌ଫା ୬୬୦୦କୁ ଫଟୋଗ୍ରାଫର ଏବଂ ଭିଡିଓଗ୍ରାଫରଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଉଚ୍ଚ ଗୁଣବତ୍ତା ଫଟୋ ଏବଂ ଭିଡ଼ିଓ ଉତ୍ତୋଳନ କରିବା ଦିଗରେ ଆଲଫା ୬୧୦୦ ମଡେଲ ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କୁ ଆକର୍ଷଣୀୟ ଉତ୍ପାଦର ବ୍ୟାପକ ଶୃଙ୍ଖଳା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନ ମୁଖ୍ୟ ହିରୋୟୁକି ଟୋକୁନା କହିଛନ୍ତି। ଆବଶ୍ୟକତା ପୂରଣ ଲାଗି ଏହା ଉପଯୁକ୍ତ ସାଧନ ବାଛିବା ଦିଗରେ ସହାୟତା କରିବ ବୋଲି ସେ କହିଛନ୍ତି।


Office of the Principal
K.B.D.A.V. COLLEGE
Nirakarpur, Dist-Khordha, Pin-752019, Odisha
Ph.- 06756-252024, Email: principal_kbdav50@yahoo.com
Ref. No. 1387/19 Date 22.11.19



ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୬ତମ ଜନ୍ମଦିବସ ଅବସରରେ **କ୍ଷେତ୍ରବାସୀ ଡି.ଏ.ଭି. ମହାବିଦ୍ୟାଳୟ,** ନିରାକାରପୁର, ଖୋରଧାର ଅଧ୍ୟକ୍ଷ ପ୍ରଫେସର ଅଶୋକ ବଳବନ୍ତରାୟଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟ କର୍ମଚାରୀବୃନ୍ଦ ଏହାକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଅନୁଷ୍ଠାନର ଉତ୍ତରୋତ୍ତର ପ୍ରଗତି କାମନା କରୁଛନ୍ତି।
ସ୍ୱା./- ଅଧ୍ୟକ୍ଷ

KADAMBINIPAL WOMEN'S DEGREE COLLEGE
Rajatota, PO- Balibil, Via- Bari, Dist.- Jajpur, Odisha, PIN- 755003
Email ID: kpwomenscollegerajatota@yahoo.co.in
ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଅଞ୍ଚଳର ଗ୍ରାମାଞ୍ଚଳରେ ରାଜାତୋଟାସ୍ଥିତ କାଦମ୍ବିନିପାଳ ମହିଳା ମହାବିଦ୍ୟାଳୟ ଗ୍ରାମାଞ୍ଚଳ ମହିଳାମାନଙ୍କର +୩ କଳା ଓ ବିଜ୍ଞାନ କ୍ଷେତ୍ରରେ ଦୀର୍ଘ ୩୯ ବର୍ଷ ଧରି କାର୍ଯ୍ୟରତ।



ଧରିତ୍ରୀର ୪୬ତମ ଜନ୍ମୋତ୍ସବ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା/ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନଙ୍କ ତରଫରୁ ଏହାର ଉତ୍ତରୋତ୍ତର ଦୀର୍ଘଜୀବନ କାମନା କରୁଅଛୁ।
**ରଶ୍ମୀ ବେହୁରିଆ**, ଅଧ୍ୟକ୍ଷା
କାଦମ୍ବିନିପାଳ ମହିଳା (ଡିଗ୍ରୀ) ମହାବିଦ୍ୟାଳୟ, ରାଜାତୋଟା, ଯାଜପୁର

OFFICE OF THE PRINCIPAL
GOPABANDHU CHOUDHURY COLLEGE
Ramachandrapur, Jajpur-755003
NAAC Accrediated Grade 'B'
No. 258, Date: 18.11.2019
ଦୈନିକ ଧରିତ୍ରୀ ଓଡ଼ିଆ ଖବରକାଗଜ ତା'ର ୪୬ତମ ଜନ୍ମବାର୍ଷିକୀ ଦିବସ ପାଳନ କରୁଥିବା ଜାଣି ଖୁସି ହେଲୁ। 'ଧରିତ୍ରୀ'ର ଉତ୍ତରୋତ୍ତର କାମନା କରି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ବରୀ ଅଞ୍ଚଳର ସର୍ବପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷ/ ଅଧ୍ୟାପିକା/ ଅଧ୍ୟାପକ/ ଗ୍ରାହୀ/ ଗ୍ରାହ/ କର୍ମଚାରୀମାନଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଉଛୁ।
Sd./- PRINCIPAL, G.C. College, Ramachandrapur, Dist.- Jajpur

ଟାଙ୍ଗି କୃଷି ଜିଲ୍ଲାର ଚାଷୀ ଭାଇମାନଙ୍କୁ ବିଶେଷ ସୂଚନା
୧. ଧାନ ଅମଳ ପରେ ସମସ୍ତ ଚାଷୀ ଭାଇମାନଙ୍କୁ ଅନୁରୋଧ ସେମାନେ ତାଙ୍କର ମାଟି ପରୀକ୍ଷା କରିଦିଅନ୍ତୁ।
୨. ଯେଉଁ ଚାଷୀ ଭାଇମାନେ ଡାଲିଜାତୀୟ ଫସଲ ଚାଷ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ସେମାନେ ତାଙ୍କର ସମସ୍ତ ବିହନକୁ ଜୀବାଣୁ ସାର ଓ କୀଟନାଶକ ଔଷଧରେ ବିଶୋଧନ କରନ୍ତୁ।
୩. ଡାଲି ଚାଷ ପାଇଁ ଫସଫରସର ଆବଶ୍ୟକତା ଥିବାରୁ ବୁଣିବା ପୂର୍ବରୁ ଜମିରେ ଏକର ପ୍ରତି ୧୦୦ କି.ଗ୍ରା. ସୁପର ବା ୩୫ କି.ଗ୍ରା. ଡି.ଏ.ପି. ସାର ପ୍ରୟୋଗ କରନ୍ତୁ।
୪. ଡିବିଟି ମାଧ୍ୟମରେ କୃଷି ଯନ୍ତ୍ରପାତି କିଣନ୍ତୁ। ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାର ନୂତନ subsidy ଘୋଷଣା କରିଛନ୍ତି। ଏ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ ତଥା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
୫. ଯେଉଁ ଚାଷୀ ଭାଇମାନେ ସେମାନଙ୍କ ଜମିରେ Farm Pond MGNREGB ମାଧ୍ୟମରେ ଖୋଳିବାକୁ ଆଗ୍ରହୀ ସେମାନେ ସେମାନଙ୍କ ଦରଖାସ୍ତ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କୁ ଦିଅନ୍ତୁ।
ସ୍ୱା./– ବିଜୟ କୁମାର ମହାନ୍ତି
ଜିଲ୍ଲା କୃଷି ଅଧିକାରୀ, ଟାଙ୍ଗି

ABHIMANYU SAMANTASINGHAR HIGHER SECONDARY SCHOOL
Abhimanyu Nagar, Abhimanyu Balia, Jajpur-755005
(An ISO Certified Educational Institution, Certificate No. 2150212152)
Email: abhimanyusamantasingharcollege@gmail.com
'ଧରିତ୍ରୀ' ତା'ର ଅଗଣିତ ପାଠକ, ପାଠିକାମାନଙ୍କ ପାଖରେ ଆଜି ୪୬ବର୍ଷରେ ପହଞ୍ଚି ପାରିଛି। ନିରପେକ୍ଷ ଖବରକାଗଜ ଭାବରେ ଓଡ଼ିଶାରେ ପ୍ରତିଷ୍ଠିତ ହେବା ସହିତ ତା'ର ନିର୍ଭୀକ କଲମଚାଳନା କରିବାରେ ସାଧନା ଜାରି ରଖିଛି। ଏହି ଅବସରରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛୁ।
ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ର, ଗ୍ରାହୀ ଓ କର୍ମଚାରୀବୃନ୍ଦ।
**ଡ. ଦେବପ୍ରସାଦ ସାମଲ**, ଅଧ୍ୟକ୍ଷ
ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା
Regn. No. 95PU, Dt.22.03.1912, RBI License No. RPCD/BBSR/15/2011-12, Dt. 02.05.2012
Email ID: Khordhaccbank@gmail.com
ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ — ୧୦୭ ବର୍ଷର ଅଗ୍ରଣୀ ବ୍ୟାଙ୍କ
ବ୍ୟାଙ୍କର ଉପଲବ୍ଧ ସୁବିଧା ଓ ସୁଯୋଗ
୧. CBS ମାଧ୍ୟମରେ ୧୮ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ।
୨. ଠିକ୍ ସମୟରେ ଟ.୫୦୦୦୦.୦୦ ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ଟ.୫୦୦୦୦.୦୦ରୁ ୩୦୦୦୦୦.୦୦ ଋଣ ଉପରେ ଶତକଡ଼ା ଟ.୨ ସୁଧ ଦେବାକୁ ହୁଏ। ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କୁ କୃଷି ଋଣ ଯୋଗାଇ ଦିଆଯାଏ।
୩. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା, ଦୁର୍ଘଟଣା ବୀମା, ସରକାରୀ ମୂଲ୍ୟରେ ବିହନ, ସାର ଓ ଔଷଧ ଯୋଗାଣର ବ୍ୟବସ୍ଥା।
୪. କୃଷି ଆନୁଷଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନ ବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ୍ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି।
୫. ସମସ୍ତ ପ୍ରକାର ବ୍ୟବସାୟ ଭିତ୍ତିକ ଋଣ, ଗୃହୋପକରଣ କ୍ରୟ ଋଣ, ତନ୍ତୁବାୟ ଋଣ, ସମ୍ପତ୍ତି ବନ୍ଧକ ଋଣ, ସ୍ୱର୍ଣ୍ଣ ଋଣ ଇତ୍ୟାଦି ପ୍ରଦାନ କରାଯାଏ।
୬. ମିଶନ ଶକ୍ତି ମାଧ୍ୟମରେ ମହିଳା ଗୋଷ୍ଠୀମାନଙ୍କୁ ଟ.୩୦୦୦୦୦.୦୦ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ।
୭. ଆର୍ଥିକ ସ୍ୱାବଲମ୍ବନ ପାଇଁ ସ୍ୱରୋଜଗାର କ୍ରେଡିଟ୍ କାର୍ଡ଼ (SSC)ରେ ୨୫,୦୦୦ ଟଙ୍କାରୁ ୫୦୦୦୦.୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
୮. IMPS, NEFT, RTGS, CTS Clearing ସମେତ ATM ଓ Rupay କାର୍ଡ଼ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦିଆଯାଏ।
୯. Safe Deposit ଲକର୍ ସଦର ଶାଖା, ଭୁବନେଶ୍ୱର ମହିଳା ଶାଖା ଓ ଖୋରଧା ମହିଳା ଶାଖାଠାରେ ଉପଲବ୍ଧ ଅଛି।
୧୦. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କ ସଞ୍ଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ।
୧୧. ମିଆଦୀ ଜମାରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କଠାରୁ ୦.୫୦ ପଇସା ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ୦.୫୦% ଅଧିକ ସୁଧ।
ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସୁବାଷ ଚନ୍ଦ୍ର ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ — ପ୍ରଶାନ୍ତ କୁମାର ଦାସ, ସଭାପତି

"ଭାରତର ଜାତୀୟ ଫୁଟ୍‌ବଲ ଦଳ କେତୋଟି ମ୍ୟାଚରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ସ୍କୋର କରି ନ ପାରିବା ଚିନ୍ତାର ବିଷୟ ।
–ଇଗୋର ଷ୍ଟିମାକ୍, କୋଚ୍



"ବିରାଟ କୋହଲି ଜଣେ ସଫଳ ବ୍ୟାଟ୍ସମ୍ୟାନ ହୋଇପାରନ୍ତି, କିନ୍ତୁ ମୋ ମତରେ ତାଙ୍କୁ ସଚିନ ତେନ୍ଦୁଲକରଙ୍କ ସହିତ ତୁଳନା କରାଯାଇ ନ ପାରେ ।
–ଅବ୍‌ଦୁଲ ରଜାକ୍, ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର



## ସଂକ୍ଷେପରେ

### ମହିଳା ହକି: ପଏଣ୍ଟ ଭାଗ କଲା ଭାରତ

କାନବେରା,୫।୧୨(ପି.ଟି.)- ଭାରତୀୟ ଜୁନିୟର ମହିଳା ହକି ଦଳ ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ପଏଣ୍ଟ ଭାଗ କରିଛି। ଗୁରୁବାର ଆୟୋଜକ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ବରାବର ସ୍ଥିତିରେ ଶେଷ ହୋଇଛି। ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ସ୍କନେଲ କର୍ଟନିଙ୍କ ଗୋଲ ଜରିଆରେ ଘରୋଇ ଦଳ ଖାତା ଖୋଲିଥିଲା। କିନ୍ତୁ ୫୨ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକକୁ ଗୋଲରେ ପରିଣତ କରି ଗଗନଦୀପ କୌର ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ।

### ୱିଲ୍ସଙ୍କ ବିୟୋଗରେ ଆଇସିସିର ଶୋକ

ଦୁବାଇ, ୫।୧୨ (ପି.ଟି.): ଇଂଲଣ୍ଡ ଦଳର ପୂର୍ବତନ ଅଧିନାୟକ ବବ୍ ୱିଲ୍ସଙ୍କ ବିୟୋଗରେ ଗୁରୁବାର କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଶୋକ ପ୍ରକାଶ କରିଛି। 'ବବ୍‌ଙ୍କ ବିୟୋଗ ଖବର ପାଇ ଆମେ ବହୁତ ଦୁଃଖୀ। ଆଇସିସି ପକ୍ଷରୁ ମୁଁ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଉଛି' ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାଓ୍ୱନୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। 'ବବ୍ ତାଙ୍କ ସମୟରେ କ୍ରିକେଟ୍‌ର ଜଣେ ବଡ଼ ହିରୋ ଥିଲେ ଏବଂ ଏହି ଦ୍ରୁତ ବୋଲରଙ୍କୁ ବିଶ୍ୱର ଚାରିଆଡୁ ସମ୍ମାନ ମିଳୁଥିଲା। ଆକ୍ରମଣାତ୍ମକ ବୋଲିଂ ସହ ସେ ୧୯୭୦ ଓ ୮୦ ଦଶକରେ ଇଂଲଣ୍ଡ ବୋଲିଂ ଆଟାକ୍‌ର ନେତୃତ୍ୱ ନେଉଥିଲେ' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ୱିଲ୍ସ ୭୦ ବର୍ଷ ବୟସରେ ବୁଧବାର ମୃତ୍ୟୁବରଣ କରିଥିଲେ। ଇଂଲଣ୍ଡ ପକ୍ଷରୁ ୧୯୭୧ରୁ ୧୯୮୪ ପର୍ଯ୍ୟନ୍ତ ସେ ୯୦ ଟେଷ୍ଟ ଓ ୬୪ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ଯଥାକ୍ରମେ ୩୨୫ ଓ ୮୦ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୮୧ ଆଶେସ ସିରିଜର ହେଡିଂଲେରେ ଅନୁଷ୍ଠିତ ୩ୟ ଟେଷ୍ଟ ମ୍ୟାଚ୍‌ରେ ୱିଲ୍ସଙ୍କ ବିଧ୍ୱଂସୀ ବୋଲିଂ ସେତେବେଳେ କ୍ରିକେଟ୍ ଜଗତରେ ବେଶ୍ ଚର୍ଚ୍ଚିତ ରହିଥିଲା। ଗୋଟିଏ ଇନିଂସରେ ସେ ୪୩ ରନ ବିନିମୟରେ ୮ ଜଣ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ଇଂଲଣ୍ଡକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ।

### ଢେଙ୍କାନାଳ, ବଲାଙ୍ଗୀରର ସହଜ ବିଜୟ

କଟକ ଅଫିସ,୫।୧୨: ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ ସାହାଣୀ କପ୍-୨୦୧୯ର ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଢେଙ୍କାନାଳ ଓ ବଲାଙ୍ଗୀର ସହଜ ବିଜୟ ହାସଲ କରିଛନ୍ତି। ବଲାଙ୍ଗୀର ୩-୦ ଗୋଲରେ ଜଗତସିଂପୁରକୁ ହରାଇଛି। ବଲାଙ୍ଗୀର ପକ୍ଷରୁ ଶାନ୍ତନୁ ବେହେରା ୨ଟି ଓ କାହ୍ନା ଭୋଇ ଗୋଟିଏ ଗୋଲ ସ୍କୋର କରିଥିଲେ। ଢେଙ୍କାନାଳ ୪-୦ ଗୋଲରେ ଗଞ୍ଜାମକୁ ପରାସ୍ତ କରିଛି। ଢେଙ୍କାନାଳର ଶାଶ୍ୱତ କୁମାର ସ୍ୱାଇଁ ୨ଟି, ଶୁଭ୍ରଜିତ ସ୍ୱାଇଁ ଓ ମହମ୍ମଦ ଆଫ୍ରିଦି ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କନ୍ଧମାଳ ଓ ନୟାଗଡ଼ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିବା ପରେ ନୟାଗଡ଼ ୩-୨ ଗୋଲରେ ଟାଇବ୍ରେକରରେ ଜିତିଥିଲା। ରାୟଗଡ଼ା ଅନୁପସ୍ଥିତ ରହିବା ଯୋଗୁ ମୟୂରଭଞ୍ଜକୁ ବିଜୟୀ ଘୋଷଣା କରାଯାଇଥିଲା।

### ଆଇଏସ୍‌ଏଲ୍: ମୁମ୍ବାଇ-କେରଳ ମ୍ୟାଚ୍ ଡ୍ର

ମୁମ୍ବାଇ, ୫।୧୨ (ପି.ଟି.)- ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ମୁମ୍ବାଇ ସିଟି ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଡ୍ର'ରେ ଶେଷ ହୋଇଛି। ସ୍ଥାନୀୟ ମୁମ୍ବାଇ ଫୁଟ୍‌ବଲ ଏରେନାରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୨ ମିନିଟ୍ ଅନ୍ତରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ୭୫ତମ ମିନିଟ୍‌ରେ ରାଫେଲ ମେସି ବୋଉଲିଙ୍କ ଗୋଲ ବଳରେ ଭ୍ରମଣକାରୀ କେରଳ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତେବେ ୨ ମିନିଟ୍ ପରେ ମୁମ୍ବାଇର ଅମିନେ ଚେର୍ମିଟି ମ୍ୟାଚ୍‌କୁ ୧-୧ ସ୍ତରକୁ ଆଣିଥିଲେ। ଏଥିସହ ଉଭୟ ମୁମ୍ବାଇ ଓ କେରଳ ପଏଣ୍ଟ ଟେବୁଲରେ ଯଥାକ୍ରମେ ୬ଷ୍ଠ ଓ ୮ମ ସ୍ଥାନରେ ରହିଛନ୍ତି।



ଡିସେମ୍ବର ୨୨ରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି ପଥେ ବାରବାଟୀ ଷ୍ଟାଡିୟମ। ଫଟୋ: ରାଜକିଶୋର ମହାନ୍ତି

# ଝିଲ୍ଲୀ, ସ୍ନେହାଙ୍କୁ ସ୍ୱର୍ଣ୍ଣ ପଦକ

**ଦକ୍ଷିଣ ଏସୀୟ କ୍ରୀଡ଼ା**

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଦୁଇ ପ୍ରତିଭା ସମ୍ପନ୍ନ ଭାରୋତ୍ତୋଳିକା ଝିଲ୍ଲୀ ଦଳବେହେରା ଓ ସ୍ନେହା ସୋରେନ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି। ନେପାଳର ପୋଖରାଠାରେ ଚାଲିଥିବା ଦକ୍ଷିଣ ଏସୀୟ କ୍ରୀଡ଼ା ଭାରୋତ୍ତୋଳନ ଇଭେଣ୍ଟର ପ୍ରଥମ ଦିବସରେ ଏହି ଓଡ଼ିଆ ଭାରୋତ୍ତୋଳିକା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିବା ଝିଲ୍ଲୀ ନେପାଳରେ ୪୫ କେଜି କାଟେଗୋରିରେ ୧୫୧ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୬୬ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୮୫ କେଜି ଭାର ଉଠାଇଥିଲେ। ଶ୍ରୀଲଙ୍କାର ସମରକୁନ ଶ୍ରୀମାଲି(୧୩୯ କେଜି) ରୌପ୍ୟ ଓ ନେପାଳର ସଙ୍ଗିତା ରାୟ(୧୨୭ କେଜି) ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୪୯ କେଜିରୁ କମ୍ ଇଭେଣ୍ଟରେ ୧୮ ବର୍ଷୀୟା ସ୍ନେହା ମୋଟ ୧୫୭ କେଜି ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୬୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୮୯ କେଜି ଭାର ଉଠାଇଥିଲେ। ଶ୍ରୀଲଙ୍କାର ଗୋମାସ ହାନସାନି(୧୫୫ କେଜି) ଓ ବାଂଲାଦେଶର ଶବିରା ମୋଲ୍ଲା(୧୩୦ କେଜି) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଭାରତକୁ ଗୁରୁବାର ରେକର୍ଡ ସଂଖ୍ୟକ ୨୬ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ମିଳିଛି। ଫଳରେ ପଦକ ତାଲିକାରେ ନେପାଳକୁ ହଟାଇ ଭାରତ ଶୀର୍ଷସ୍ଥାନ ଅଧିକାର କରିଛି। ଏବେ ଭାରତର ମୋଟ ପଦକ ସଂଖ୍ୟା ୫୮ ସ୍ୱର୍ଣ୍ଣ, ୪୧ ରୌପ୍ୟ ଓ ୧୯ ବ୍ରୋଞ୍ଜ ଥିବାବେଳେ ନେପାଳ ୩୬ ସ୍ୱର୍ଣ୍ଣ, ୨୬ ରୌପ୍ୟ ଓ ୩୪ ବ୍ରୋଞ୍ଜ ପଦକ ପାଇଛି।



ସ୍ୱର୍ଣ୍ଣ ପଦକ ସହ ପୋଡ଼ିୟମରେ ଝିଲ୍ଲୀ ଦଳବେହେରା (ମଝି)।

# ଅନ୍‌ଲାଇନ୍ ଟିକେଟ ଶେଷ

**ବାରବାଟୀ ଦିନିକିଆ ଆଉ ୧୬ ଦିନ**

କଟକ ଅଫିସ,୫।୧୨

ଭାରତ-ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ କ୍ରିକେଟପ୍ରେମୀଙ୍କ ଉତ୍ସାହ ବହୁ ଉପରେ ରହିଛି। ଯାହାର ଜ୍ୱଳନ୍ତ ଉଦାହରଣ ଗୁରୁବାର ଦେଖିବାକୁ ମିଳିଛି। ଗୁରୁବାର ଅନଲାଇନରେ ଟିକେଟ ବିକ୍ରିର ପ୍ରଥମ ଦିବସ ଥିବା ବେଳେ ମାତ୍ର କିଛି ଘଣ୍ଟାରେ ଉପଲବ୍ଧ ୮୧୫୦ଟି ଯାକ ଟିକେଟ ବିକ୍ରି ହୋଇଛି। ଆସନ୍ତା ୧୯ ଓ ୨୦ ତାରିଖରେ ଷ୍ଟାଡିୟମର ବିଭିନ୍ନ କାଉଣ୍ଟରରେ ଟିକେଟ ବିକ୍ରି ହେବ। ପ୍ରାୟ ୯ହଜାର ଟିକେଟ କାଉଣ୍ଟରରେ ଉପଲବ୍ଧ ରହିବ ବୋଲି ଜଣାପଡ଼ିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୫ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନରେ ଟିକେଟ ବିକ୍ରି କରାଯିବ ବୋଲି ଘୋଷଣା ହୋଇଥିଲା। ବୁଧବାର ରାତି ୧୨ଟାରୁ କ୍ରିକେଟପ୍ରେମୀମାନେ ଅନଲାଇନ୍‌ର ଦୁଇଟି ୱେବସାଇଟରେ ଟିକେଟ ଉପଲବ୍ଧ ହେବା ନେଇ ଜଗି ବସିଥିଲେ। ହେଲେ ଗୁରୁବାର ସନ୍ଧ୍ୟା ପ୍ରାୟ ୫.୧୫ରେ ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ଆରମ୍ଭ ହେବାର ମାତ୍ର ଦେଢ଼ ଘଣ୍ଟା ଭିତରେ ସମସ୍ତ ଟିକେଟ ବିକ୍ରି ହୋଇଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରକାଶ କରାଯାଇଛି। ପୂର୍ବରୁ ୯୨୦୦ ଟିକେଟ ଅନଲାଇନରେ ବିକ୍ରି ହେଉଥିବା ବେଳେ ଚଳିତବର୍ଷ ୮୧୫୦ଟି ଟିକେଟ ବିକ୍ରି କରାଯିବାକୁ ଧାର୍ଯ୍ୟ କରାଯାଇଥିଲା। ଅନଲାଇନ ଜରିଆରେ ଗ୍ୟାଲେରି ନଂ-୨ ଓ ୪ରେ ୩୦୦୦ ଲେଖାଏ ଟିକେଟ ଉପଲବ୍ଧ ଥିବା ବେଳେ ଗ୍ୟାଲେରି ନଂ-୬ର ୧୫୦୦, ନ୍ୟୁ ପ୍ୟାଭିଲିୟନର ୫୦, ସ୍ପେଶାଲ ଏନକ୍ଲୋଜରର ୫୦୦, ଏସି ବକ୍ସ ଗ୍ୟାଲେରିର ୧୦୦ ଟିକେଟ୍ ଉପଲବ୍ଧ ଥିଲା। ଅନଲାଇନ ଜରିଆରେ ଟିକେଟ କିଣିଥିବା କ୍ରିକେଟପ୍ରେମୀ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କେମ୍ବ୍ରିଜ ସ୍କୁଲରୁ ପ୍ରକୃତ ଟିକେଟ ହାସଲ କରିବେ।

# ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ସପକ୍ଷରେ ଡିଜିଟାଲ ପ୍ରଚାର

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)



ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ପୁରସ୍କାର ପ୍ରଦାନ ଦାବି ସପକ୍ଷରେ ଅଧିକରୁ ଅଧିକ ସଂଖ୍ୟାରେ ଜନମତ ସଂଗ୍ରହ ପାଇଁ ଓହୁ ମାର୍କେଟିଂ ଏବଂ ନ୍ୟୁଜବିଟ୍ ମାଗାଜିନ ସହିତ ଏହାର ପ୍ରଚାର ଅଭିଯାନ ଜାରି ରଖିଛି ସିଗ୍ନେଚର ୨୪ ପ୍ରଡକ୍ସନ୍ସ। ସଂସ୍ଥା ତରଫରୁ ଡିଜିଟାଲ ପ୍ରଚାର ଅଭିଯାନ ୨୦୧୯ରେ ଧ୍ୟାନଚାନ୍ଦଙ୍କ ୧୧୪ ତମ ଜନ୍ମ ଦିବସରୁ ଆରମ୍ଭ କରାଯାଇଛି। ଏହାର ଶୀର୍ଷକ ରଖାଯାଇଛି "ଭାରତ ରତ୍ନ ଫର୍ ଧ୍ୟାନଚାନ୍ଦ ଡିଜିଟାଲ କ୍ୟାମ୍ପେନ୍"। ସୌରଭ ଗାଙ୍ଗୁଲି, ବାବୁସାନ ମହାନ୍ତି, ରାଚେଲ ହ୍ୱାଇଟ୍‌ଙ୍କ ସହିତ ଫେସ୍‌ବୁକ୍ ଏବଂ ଅନ୍ୟ ସୋସିଆଲ ମିଡିଆ ଗୁଡ଼ିକରେ ଡିଜିଟାଲ ପ୍ରଚାର ଅଭିଯାନ ଇତିମଧ୍ୟରେ ୧୦୦ ଦିନ ପୂରଣ ହୋଇଛି। ବିଭିନ୍ନ ରାଜ୍ୟର ବହୁ ସେଲିବ୍ରିଟିଙ୍କ ସମର୍ଥନ ହାସଲ କରାଯାଇପାରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ରଞ୍ଜନ ନେଗି, ଇନ୍ଦ୍ରୋନିଲ ମୁଖାର୍ଜୀ, ନିଲ୍ ରୟ, ଅପରୂପ ଚକ୍ରବର୍ତ୍ତୀ, ରିଜୱାନ ଶେଖ୍, ହର୍‌ବିନ୍ଦର ସିଂ, ବିନିତ୍ କୁମାର, ଚନ୍ଦନ ରୟ, ସତ୍ୟପୀର ପ୍ରଧାନ ଏବଂ ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ କୁମାର। ସିଗ୍ନେଚର ୨୪ ପ୍ରଡକ୍ସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଜୋୟିତା ରୟ ଏହି ସୂଚନା ଦେଇଛନ୍ତି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ କୁମାର ମିଶ୍ର କହିଛନ୍ତି, ଆମେ ଇତିମଧ୍ୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ କେତେକାଂଶରେ ସଫଳ ହୋଇପାରିଛୁ। ଇନ୍‌ଷ୍ଟାଗ୍ରାମ୍‌ରେ ଆମ ଲେଖାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଅନେକ ଥର ଲାଇକ୍ କରିଛନ୍ତି। ପୁରୀର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ଆମ ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି। ହକି ଯାଦୁକର ଧ୍ୟାନଚାନ୍ଦଙ୍କର ଏକ ବାଲୁକା ଆନିମେଶନ ଭିଡିଓ ସେ ପ୍ରସ୍ତୁତ କରଥିବା ଜୋୟିତା ରୟ ସୂଚନା ଦେଇ କହିଛନ୍ତି।

## କ୍ୱାର୍ଟରରେ ରାଇଜିଂ ଷ୍ଟାର-ୟୁନିୟନ ସ୍ପୋର୍ଟିଂ

କଟକ ଅଫିସ,୫।୧୨

ସ୍ଥାନୀୟ ବୋଷ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ରାଇଜିଂ ଷ୍ଟାର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟାର ୨ ଉଇକେଟରେ ଜଗତପୁର ଆଥ୍‌ଲେଟିକ ଆସୋସିଏଶନକୁ ପରାସ୍ତ କରଛି। ସେମିରେ ରାଇଜିଂ ଷ୍ଟାର ଆୟୋଜକ ୟୁନିୟନ ସ୍ପୋର୍ଟିଂକୁ ଭେଟିବ। ପ୍ରଥମେ ବ୍ୟାଟିଂ କରିଥିବା ଜଗତପୁର ୮୦ ରନରେ ଅଲଆଉଟ ହୋଇଥିଲା। ଦୀପକ ଦାସ ସର୍ବାଧିକ ୨୩ରନ କରିଥିଲେ। ରାଇଜିଂ ଷ୍ଟାର ପକ୍ଷରୁ ସୂରଜ ବେହେରା ୪ଟି ଉଇକେଟ ଅକ୍ତିଆର କରିଛନ୍ତି। ରାଇଜିଂ ଷ୍ଟାର ୮ ଉଇକେଟ ହରାଇ ୮୫ ରନ କରିଥିଲା। ପ୍ରୀତମ ସିଂ ୧୭ରନର ଇନିଂସ ଖେଳିବା ସହ ଛକା ମାରି ଦଳକୁ ଜିତାଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଜୁଭେନାଇଲ ୭୬ ରନରେ କିଶୋର କ୍ଲବକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛି। ରାମଚନ୍ଦ୍ର ବେହେରାଙ୍କ ୫୭ରନ ଓ ବିନିତ ମହାନ୍ତିଙ୍କ ୪୧ରନ ସହାୟତାରେ ଜୁଭେନାଇଲ ୫ ଉଇକେଟ ହରାଇ ୧୯୫ରନ କରିଥିଲା। ଜବାବରେ କିଶୋର କ୍ଲବ ୧୧୯ ରନରେ ଅଲଆଉଟ ହୋଇଥିଲା।

# ଓଡ଼ିଶାର ପ୍ରମୋଦଙ୍କ ନାମ ସୁପାରିସ

**ବିଡବ୍ଲ୍ୟୁଏଫ୍ ପୁରସ୍କାର**

ନୂଆଦିଲ୍ଲୀ,୫।୧୨(ପି.ଟି.)



ବ୍ୟାଡ୍‌ମିଣ୍ଟନ ବିଶ୍ୱ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ର 'ପୁରୁଷ ପାରା ବ୍ୟାଡ୍‌ମିଣ୍ଟନ ପ୍ଲେୟର ଅଫ୍ ଦି ଇୟର' ପୁରସ୍କାର ପାଇଁ ଓଡ଼ିଶାର ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କ ନାମ ସୁପାରିସ କରାଯାଇଛି। ଚଳିତ ସିଜନରେ ସେ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାତ୍ତ୍ୱିକ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ବର୍ଷର ସବୁଠୁ ଉନ୍ନତି କରିଥିବା ଖେଳାଳିଙ୍କ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଦୁହେଁ ଚଳିତ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବହୁ ସ୍ମରଣୀୟ ବିଜୟ ହାସଲ କରିଛନ୍ତି। ଉଭୟେ ପ୍ରଥମ ଥର ଥାଇଲାଣ୍ଡ ଓପନରେ ସୁପର ୫୦୦ ଟାଇଟଲ ଜିତିଥିଲେ। ପରେ ଫ୍ରେଞ୍ଚ ଓପନ ସୁପର ୭୫୦ ଇଭେଣ୍ଟରେ ରନର୍ସଅପ୍ ହୋଇଥିଲେ। ସମ୍ମାନଜନକ ପୁରସ୍କାର ଏଲିଟ ବ୍ୟାଡ୍‌ମିଣ୍ଟନ ଖେଳାଳି, ୬ କ୍ୟାଟେଗୋରିରେ ଡବଲ୍ସ ଖେଳାଳିଙ୍କ ସମେତ ଦୁଇ ପାରାବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ପ୍ରଦାନ କରାଯାଏ। ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁଙ୍କୁ କୌଣସି କ୍ୟାଟେଗୋରିରେ ସ୍ଥାନ ମିଳିନାହିଁ। ଆସନ୍ତା ୧୧ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟନୀ ଅବସରରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ।

# ଫାଇନାଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲ



ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍‌ର ଦୃଶ୍ୟ।

**ଗଣ୍ଡରପୁର କପ୍ ଫୁଟବଲ**

ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟସ୍ତରୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ସହରାଞ୍ଚଳ ବିଭାଗର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ଜଗା ୟୁନାଇଟେଡକୁ ୨-୦ ଗୋଲରେ ହରାଇ କଟକ ସ୍ପୋର୍ଟ୍ସ ହଷ୍ଟେଲ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ମଞ୍ଜିତ କିଶାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଗ୍ରାମାଞ୍ଚଳ ବିଭାଗର ୨ଟି ମ୍ୟାଚରେ ମା' ମଙ୍ଗଳା ଓ ପ୍ରତାପ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ଗୋଠପୁରର ମା' ମଙ୍ଗଳା ୨-୧ ଗୋଲରେ ପଦ୍ମକେଶରୀପୁରକୁ ଏବଂ ଦ୍ୱିତୀୟ ମ୍ୟାଚରେ ପ୍ରତାପ ନଗରୀର ପ୍ରତାପ କ୍ଲବ ୧-୦ ଗୋଲରେ ବଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବକୁ ପରାସ୍ତ କରିଛି। ୨ଟି ମ୍ୟାଚରେ ଯଥାକ୍ରମେ ଅଜିତ ରାଉତ ଓ ବବ୍‌ଲୁ ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପ୍ରଫୁଲ୍ଲ କୁମାର ଦଳେଇ, ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ୯ରୁ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ

ଭୁବନେଶ୍ୱର,୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ବାରବାଟି ଗ୍ରାଉଣ୍ଡରେ ଆସନ୍ତା ୯ ତାରିଖଠାରୁ ଅନୁଷ୍ଠିତ ହେବ ୬ଷ୍ଠ ପଦ୍ମ ଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟବଲ ଟୁର୍ନାମେଣ୍ଟ। ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାର ୮ ଦଳ ଅଂଶଗ୍ରହଣ କରିବେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଯଥାକ୍ରମେ ୩୦ ଓ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟିର ସମ୍ପାଦକ ଜୀବନାନନ୍ଦ ମହାପାତ୍ର କହିଛନ୍ତି।

ଡିସେମ୍ବର ୯: ସାଇ ହଷ୍ଟେଲ ଓ ପପୁଲାର କ୍ଲବ। ୧୦ରେ- ସଂଘର୍ଷ କ୍ଲବ ଓ ନିମାପଡ଼ା ଆଥ୍‌ଲେଟିକ୍ କ୍ଲବ। ୧୧ରେ- ପ୍ରଥମ ସେମିଫାଇନାଲ (ପ୍ରଥମ ଦୁଇ ମ୍ୟାଚ୍‌ର ବିଜେତା)। ୧୨ରେ- ନିପେନ କ୍ଲବ ଓ ଚରମ୍ପା ୟୁନାଇଟେଡ କ୍ଲବ। ୧୩ରେ- ୟୁନାଇଟେଡ୍ ୟୁଥ କ୍ଲବ ଓ ଧାନବାଦ ଏକାଡେମୀ। ୧୪ରେ- ଦ୍ୱିତୀୟ ସେମିଫାଇନାଲ (୩ୟ ଓ ୪ର୍ଥ ଲିଗ୍‌ର ବିଜେତା)। ୧୫ରେ- ଫାଇନାଲ।

# ତୀରନ୍ଦାଜୀ, କବାଡ଼ିରେ ପ୍ରାଦେଶିକ ଜନଜାତି କ୍ରୀଡ଼ା



ପ୍ରାଦେଶିକ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଜନଜାତି ସମାଜରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ପ୍ରାଦେଶିକ ଜନଜାତି କ୍ରୀଡ଼ା ଚଳିତମାସ ୭ ଓ ୮ ତାରିଖ ଦୁଇଦିନଧରି ନୀଳାଦ୍ରି ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଡ଼ିଆରେ ଅନୁଷ୍ଠିତ ହେବ। ଏଥର ତୀରନ୍ଦାଜୀ ଓ କବାଡ଼ି ଇଭେଣ୍ଟ ଆୟୋଜିତ ହେବ ବୋଲି ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବନବାସୀ କଲ୍ୟାଣ ଆଶ୍ରମର ପ୍ରାଦେଶିକ କାର୍ଯ୍ୟକାରୀ ସଭାପତି ଜଗଦୀଶ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ସବ୍‌ଜୁନିୟର ଓ ଜୁନିୟର ବର୍ଗରେ ଅନୁଷ୍ଠିତ ହେବ। ଏଥିରେ ୨୨ ଜିଲାରୁ ପାଖାପାଖି ୪୦୦ ବାଳିକା ଓ ବାଳକ ଭାଗ ନେବାର ସମ୍ଭାବନା ରହିଛି। ପ୍ରତିଯୋଗିତାରୁ ମନୋନୀତ ଖେଳାଳି ଚଳିତମାସ ୨୬ରୁ କାନ୍‌ପୁରରେ ହେବାକୁଥିବା ସର୍ବଭାରତୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଗଦୀଶ କହିଛନ୍ତି। ଶୁଭ୍ରାଂଶୁ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସମ୍ମିଳନୀରେ ପ୍ରାଦେଶିକ ସଙ୍ଗଠନ ସମ୍ପାଦକ ବିଶ୍ୱାମିତ୍ର ମହାନ୍ତ, ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ, ସୁରେନ୍ଦ୍ର ଜେନା, ବିଜୟ କୁମାର ମହାନ୍ତି, ସୁରେଶ କୁମାର ମିଶ୍ର, ବୈଦ୍ୟନାଥ ସାହୁ, ସୌମ୍ୟରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ଭାଞ୍ଜି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଷ ଦିନିକିଆରେ ଲକ୍ଷ୍ମୀ ପ୍ରଥମ ମହିଳା ରେଫରି

**ଦୁବାଇ,୫।୧୨(ପି.ଟି.)**

ପୂର୍ବତନ ଭାରତୀୟ କ୍ରିକେଟର ଜି.ଏସ୍. ଲକ୍ଷ୍ମୀ ପ୍ରଥମ ମହିଳା ରେଫରି ଭାବେ କୌଣସି ପୁରୁଷ ଦିନିକିଆ ମ୍ୟାଚ୍ ଦାୟିତ୍ୱରେ ରହିବେ। ୟୁନାଇଟେଡ୍ ଆରବ ଏମିରେଟ୍ସରେ ରବିବାର ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ କପ୍ ଲିଗ୍ ୨ର ତୃତୀୟ ସିରିଜର ଉଦ୍‌ଘାଟନୀ ମ୍ୟାଚ୍‌ରେ ସେ ରେଫରି ଦାୟିତ୍ୱ ତୁଲାଇବେ। ଏହି ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସ ଓ ଆମେରିକା ପରସ୍ପରକୁ ଭେଟିବେ। ଚଳିତ ବର୍ଷ ଲକ୍ଷ୍ମୀ ଦ୍ୱିତୀୟଥର ପାଇଁ ଏଭଳି ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ଗତ ମେ' ମାସରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିରେ ସେ ନିଯୁକ୍ତି ପାଇ ବଡ଼ ଧରଣର ସଫଳତା ହାସଲ କରିଥିଲେ। ପୂର୍ବରୁ ୫୧ ବର୍ଷୀୟା ଲକ୍ଷ୍ମୀ ୨୦୦୮-୦୯ରେ ଘରୋଇ ମହିଳା କ୍ରିକେଟରେ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ହାସଲ କରିଥିଲେ। ଏପର୍ଯ୍ୟନ୍ତ ସେ ୩ଟି ମହିଳା ଦିନିକିଆ ମ୍ୟାଚ୍, ୧୬ଟି ପୁରୁଷ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଓ ୭ଟି ମହିଳା ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ରେଫରି ଭାବେ ପରିଚାଳନା କରିଛନ୍ତି। କୌଣସି ଆଇସିସି ଇଭେଣ୍ଟରେ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ମିଳିଥିବାରୁ ଲକ୍ଷ୍ମୀ ଖୁସି ଜାହିର କରିଛନ୍ତି। ଆଇସିସି ସିନିୟର ମ୍ୟାନେଜର ତଥା ଅମ୍ପାୟର ଓ ରେଫରି ଆଡ୍ରିଆନ୍ ଗ୍ରିଫି ଲକ୍ଷ୍ମୀଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ଲକ୍ଷ୍ମୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି।



# କ୍ରିକେଟଠାରୁ ଖେଳାଳି ବଡ଼ ନୁହନ୍ତି

**ମହିନ୍ଦର ଅମରନାଥ**

ବର୍ଷ ଶେଷ ହେବାକୁ ଯାଉଛି। ଗତ ଗୋଟିଏ ବର୍ଷରେ ଭାରତୀୟ କ୍ରିକେଟରମାନେ ବିଶ୍ୱବ୍ୟାପୀ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ତାକୁ ନେଇ ପ୍ରଶଂସକମାନେ ସନ୍ତୁଷ୍ଟ ଥିବେ। ସବୁ ବିଭାଗରେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ନେଇ ଭାରତ ବେଶ୍ ଦୃଢ଼ ମନେ ହେଉଛି। ଭାରତର ବେଞ୍ଚ ଷ୍ଟ୍ରେନ୍ଥ ମଧ୍ୟ ଭଲ ରହିଛି। କେବଳ ସେତିକି ନୁହେଁ ଘରୋଇ କ୍ରିକେଟରେ ମଧ୍ୟ ବହୁ ସଂଖ୍ୟକ ପ୍ରତିଭାସମ୍ପନ୍ନ କ୍ରିକେଟର ରହିଛନ୍ତି।

ଏଭଳି ପରିସ୍ଥିତିରେ ଯେତେବଡ଼ ଖେଳାଳି ହୁଅନ୍ତୁ ନା କାହିଁକି ସେ କ୍ରିକେଟଠାରୁ ବଡ଼ ନୁହନ୍ତି। ବହୁ ପରିମାଣରେ ଘରୋଇ କ୍ରିକେଟ ନ ଖେଳିଲେ କେହି ଚୟନ ପାଇଁ ହକ୍‌ଦାର ବୋଲି ଦାବି କରିପାରିବେ ନାହିଁ। ପ୍ରତିଭା ଓ ପ୍ରଦର୍ଶନକୁ ଭିତ୍ତିକରି ଦଳ ଚୟନ କରାଯିବା ଠିକ୍ ହେବ। ଘରୋଇସ୍ତରରେ ଶହଶହ କ୍ରିକେଟର କଠିନ ପରିଶ୍ରମ କରୁଛନ୍ତି। ତେଣୁ ଏମାନଙ୍କୁ ଅଣଦେଖା କରିହେବ ନାହିଁ। ଋଦ୍ଧିମାନ ଶାହା, ଋଷଭ ପନ୍ତ ଓ ସଞ୍ଜୁ ସାମସନ ସକ୍ଷମ ଖେଳାଳି ହୋଇଥିଲେ ମଧ୍ୟ ଆଗକୁ ବଢ଼ିବାର ଆବଶ୍ୟକତା ମଧ୍ୟ ରହିଛି।

ଶୁକ୍ରବାରଠାରୁ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଏହି ଫର୍ମାଟରେ ୱେଷ୍ଟଇଣ୍ଡିଜ ବେଶ୍ ଶକ୍ତିଶାଳୀ। ଅବଶ୍ୟ ଘରୋଇ ମାଟିରେ ଭାରତକୁ ହରାଇବା ଆଦୌ ସହଜ ନୁହେଁ। ତେବେ ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଘାତ ସମସ୍ୟା ନେଇ ଚିନ୍ତିତ ଅଛି। ଜଣେ ବୋଲର ପାଇଁ ବ୍ୟାକ୍ ଇଞ୍ଜୁରିରୁ ମୁକୁଳି ପ୍ରତ୍ୟାବର୍ତ୍ତନ କରିବା ଆଦୌ ସହଜ ନୁହେଁ। ତ୍ରୁଟିପୂର୍ଣ୍ଣ ଆକ୍ସନ କିମ୍ବା ଅଧିକ ବେଗରେ ବଲ୍ ପକାଇବା ପାଇଁ ଚେଷ୍ଟା କରିବା ଯୋଗୁ ଏପରି ଇଞ୍ଜୁରି ହୋଇଥାଏ। ଖୁବ୍ ଶୀଘ୍ର ଏହି ଦୁଇ ଖେଳାଳି ସୁସ୍ଥ ହୁଅନ୍ତୁ ବୋଲି ଆଶା କରୁଛି।

ସ୍ତମ୍ଭ ଲେଖିବା ଶେଷ କରିବା ପୂର୍ବରୁ ପୂର୍ବତନ କ୍ରିକେଟର ବବ୍ ୱିଲ୍ସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ଦେହାନ୍ତରେ ମୁଁ ମର୍ମାହତ। ସେ ଜଣେ ଭଦ୍ରଲୋକ ଥିଲେ। ପଡିଆ ବାହାରେ ସେ ବନ୍ଧୁ ବତ୍ସଳ ଥିଲେ। ବନ୍ଧୁତା ବଜାୟ ରଖିବାରେ ସେ ସବୁବେଳେ ସଚେତନ ରହୁଥିଲେ। ତାଙ୍କ ସହିତ ଯେତେବେଳେ ଖେଳିଛି ସେ ବେଶ୍ ମିଷ୍ଟଭାଷୀ ଥିଲେ ଓ ଉତ୍ତମ ବ୍ୟବହାର ମଧ୍ୟ କରୁଥିଲେ। ପ୍ରଶଂସକଙ୍କ ସ୍ମୃତିରେ ସେ ସବୁଦିନ ଅମର ହୋଇ ରହିବେ। ତାଙ୍କ ଆତ୍ମାର ସଦ୍‌ଗତି ହେଉ।

(ଗେମ୍‌ପ୍ଲାନ)

#WhatDrivesYou
EXIDE

# ପନ୍ତ, ରାହୁଲଙ୍କ ଉପରେ ନଜର

**ହାଇଦ୍ରାବାଦ,୫।୧୨(ପି.ଟି.)**

ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ଜିତି ଦୁଇ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଆସନ୍ତାବର୍ଷ ଅଷ୍ଟ୍ରେଲିଆ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଭାରତ ପାଇଁ ଏହି ସିରିଜ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି। ଖାସ୍ କରି ବିଶ୍ୱକପ୍ ଲାଗି ଉପଯୁକ୍ତ ଖେଳାଳି ଚୟନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କିଛିଟା ଚାପରେ ରହିଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ଓ ଓପନର ଲୋକେଶ ରାହୁଲ ଦଳରେ ସ୍ଥାନ ପକ୍କା କରିବାକୁ ଚାହୁଁଛନ୍ତି। ସେଥିପାଇଁ ଏହି ଦୁଇ ଖେଳାଳି ଭଲ ପ୍ରଦର୍ଶନ କରି ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ଫଳରେ ଏହି ଦୁଇ ଖେଳାଳିଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ନିୟମିତ ଓପନର ଶିଖର ଧାୱନ ଇଞ୍ଜୁରି କାରଣରୁ ଏହି ସିରିଜରୁ ବାଦ୍ ପଡିଛନ୍ତି। ତାଙ୍କ ଅନୁପସ୍ଥିତି ରାହୁଲଙ୍କ ପାଇଁ ଭଲ ସୁଯୋଗ ସୃଷ୍ଟି କରିଛି। ଟି୨୦ରେ ରାହୁଲଙ୍କ ଭଲ ରେକର୍ଡ ରହିଛି। ଅଭିଜ୍ଞ ରୋହିତ ଶର୍ମାଙ୍କ ସାଥୀ ଓପନର ଭାବେ ସେ ସଫଳ ହେବେ ବୋଲି ଆଶା କରାଯାଉଛି। ରାହୁଲ ଏପର୍ଯ୍ୟନ୍ତ ୩୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୪୨.୭୪ ରନ ହାରରେ ୯୭୪ ରନ ସଂଗ୍ରହ କରିଛନ୍ତି। ଅପରାଜିତ ୧୧୦ରନ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି।

ରାହୁଲଙ୍କୁ ବାଦ୍ ଦେଲେ ପନ୍ତ ମଧ୍ୟ ନିଜ ସମାଲୋଚକଙ୍କୁ କଡ଼ା ଜବାବ ଦେବାକୁ ପ୍ରୟାସ କରିବେ। ଜଣେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ହୋଇଥିଲେ ମଧ୍ୟ ପନ୍ତଙ୍କ ପ୍ରଦର୍ଶନରେ ସ୍ଥିରତା ପରିଲକ୍ଷିତ ହୋଇନାହିଁ। ଉଭୟ ବ୍ୟାଟିଂ ଓ କିପିଙ୍ଗ୍‌ରେ ସେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ତାଙ୍କୁ ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ବୋଲି ବିବେଚନା କରାଯାଉଥିଲା। ତେବେ ଗତ ବିଶ୍ୱକପ୍ ପରେ ସେ ଯେଉଁଭଳି ଭାବେ ଏକାଧିକ ବାର ଉଇକେଟ ଫୋପାଡି ଆସିଥିଲେ ସେଥିପାଇଁ ତାଙ୍କୁ ବେଶ୍ କଡ଼ା ସମାଲୋଚନା କରାଯାଉଥିଲା। ପୁଣି ଖରାପ କିପିଂ କରି ପନ୍ତ ଟେଷ୍ଟ ଦଳରୁ ମଧ୍ୟ ବାଦ୍ ପଡିଛନ୍ତି ଓ ତାଙ୍କ ସ୍ଥାନ ଋଦ୍ଧିମାନ ଶାହଙ୍କ ପୁଣି ଅକ୍ତିଆର କରିଛନ୍ତି। ଇତିମଧ୍ୟରେ ପ୍ରତିଭାସମ୍ପନ୍ନ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଚୟନକର୍ତ୍ତାମାନେ ଦଳରେ ନେଇଥିବାରୁ ପନ୍ତଙ୍କ ସ୍ଥାନ ଉପରେ ବିପଦ ଆସିଛି। ତେଣୁ ଏବେ ଭଲ ପ୍ରଦର୍ଶନ କରିବା ଛଡ଼ା ପନ୍ତଙ୍କ ପାଖରେ ଆଉ କୌଣସି ରାସ୍ତା ନାହିଁ। ନ ହେଲେ ତାଙ୍କୁ ଦଳରୁ ବାଦ୍ ଦିଆଯିବା ଏକପ୍ରକାର ନିଶ୍ଚିତ। ଏହି ସିରିଜ ସାମସନଙ୍କ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ବାଂଲାଦେଶ ବିପକ୍ଷ ଟି୨୦ ସିରିଜରେ ସ୍ଥାନ ପାଇଥିଲେ ମଧ୍ୟ ସେ ଖେଳିବାର ସୁଯୋଗ ପାଇ ନ ଥିଲେ। ବାଂଲାଦେଶ ବିପକ୍ଷ ସିରିଜରେ ବିଶ୍ରାମ ନେଇଥିବା ବିରାଟ କୋହଲି ଏବେ ଦଳକୁ ଫେରିଛନ୍ତି।

ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସ୍ପିନର କୁଲଦୀପ ଯାଦବ, ଦ୍ରୁତ ବୋଲର ମହମ୍ମଦ ସାମି ଓ ଭୁବନେଶ୍ୱର କୁମାର ଦୀର୍ଘ ଦିନପରେ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଦୀର୍ଘ ଦିନ ପରେ ସାଥି ହୋଇ ଖେଳିବେ। ସାମି ଓ ଭୁବନେଶ୍ୱରଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳର ଦ୍ରୁତ ବୋଲିଂ ବିଭାଗ ଆହୁରି ଶକ୍ତିଶାଳୀ ହେବ। ୨୦୧୭ରେ ସାମି ଶେଷଥର ପାଇଁ ଟି୨୦ ଖେଳିଥିଲେ। ସେହିପରି ଭୁବନେଶ୍ୱର ଗତ ଅଗଷ୍ଟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ଖେଳିଥିଲେ। ଅପରପକ୍ଷରେ ଟି୨୦ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୱେଷ୍ଟଇଣ୍ଡିଜ ଏକ ଶକ୍ତିଶାଳୀ ଦଳ ବୋଲି ବିବେଚନା କରାଯାଏ। ଭାରତରେ ଆଫଗାନିସ୍ତାନ ବିପକ୍ଷରେ ସିରିଜ ଖେଳି ୱେଷ୍ଟଇଣ୍ଡିଜ ଏଠାର ପାଣିପାଗ ସହ ଅଭ୍ୟସ୍ତ ହୋଇସାରିଛି। ଗତ ଅଗଷ୍ଟରେ ଖେଳାଯାଇଥିବା ସିରିଜରେ ୱେଷ୍ଟଇଣ୍ଡିଜ ଭାରତଠାରୁ ୩-୦ରେ ହାରିଥିଲା। ଏଥର କିରନ ପୋଲାର୍ଡଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ପ୍ରତିଶୋଧ ନେବାକୁ ପ୍ରୟାସ କରିବ। ବଲ୍ ଟ୍ୟାମ୍ପରିଂ କାରଣରୁ ୪ଟି ମ୍ୟାଚ୍‌ରୁ ବାସନ୍ଦ ହୋଇଥିବା ନିକୋଲାସ ପୁରନ ପ୍ରଥମ ଟି୨୦ରୁ ବାଦ୍ ପଡିଛନ୍ତି। ତେଣୁ ସାଇ ହୋପ୍ ଓ ସିମରନ ହେଟମେୟରଙ୍କ ଉପରେ ଦଳର ବ୍ୟାଟିଂ ଲାଇନ୍ ନିର୍ଭର କରୁଛି। ଟି୨୦ ବିଶ୍ୱକପ୍‌କୁ ଆଖିରେ ରଖି ୱେଷ୍ଟଇଣ୍ଡିଜ ମଧ୍ୟ ପରୀକ୍ଷା ନିରୀକ୍ଷା ଚାଲୁ ରଖିଛି। ଦଳରେ ବ୍ରାଣ୍ଡନ କିଙ୍ଗ୍, ଖାରି ପିଏର, ଶେରଫାନ ରଦରଫୋର୍ଡ, କେସେରିକ ୱିଲିୟମ୍ସ ଓ ହେଡେନ ୱାଲ୍ସ ଜୁନିୟରଙ୍କ ଭଳି ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି। ଅପରପକ୍ଷରେ ଅଭିଜ୍ଞ କାର୍ଲୋସ ବ୍ରାଥୱେଟ, ଆନ୍ଦ୍ରେ ରସେଲ ଓ ଡ୍ୱେନ୍ ବ୍ରାଭୋଙ୍କୁ ବିଶ୍ରାମ ଦିଆଯାଇଛି।



ଅଭ୍ୟାସ ସେସନ ଅବସରରେ ବିରାଟ କୋହଲି।

## ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଟି୨୦ ଆଜି

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ସଞ୍ଜୁ ସାମସନ, ଋଷଭ ପନ୍ତ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି।

**ୱେଷ୍ଟଇଣ୍ଡିଜ ଦଳ**

କିରନ ପୋଲାର୍ଡ (ଅଧିନାୟକ), ଫାବିଆନ ଆଲେନ, ବ୍ରାଣ୍ଡନ କିଙ୍ଗ୍, ଦୀନେଶ ରାମଦିନ, ଶେଲଡନ କଟ୍ରେଲ, ଏଭିନ ଲୁଇସ୍, ଶେରଫାନ ରଦରଫୋର୍ଡ, ସିମରନ ହେଟମେୟର, ଖାରି ପିଏର, ଲଣ୍ଡେଲ ସିମନ୍ସ, ଜାସନ ହୋଲ୍ଡର, ହେଡେନ ୱାଲ୍ସ ଜୁନିୟର, କିମୋ ପଲ ଓ କେସରିକ ୱିଲିୟମ୍ସ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**



Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **Loyalty or exchanege benefit of upto Rs. 2000 is applicable on selected models only. #Finance scheme is at the sole discretion of the Financier subject to its respective T&Cs. For more details, please contact your nearest Authorized Hero Outlet.^As per cumulative dispatch numbers till 15th September 2019. T&C applied.
HeroFinCorp. HeroMotoCorp.com HeroMotoCorpLimited HeroMotoCorpIndia TheHeroMotoCorp HeroMotoCorp
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799766329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 8448389695.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 9238551897. ବାଲୁଗାଁ: ମହାମୟୀ ମୋଟର୍ସ - 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 9853471301. ଖୋର୍ଦ୍ଧା: ବିନେଶ ଟ୍ରେଡିଂ କମ୍ପାନୀ - 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 9437185858. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 9438139116. ପିପିଲି: ଶ୍ରୀରାମ ମୋଟର୍ସ - 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 9437055552. ରାହାମା: ଶରଳା ଅଟୋମୋବାଇଲ୍ସ - 9937018532. ରାଇରଙ୍ଗପୁର: ମା ସାଳକରୀ ମୋଟର୍ସ - 7978560171. ସୋରୋ: ଟୁଇଙ୍କିଲ ମୋଟର୍ସ - 9861594852. ଉଦଳା: ମହାବୀର ମୋଟର୍ସ - 9853290346.

# ପଞ୍ଚମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀଙ୍କ ନିସ୍ତୁକ ମାଡ଼

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଦୁଇଜଣ ଛାତ୍ରଙ୍କୁ ଶିକ୍ଷୟିତ୍ରୀଙ୍କ ନିସ୍ତୁକ ମାଡ଼। ଏଥିରେ ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼ଠାରୁ ପିଠି ପର୍ଯ୍ୟନ୍ତ ଫାଟିଗଲା ଭଳି ଏକାଧିକ ଚିହ୍ନ ଦେଖିବାକୁ ମିଳିଛି। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଘଟିଛି ଏହି ସ୍ୱର୍ଶକାତର ଘଟଣା। ଶିକ୍ଷୟିତ୍ରୀଜଣକ ନିଜର ଭୁଲ୍ ଜାଣିପାରି ଆହତ ଛାତ୍ରଙ୍କ ପରିବାର ଲୋକଙ୍କୁ କ୍ଷମା ମାଗିବା ପରେ ଘଟଣାର ଆପୋସ ସମାଧାନ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଆଇକାର୍ଡକୁ ନେଇ ଦୁଇ ଛାତ୍ରଙ୍କ ମଧ୍ୟରେ ଶ୍ରେଣୀଗୃହରେ ଝଗଡ଼ା ଓ ମାର୍‌ପିଟ୍ ହୋଇଥିଲା। ଜଣେ ଛାତ୍ର ଅନ୍ୟଜଣେ ଛାତ୍ରଙ୍କ ଆଇକାର୍ଡକୁ ନଷ୍ଟ କରିଦେଇଥିଲେ। ଏହା ଜାଣିବା ପରେ ଶିକ୍ଷୟିତ୍ରୀ ରାଗିଯାଇ ଉଭୟ ଛାତ୍ରଙ୍କୁ ମାଡ଼ ମାରିଥିଲେ। ତେବେ ଜଣେ ଛାତ୍ରଙ୍କୁ ଅଧିକ ପିଟିଥିଲେ। ଫଳରେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ ନୋଳା ଫାଟିବା ସହ ମାଡ଼ଦାଗ ରହିଛି। ପରିବାର ଲୋକେ ଜାଣିବା ପରେ ଉତ୍ତେଜିତ ହୋଇ ଥାନାରେ ଅଭିଯୋଗ କରିବାକୁ ଯାଉଥିଲେ। କିନ୍ତୁ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ଘଟଣାର ସମାଧାନ ହୋଇଥିଲା।

## ପରିବାର ଲୋକଙ୍କୁ କ୍ଷମା ମାଗି ମୁକୁଳିଲେ



# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଜେଲ ଗଲେ ଷ୍ଟେନୋ

କଟକ ଅଫିସ, ୫।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ଷ୍ଟେନୋ ପ୍ରମୋଦ କୁମାର ବସନ୍ତରାଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ କଟକ ଡିଭିଜନ ଅଧିକାରୀମାନେ ବୁଧବାର ବସନ୍ତରାଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲେ। ଚଢାଉରୁ ମୋଟ ୧ କୋଟି ୩ ଲକ୍ଷ ୬୪ହଜାର ୮୮୦ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଅଧିକ ଯାଞ୍ଚରୁ ବସନ୍ତରା ମୋଟ ୧ କୋଟି ୨୩ ଲକ୍ଷ ୭୮ ହଜାର ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ସେ ଠୁଳ କରିଥିବା ସମ୍ପତ୍ତିର କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୪୪/୨୦୧୯) ରୁଜୁ ହୋଇଛି।




**■ ଫନୀ ଘରଭଙ୍ଗା ସାନି ତଦନ୍ତ ବେଳେ ଉତ୍ତେଜନା**

# ସମିତିସଭ୍ୟଙ୍କ ମାଡ଼ରେ ଦିବ୍ୟାଙ୍ଗ ଗୁରୁତର



**ବ୍ରହ୍ମଗିରି, ୫।୧୨(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କହଳପଦା ପଞ୍ଚାୟତ କହଳପଦା ଗ୍ରାମରେ ଗୁରୁବାର ଫନୀ ଘରଭଙ୍ଗା ସହାୟତାର ସାନି ତଦନ୍ତ ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ସହାୟତାରୁ ବଞ୍ଚିତ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ତଦନ୍ତକାରୀ ଟିମ୍‌ଙ୍କୁ ଅଭିଯୋଗ କରିବା ମହଙ୍ଗା ପଡ଼ିଛି। ସେଠାରେ ଉପସ୍ଥିତ ଜଣେ ସମିତି ସଭ୍ୟଙ୍କ କାଠଫାଳିଆ ମାଡ଼ରେ ଦିବ୍ୟାଙ୍ଗ ବ୍ୟକ୍ତିଜଣକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଚିତ୍ରସେନ ପଲାଇ।

ସୂଚନାଯୋଗ୍ୟ, ପୁରୀ ଜିଲାରେ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ପୁନର୍ବାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରତି ପଞ୍ଚାୟତରେ ସାନି ତଦନ୍ତ ଚାଲିଛି। କହଳପଦା ଗ୍ରାମରେ ୩୦ ଜଣ କ୍ଷତିଗ୍ରସ୍ତଙ୍କ ସାନି ତଦନ୍ତ ପାଇଁ ଗୁରୁବାର ଏକ ୪ ଜଣିଆ ଦଳ ଏହି ଗାଁକୁ ଯାଇଥିଲେ। ଚିତ୍ରସେନଙ୍କ ସମେତ ଅନ୍ୟକେତେଜଣ ଅଭିଯୋଗ କରୁଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ତଦନ୍ତକାରୀ ଟିମ୍ ଗାଁ ଛାଡ଼ି ଚାଲିଯାଇଥିଲେ। ସେଠାରେ ଉପସ୍ଥିତ ଥିବା କହଳପଦା ପଞ୍ଚାୟତ ସମିତି ସଭ୍ୟ ଅକ୍ଷୟ କୁମାର ଜେନା ଉତ୍ତ୍ୟକ୍ତ ହୋଇ ଚିତ୍ରସେନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ପରେ ଚିତ୍ରେସନ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୯୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଜୁଆ ଆଡ୍ଡାରେ ଚଢ଼ାଉ, ୧୨ ଗିରଫ**

କଟକ ଅଫିସ,୫।୧୨: ପୁରୀଘାଟ ଓ ମଙ୍ଗଳାବାଗ ଥାନା ପୋଲିସ ଗୁରୁବାର ସନ୍ଧ୍ୟାରେ ଏକକାଳୀନ ଦୁଇଟି ଜାଗାରେ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ୧୫ହଜାର ଟଙ୍କା, ୬ ବାଇକ୍, ୧୦ଟି ମୋବାଇଲ ଫୋନ ଜବତ ହୋଇଛି।



## ସଂକ୍ଷେପରେ

### ଷଣ୍ଢ ଗାଡ଼ି ଜବତ, ୨ କୋର୍ଟଚାଲାଣ

**ନିଶ୍ଚିନ୍ତକୋଇଲି, ୫।୧୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ଅନ୍ତର୍ଗତ ବୋଧଙ୍ଗ ଗ୍ରାମରୁ ବୁଧବାର ରାତିରେ ଷଣ୍ଢ ଚାଲାଣ ହେଉଥିବା ଏକ ଟାଟା ଏସିଇ ଗାଡିକୁ ନିଶ୍ଚିନ୍ତକୋଇଲି ପୋଲିସ ଧରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉଭୟ ହେଲେ ଶୁକରପଡା ପଞ୍ଚାୟତ ଅନ୍ତର୍ଗତ ଆଏଣ୍ଡା ଗ୍ରାମର ମୁଶାରଫ ଖାଁଙ୍କ ପୁଅ ମୁନଫ ଖାଁ(୧୯) ଓ ବଡକ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ପୁନାନନ୍ଦ ବେହେରାଙ୍କ ପୁଅ କୃଷ୍ଣଚନ୍ଦ୍ର ବେହେରା। ଷଣ୍ଢ ଚାଲାଣ ହେଉଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବରପାଇ ପାଟ୍ରୋଲିଂ ଭ୍ୟାନ ନେଇ ଘଟଣାସ୍ଥଳରେ ପହଁଞ୍ଚିଥିଲା। ପୋଲିସକୁ ଦେଖି ଅଭିଯୁକ୍ତ ୨ ଜଣ ଖସିଯିବାକୁ ଉଦ୍ୟମ କରିଥିଲେ ମଧ ସକ୍ଷମ ହୋଇ ନଥିଲେ। ପୋଲିସ ଷଣ୍ଢ ବୋଝେଇ ଗାଡିକୁ ଜବତ କରି ଥାନାକୁ ନେଇଥିଲା। ଏନେଇ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ହୋଇ ନଥିବାରୁ ନିଜ ଆଡୁ ମାମଲା (ନଂ.୧୩୮/୧୯)ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗାଡିକୁ ଜବତ କରି ଷଣ୍ଢକୁ ଗ୍ରାମବାସୀଙ୍କ ଜିମା ଦିଆଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ ଶେଖର ପରିଡା କହିଛନ୍ତି।

### ମଦ୍ୟପ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା

**ସାଲେପୁର, ୫।୧୨(ଡି.ଏନ୍.ଏ.):** ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ଗୁରୁବାର ଜଣେ ମଦ୍ୟପ ବସ୍ ଚାଳକ ବେପରୁଆ ଗାଡି ଚାଳନା କରି ଏକ ବାଇକ୍ ଧକ୍କା ଦେଇଛି। ଏନେଇ ନଇଗୁଆଁ ପଞ୍ଚାୟତର କମଳାକାନ୍ତ ଦାଶ ଥାନାରେ ଏକ ଲିଖିତଅଭିଯୋଗ କରିଛନ୍ତି। ଏହି ଅଭିଯୋଗରେ ଥାନାରେ ମାମଲା (ନଂ ନଂ. ୩୪୧/୧୯) ରୁଜୁ କରାଯାଇ ବସ୍ ଓ ବାଇକକୁ ଜବତ କରାଯାଇଛି। ଏଥିସହ ବସ୍ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୋଗ ଅନୁଯାୟୀ, କଟକ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ (ଓ.ଡ଼ି -୦୫-ଏ.ଏଫ୍-୬୯୯୫) ଏକ ବାଇକୁ ଧକ୍କା ଦେଇଥିଲା। ବସ୍ ଚାଳକ ମଦ୍ୟପାନ କରି ଗାଡି ଚଳାଉ ଥିବାରୁ ବାଇକ୍ ଚାଳକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ପୋଲିସ ହସ୍ତକ୍ଷେପ କରି ଗାଡିକୁ ଜବତ କରିବା ସହ ବସ୍ ଚାଳକଙ୍କୁ ଥାନାକୁ ନେଇଥିଲା। ପୋଲିସ୍ ପକ୍ଷରୁ ବେପରୁଆ ଗାଡ଼ି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ

**କଟକ ଅଫିସ, ୫।୧୨:** ଲିଙ୍ଗ ଅନୁପାତ ଏବଂ ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବେଆଇନ। ଆଇନ ଉଲ୍ଲଂଘନ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ। ଜିଲାସ୍ତରୀୟ ଆଡ୍‌ଭାଇଜରି କମିଟି ଓ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଏଭଳି ମତ ପ୍ରକାଶ ପାଇଛି। ଗୁରୁବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ମାନଭଞ୍ଜନ ଶତପଥୀ, ଆଇନ ପରାମର୍ଶଦାତା ପ୍ରସନ୍ନ କୁମାର ଲେଙ୍କା ଏବଂ କ୍ଷେତ୍ରମୋହନ ବେହେରା ଉପସ୍ଥିତ ଥିଲେ।

## ବଢୁଛି ବଳାତ୍କାର
# ଚର୍ଚ୍ଚା ଅନେକ: ସୁଧାର ନାହିଁ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୫।୧୨**

ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ, ୨୦୧୭ରେ ସମଗ୍ର ଦେଶରେ ୩ଲକ୍ଷ ୫୯ହଜାର ୮୪୯ଟି ମହିଳା ବିରୋଧୀ ହିଂସା ଜନିତ ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରେ କେବଳ ୩୨,୫୫୯ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା। ୨୦୧୬ରେ ମହିଳା ବିରୋଧୀ ହିଂସା ମାମଲା ସଂଖ୍ୟା ୩ଲକ୍ଷ ୩୮ଥିବା ବେଳେ ୨୦୧୫ରେ ୩ଲକ୍ଷ ୨ହଜାର ଥିଲା। ଦେଶର ରାଜଧାନୀ ଦିଲୀରେ ପ୍ରତିଦିନ ୫ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ସେଠାକାର ପୋଲିସ ତଥ୍ୟରୁ ଜଣାପଡିଛି। ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ପଛରେ ପଡିନି। ୨୦୧୮ରେ ରାଜ୍ୟରେ ବଳାତ୍କାର ଓ ହତ୍ୟା ମାମଲା ବୃଦ୍ଧି ପାଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଥିଲେ। ୨୦୧୮ରେ ରାଜ୍ୟରେ ୨୫୦୨ ବଳାତ୍କାର ଘଟିଥିବା ଜଣାପଡ଼ିଛି। ୨୦୧୭ରେ ଏହି ସଂଖ୍ୟା ୨୨୨୧ ଥିଲା। ୨୦୧୯ ମେ ସୁଦ୍ଧା ରାଜ୍ୟରେ ୯୩୭ଟି ବଳାତ୍କାର ଘଟଣା ଘଟିଥିବା ତଥ୍ୟରୁ ଜଣାପଡ଼ିଛି। ୨୦୧୦ରୁ ୨୦୧୯ ମେ ମଧ୍ୟରେ ରାଜ୍ୟରେ ସମୁଦାୟ ୧୭,୫୨୮ ବଳାତ୍କାର ମାମଲା ରୁଜୁ ହୋଇଥିଲା। ନିକଟରେ ହାଇଦ୍ରାବାଦରେ ଜଣେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ପରେ ପୋଡ଼ି ମାରିଦେବା ଘଟଣାକୁ ନେଇ ଦେଶରେ ଆଲୋଡନ ଖେଳିଛି। ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ଗତ ସୋମବାର ପୁରୀର ଏକ ପୋଲିସ କ୍ୱାର୍ଟର୍ସ ଭିତରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବହିଷ୍କୃତ ପୋଲିସ କନଷ୍ଟେବଲ ସାମିଲ ଅଛନ୍ତି। ତେବେ ଦେଶ ଓ ରାଜ୍ୟରେ ଅତୀତରେ ଘଟିଥିବା ବଳାତ୍କାର ଓ ହତ୍ୟା ମାମଲାଗୁଡ଼ିକୁ ଦେଖିଲେ ଅନେକ ଦିଗ ସାମ୍ନାକୁ ଆସୁଛି। ଦିଲ୍ଲୀର ନିର୍ଭୟାଙ୍କଠାରୁ ଆରମ୍ଭ କରି ଜମ୍ମୁ-କଶ୍ମୀରର କାଠୁଆ ଓ ଉତ୍ତର ପ୍ରଦେଶର ଉନ୍ନାଓ ଘଟଣା ଦେଶବ୍ୟାପୀ ଚହଳ ପକାଇଥିଲା। ରାଜ୍ୟକୁ ଦେଖିଲେ ଛବିରାଣୀଠୁ ଆରମ୍ଭ କରି ପିପିଲି ଓ କୋରାପୁଟର କୁନ୍ଦୁଲି ପର୍ଯ୍ୟନ୍ତ ଅନେକ ଘଟଣା ଘଟିଛି। ପ୍ରତ୍ୟେକ ବଳାତ୍କାର ଘଟଣା ପରେ ଏହାକୁ ନେଇ ରାଜନୀତି ତେଜିଛି। ମାତ୍ର ପରବର୍ତ୍ତୀ ଅବସ୍ଥାରେ ସବୁକିଛି ନୀରବିଯାଇଛି। ତଥ୍ୟ ଅନୁଯାୟୀ ପ୍ରତି ୩୦ହଜାର ବଳାତ୍କାର ମାମଲାରେ ଜଣେରୁ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇ ପାରୁଛି। ଅନେକ ଘଟଣାରେ ରାଜନେତାଙ୍କଠାରୁ ଆରମ୍ଭ କରି ପୋଲିସର ଭୂମିକା ରହୁଥିବା ବେଳେ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟାକୁ ନେଇ ମଧ୍ୟ ଲୋକେ ମୁହଁ ଖୋଲିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ମହଲରୁ ମତାମତ ଲୋଡ଼ାଯାଇଥିଲା।

### ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ



ପୁରୁଷମାନଙ୍କ ମଧ୍ୟରେ ଯୌନ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏଥିପାଇଁ ମୋବାଇଲ, ଇଣ୍ଟରନେଟ, ପର୍ନ ସାଇଟର ଅତ୍ୟଧିକ ବ୍ୟବହାର ଏହାର ଏକ କାରଣ। ଏହାବାଦ୍ ନିଶା ଅନ୍ୟ ଏକ କାରଣ।

**– ଡା. ସତ୍ୟକାମ ମହାପାତ୍ର, ସହକାରୀ ପ୍ରଫେସର, ଏସ୍‌ସିବି ମାନସିକ ରୋଗ ଚିକିତ୍ସା ବିଭାଗ**

### ସର୍ବସାଧାରଣ ସ୍ଥାନରେ ପିଟି ମାରି ଦିଆଯାଉ



ବଳାତ୍କାର ଅଭିଯୁକ୍ତମାନଙ୍କୁ ଫାଶୀ ନୁହେଁ ସର୍ବସାଧାରଣରେ ପିଟିପିଟି ମାରିଦିଆଯିବା ଉଚିତ। ଆବଶ୍ୟକସ୍ଥଳେ ସେମାନେ ମରିବା ପର୍ଯ୍ୟନ୍ତ ଢେଲା ପଥର ମାଡ଼ କରାଯାଉ। ଯନ୍ତ୍ରଣା ଜର୍ଜରିତ ମୃତ୍ୟୁଦଣ୍ଡ ପାଇଁ ଆଇନ ଅଣାଯାଉ।

**– ସୌମ୍ୟା ମହାନ୍ତି, ହସ୍ପିଟାଲ ମ୍ୟାନେଜର,ଏସ୍‌ସିବି ମେଡିକାଲ କଲେଜ**

### ପରିବାରରୁ ସଂସ୍କାର ଶିକ୍ଷା ଆବଶ୍ୟକ

ଏଭଳି ଘଟଣା ପାଇଁ କେବଳ ପୁରୁଷଙ୍କୁ ଦାୟୀ କଲେ ଚଳିବ ନାହିଁ। ଅନେକାଂଶରେ ମହିଳାମାନଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ। ସମସ୍ତେ ସମସ୍ତଙ୍କ ସୀମାରେ ରହିବା ଆବଶ୍ୟକ। ଏହାବାଦ ପ୍ରତ୍ୟେକ ପରିବାରରେ ପିଲାମାନଙ୍କୁ ସଂସ୍କାର, ପରମ୍ପରା ଆଦି ବାବଦରେ ଶିକ୍ଷା ଦିଆଯିବା ଉଚିତ।



**– ଲିପିସ୍ମିତା ସାମଲ, ସହକାରୀ ପ୍ରଫେସର, ଓୟୁଏଟି**

### ପୋଲିସ, ନେତା ସଚେତନ ହୁଅନ୍ତୁ

ଦେଶ କିମ୍ବା ରାଜ୍ୟରେ ଘଟୁଥିବା ବଳାତ୍କାର ଘଟଣାଗୁଡ଼ିକରେ ଅଧିକାଂଶ କ୍ଷେତ୍ରରେ ପୋଲିସ ଓ ନେତାଙ୍କର ସମ୍ପୃକ୍ତି ରହୁଛି। କେଉଁଠି ଅଭିଯୁକ୍ତଙ୍କୁ ଖସାଇବା ପାଇଁ ନେତା ଓ ପୋଲିସ ଆଗଭର ହେଉଥିବାବେଳେ କେତେକ କ୍ଷେତ୍ରରେ ଉଭୟ ବଳାତ୍କାରରେ ସାମିଲ ରହୁଛନ୍ତି। ଦେଶର ଉନ୍ନାଓ, କାଠୁଆ ସହିତ ରାଜ୍ୟର ପିପିଲି ଘଟଣାରୁ ପ୍ରମାଣିତ।



**– ଶର୍ମିଷ୍ଠାରାଣୀ ନନ୍ଦ, ସାମାଜିକ କର୍ମୀ**

### ମହିଳା କୋର୍ଟ ସଂଖ୍ୟା ବୃଦ୍ଧି କରାଯାଉ

ସମ୍ପ୍ରତି ଦେଶରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ତେଣୁ ଏହିସବୁ ଘଟଣାର ତ୍ୱରିତ ବିଚାର ପାଇଁ ଦେଶରେ ମହିଳା କୋର୍ଟ ସଂଖ୍ୟାରେ ବୃଦ୍ଧି ଘଟାଯିବା ନିତାନ୍ତ ଆବଶ୍ୟକ। ଏହାବାଦ ପ୍ରଣୀତ ଆଇନକୁ କଠୋର ଓ କଡ଼ାକଡ଼ି କରାଯିବା ନିତାନ୍ତ ଆବଶ୍ୟକ। ଯଦିଓ ଗତବର୍ଷ ବଳାତ୍କାର ଉପରେ ଆସିଥିବା ଅଧାଦେଶ ଅନୁଯାୟୀ ବଳାତ୍କାରୀଙ୍କୁ ଫାଶୀଦଣ୍ଡର ବ୍ୟବସ୍ଥା କରାଯାଇଛି ତଥାପି ଏହା ପର୍ଯ୍ୟାପ୍ତ ହେଉନାହିଁ। କାରଣ ଅଭିଯୁକ୍ତମାନେ ଏହି ଆଇନକୁ ମଧ୍ୟ ଖାତିର କରୁନାହାନ୍ତି, ଯାହା ବର୍ଦ୍ଧିତ ଘଟଣାରୁ ସ୍ପଷ୍ଟ ହେଉଛି।



**– ଲୋପାମୁଦ୍ରା ବରାଳ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର, କଟକ**

### ପାଚିଲା ଧାନ ଫସଲ ନଷ୍ଟ କଲେ ବାର୍‌ହା ପଲ

**ନରାଜ,୫।୧୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ଡମପଡା ରେଞ୍ଜ ଅଧୀନ ମୁଣ୍ଡଳି ଓ ତଳଗଡ ମୌଜାରେ ବାର୍‌ହାପଲଙ୍କ ଦ୍ୱାରା ପାଚିଲା ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏହା ଚାଷୀଙ୍କ ପାଇଁ ମୁଣ୍ଡବଥାର କାରଣ ପାଲଟିଛି। ଖବରରୁ ପ୍ରକାଶ, ଗତ ୨ଦିନ ଧରି ଉପରୋକ୍ତ ମୌଜାର ଧାନକ୍ଷେତରେ ବାର୍‌ହା ପଲ ରାତିହେଲେ ପଶୁଛନ୍ତି। ଏହି ବାର୍‌ହା ପଲ ପାଚିଲା ଧାନଗୁଡିକୁ ଖାଇବା ସହ ଫସଲ ଗୁଡିକୁ ନଷ୍ଟ କରିଦେଉଛନ୍ତି। ଫଳରେ ସାନମୁଣ୍ଡଳି ଓ ତଳଗଡ ମୌଜାର ଚାଷି କେଶବ ରାଉତ, ଦିବାକର ସାହୁ, ବାଲୁ ସାହୁ ଓ ଝରି ଦଳେଇ ପ୍ରମୁଖ ଚାଷୀଙ୍କ ୩ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଚାଷୀଙ୍କୁ ବନବିଭାଗ ପକ୍ଷରୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ବାଇକ୍ ଧକ୍କାରେ ମହିଳା ମୃତ

**ସାଲେପୁର,୫।୧୨(ଡି.ଏନ୍.ଏ.)**

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରର ବାହାବଳପୁର ଛକରେ ଗୁରୁବାର ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାହାବଳପୁର ଗ୍ରାମର ପ୍ରଭାକର ଭୋଇଙ୍କ ସ୍ତ୍ରୀ ବାସନ୍ତୀ ଭୋଇ। ବାସନ୍ତୀ ରାସ୍ତା ପାର୍ଶ୍ୱ ଦେଇ ଚାଲିଚାଲି ଯାଉଥିବାବେଳେ ହଠାତ୍ ଏକ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସାଲେପୁର ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାସନ୍ତୀଙ୍କ ମୃତ୍ୟୁ ଘଟିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ତିଗିରିଆ,୫।୧୨(ଡି.ଏନ୍.ଏ.)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିଗିରିଆ ଥାନା ଅନ୍ତର୍ଗତ କରଡାପଲ୍ଲୀ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ସେ ହେଲେ କରଡାପଲ୍ଲୀର ଅନୱାର ଅଲ୍ଲୀ ଖାଁଙ୍କ ପୁଅ ନାସର ଅଲ୍ଲୀ (୩୯)। ଏନେଇ ତିଗିରିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନାସର ପୂର୍ବାହ୍ନରେ ବାଇକରେ ଗୋପିନାଥପୁର ଶାସନ ଛକ ଦେଇ ତିଗିରିଆ ଆଡକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ଏହି ଗ୍ରାମର ଦିଲୱାର ଖାଁ ,ତାଙ୍କ ଭାଇ ଧନି ଖାଁ ଓ ଦିଲୱାରଙ୍କ ପୁଅ ଇସମାଇଲ୍ ଖାଁ ଖଣ୍ଡା ଏକ ଠେଙ୍ଗା ଦ୍ୱାରା ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ପକେଟରୁ ଟଙ୍କା ଛଡ଼ାଉ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏଥିରେ ନାସର ଗୁରୁତର ହୋଇଥିଲେ। ଏନେଇ ଥାନାରେ ମାମଲା (ନଂ.୧୫୭/୧୯)ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ତିଗିରିଆ ଥାନା ଏସଆଇ ରତ୍ନାକର ପ୍ରଧାନ କହିଛନ୍ତି।

### ଛାଣିପୁର ହାଇସ୍କୁଲରେ ଗଣଧାରଣା ଜାରି

**ସାଲେପୁର, ୫।୧୨(ଡି.ଏନ୍.ଏ)**

ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ଛାଣିପୁର ନୋଡ଼ାଲ୍ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ନେଇ ସ୍କୁଲ୍ ପରିଚାଳନା କମିଟି ଓ ଅଭିଭାବକଙ୍କ ପକ୍ଷରୁ ଚାଲିଥିବା ଗଣଧାରଣା ଗୁରୁବାର ୨ୟ ଦିନରେ ପହଞ୍ଚିଛି। ମାତ୍ର ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅବ୍ୟବସ୍ଥାକୁ ନେଇ କିଛି ଛାତ୍ରୀଛାତ୍ର ଶିକ୍ଷାଅଧିକାରୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ୧୦ ଦଫା ଦାବି ପୂରଣ କରିବାକୁ ଦାବି ହୋଇଛି।

## ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ଗଣଶିକ୍ଷା ସଚିବ



ଗଣଶିକ୍ଷା ସଚିବ ଚିତ୍ରା ଅରୁମଗମ୍ ଓ ଅନ୍ୟ ଅଧିକାରୀମାନେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି।

**ବାଙ୍କୀ, ୫।୧୨ (ସ୍ୱ.ପ୍ର.)**

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ତଥା କଟକ ଜିଲା ଉନ୍ନୟନ ନୋଡ଼ାଲ୍ ଅଫିସର ଚିତ୍ରା ଅରୁମଗମ୍ ଗୁରୁବାର ବାଙ୍କୀ ଉପଖଣ୍ଡ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଅବସରରେ ସେ ପ୍ରଥମେ ସରଣ୍ଡା ଅଞ୍ଚଳର ଅଂଶୁପା ହ୍ରଦ ପରିଦର୍ଶନ କରି ମୁଣ୍ଡିଆ ଉପରେ ଥିବା ବାଉଁଶ ଘର ବୁଲି ଦେଖିଥିଲେ। ସେଠାରେ ଚିଲିକା ଉନ୍ନୟନ ପରିଷଦର ଅଂଶୁପା ଦାୟିତ୍ୱରେ ଥିବା ସହକାରୀ ବନସଂରକ୍ଷକ ଡ.ଫଣିନ୍ଦ୍ରଭୂଷଣ ନନ୍ଦଙ୍କ ସହ ଅଂଶୁପା ହ୍ରଦର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବୁଝିଥିଲେ। ଏହାପରେ ଓସ୍ତିଆ ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପ ମିଶନ୍ ଶକ୍ତି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହ ସୁବର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିଥିଲେ। ସୁବର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ଡମପଡ଼ା ବ୍ଲକ ନିସ୍ତିପୁର ଉଚ୍ଚ ପ୍ରାଥମିକ ସ୍କୁଲ୍ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ଓ ସ୍କୁଲ୍‌ର ନବନିର୍ମିତ ପାଚେରୀ ବୁଲି ଦେଖିଥିଲେ। ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ଭିତରେ ଥିବା ଢୋଲକାଠ, ପିଠାଖିଆ, ଡାହାଣିଗାଡ଼ିଆ, ନୂଆକୁଅ ଓ ବେହେଣ୍ଟାସାହି ଗ୍ରାମ ପରିଦର୍ଶନ କରି ସେମାନଙ୍କ ବିଭିନ୍ନ ସମସ୍ୟା ଏବଂ ଚଳଣି ସମ୍ପର୍କରେ ଆଲୋଚନା କରିଥିଲେ। ଗଣଶିକ୍ଷା ସଚିବଙ୍କ ଏହି ଗସ୍ତ ସମୟରେ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, ନିରଞ୍ଜନ ବେହେରା, ନିରୂପମା ବେହେରା, ଅଶୋକ ମହାପାତ୍ର, ମହମ୍ମଦ୍ ଅବଦଲ୍ ଅକତାର୍, ଅମୀୟ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଧାର ଟଙ୍କା ମାଗିବାରୁ ବାଣ ଫୁଟାଇ ମହିଳାଙ୍କୁ କରାଯାଉଛି ଭୟଭୀତ
# ଥାନାରେ ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

**ମାହାଙ୍ଗା,୫।୧୨(ସ୍ୱ.ପ୍ର.)**

ଧାର ଟଙ୍କା ମାଗିବାରୁ ମାହାଙ୍ଗା ଥାନ ଅନ୍ତର୍ଗତ ଅଲିଅରା ଗ୍ରାମରେ ଘର ଆଗରେ ବିପଦଜନକ ବାଣ ଫୁଟାଇ ଜଣେ ମହିଳାଙ୍କୁ ଭୟଭୀତ କରାଯାଉଛି। ଏନେଇ ଥାନାରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଅଲିଅରାର ଚିତ୍ତରଞ୍ଜନ ମହାନ୍ତିଙ୍କ ସ୍ତ୍ରୀ ଚିତ୍ରରେଖା ମହାନ୍ତିଙ୍କଠାରୁ ଉକ୍ତ ଗ୍ରାମର ସଂଗ୍ରାମ ମହାନ୍ତି ୨୦ ହଜାର ଟଙ୍କା ଧାର ନେଇଥିଲେ । ଏହି ଧାର ଟଙ୍କା ମାଗିବାରୁ ଅକ୍ଟୋବର ୧୭ରେ ସଂଗ୍ରାମ ଓ ତାଙ୍କ ବଡଭାଇ ମିଶି ଚିତ୍ରରେଖାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିଲେ । ଏ ନେଇ ମହିଳା ଜଣକ ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ । ମାତ୍ର ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗତ ୧ରେ ସଂଗ୍ରାମ ତାଙ୍କ ଘର ସମ୍ମୁଖରେ ଏକ ବିପଦ୍‌ଜନକ ବାଣ ଫୁଟାଇଥିଲେ। ଏଥିରେ ଚିତ୍ରରେଖାଙ୍କ ଘର ଦୁଆରରେ ଲାଗିଥିବା କପଡ଼ା ପୋଡିଯିବା ସହ କାନ୍ଥର କିଛି ଅଂଶ ଖଣ୍ଡିଆ ହୋଇଯାଇଥିଲା। ଏନେଇ ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଚିତ୍ରରେଖା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଅନୀଲ ନାୟକ କହିଛନ୍ତି, ଅଭିଯୋଗ ପରେ ଥାନାରେ ମାମଲା (ନଂ.୨୫୮/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ବୃଦ୍ଧଙ୍କୁ ହତ୍ୟା ଘଟଣା: ଜଣେ ଗିରଫ

**ଚୌଦ୍ୱାର,୫।୧୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବେରେଣା ଗ୍ରାମର ସିଙ୍ଗରାଇ ସାଏ(୬୫)ଙ୍କୁ ହତ୍ୟା କରିବା ଘଟଣାରେ ଗୁରୁବାର ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଦେବେନ୍ଦ୍ର ସୁରୀ(୨୫)। ସିଙ୍ଗରାଇ ଗ୍ରାମରେ ଝଡାଫୁଙ୍କା କରୁଥିବାବେଳେ ଅଭିଯୁକ୍ତ ଦେବେନ୍ଦ୍ରଙ୍କ ଦେହ ଖରାପ ହୋଇଥିଲା। ମାତ୍ର ସିଙ୍ଗରାଇ ତାଙ୍କୁ ଝଡାଫୁଙ୍କା କରି ନ ଥିଲେ। ଫଳରେ ଦେବେନ୍ଦ୍ର ଗୁଣିଗାରେଡି କରିଥିବା ସନ୍ଦେହ କରି ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ପୂର୍ବ ଶତ୍ରୁତାକୁ ନେଇ ଅଭିଯୁକ୍ତ ଦେବେନ୍ଦ୍ର ସିଙ୍ଗରାଇଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଥାନାରେ (ନଂ.୪୯୪/୧୯) ମାମଲା ରୁଜୁ ହୋଇଛି।

## ଧାନ କଲେଇ ଗଦାରେ ନିଆଁ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ

**ନରସିଂହପୁର,୫।୧୨(ଡି.ଏନ୍.ଏ.)**

ନରସିଂହପୁର ତହସିଲ ଅନ୍ତର୍ଗତ ସିଆରିଆ ତଇଳା ଜମିରେ ଥିବା ଧାନ କଳେଇ ଗଦାରେ ନିଆଁ ଲାଗି ଗୁରୁବାର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ନିଆଁରେ ୪୫୦ରୁ ଉର୍ଦ୍ଧ୍ୱ ଧାନ କଳେଇ(ବିଡା) ପୋଡି ଧ୍ୱଂସ ହୋଇଯାଇଛି। ଏଥିରେ ଗ୍ରାମର ପ୍ରଫୁଲ୍ଲ ସାହୁ ଓ ପ୍ରଫୁଲ୍ଲ ମହାପାତ୍ର କ୍ଷତିଗ୍ରସ୍ତ ହୋଇଛନ୍ତି। ୨ ଚାଷୀ ଧାନ ଫସଲ କାଟି ଏକାଠି ରଖିଥିଲେ। ସେଥିରେ ନିଆଁ ଲାଗିବା ପରେ ଖବରପାଇ ଘଟଣାସ୍ଥଳରେ ବାଲିଝରୀ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ବୋଲି ଅଗ୍ନିଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି।



ନିଆଁ ଲାଗି ନଷ୍ଟ ହୋଇଥିବା ଧାନ ବିଡ଼ା।

## କାଳିଆ ଯୋଜନାର ସୁଫଳ ପାଉନାହାନ୍ତି ଚାଷୀ

**ନିଶ୍ଚିନ୍ତକୋଇଲି,୫।୧୨(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପୂର୍ବରୁ ଚାଷୀମାନଙ୍କ ଭୋଟ ହାତେଇବା ପାଇଁ ରାଜ୍ୟ ସରକାର କାଳିଆ ଭଳି ଏକ କୃଷକ କଲ୍ୟାଣ ଯୋଜନା ହାତକୁ ନେଇଥିଲେ। ଏହି ଯୋଜନାରେ ସାମିଲ ହେବା ପାଇଁ ଚାଷୀ ୩ ପର୍ଯ୍ୟାୟରେ ଆବେଦନ କରିଥିଲେ। ଆବେଦନ ପତ୍ରକୁ ବିଭିନ୍ନ ସୋପାନରେ କୃଷି ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ତାଲିକା ପ୍ରଦର୍ଶିତ କରାଯାଇଥିଲା। ତାଲିକା ଅନୁଯାୟୀ, ହିତାଧିକାରୀମାନଙ୍କୁ ନିର୍ବାଚନ ପୂର୍ବରୁ ଯୋଜନାର ପ୍ରଥମ କିସ୍ତିଭାବେ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ନିର୍ବାଚନ ପରେ ସରକାର ୨ୟ କିସ୍ତି ପ୍ରଦାନ କରିଛନ୍ତି। କିନ୍ତୁ ଏହି ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ତେବେ ଏପର୍ଯ୍ୟନ୍ତ କୃଷି ବିଭାଗ ପକ୍ଷରୁ ସହାୟତା ପାଇଥିବା ହିତାଧିକାରୀଙ୍କ ତାଲିକା ଓ ବାଦ୍ ପଡିଥିବା ହିତାଧିକାରୀଙ୍କ ତାଲିକା ସହ କାରଣ ସାର୍ବଜନୀନ କରାଯାଇ ନ ଥିବାରୁ କୌଣସି ସ୍ପଷ୍ଟ ଚିତ୍ର ମିଳିପାରିନାହିଁ।

ଫଳରେ ବହୁ ଚାଷୀ ଟଙ୍କା ନ ପାଇ କୃଷି କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ହତାଶ ହେଉଛନ୍ତି। ନଟକାଇ ପଞ୍ଚାୟତର ଗିରିଧାରୀ ରାଉତଙ୍କ ପୁଅ ରାମଚନ୍ଦ୍ର ରାଉତ ନିଶ୍ଚିନ୍ତକୋଇଲି ସମବାୟ ସମିତିରୁ କୃଷି ଋଣ ନେଇ ଚାଷ କରିଛନ୍ତି। କାଳିଆ ଯୋଜନାରେ ସାମିଲହେବା ପାଇଁ ସେ ବିଧି ମୁତାବକ ଆବେଦନ କରିଥିଲେ। ତାଙ୍କ ନାମ ପଞ୍ଚାୟତ ସୁଚନା ଫଳକରେ ପ୍ରକାଶ ପାଇଥିଲା। କିନ୍ତୁ ଏଯାବତ୍ ସେ କାଳିଆ ଯୋଜନାର ଗୋଟିଏ ବି କିସ୍ତି ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିଭଳି ଯୁବ ଚାଷୀ ଅମିୟ କୁମାର ବିଶ୍ୱାଳ ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିଲେ ମଧ୍ୟ ସହାୟତା ମିଳି ନ ଥିବା କହିଛନ୍ତି। ଭାତ ହାଣ୍ଡିରୁ ଗୋଟେ ଭାତ ଚିପିଲା ପରି ସମଗ୍ର ବ୍ଲକରେ ବହୁ ଚାଷୀ ଏହି ଯୋଜନାରୁ ବାଦ ପଡିଥିବା ଅଭିଯୋଗ ହେଉଛି। ଇତି ମଧ୍ୟରେ ସରକାର କାଳିଆ ଯୋଜନାକୁ ପିଏମ କିଶାନ ଯୋଜନା ସହ ସାମିଲ କରିଛନ୍ତି। ମାତ୍ର ଏହି ଯୋଜନାରେ ସାମିଲ ହୋଇ ନ ଥିବା ଚାଷୀ ପିଏମ କିଶାନ ଯୋଜନାରୁ ବଞ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ଯୋଗ୍ୟ ଚାଷୀମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ଏହି ଯୋଜନାରେ ସହାୟତା ପ୍ରଦାନ କରିବା ପାଇଁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି କୃଷି ଅଧିକାରୀ ସିଦ୍ଧାର୍ଥ ସାରଥି ପରିଡା କୁହନ୍ତି, କାଳିଆ ଯୋଜନାରେ ସାମିଲ ହେବା ପାଇଁ ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯାଇଥିଲା। ସରକାର ବିଭିନ୍ନ ଦିଗକୁ ନେଇ ଚୁଡାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି। ତେବେ ହିତାଧିକାରୀମାନଙ୍କ ଚୁଡାନ୍ତ ତାଲିକା କିମ୍ବା ସହାୟତା ପାଇଥିବା ହିତାଧିକାରୀଙ୍କ ତାଲିକା ଆମ ପାଖରେ ମହଜୁଦ ନାହିଁ ବୋଲି ସେ କହିଛନ୍ତି।

**କୃଷି ବିଭାଗରୁ ମିଳୁନି ତଥ୍ୟ**

- ସାର୍ବଜନୀନ ହୋଇନାହିଁ ସହାୟତା ପାଇଥିବା ହିତାଧିକାରୀଙ୍କ ତାଲିକା
- ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ବହୁ ଚାଷୀ
- ତୁରନ୍ତ ସହାୟତା ପ୍ରଦାନ କରିବାକୁ କୃଷକ ସଂଗଠନର ଦାବି

**ଜୁଆ ଆଡ୍ଡାରେ ଚଢ଼ାଉ, ୧୨ ଗିରଫ**

କଟକ ଅଫିସ,୫।୧୨: ପୁରୀଘାଟ ଓ ମଙ୍ଗଳାବାଗ ଥାନା ପୋଲିସ ଗୁରୁବାର ସନ୍ଧ୍ୟାରେ ଏକକାଳୀନ ଦୁଇଟି ଜାଗାରେ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ୧୫ହଜାର ଟଙ୍କା, ୬ ବାଇକ୍, ୧୦ଟି ମୋବାଇଲ ଫୋନ ଜବତ ହୋଇଛି।



## ସଂକ୍ଷେପରେ

### ଆବାସ ଯୋଜନା ତଦନ୍ତର ସମୀକ୍ଷା ବୈଠକ

**କଟକ ସଦର,୫।୧୨(ଡି.ଏନ୍.ଏ.):** କଟକ ସଦର ବ୍ଲକର ୨୩ଟି ପଞ୍ଚାୟତର ଆବାସ ଯୋଜନା ତାଲିକାରେ ହୋଇଥିବା ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦାଲ ଅଖତାର ଅଧ୍ୟକ୍ଷତା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ଯୋଗଦେଇ ତଦନ୍ତର ଅଗ୍ରଗତି ସମ୍ପର୍କରେ ଅଖତାରଙ୍କୁ ଅବଗତ କରାଇଥିଲେ। ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାଦ୍ ଦେବା ପାଇଁ ପିଡି ପରାମର୍ଶ ଦେଇଥିଲେ। ରାଜନୈତିକ ବ୍ୟକ୍ତି କିମ୍ବା ଲୋକ ପ୍ରତିନିଧିଙ୍କ ଚାପର ବଶବର୍ତ୍ତୀ ନ ହେବା ପାଇଁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ପରିଡା, ଜିପିଇଓ ଯାଜ୍ଞସେନୀ ଗୋଚ୍ଛାୟତ, ପଲ୍ଲବୀ ରାଉତ ଯୋଗଦେଇଥିଲେ।

### ବୃଦ୍ଧଙ୍କୁ ହତ୍ୟା ଘଟଣା: ଜଣେ ଗିରଫ

**ଚୌଦ୍ୱାର,୫।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବେରେଣା ଗ୍ରାମର ସିଙ୍ଗରାଇ ସାଏ(୬୫)ଙ୍କୁ ହତ୍ୟା କରିବା ଘଟଣାରେ ଗୁରୁବାର ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଦେବେନ୍ଦ୍ର ସୁରୀ(୨୫)। ସିଙ୍ଗରାଇ ଗ୍ରାମରେ ଝଡାଫୁଙ୍କା କରୁଥିବାବେଳେ ଦେବେନ୍ଦ୍ରଙ୍କ ଦେହ ଖରାପ ଥିବାବେଳେ ସେ ତାଙ୍କୁ ଝଡାଫୁଙ୍କା କରି ନ ଥିଲେ। ଫଳରେ ଦେବେନ୍ଦ୍ର ରାଗିଯିବା ସହ ତାଙ୍କୁ ସିଙ୍ଗରାଇ ଗୁଣିଗାରେଡି କରିଥିବା ସନ୍ଦେହ କରିଥିଲେ। ଅନେକ ସମୟରେ ଦେବେନ୍ଦ୍ର ଓ ସିଙ୍ଗରାଇଙ୍କ ମଧ୍ୟରେ ଝଗଡା ହେଉଥିଲା। ପୂର୍ବ ଶତ୍ରୁତାକୁ ନେଇ ଦେବେନ୍ଦ୍ର ସିଙ୍ଗରାଇଙ୍କୁ କୁରାଢିରେ ହାଣି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ହତ୍ୟାରେ ବ୍ୟବହୃତ କୁରାଢି ଜବତ ହୋଇଥିବା ପୋଲିସ କହିଛି। ଏ ନେଇ ଥାନାରେ କେସ୍ ନଂ.୪୯୪/୧୯ରୁଜୁ ହୋଇଛି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଟାଙ୍ଗୀ(କଟକ),୫।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ବ୍ଲକର ୩୩୯ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ କରାଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୫ଜଣଙ୍କୁ ହୁଇଲ ଚେୟାର, ଆଶାବାଡ଼ି ଓ ଟ୍ରାଇ ସାଇକେଲ ଏବଂ ୮ଜଣଙ୍କୁ ବସ୍ ପାସ ପ୍ରଦାନ କରାଯାଇଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ସେକ ସାହାଜାନ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସୁବୋଧ ସାମଲ, ଅମୂଲ୍ୟ ସାହୁ, ବିରଜା ପ୍ରସାଦ ରାଉତ, ସନାତନ ସ୍ୱାଇଁ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସାରଦା ପ୍ରସନ୍ନ ମହାନ୍ତି, ପ୍ରବୀର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଡିଓ ବିନୋଦ କୁମାର ସେନାପତି ପୌରୋହିତ୍ୟ କରିଥିଲେ।

**ବଢୁଛି ବଳାତ୍କାର**

# ଚର୍ଚ୍ଚା ଅନେକ: ସୁଧାର ନାହିଁ

**ନିର୍ମଳ ପଣ୍ଡା**
**କଟକ ଅଫିସ, ୫।୧୨**

ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ, ୨୦୧୭ରେ ସମଗ୍ର ଦେଶରେ ୩ଲକ୍ଷ ୫୯ହଜାର ୮୪୯ଟି ମହିଳା ବିରୋଧୀ ହିଂସା ଜନିତ ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରେ କେବଳ ୩୨,୫୫୯ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା। ୨୦୧୬ରେ ମହିଳା ବିରୋଧୀ ହିଂସା ମାମଲା ସଂଖ୍ୟା ୩ଲକ୍ଷ ୩୮ଥିବା ବେଳେ ୨୦୧୫ରେ ୩ଲକ୍ଷ ୨ହଜାର ଥିଲା। ଦେଶର ରାଜଧାନୀ ଦିଲୀରେ ପ୍ରତିଦିନ ୫ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ସେଠାକାର ପୋଲିସ ତଥ୍ୟରୁ ଜଣାପଡିଛି। ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ପଛରେ ପଡିନି। ୨୦୧୮ରେ ରାଜ୍ୟରେ ବଳାତ୍କାର ଓ ହତ୍ୟା ମାମଲା ବୃଦ୍ଧି ପାଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଥିଲେ। ୨୦୧୮ରେ ରାଜ୍ୟରେ ୨୫୦୨ ବଳାତ୍କାର ଘଟିଥିବା ଜଣାପଡ଼ିଛି। ୨୦୧୭ରେ ଏହି ସଂଖ୍ୟା ୨୨୨୧ ଥିଲା। ୨୦୧୯ ମେ ସୁଦ୍ଧା ରାଜ୍ୟରେ ୯୩୭ଟି ବଳାତ୍କାର ଘଟଣା ଘଟିଥିବା ତଥ୍ୟରୁ ଜଣାପଡ଼ିଛି। ୨୦୧୦ରୁ ୨୦୧୯ ମେ ମଧ୍ୟରେ ରାଜ୍ୟରେ ସମୁଦାୟ ୧୭,୫୨୮ ବଳାତ୍କାର ମାମଲା ରୁଜୁ ହୋଇଥିଲା। ନିକଟରେ ହାଇଦ୍ରାବାଦରେ ଜଣେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ପରେ ପୋଡ଼ି ମାରିଦେବା ଘଟଣାକୁ ନେଇ ଦେଶରେ ଆଲୋଡନ ଖେଳିଛି। ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ଗତ ସୋମବାର ପୁରୀର ଏକ ପୋଲିସ କ୍ୱାର୍ଟର୍ସ ଭିତରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବହିଷ୍କୃତ ପୋଲିସ କନଷ୍ଟେବଳ ସାମିଲ ଅଛନ୍ତି। ତେବେ ଦେଶ ଓ ରାଜ୍ୟରେ ଅତୀତରେ ଘଟିଥିବା ବଳାତ୍କାର ଓ ହତ୍ୟା ମାମଲାଗୁଡ଼ିକୁ ଦେଖିଲେ ଅନେକ ଦିଗ ସାମ୍ନାକୁ ଆସୁଛି। ଦିଲ୍ଲୀର ନିର୍ଭୟାଙ୍କଠାରୁ ଆରମ୍ଭ କରି ଜମ୍ମୁ-କଶ୍ମୀରର କାଠୁଆ ଓ ଉତ୍ତର ପ୍ରଦେଶର ଉନ୍ନାଓ ଘଟଣା ଦେଶବ୍ୟାପୀ ଚହଳ ପକାଇଥିଲା। ରାଜ୍ୟକୁ ଦେଖିଲେ ଛବିରାଣୀଠୁ ଆରମ୍ଭ କରି ପିପିଲି ଓ କୋରାପୁଟର କୁନ୍ଦୁଲି ପର୍ଯ୍ୟନ୍ତ ଅନେକ ଘଟଣା ଘଟିଛି। ପ୍ରତ୍ୟେକ ବଳାତ୍କାର ଘଟଣା ପରେ ଏହାକୁ ନେଇ ରାଜନୀତି ତେଜିଛି। ମାତ୍ର ପରବର୍ତ୍ତୀ ଅବସ୍ଥାରେ ସବୁକିଛି ନୀରବିଯାଇଛି। ତଥ୍ୟ ଅନୁଯାୟୀ ପ୍ରତି ୩୦ହଜାର ବଳାତ୍କାର ମାମଲାରେ ଜଣେରୁ ୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇ ପାରୁଛି। ଅନେକ ଘଟଣାରେ ରାଜନେତାଙ୍କଠାରୁ ଆରମ୍ଭ କରି ପୋଲିସର ଭୂମିକା ରହୁଥିବା ବେଳେ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟାକୁ ନେଇ ମଧ୍ୟ ଲୋକେ ମୁହଁ ଖୋଲିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ମହଲରୁ ମତାମତ ଲୋଡ଼ାଯାଇଥିଲା।

### ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ



ପୁରୁଷମାନଙ୍କ ମଧ୍ୟରେ ଯୌନ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏଥିପାଇଁ ମୋବାଇଲ, ଇଣ୍ଟରନେଟ, ପର୍ନ ସାଇଟର ଅତ୍ୟଧିକ ବ୍ୟବହାର ଏହାର ଏକ କାରଣ। ଏହାବାଦ୍ ନିଶା ଅନ୍ୟ ଏକ କାରଣ।

**– ଡା. ସତ୍ୟକାମ ମହାପାତ୍ର, ସହକାରୀ ପ୍ରଫେସର, ଏସ୍‌ସିବି ମାନସିକ ରୋଗ ଚିକିତ୍ସା ବିଭାଗ**

### ସର୍ବସାଧାରଣ ସ୍ଥାନରେ ପିଟି ମାରି ଦିଆଯାଉ



ବଳାତ୍କାର ଅଭିଯୁକ୍ତମାନଙ୍କୁ ଫାଶୀ ନୁହେଁ ସର୍ବସାଧାରଣରେ ପିଟିପିଟି ମାରିଦିଆଯିବା ଉଚିତ। ଆବଶ୍ୟକସ୍ଥଳେ ସେମାନେ ମରିବା ପର୍ଯ୍ୟନ୍ତ ଢେଲା ପଥର ମାଡ଼ କରାଯାଉ। ଯନ୍ତ୍ରଣା ଜର୍ଜରିତ ମୃତ୍ୟୁଦଣ୍ଡ ପାଇଁ ଆଇନ ଅଣାଯାଉ।

**– ସୌମ୍ୟା ମହାନ୍ତି, ହସ୍ପିଟାଲ ମ୍ୟାନେଜର,ଏସ୍‌ସିବି ମେଡିକାଲ**

### ପରିବାରରୁ ସଂସ୍କାର ଶିକ୍ଷା ଆବଶ୍ୟକ



ଏଭଳି ଘଟଣା ପାଇଁ କେବଳ ପୁରୁଷଙ୍କୁ ଦାୟୀ କଲେ ଚଳିବ ନାହିଁ। ଅନେକାଂଶରେ ମହିଳାମାନଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ। ସମସ୍ତେ ସମସ୍ତଙ୍କ ସୀମାରେ ରହିବା ଆବଶ୍ୟକ। ଏହାବାଦ ପ୍ରତ୍ୟେକ ପରିବାରରେ ପିଲାମାନଙ୍କୁ ସଂସ୍କାର, ପରମ୍ପରା ଆଦି ବାବଦରେ ଶିକ୍ଷା ଦିଆଯିବା ଉଚିତ।

**– ଲିପିସ୍ମିତା ସାମଲ, ସହକାରୀ ପ୍ରଫେସର, ଓୟୁଏଟି**

### ପୋଲିସ, ନେତା ସଚେତନ ହୁଅନ୍ତୁ



ଦେଶ କିମ୍ବା ରାଜ୍ୟରେ ଘଟୁଥିବା ବଳାତ୍କାର ଘଟଣାଗୁଡ଼ିକରେ ଅଧିକାଂଶ କ୍ଷେତ୍ରରେ ପୋଲିସ ଓ ନେତାଙ୍କର ସମ୍ପୃକ୍ତି ରହୁଛି। କେଉଁଠି ଅଭିଯୁକ୍ତଙ୍କୁ ଖସାଇବା ପାଇଁ ନେତା ଓ ପୋଲିସ ଆଗଭର ହେଉଥିବାବେଳେ କେତେକ କ୍ଷେତ୍ରରେ ଉଭୟ ବଳାତ୍କାରରେ ସାମିଲ ରହୁଛନ୍ତି। ଦେଶର ଉନ୍ନାଓ, କାଠୁଆ ସହିତ ରାଜ୍ୟର ପିପିଲି ଘଟଣାରୁ ପ୍ରମାଣିତ।

**– ଶର୍ମିଷ୍ଠାରାଣୀ ନନ୍ଦ, ସାମାଜିକ କର୍ମୀ**

### ମହିଳା କୋର୍ଟ ସଂଖ୍ୟା ବୃଦ୍ଧି କରାଯାଉ



ସମ୍ପ୍ରତି ଦେଶରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ତେଣୁ ଏହିସବୁ ଘଟଣାର ତ୍ୱରିତ ବିଚାର ପାଇଁ ଦେଶରେ ମହିଳା କୋର୍ଟ ସଂଖ୍ୟାରେ ବୃଦ୍ଧି ଘଟାଯିବା ନିତାନ୍ତ ଆବଶ୍ୟକ। ଏହାବାଦ ପ୍ରଣୀତ ଆଇନକୁ କଠୋର ଓ କଡ଼ାକଡ଼ି କରାଯିବା ନିତାନ୍ତ ଆବଶ୍ୟକ। ଯଦିଓ ଗତବର୍ଷ ବଳାତ୍କାର ଉପରେ ଆସିଥିବା ଅଧ୍ୟାଦେଶ ଅନୁଯାୟୀ ବଳାତ୍କାରୀଙ୍କୁ ଫାଶୀଦଣ୍ଡର ବ୍ୟବସ୍ଥା କରାଯାଇଛି ତଥାପି ଏହା ପର୍ଯ୍ୟାପ୍ତ ହେଉନାହିଁ। କାରଣ ଅଭିଯୁକ୍ତମାନେ ଏହି ଆଇନକୁ ମଧ୍ୟ ଖାତିର କରୁନାହାନ୍ତି, ଯାହା ବର୍ଦ୍ଧିତ ଘଟଣାରୁ ସ୍ପଷ୍ଟ ହେଉଛି।

**– ଲୋପାମୁଦ୍ରା ବରାଳ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର, କଟକ**

### ଜାନୁୟାରୀ ୧୦ରୁ ବାରବାଟୀ ନୃତ୍ୟୋତ୍ସବ

**କଟକ ଅଫିସ, ୫।୧୨**

କଟକସ୍ଥିତ ଉପର ବାଲିଯାତ୍ରା ପଡିଆରେ ଆସନ୍ତା ଜାନୁୟାରୀ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ବାରବାଟୀ ନୃତ୍ୟୋତ୍ସବ ଅନୁଷ୍ଠିତ ହେବ। ଗୁରୁବାର ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉକ୍ତ ନୃତ୍ୟୋତ୍ସବ ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହାୟତା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଉପଲକ୍ଷେ ସେଠାରେ ଦୁଇଦିନିଆ ସାହିତ୍ୟ ଉତ୍ସବ ପାଳନ ପାଇଁ ତରାଇ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଦଳ ଓ କଳାକାରମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଅନୁଷ୍ଠାନର ସଭାପତି ଅରୁଣ କୁମାର ପଣ୍ଡା, ସମ୍ପାଦକ ଗୁରୁ ଆଶିଷ ଦାସ ଯୋଗଦେଇ ନୃତ୍ୟାତ୍ସବର ଆୟୋଜନ ଓ ଏଥିପାଇଁ ଆବଶ୍ୟକ ସହଯୋଗ ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ସଦର ତହସିଲଦାର ସସ୍ମିତ ଗଡନାୟକଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ରହି ନିଜର ବିଭାଗୀୟ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବ୍ରଜ କିଶୋର ନନ୍ଦ, ପ୍ରଣବ ଅଖଣ୍ଡ, ପ୍ରିୟବ୍ରତ ମିଶ୍ର, ସସ୍ମିତା ପଣ୍ଡା ଓ ଇପ୍‌ସିତା ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବିଭିନ୍ନ ଦାବି ନେଇ କୃଷକ ସଭା ଓ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ।

### ବାଇକ ଚୋରି ଅଭିଯୋଗ

## ଯୁବକଙ୍କୁ ମାଡ଼ ମାରି ପୋଲିସ ଜିମା

**କଟକ ଅଫିସ, ୫।୧୨**

କଟକ ଶିଶୁଭବନ ପରିସରରେ ଜଣେ ଯୁବକ ଗୁରୁବାର ବାଇକ୍ ଚୋରି କରୁଥିବାବେଳେ ସ୍ଥାନୀୟ ଲୋକେ କାବୁ କରି ଲାଲବାଗ ପୋଲିସ ଜିମା ଦେଇଥିଲେ। ଥାନାକୁ ଖବର ଦେଇଥିଲେ। ଖବର ପାଇ ଲାଲବାଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଜଣେ ରୋଗୀଙ୍କ ସମ୍ପର୍କୀୟ ଶିଶୁଭବନ କାଜୁଆଲ୍‌ଟି ସାମ୍ନାରେ ବାଇକ୍ ପାର୍କିଂ କରିଥିଲେ। ସମ୍ପୃକ୍ତ ଯୁବକ ନକଲି ଚାବି ଦ୍ୱାରା ଉକ୍ତ ଗାଡିକୁ ଖୋଲି ନେଇଯିବାକୁ ଚେଷ୍ଟା କରିବାବେଳେ ଗାଡି ମାଲିକ ଦେଖିଦେଇଥିଲେ। ସେଠାକୁ ଦୌଡି ଯାଇ ତାଙ୍କୁ କାବୁ କରି ଚୋର ଚୋର ବୋଲି ଡାକ ପକାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ଏକତ୍ରିତ ହେବା ସହ ସମ୍ପୃକ୍ତ ଯୁବକଙ୍କୁ ମାଡ ମାରି ପୋଲିସକୁ ଖବର ଦେଇଥିଲେ। ଲାଲବାଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇଥିଲା।

### ବିଶ୍ୱ ମୃତ୍ତିକା ଦିବସ

**କଟକ ଅଫିସ, ୫।୧୨**

ଯୋବ୍ରାସ୍ଥିତ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟଠାରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଦିଲୀପ ରଞ୍ଜନ ଷଡଙ୍ଗୀ କହିଥିଲେ, ଅସନ୍ତୁଳିତ ରାସାୟନିକ ସାରର ପ୍ରୟୋଗ ମୃତ୍ତିକା ଅବକ୍ଷୟର ମୁଖ୍ୟ କାରଣ। ଏଥିରେ ବିଶ୍ୱଜିତ ନନ୍ଦ, ସୌମ୍ୟରଞ୍ଜନ ତ୍ରିପାଠୀ, ହିରନମୟୀ ଷଡଙ୍ଗୀ ଓ ଅରବିନ୍ଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଯୋଗଦେଇଥିବା କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଡ. ଆର.କେ. ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ

**କଟକ ଅଫିସ, ୫।୧୨**

ଲିଙ୍ଗ ଅନୁପାତ ଏବଂ ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବେଆଇନ। ଆଇନ ଉଲ୍ଲଂଘନ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ। ଜିଲାସ୍ତରୀୟ ଆଡ୍‌ଭାଇଜରି କମିଟି ଓ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଏଭଳି ମତ ପ୍ରକାଶ ପାଇଛି। ଗୁରୁବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ମାନଭଞ୍ଜନ ଶତପଥୀ, ଆଇନ ପରାମର୍ଶଦାତା ପ୍ରସନ୍ନ କୁମାର ଲେଙ୍କା ଏବଂ କ୍ଷେତ୍ରମୋହନ ବେହେରା ଉପସ୍ଥିତ ଥିଲେ। ମୁଖ୍ୟତଃ କାର୍ଯ୍ୟକ୍ଷମ ନ ଥିବା ଓ ଅବଧି ନ ଥିବା ପଞ୍ଜୀକୃତ ସଂସ୍ଥାର ଅଲ୍‌ଟ୍ରାସାଉଣ୍ଡ ମେଶିନ ବାବଦରେ ରାଜ୍ୟ ସମୁଚିତ ପ୍ରାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଜିଲାର ବିଭିନ୍ନ ମୁଖ୍ୟ ସ୍ଥାନରେ ହୋର୍ଡିଂ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ରକୁ ନୋଡାଲ ଅଫିସରଙ୍କ ସହିତ ଉପଜିଲାପାଳ, ତହସିଲଦାର, ଏସିପି ଓ ପୋଲିସ ଅଧିକାରୀଙ୍କ ଦ୍ୱାରା ଚଢାଉ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ସଂକୀର୍ତ୍ତନ ପ୍ରତିଯୋଗିତା: ଗୋପୀନାଥଜୀଉ ବିଜୟୀ

**କଣ୍ଟାପଡା,୫।୧୨(ଡି.ଏନ୍.ଏ.)**

କଣ୍ଟାପଡାସ୍ଥିତ ଗତନାଥ ଶିବମନ୍ଦିର ପରିସରରେ ସଂକୀର୍ତ୍ତନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିବା ବେଳେ ପତ୍ରକଣାର ଗୋପୀନାଥଜୀଉ ସଂକୀର୍ତ୍ତନ ମଣ୍ଡଳୀ ବିଜୟୀ ହୋଇଛି। ଗ୍ରାମାଞ୍ଚଳ ବିକାଶ ପରିଷଦ ସଭାପତି ବିପିନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି, ପ୍ରବୀର ମହାନ୍ତି, ବିଭୂତି ପ୍ରସାଦ ପ୍ରଧାନ ଯୋଗଦେଇ ବିଜୟୀ ସଂକୀର୍ତ୍ତନ ମଣ୍ଡଳୀକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ଅନ୍ୟ ୭ଟି ସଂକୀର୍ତ୍ତନ ମଣ୍ଡଳୀ ସମେତ ୩ଟି ନଦିଆ ସଂକୀର୍ତ୍ତନ ଦଳକୁ ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସମୀକ୍ଷକ ଭାବେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଜ୍ଞାନରଞ୍ଜନ କାନୁନଗୋ, ଯୁଧିଷ୍ଠିର ପରିଜା ଯୋଗଦେଇ କଳାକାରଙ୍କ ସଂକୀର୍ତ୍ତନ ପରିବେଷଣର ବିଭିନ୍ନ ଦିଗ ସମ୍ପର୍କରେ ବିଚାର କରିଥିଲେ। କଣ୍ଟାପଡା ସରପଞ୍ଚ ପ୍ରୀତି ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ନିରତାର ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କଟକ ଅଲିଶାବଜାର ଗୋପାଳସାହି ମା' ସିଦ୍ଧବାସେଳୀ ଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ନେଇ ଗଡଗଡିଆ ଘାଟ ମହାନଦୀ ତଟରୁ ବାହାରିଥିବା କଳସ ଶୋଭାଯାତ୍ରା।

### ଓଟିଇଟି ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା

## ବୋର୍ଡ ଅଫିସ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୫।୧୨**

ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପରୀକ୍ଷା ମୂଲ୍ୟାୟନରେ ଅନିୟମିତତା ଓ ଗ୍ରେସ୍ ମାର୍କ ନେଇ ଗୁରୁବାର ଏବିଭିପି ଓ ଓଟିଇଟି ପରୀକ୍ଷାର୍ଥୀମାନେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଅଫିସ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିକ୍ଷୋଭକାରୀମାନେ ଏ ସମ୍ପର୍କିତ ଏକ ସ୍ମାରକ ପତ୍ର ବୋର୍ଡ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ଚଳିତବର୍ଷ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ରହିବା ସହିତ ମୂଲ୍ୟାୟନରେ ଅନିୟମିତତା ଦେଖାଦେଇଥିଲା। ପୁନଃ ମୂଲ୍ୟାୟନ ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ମଧ୍ୟ ଦିଆଯାଇଥିଲା। ହେଲେ ପୁନଃ ମୂଲ୍ୟାୟନ ହୋଇଥିଲେ ମଧ୍ୟ ଏଥିରେ ସ୍ୱଚ୍ଛତା ନ ଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ପୁନଃ ମୂଲ୍ୟାୟନ ହୋଇ ଗ୍ରେସ୍ ମାର୍କ ଦିଆଯାଇଛି। ଏଥିରେ ସ୍ୱଚ୍ଛତା ନାହିଁ। ଯେତିକି ପରିମାଣର ପାସ୍ ହାର ରହିବା କଥା ତାହା ପ୍ରକାଶିତ ହୋଇନାହିଁ। ଯଦି ମୂଲ୍ୟାୟନ ଠିକ୍ ଭାବେ ନ କରାଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପରୀକ୍ଷାର୍ଥୀମାନେ ଚେତାବନୀ ଦେଇଥିଲେ। ଏଥିରେ ଏବିଭିପିର କଟକ ଜିଲା ସଂଯୋଜକ ଓମ୍‌ପ୍ରକାଶ ପଣ୍ଡା, ପ୍ରଭାସ କୁମାର ସ୍ୱାଇଁ, ଲୋକନାଥ ମାହୁନ୍ତ ଓ ଚିରଞ୍ଜୀବ ନାୟକଙ୍କ ସମେତ ବହୁ ପରୀକ୍ଷାର୍ଥୀ ଯୋଗଦେଇଥିଲେ।




ବୋର୍ଡ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ପରିବା ବସ୍ତାରେ ବନ୍ଧା ପରିବାର ବୋଝ

**ରାତିର ସହର**

*ବ୍ୟସ୍ତବହୁଳ କଟକ ସହର। ଦିନ ଯାଇ କେତେବେଳେ ରାତି ହୁଏ ତ ପୁଣି ରାତି ପାହି କେତେବେଳେ ସକାଳ ହୁଏ ତାହା ଜଣାପଡ଼େନି। କଥାରେ ଅଛି, ପୁରୀରେ ଜାତି ନାହିଁ କି କଟକରେ ରାତି ନାହିଁ। ତଥାପି କାହା ପାଇଁ ଏଠାରେ ରାତି ଅଟକେ। ରାତିର ସେହି ସ୍ୱଳ୍ପ ସମୟର ନୀରବତାକୁ ନିରେଖି ଦେଖିଲେ ଲାଗେ ଯେମିତି ସାରା ସହର ଶୋଇ ପଡ଼ିଛି ଆଉ ଶୂନଶାନ ସଡ଼କରେ କେହି ତା' ସ୍ୱପ୍ନକୁ ନେଇ ଦାନା ବୁଣୁଛି।*

ରାତି ଯେତେ ବଢେ ସହରର ଆଲୁଅଗୁଡ଼ିକ ସେତେ ଉଜ୍ଜ୍ୱଳ ଦିଶେ। ଚାରିଆଡ଼େ ନିର୍ଜନତା ବ୍ୟାପିଯାଏ। ଏହି ନିର୍ଜନତାକୁ ଭେଦ କରି କିଛି ଲୋକ ନିଜ ପେଟପାଟଣା ପାଇଁ ଚଳଚଞ୍ଚଳ ହୋଇ ଉଠନ୍ତି। ଏହି ସମୟରୁ ହିଁ ଏମାନଙ୍କ କର୍ମମୟ ଜୀବନର ସଂଗ୍ରାମ ଆରମ୍ଭ ହୋଇଯାଏ। ଦି' ପଇସା ବେପାର କରି କୁଟୁମ୍ବ ପୋଷିବାର ଆଶା ଏମାନଙ୍କ ଆଖିରୁ ନିଦ ଛଡ଼ାଇ ନିଏ। ମଙ୍ଗଳବାର ବିଳମ୍ବିତ ରାତିରେ କଟକ ସହରରେ ବୁଲିବାବେଳେ ଏମିତି କିଛି ଦୃଶ୍ୟ ଓ ଚରିତ୍ର ଦେଖିବାକୁ ମିଳିଥିଲା। ରାତି ପ୍ରାୟ ସାଢେ ୨ଟା। ଧରିତ୍ରୀ ପହଞ୍ଚିଥିଲା ରାଜ୍ୟର ଏକ ପ୍ରମୁଖ ପରିବା ହାଟ ଛତ୍ରବଜାରରେ। ହାଲୁକା ହାଲୁକା କୁହୁଡ଼ିର ଉହାଡ଼ରେ ଦୂରରୁ ପଥଚାରୀଙ୍କ ଆଭାସ ମିଳୁଥାଏ। ହାଟ ଭିତରକୁ ଗଡୁଥାଏ ଗୋଟିକ ପରେ ଗୋଟିଏ ଗାଡ଼ି ଓ ସାଇକେଲ। ସେଥିରେ ବୋଝେଇ ହୋଇ ଛତ୍ରବଜାରକୁ ଅଣାଯାଉଥାଏ ପନି ପରିବା। ଗାଡ଼ି ଓ ଏହାର ଚାଳକଙ୍କୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ ଯେ, ସେମାନେ କେହି ଦୂରରୁ ନୁହେଁ ବରଂ କଟକ ଉପକଣ୍ଠର କେଉଁ ଏକ ସ୍ଥାନରୁ ଆସିଛନ୍ତି। ଲୁନାରେ ୪ବସ୍ତା ପରିବା ବୋଝେଇ କରି ହଠାତ୍ ତାଳଦଣ୍ଡା କେନାଲ ବନ୍ଧ ଦେଇ ବଜାର ଭିତରକୁ ଆସିଲେ ରବୀନ୍ଦ୍ର କୁମାର ସାହୁ। ତାଙ୍କ ଘର ହେଉଛି ଦଳେଇଘାଇ କେନାଲ ନିକଟରେ। ଦୂରରୁ କେବଳ ତାଙ୍କ ଶରୀରର ଉପରି ଭାଗ ଦିଶୁଥାଏ। ପରିବା ଗଦା ଉପରେ ଯେମିତି ଲଦି ହୋଇ ରହିଥାଏ ତାଙ୍କ ପରିବାରର ବୋଝ। ବଜାର ଭିତରେ ବାଛି ନେଇଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ସେ ନିଜର ବିକ୍ରି ସାମଗ୍ରୀଗୁଡ଼ିକୁ ଅଜାଡ଼ି ଦେଇଥିଲେ। ଆଉ ଅପେକ୍ଷା କରି ରହିଲେ ଗରାଖଙ୍କୁ। ତାଙ୍କୁ ପଚାରିବାରେ ସେ କହିଥିଲେ, ୧୨ବର୍ଷ ହେଲା ଏଠାକୁ ନିତିଦିନ ପରିବା ନେଇ ଆସୁଛି। ଏଥର ମାଣେ ଜମିରେ ବିଭିନ୍ନ ପନିପରିବା ଚାଷ କରିଛି। ପ୍ରତି ସନ୍ଧ୍ୟାରେ ମୁଁ ପନିପରିବା ତୋଳି ବସ୍ତାରେ ପ୍ୟାକିଂ କରିଥାଏ। ପରେ ଏହାକୁ ରାତିରେ ଲୁନା ଯୋଗେ ଛତ୍ରବଜାରକୁ ଆଣିଥାଏ। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ମୋ ପରିବାର ଚଳେ। ଏହି କାମରେ ମୋତେ ମୋ ସ୍ତ୍ରୀ ଓ ପୁଅ ସାହାଯ୍ୟ କରିଥାନ୍ତି। ଏହି ବୃତ୍ତିରେ ମୁଁ ବେଶ୍ ସନ୍ତୁଷ୍ଟ ବୋଲି ରବୀନ୍ଦ୍ର କହିଥିଲେ। ଏ କଥା କହିବା ବେଳେ ରବୀନ୍ଦ୍ରଙ୍କ ଓଠ ଓ ଆଖିରେ ବେଶ୍ ଆତ୍ମସନ୍ତୋଷ ବାରିହୋଇ ପଡୁଥିଲା।



ରବୀନ୍ଦ୍ର କୁମାର ସାହୁ

**–ରିପୋର୍ଟ: ଓଁକାର ମିଶ୍ର**

## ସଂକ୍ଷେପରେ

### କୋର୍ଟ ଚାଲାଣ ହେଲେ ଯୁବକ

**ଝାଁଳା,୫।୧୨(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ ଝାଁଳା ଗୋହିରା ଛକରେ ଗୋପୀନାଥପୁର, କୁଶୁମାଟି ଅଞ୍ଚଳର ବିଜୟ ସ୍ୱାଇଁଙ୍କ ଥିବା ଏକ ହୋଟେଲକୁ ବୁଧବାର ବିଷ୍ଣୁ ପ୍ରସାଦ ମହାପାତ୍ର ଏବଂ ଜଣେ ସହଯୋଗୀ ଖାଇବାକୁ ଯାଇଥିଲେ। ଖାଇବାକୁ ଦେବାକୁ ଟିକେ ଡେରି ହେବାରୁ ହୋଟେଲ ମାଲିକ ଏବଂ ସେମାନଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁବକ ଏବଂ ତାଙ୍କ ସହଯୋଗୀ ଗଣ୍ଡଗୋଳ କରି ଫିଙ୍ଗା ଫୋପଡା ଆରମ୍ଭ କରିବାରୁ ଘଟଣା ଉଗ୍ରରୂପ ନେଇଥିଲା। ଫଳରେ ହୋଟେଲ ମାଲିକ ଯୁବକ ଏବଂ ତାଙ୍କ ସହଯୋଗୀଙ୍କ ନାମରେ ଏତଲା ଦାଏର କରିଥିଲେ। ଗୁରୁବାର ବିଷ୍ଣୁଙ୍କୁ ନାମରେ ଥାନାରେ ନଂ. ୪୮୮/୧୯ରେ ମାମଲା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ହେଲେ ତାଙ୍କ ସହଯୋଗୀ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଚିଲିକା ବିଧାୟକଙ୍କ ଦୁଇ ପ୍ରତିନିଧି ନିଯୁକ୍ତ

**ବାଲୁଗାଁ, ୫।୧୨(ଡି.ଏନ୍.ଏ.)**-ଗତ ଏକବର୍ଷ ହେଲା ଏନ୍ଏସି ନିର୍ବାଚନ ହୋଇ ନ ଥିବା ବେଳେ ବର୍ତ୍ତମାନ ପ୍ରଶାସନ ଉପରେ ସମସ୍ତ କାର୍ଯ୍ୟ ନ୍ୟସ୍ତ ରହିଛି । ଫଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ଷେତ୍ରରେ ବାଧା ଉପୁଜିଛି । ଏପରିସ୍ଥଳେ ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ନିମନ୍ତେ ଚିଲିକା ବ୍ଲକର ପ୍ରତିନିଧିଭାବେ ଅଶ୍ୱିନୀ କୁମାର ସେଣ ଏବଂ ବାଲୁଗାଁ ଏନ୍ଏସିର ପ୍ରତିନିଧିଭାବେ ପୂର୍ବତନ ଉପାଧକ୍ଷ ଅଜୟ କୁମାର ଦାସଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ନିଯୁକ୍ତିପତ୍ରର ଏକକିତା ନକଲ ପ୍ରଶାସନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି ।

### ଅଣସଙ୍ଗଠିତ ନିର୍ମାଣ ଶ୍ରମିକଙ୍କ ବୈଠକ

**ଜଟଣୀ,୫।୧୨(ଡି.ଏନ.ଏ.):** ଜଟଣୀ ବଡ଼ତୋଟା ଗ୍ରାମସ୍ଥିତ ମା' ବାରଭୂଜା ମନ୍ଦିର ପ୍ରାଙ୍ଗଣରେ ଅଣସଙ୍ଗଠିତ ନିର୍ମାଣ ଶ୍ରମିକଙ୍କ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରସନ୍ନ କୁମାର ପାଟଶାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏହି ନିର୍ମାଣ ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ସ୍ୱାସ୍ଥ୍ୟବୀମା, ବାଦ୍ ପଡ଼ିଥିବା ଶ୍ରମିକଙ୍କୁ ପେନ୍ସନଭୁକ୍ତ, ସ୍ୱାସ୍ଥ୍ୟବୀମା ଉପରେ ଆଲୋଚନା କରାଯାଇ ସମସ୍ୟା ଦୂର ଉପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ହରିହର ପରିଡ଼ା, ସମ୍ପାଦକ ଅଜୟ ବାରିକ, ଉପଦେଷ୍ଟା ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

■ ୮ରେ ବରୁଣେଇକୁ ଆସୁଛନ୍ତି ରାଷ୍ଟ୍ରପତି

# ପାଇକ ବିଦ୍ରୋହ ସ୍ମାରକର କରିବେ ଭିତ୍ତିପ୍ରସ୍ତର


କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂହ ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି ।

**ଖୋର୍ଦ୍ଧା ଅଫିସ,୫।୧୨:**
ବ୍ରିଟିଶ ଶାସନ ବିରୋଧରେ ପାଇକମାନଙ୍କର ସାହସିକ ସଂଗ୍ରାମ ଥିଲା ପାଇକ ବିଦ୍ରୋହ। ଏହି ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୮ ତାରିଖରେ ବରୁଣେଇ ପାଦଦେଶକୁ ଆସୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପର୍ଯ୍ୟଟନ ଓ ସଂସ୍କୃତି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ୍, ପଶୁପାଳନ, ଦୁଗ୍ଧ, ମତ୍ସ୍ୟପାଳନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପର୍ଯ୍ୟଟନ ଓ ସଂସ୍କୃତି ରାଜ୍ୟ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ରହିବେ।

### କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

ରାଷ୍ଟ୍ରପତିଙ୍କ ଗସ୍ତକୁ ସୁଚାରୁ ରୂପେ ସମାପନ କରିବାକୁ ପୋଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଗୁରୁବାର ପୋଲିସ ବିଭାଗର କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ବରୁଣେଇର ପ୍ରସ୍ତାବିତ ପାଇକ ବିଦ୍ରୋହର ସ୍ମାରକୀ ପୀଠରେ ପହଞ୍ଚି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କେନ୍ଦ୍ରାଞ୍ଚଳ ଡିଆଇଜି ସିଂଙ୍କ ସୂଚନା ଅନୁସାରେ ପ୍ରସ୍ତୁତି ପର୍ବ ଠିକ୍‌ଠାକ୍ ଚାଲିଛି। ଉଚ୍ଚସ୍ତରୀୟ ବୈଠକ ହେଲା ପରେ ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ବ୍ୟବସ୍ଥା, ସୁରକ୍ଷା, ରୁଟ ଲାଇନ, ହେଲିପ୍ୟାଡରୁ ଭିତ୍ତିପ୍ରସ୍ତର ସ୍ଥଳକୁ ଆସିବାର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଛି ବୋଲି କହିଛନ୍ତି।

### ୧ ଘଣ୍ଟାର କାର୍ଯ୍ୟକ୍ରମ

ପାଇକ ବିଦ୍ରୋହ ସ୍ମାରକର ଭୂମିପୂଜନଠାରୁ ଭିତ୍ତି ପ୍ରସ୍ତର ସ୍ଥାପନ ପର୍ଯ୍ୟନ୍ତ ୧ ଘଣ୍ଟା ରାଷ୍ଟ୍ରପତି ବରୁଣେଇରେ ରହିବେ। ପୂର୍ବାହ୍ନ ୧୦ଟା୩୫ରୁ ୧୧ଟା୩୫ ପର୍ଯ୍ୟନ୍ତ ଏଥିପାଇଁ ସମୟ ରହିଛି। ୮ ତାରିଖ ପୂର୍ବାହ୍ନ ସାଢେ ୯ଟାରେ ରାଷ୍ଟ୍ରପତି ରାଜଭବନ ଛାଡିବେ। ପୂର୍ବାହ୍ନ ୯ଟା୪୦ମିନିଟ୍‌ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ। ୯ଟା୫୦ରେ ଏୟାରପୋର୍ଟ ଛାଡି ୧୦ଟା୧୦ରେ ଖୋର୍ଦ୍ଧାର ଗୋଶାଳାରେ ପହଞ୍ଚିବେ। ୧୦ଟା୨୦ରେ ଗୋଶାଳା ପଡିଆ ଛାଡି ସଡକପଥରେ ୧୦ଟା ୩୦ରେ ବରୁଣେଇରେ ପହଞ୍ଚିବେ। ୧ ଘଣ୍ଟାର ରହଣି ପରେ ୧୧ଟା ୩୫ରୁ ବରୁଣେଇ ଛାଡି ପୂର୍ବାହ୍ନ ୧୧ଟା ୪୫ରେ ଗୋଶାଳା ପଡିଆରେ ପହଞ୍ଚିବେ। ପୂର୍ବାହ୍ନ ୧୧ଟା ୫୫ରୁ ଗୋଶାଳା ପଡିଆ ଛାଡି ମଧ୍ୟାହ୍ନ ୧୨ଟା ୧୫ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ।

# ଚିଲିକାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ

**ବାଲୁଗାଁ, ୫।୧୨(ଡି.ଏନ.ଏ.)**

### ଜାନୁୟାରୀ ୫ରେ ଗଣନା


ନଳବଣରେ କମନସେଲଡକ୍ ପ୍ରଜାତିର ବିଦେଶୀ ପକ୍ଷୀ ।

ବିଦେଶୀ ପକ୍ଷୀଙ୍କ କଳରବରେ ସମଗ୍ର ଚିଲିକା ମୁଖରିତ ହୋଇଉଠିଛି । ଡିସେମ୍ବର ପହିଲା ସୁଦ୍ଧା ଚିଲିକାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିବା ଆକଳନ କରାଯାଇଛି। ଏହି ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବାରେ ଲାଗିଛି । ପକ୍ଷୀ ଅଭୟାରଣ୍ୟ ନଳବଣରେ ୨ଲକ୍ଷ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ବାହାର ଚିଲିକା ତଥା ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର, ନଈରୀ, କାଳୁପଡ଼ା ଓ କୃଷ୍ଣପ୍ରସାଦ ଅଞ୍ଚଳରେ ୩ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିବା ବାଲୁଗାଁ ବନ୍ୟ ପ୍ରାଣୀ ବିଭାଗୀୟ ଡିଏଫ୍‌ଓ ଆଲୋକ ରଞ୍ଜନ ହୋତାଙ୍କ ଠାରୁ ପ୍ରକାଶ। ଚିଲିକାକୁ ଆସୁଥିବା ୧୬୦ ପ୍ରଜାତିର ପକ୍ଷୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଥିବା ଜଣାଯାଇଛି । ସେଥିମଧ୍ୟରୁ ଗଡ଼ୱାଲ, ନର୍ଦ୍ଦର୍ନ ପିଣ୍ଟେଲ, ୟୁରାସିଆନ୍ ୱୁଜିଅନ୍, ଗାର୍ଗେନିଂ, ସୋଭଲର, କମନ ସେଲଡକ୍ ଓ ବ୍ଲାକ୍ ଟେଲ୍‌ଡ ଗଡୱିଟ ଆଦି ପ୍ରଜାତିର ପକ୍ଷୀ ସର୍ବାଧିକ ସଂଖ୍ୟାରେ ଅଛନ୍ତି । ତେବେ ଚିଲିକାର ସବୁଠାରୁ ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ପ୍ରଜାତିର ପକ୍ଷୀ ବର୍ତ୍ତମାନ ସୁଦ୍ଧା ମାତ୍ର ୧୦୦ଗୋଟି ଦୃଷ୍ଟିଗୋଚର ହୋଇଥିବା ବେଳେ ଏହି ପକ୍ଷୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବା ଅନୁମାନ କରାଯାଇଛି । ବିଗତବର୍ଷରେ ଚିଲିକାରେ ଏହି ପକ୍ଷୀ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଦେଖାଯାଇଥିବା ଗଣନାରୁ ଜଣାପଡ଼ିଥିଲା । ଗତବର୍ଷ ଡିସେମ୍ବର ପହିଲା ସୁଦ୍ଧା ସମଗ୍ର ଚିଲିକାରେ ୩ଲକ୍ଷ ପକ୍ଷୀଙ୍କ ସମାଗମ ହୋଇଥିବା ବିଭାଗୀୟ ଆକଳନରୁ ଜଣାପଡ଼ିଥିଲା । କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଦୁଇଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ଆଗମନ ହୋଇଛି । ଗତବର୍ଷ ୯ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀ ଚିଲିକାରେ ସମାଗମ ହୋଇଥିବା ବିଭାଗୀୟ ଗଣନାରୁ ଜଣାପଡ଼ିଥିଲା । ପାଗ ଅନୁକୂଳ ରହିଲେ ବିଗତ ବର୍ଷ ଅପେକ୍ଷା ପକ୍ଷୀସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି । ଆସନ୍ତା ଜାନୁୟାରୀ ୫ ତାରିଖରେ ପକ୍ଷୀଗଣନା କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି । ଏହି ଗଣନା ନିମନ୍ତେ ଦେଶ ବିଦେଶରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପକ୍ଷୀ ବିଶାରଦ ଯୋଗଦେବେ ବୋଲି ଜଣାଯାଇଛି ।

### ଠିକା ଶ୍ରମିକଙ୍କ ରେଳ ଅଧିକାରୀଙ୍କୁ ଦାବିପତ୍ର

**ଜଟଣୀ,୫।୧୨(ଡି.ଏନ.ଏ.):**
ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରେ କାର୍ଯ୍ୟରତ ଠିକା ଶ୍ରମିକମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଡିଭିଜନର ବରିଷ୍ଠ ଡିଏମ୍ଇଙ୍କୁ ଗୁରୁବାର ସାକ୍ଷାତ୍‌କରି ଦାବିପତ୍ର ଦେଇଛନ୍ତି। ଖୋର୍ଦ୍ଧାରୋଡ ଷ୍ଟେଶନ ଓ ଟ୍ରେନ୍ ସଫା କରିବା ସହ ପାଣି ଭର୍ତ୍ତି କରିବାକୁ ୧୪୦ଜଣ ଠିକା ଶ୍ରମିକ କାର୍ଯ୍ୟ କରୁଛନ୍ତି। ପିଏଫ୍ ବାବଦରେ ସେମାନଙ୍କ ବେତନରୁ ନିୟମିତ ଅର୍ଥ କଟୁଥିଲେ ମଧ୍ୟ କାର୍ଯ୍ୟାଳୟରେ ପୈଠ ହେଉନାହିଁ । ଏଣୁ କଟୁଥିବା ଅର୍ଥ ନିୟମିତ ସମ୍ପୃକ୍ତ କାର୍ଯ୍ୟାଳୟରେ ପୈଠ ହେବା, ଜୋତା, ପରିଚୟପତ୍ର ପ୍ରଦାନ ଆଦି ଉଲ୍ଲେଖ କରି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ପ୍ରତି ସିଫ୍ଟରେ ୩୪ ଜଣଙ୍କ ପରିବର୍ତ୍ତେ ୧୭ରୁ ୧୮ ଜଣ ଶ୍ରମିକଙ୍କୁ ଠିକାଦାର କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଫଳରେ ଶ୍ରମିକଙ୍କ ଉପରେ ଅଧିକ କାର୍ଯ୍ୟଭାର ପଡୁଛି। ପ୍ରତିବାଦ କଲେ ଶ୍ରମିକଙ୍କୁ ଛଟେଇ ଓ ବେତନରୁ ଟଙ୍କା କାଟି ଦିଆଯାଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ଠିକା ଶ୍ରମିକ ୟୁନିୟନ ସଭାପତି ସୌରୀବନ୍ଧୁ କର ଓ ସମ୍ପାଦକ ପତିତପାବନ ବେହେରାଙ୍କ ନେତୃତ୍ୱରେ ଶ୍ରମିକମାନେ ବରିଷ୍ଠ ଡିଏମ୍ଇଙ୍କୁ ସାକ୍ଷାତ୍‌କରି ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରମିକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ଦାବି କରିଥିଲେ।

■ ପାଇକ ସଙ୍ଗଠନର ଚୂଡ଼ାନ୍ତ ପ୍ରସ୍ତୁତି

# ୮ରେ ରାଷ୍ଟ୍ରପତିଙ୍କ ବରୁଣେଇ ଗସ୍ତ

**ଖୋର୍ଦ୍ଧା ଅଫିସ,୫।୧୨:**
ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ଆସନ୍ତା ୮ ତାରିଖରେ ପାଇକ ବିଦ୍ରୋହର ସ୍ମାରକୀ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ରାଷ୍ଟ୍ରପତିଙ୍କ ଆଗମନକୁ ସ୍ୱାଗତ ଜଣାଇବା, ପାଇକ ଦାୟାଦମାନେ କିଭଳି ସେଠାରେ ଶୃଙ୍ଖଳାର ସହ ଉପବେଶନ କରି ପାରିବେ ଓ ସେମାନଙ୍କୁ ଅନୁମତିପତ୍ର କିଭଳି ଦିଆଯାଇ ପାରିବ ସେ ନେଇ କଳିଙ୍ଗ ପାଇକ ସଙ୍ଗଠନ ଓ ବିଭିନ୍ନ ପାଇକ ସଙ୍ଗଠନଙ୍କ ପକ୍ଷରୁ ଏକ ବୈଠକ ଭିତ୍ତିପ୍ରସ୍ତର ହେବା ସଭାସ୍ଥଳଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ସମ୍ବନ୍ଧରେ ଇଂ. ଶିଶିର କୁମାର ନାୟକ ଅଧ୍ୟକ୍ଷତା କରି କହିଥିଲେ ଆଗନ୍ତୁକମାନଙ୍କର ନାମ ଟେଲିଫୋନ୍ ନମ୍ବର ଓ ଆଧାର କାର୍ଡ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୃଷକ ନେତା ସୁରଥ ବିଶ୍ୱାଳ, କାଳୁଚରଣ ଖଣ୍ଡାୟତରାୟ, ନିଖିଳ ଉତ୍କଳ ପାଇକ ମହାସଂଘର ସଭାପତି ଗାୟନ୍ ସାମଲ, ରମଜାନ୍ ଖାଁ, କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିଆରସିଂହ, ମୃତ୍ୟୁଞ୍ଜୟ ଛୋଟରାୟ, ରାମଚନ୍ଦ୍ର ପାଲଟାସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଧରଣୀଧର ଛୋଟରାୟ, ତାପଙ୍ଗ ଦଳବେହେରା ସ୍ଥିତି ପରିଷଦର ରମେଶ ଚନ୍ଦ୍ର ପାତାଳସିଂହ, ସଂଗ୍ରାମ ଜଗଦ୍ଦେବ, ଶ୍ରୀରଞ୍ଜନ ମଙ୍ଗରାଜ, କାଳିଚରଣ ଜୟସିଂହ, ସନ୍ତୋଷ କୁମାର ସାମନ୍ତସିଂହାର, ଗୋଦାବରୀଶ ପାଇକରାୟ, ପ୍ରସନ୍ନ କୁମାର ପାଇକରାୟ, ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବ୍ଲକ ସମ୍ମୁଖରେ ସିପିଆଇ (ଏମ୍)ର ସମାବେଶ



ବିଭିନ୍ନ ଦାବି ନେଇ ସିପିଆଇ (ଏମ) ପକ୍ଷରୁ ଧାରଣା ଦିଆଯାଇଛି ।

**କୃଷ୍ଣପ୍ରସାଦ,୫।୧୨(ଡି.ଏନ.ଏ.)**
ବିଭିନ୍ନ ଦାବି ନେଇ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ଆଗରେ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଆଞ୍ଚଳିକ କମିଟି ତରଫରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଉମାକାନ୍ତ ଜେନା, ଜଗବନ୍ଧୁ ସେନାପତି, କୃଷ୍ଣଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କମିଟି ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଅଭିମନ୍ୟୁ ତରେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ସମ୍ପାଦକମଣ୍ଡଳୀ ସଦସ୍ୟ ଜଗନ୍ନାଥ ଦେଓ, ଜଗବନ୍ଧୁ ସେନାପତି, ଉମାକାନ୍ତ ଜେନା, କୃଷ୍ଣଚନ୍ଦ୍ର ଜେନା, ଶଙ୍କର ମିସ୍ତ୍ରି, ଅଜୟ ବରାଳ, ପଞ୍ଚାନନ ତରେଇ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ସମାଲୋଚନା କରିଥିଲେ। ରାଜ୍ୟରେ ଦରଦାମ୍ ବୃଦ୍ଧି, କାଳିଆ ଯୋଜନାରେ ପାତରଅନ୍ତର ନୀତି, ଫାଇଲିନ ଓ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କୁ ଗୃହ ଯୋଗାଣ ଉପରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ପରେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଅଭିମନ୍ୟୁ ମାଝିଙ୍କୁ ପ୍ରଦାନ କରାଯାଇଥିଲା।

# ମୋବାଇଲ ଚୋରିକରି ଜେଲ ଗଲେ ଯୁବକ

**ଖୋର୍ଦ୍ଧା ଅଫିସ,୫।୧୨:**
ମୋବାଇଲ ଚୋରି ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଗଞ୍ଜାମ ଛତ୍ରପୁରର ଗୋଲଖ ଗୌଡ(୪୦) ନାମକ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗୋଲଖ ଧଉଳିମୁହଁର ଚରଣ ପଣ୍ଡାଙ୍କଠାରୁ ମୋବାଇଲ ଚୋରି କରି ନେଉଥିଲା। ସ୍ଥାନୀୟ ଲୋକ କାବୁ କରି ତାଙ୍କୁ ପୋଲିସ ଜିମା ଦେଇଥିଲେ। ଚରଣଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୭୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ଅଦିନିଆ ରଥଯାତ୍ରାକୁ ବିରୋଧ

**ପୁରୀ ଅଫିସ, ୫।୧୨**

■ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା
■ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ, ନଚେତ ଆନ୍ଦୋଳନ

ଅଦିନରେ ରଥଯାତ୍ରା ଆୟୋଜନ କରିବା ଲାଗି ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ଶ୍ରୀମଦ୍ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ପ୍ରସ୍ତୁତି ଚଳାଇଛି। ଏହି ଖବର ଜଣାପଡ଼ିବା ପରେ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ସେବାୟତ, ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ପ୍ରମୁଖ ତୀବ୍ର ବିରୋଧ କରିଛନ୍ତି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର ଅପମାନ। ତେଣୁ ଓଡ଼ିଶା ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ସମ୍ପୃକ୍ତ ଟ୍ରଷ୍ଟ ଯଦି ତା' ନିଷ୍ପତ୍ତିରୁ ଓହରି ନ ଯାଏ ତେବେ ଜନ ଆନ୍ଦୋଳନ ହେବ ବୋଲି ଶ୍ରୀଜଗନ୍ନାଥ ସେନା ଚେତାବନୀ ଦେଇଛି।

ଶ୍ରୀମଦ୍ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ଆସନ୍ତା ୨୯ ତାରିଖରେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ ଲାଗି ନିମନ୍ତ୍ରଣପତ୍ର ଛପାଇ ସାରିଛି। ଏହି ନିମନ୍ତ୍ରଣପତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଗୋଟିଏ ଦିନରେ ବିଶ୍ୱର ସବୁ ସ୍ଥାନରେ ରଥଯାତ୍ରା କରାଇବା ଲାଗି ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବ ବୋଲି ନିଷ୍ପତ୍ତି ହୋଇଥିଲା। ତେଣୁ ଓଡ଼ିଶା




ସରକାର ତୁରନ୍ତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଏହାକୁ ବନ୍ଦ କରାନ୍ତୁ। ନଚେତ ଆଇନର ଆଶ୍ରୟ ନିଆଯିବା ସହ ଜନଆନ୍ଦୋଳନ କରାଯିବ। ଶୁକ୍ରବାର ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଏତଲା ଦିଆଯିବ। ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଗଜପତି ମହାରାଜା ଏକା ତିଥିରେ ସବୁ ଜାଗାରେ ରଥଯାତ୍ରା କରିବା ଲାଗି କହିଥିଲେ। ଏମିତି ଅସମୟରେ ରଥଯାତ୍ରା ଆୟୋଜନ ପାଇଁ ନିକଟରେ ଇସ୍କନ ପ୍ରସ୍ତୁତି ଚଳାଇଥିଲା। ସବୁଆଡୁ ଏହାକୁ ବିରୋଧ କରାଯିବା ପରେ ଇସ୍କନ ନିଜ ନିଷ୍ପତ୍ତିରୁ ଓହରିଥିଲା। ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଗାଜିଆବାଦସ୍ଥିତ ସମ୍ପୃକ୍ତ ଟ୍ରଷ୍ଟକୁ ଚିଠି ଲେଖି ଏହାକୁ ବନ୍ଦ କରାନ୍ତୁ। ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ସବୁ ଜାଗାରେ ରଥଯାତ୍ରା ହେଲେ ଏହା ଅଧିକ ସୁନ୍ଦର ହେବ। ଏ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଏ ନେଇ ମୋ' ପାଖରେ ଖବର ନାହିଁ। ପୂର୍ବରୁ ପରିଚାଳନା କମିଟିରେ ରଥଯାତ୍ରା ସଂକ୍ରାନ୍ତରେ ଯାହା ନିଷ୍ପତ୍ତି ହୋଇଛି ସେହି ଅନୁଯାୟୀ ପଦକ୍ଷେପ ନିଆଯିବ।

ପରମ୍ପରା ଅନୁଯାୟୀ, ଆଷାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ଭାରତ ଏପରି କି ବିଶ୍ୱର ବିଭିନ୍ନ ଜାଗାରେ ଅଦିନରେ ରଥଯାତ୍ରା ହେଉଥିବା ଜଣାପଡ଼ିବା ପରେ ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତ୍ୱର ସହ ନେଇଥିଲା। ଗତ ସେପ୍ଟେମ୍ବର ୬ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁଯାୟୀ ରଥଯାତ୍ରା ହେଉଛି ଅଧିକାଂଶ ସ୍ଥାନରେ ସେପରି ହେଉନାହିଁ। ତେଣୁ ରାଜ୍ୟ ସରକାରଙ୍କ ସହଯୋଗରେ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଜଣାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

■ ମିନି ଜାମ୍ବୋରିର ୫ମ ଦିବସ

# ସାଂସ୍କୃତିକ, ଐତିହ୍ୟ ପରମ୍ପରା ବଖାଣିଲା ପିଜାଣ୍ଟ ଶୋ

**ଖୋର୍ଦ୍ଧା ଅଫିସ,୫।୧୨:**
ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ, ଗାଇଡ୍ସ ସଙ୍ଗଠନ ଦ୍ୱାରା ଖୋର୍ଦ୍ଧା ଜିଲା ବରୁଣେଇ ସନ୍ନିକଟ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଚାଲିଛି ଜାତୀୟସ୍ତରୀୟ ରୋଭର ରେଞ୍ଜର ମିନି ଜାମ୍ବୋରି ୫ମ ଦିବସରେ ପହଞ୍ଚିଛି । ଅନୁଷ୍ଠିତ ପିଜାଣ୍ଟ ଶୋ ରୋଭର ରେଞ୍ଜରଙ୍କୁ ସୁଯୋଗ ଦେଇଥିଲା ସେମାନଙ୍କ ରାଜ୍ୟର ସାଂସ୍କୃତିକ ତଥା ଐତିହ୍ୟ ପରମ୍ପରାର ଝଲକ ଉପସ୍ଥାପନ କରିବାକୁ। ଏଥିରେ ଆସାମ ରାଜ୍ୟର ରୋଭର ରେଞ୍ଜର ଦେଖାଇଥିଲେ ବିହୁ ନୃତ୍ୟ। ସେହିପରି ମଧ୍ୟପ୍ରଦେଶର ରୋଭର ରେଞ୍ଜରମାନେ ପିକନିକ୍ ସ୍ୱଟର ଝଲକ ଓ ଚେନ୍ନାଇର ରୋଭର ରେଞ୍ଜର କନ୍ୟାକୁମାରୀ ପ୍ରଦର୍ଶନ କରିଥିଲେ। ରାଜସ୍ଥାନ ପକ୍ଷରୁ ମଞ୍ଚରେ ପାରମ୍ପରିକ ଦୁର୍ଗା ପୂଜା, ବାହାଘର, ଦାଣ୍ଡିଆ ନୃତ୍ୟ ଓ ଜୟପୁର ରାଜପ୍ରାସାଦ ଉପରେ ଝଲକ ଉପସ୍ଥାପିତ ହୋଇଥିଲା। ସେହିପରି ଓଡ଼ିଶା ପକ୍ଷରୁ ପୁରୀର



ଜାମ୍ବୋରିରେ ଯୋଗ ଦେଇଥିବା ହାଇକୋର୍ଟର ମୁଖ୍ୟବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଜାଭେରି ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ମେଘାଳୟ ପକ୍ଷରୁ ଆଦିବାସୀଙ୍କ ଜୀବନଶୈଳୀ, ପଶ୍ଚିମବଙ୍ଗ ଓ ଇଷ୍ଟର୍ନ ରେଲୱେ ପକ୍ଷରୁ ସିନ୍ଦୂର ଖେଳ ଓ କାଳୀ ପୂଜା ଅନ୍ୟତମ ଆକର୍ଷଣ ଥିଲା। ବିହାରର ରୋଭର ରେଞ୍ଜର ଛଟ ପର୍ବ, ଟିକାଚୋଲି ଖାଇବା, ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପରେ ଝଲକ ଓ କର୍ନାଟକ ପକ୍ଷରୁ ମହିଳାଙ୍କ ଶକ୍ତି ଉପରେ ଝଲକ ଦେଖାଇଥିଲେ। ଭୋର ସମୟରେ ରୋଭର, ରେଞ୍ଜରମାନେ ଏକତ୍ରିତ ହୋଇ ଯୋଗ ଏବଂ ପ୍ରାଣାୟମ ଅଭ୍ୟାସ କରିଥିଲେ। ସବୁଦିନ ଭଳି ଉତ୍ସବ ପରେ ଶିବିରର କାର୍ଯ୍ୟସୂଚୀ ଅନୁଯାୟୀ ଯୁବ ପିଢିମାନଙ୍କ ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟାହ୍ନଭୋଜନ ପରେ ଅପରାହ୍ନ ଅଧିବେଶନର ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ 'ପିଜାଣ୍ଟ ଶୋ' ପ୍ରଦର୍ଶନ ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜାମ୍ବୋରିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ କଲ୍ଲେଶ ସତ୍ୟେନ୍ଦ୍ର ଜାଭେରୀ ଯୋଗ ଦେଇଥିଲେ। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ତଥା ଅନ୍ତର୍ଜାତୀୟ ସ୍କାଉଟ୍ କମିଶନର ଜଗଦୀଶ ଚନ୍ଦ୍ର ମହାନ୍ତି, ଅନ୍ତର୍ଜାତୀୟ ଗାଇଡ୍ କମିଶନର ଆମେଲିଆ ସ୍ୱେୟର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜାଭେରୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ରାଜ୍ୟ ମୁଖ୍ୟ କମିଶନର ଅତିଥିମାନଙ୍କୁ ସ୍ୱାଗତ କରିବାକୁ ଯାଇ ଜାମ୍ବୋରିର ଉଦ୍ଦେଶ୍ୟ ଏବଂ ବିଗତ ଦିନମାନଙ୍କରେ ରାଜ୍ୟ ସଙ୍ଗଠନ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଗାନ୍ଧୀ ୧୫୦ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜାମ୍ବୋରିର ପରିଚାଳିକା ତଥା ଜାତୀୟ କାର୍ଯ୍ୟାଳୟର ଉପନିର୍ଦ୍ଦେଶିକା ସୁରେଖା ଶ୍ରୀବାସ୍ତଭ ଶିବିରର ବିବରଣୀ ପାଠ କରିଥିବା ବେଳେ ଉପନିର୍ଦ୍ଦେଶକ ଅମର ବି. ଛେତ୍ରୀ ଧନ୍ୟବାଦ ଦେଇଥିଲେ। ରାଜ୍ୟ ଗାଇଡ ସଙ୍ଗଠନ କମିଶନର ଅନାମିକା ଦାସ ଏବଂ ଅନ୍ୟ କର୍ମକର୍ତ୍ତା ଉତ୍ସବକୁ ପରିଚାଳନା କରିଥିଲେ।



ମିନି ଜାମ୍ବୋରିରେ ମେଘାଳୟର ଆଦିବାସୀ ନୃତ୍ୟ ।

**ଛାତ୍ରୀଛାତ୍ରଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା**

କଣାସ,(ସ୍ୱ.ପ୍ର.): ଗଣବଳାତ୍କାର ଘଟଣା ପ୍ରତିବାଦରେ ତଥା ବଳାତ୍କାରୀଙ୍କୁ ଫାଶିଦଣ୍ଡ ଦେବା ଦାବି ନେଇ କଣାସସ୍ଥିତ ପି.ଏସ୍. କ୍ୟାରିୟର ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଶତାଧିକ ଛାତ୍ରୀ ଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ଓ କ୍ୟାଣ୍ଡେଲ ଜାଳି ସହର ପରିକ୍ରମା କରିଥିଲେ। ଶେଷରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ପୁରୀ ଅଫିସ,୫।୧୨ : ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତଣ୍ଡିକେରା ଗ୍ରାମର ମରୁଆ ବେୱା(୬୯)। ଚନ୍ଦନପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଗୁରୁବାର ସକାଳେ ମରୁଆ ପୋଖରୀକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଇକ ଡିକି ଭାଙ୍ଗି ୫୦ ହଜାର ଲୁଟ୍

ପୁରୀ ଅଫିସ, ୫।୧୨: କିଛି ଦିନର ବ୍ୟବଧାନ ପରେ ପୁଣି ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି। ଗୁରୁବାର ବାଇକ ଡିକି ଭାଙ୍ଗି ଜଣେ ଯୁବକଙ୍କ ୫୦ହଜାର ଟଙ୍କା ଲୁଟି ନିଆଯାଇଥିବା କୁମ୍ଭାରପଡା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନୀଳଚକ୍ର ନଗରର ଅକ୍ଷୟ ଦାସ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ବାଇକ ଡିକିରେ ରଖି ଲକ୍ଷ୍ମୀ ନୃସିଂହଙ୍କ ଦର୍ଶନ କରିବାକୁ ଯାଇଥିଲେ। ଫେରିବା ପରେ କେହି ଦୁର୍ବୃତ୍ତ ତାଙ୍କ ଡିକି ତାଡି ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିବା ଦେଖିବାକୁ ପାଇଥିଲେ।

### ୫୫ କେଜି ଭାଙ୍ଗ ଜବତ: ୨ ଗିରଫ

ପୁରୀ ଅଫିସ, ୫।୧୨: ପୁରୀ ଅବକାରୀ ପୋଲିସ ପିପିଲି ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ଭାଙ୍ଗ ଜବତ କରିଛି। ବେଆଇନ ଭାଙ୍ଗ ବିକ୍ରି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପିପିଲି ଥାନା ଅନ୍ତର୍ଗତ ଜୟପୁର ଶାସନର ଲକ୍ଷ୍ମଣ ଚାନ୍ଦ ଓ ରାମଚନ୍ଦ୍ର ଚାନ୍ଦ। ଲକ୍ଷ୍ମଣଙ୍କଠାରୁ ୨୫ କେଜି ଓ ରାମଚନ୍ଦ୍ରଙ୍କଠାରୁ ୩୦କେଜି ଭାଙ୍ଗ ଜବତ ହୋଇଛି।

### ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କଲା ଆର୍‌ପିଏଫ୍

ପୁରୀ ଅଫିସ, ୫।୧୨: ପୁରୀ ରେଳଷ୍ଟେଶନ ପରିସରରେ ଗୁରୁବାର ଅସହାୟ ଅବସ୍ଥାରେ ପଡ଼ିଥିବା ଜଣେ ବୃଦ୍ଧଙ୍କୁ ଆର୍‌ପିଏଫ୍ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପ୍ରକାଶ ଯେ, ଷ୍ଟେଶନ ପ୍ରସ୍ଥାନ ଦ୍ୱାର ଫାଟକ ନିକଟରେ ଜଣେ ବୃଦ୍ଧ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ିଥିଲେ। ଆର୍‌ପିଏଫ୍ ଏସ୍‌ଆଇ ପି.କେ. ସେଠୀ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସେ ଅସୁସ୍ଥ ଥିବା ଜାଣିବା ପରେ ତାଙ୍କୁ ଅଟୋ ଯୋଗେ ଆଣି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ ବୋଲି ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି। ଆର୍‌ପିଏଫ୍ କର୍ମଚାରୀଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ

ସାକ୍ଷୀଗୋପାଳ, ୫।୧୨(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ନରେନ୍ଦ୍ରପୁର ପାଇକସାହିରେ ଗୁରୁବାର ରାତି ୮ ଟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୩ ଟି ପରିବାର ୪ ବଖରା ସମେତ ଆସବାବପତ୍ର ଜଳିଯାଇଛି। ଚୁଲିରୁ ନିଆଁ ଧାସ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ଗଙ୍ଗାଧର ମହାପାତ୍ର, ବିମ୍ବାଧର ମହାପାତ୍ର ଓ ଲକ୍ଷ୍ମୀଧର ମହାପାତ୍ରଙ୍କର ଘର ପୋଡି ଯାଇଛି। ଖବର ପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ରର ନିଆଁ ଲିଭାଳି ଦଳ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିଥିଲେ।

### ଅଗ୍ନିକାଣ୍ଡ: ୩ ଗୋରୁ ମୃତ

କଣାସ,୫।୧୨(ସ୍ୱ.ପ୍ର.):କଣାସ ବ୍ଲକ ପାଣ୍ଡିଆକେରା ଗ୍ରାମପଞ୍ଚାୟତର ଗଡ଼ମାଟିଆପଡ଼ାରେ ବୁଧବାର ମଧ୍ୟରାତ୍ରରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୪ବଖରା ପୋଡିଯିବା ସହିତ ତିନି ଗୋରୁ ପୋଡିଯାଇଛନ୍ତି। ଗ୍ରାମର ଅହଲ୍ୟା ହରିଚନ୍ଦନ ଏବଂ ମର୍କତ କେଶରୀ ହରିଚନ୍ଦନଙ୍କ ଚାରି ବଖରା ପୋଡିଯିବା ସହ ଅହଲ୍ୟାଙ୍କର ଗୋଟିଏ ଗର୍ଭିଣୀ ଗାଈ ଏବଂ ମର୍କତଙ୍କର ଗୋଟିଏ ବଡ଼ ମାଈ ବାଛୁରୀ ଓ ଗୋଟିଏ ଅଣ୍ଡିରା ବାଛୁରୀ ପୋଡିଯାଇ ମୃତ୍ୟୁବରଣ କରିଥିବାବେଳେ ଘରର ଆସବାବପତ୍ର ପୋଡିଯାଇଛି। ଖବରପାଇ କଣାସରୁ ଦମକଳ ବାହିନୀ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ।

# ଅଦିନିଆ ରଥଯାତ୍ରାକୁ ବିରୋଧ

■ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା
■ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ, ନଚେତ୍ ଆନ୍ଦୋଳନ

ପୁରୀ ଅଫିସ, ୫।୧୨:

ଅଦିନରେ ରଥଯାତ୍ରା ଆୟୋଜନ କରିବା ଲାଗି ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ଶ୍ରୀମଦ୍ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ପ୍ରସ୍ତୁତି ଚଳାଇଛି। ଏହି ଖବର ଜଣାପଡ଼ିବା ପରେ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ସେବାୟତ, ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ପ୍ରମୁଖ ତୀବ୍ର ବିରୋଧ କରିଛନ୍ତି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର ଅପମାନ। ତେଣୁ ଓଡ଼ିଶା ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ସମ୍ପୃକ୍ତ ଟ୍ରଷ୍ଟ ଯଦି ତା' ନିଷ୍ପତ୍ତିରୁ ଓହରି ନ ଯାଏ ତେବେ ଜନ ଆନ୍ଦୋଳନ ହେବ ବୋଲି ଶ୍ରୀଜଗନ୍ନାଥ ସେନା ଚେତାବନୀ ଦେଇଛି।

ଶ୍ରୀମଦ୍ ନାରଦୀୟ ଭଗବତ ନିକୁଞ୍ଜ ଟ୍ରଷ୍ଟ ଆସନ୍ତା ୨୯ ତାରିଖରେ ଶ୍ରୀଜଗନ୍ନାଥ ରଥଯାତ୍ରା ଆୟୋଜନ ଲାଗି ନିମନ୍ତ୍ରଣପତ୍ର ଛପାଇ ସାରିଛି। ଏହି ନିମନ୍ତ୍ରଣପତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଗୋଟିଏ ଦିନରେ ବିଶ୍ୱର ସବୁ ସ୍ଥାନରେ ରଥଯାତ୍ରା କରାଇବା ଲାଗି ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବ ବୋଲି ନିଷ୍ପତ୍ତି ହୋଇଥିଲା। ତେଣୁ ଓଡ଼ିଶା ସରକାର ତୁରନ୍ତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଏହାକୁ ବନ୍ଦ କରାନ୍ତୁ। ନଚେତ ଆଇନର ଆଶ୍ରୟ ନିଆଯିବା ସହ ଜନଆନ୍ଦୋଳନ କରାଯିବ। ଶୁକ୍ରବାର ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଏତଲା ଦିଆଯିବ। ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ଗଜପତି ମହାରାଜା ଏକା ତିଥିରେ ସବୁ ଜାଗାରେ ରଥଯାତ୍ରା କରିବା ଲାଗି କହିଥିଲେ। ଏମିତି ଅସମୟରେ ରଥଯାତ୍ରା ଆୟୋଜନ ପାଇଁ ନିକଟରେ ଇସ୍କନ ପ୍ରସ୍ତୁତି ଚଳାଇଥିଲା। ସବୁଆଡୁ ଏହାକୁ ବିରୋଧ କରାଯିବା ପରେ ଇସ୍କନ ନିଜ ନିଷ୍ପତ୍ତିରୁ ଓହରିଥିଲା।




ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଗାଜିଆବାଦସ୍ଥିତ ସମ୍ପୃକ୍ତ ଟ୍ରଷ୍ଟକୁ ଚିଠି ଲେଖି ଏହାକୁ ବନ୍ଦ କରାନ୍ତୁ। ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ସବୁ ଜାଗାରେ ରଥଯାତ୍ରା ହେଲେ ଏହା ଅଧିକ ସୁନ୍ଦର ହେବ। ଏ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଏ ନେଇ ମୋ' ପାଖରେ ଖବର ନାହିଁ। ପୂର୍ବରୁ ପରିଚାଳନା କମିଟିରେ ରଥଯାତ୍ରା ସଂକ୍ରାନ୍ତରେ ଯାହା ନିଷ୍ପତ୍ତି ହୋଇଛି ସେହି ଅନୁଯାୟୀ ପଦକ୍ଷେପ ନିଆଯିବ।

ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ଭାରତ ଏପରି କି ବିଶ୍ୱର ବିଭିନ୍ନ ଜାଗାରେ ଅଦିନରେ ରଥଯାତ୍ରା ହେଉଥିବା ଜଣାପଡ଼ିବା ପରେ ଏହାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଗୁରୁତ୍ୱର ସହ ନେଇଥିଲା। ଗତ ସେପ୍ଟେମ୍ବର ୬ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁଯାୟୀ ରଥଯାତ୍ରା ହେଉଛି ଅଧିକାଂଶ ସ୍ଥାନରେ ସେପରି ହେଉନାହିଁ। ତେଣୁ ରାଜ୍ୟ ସରକାରଙ୍କ ସହଯୋଗରେ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଜଣାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

## ଯୋଜନାର ସଫଳ ରୂପାୟନ ପାଇଁ ବୈଠକ



ବୈଠକରେ ଉପସ୍ଥିତ ପୁରୀ ଜିଲାପରିଷଦ ସଦସ୍ୟ।

ସାକ୍ଷୀଗୋପାଳ, ୫।୧୨(ଡି.ଏନ୍.ଏ.)

ଗ୍ରାମୀଣ ବିକାଶ ପାଇଁ ରହିଥିବା ବିଭିନ୍ନ ଉନ୍ନୟନ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ପୁରୀ ଜିଲାପରିଷଦ ସଭ୍ୟାସଭ୍ୟଙ୍କର ଏକ ବୈଠକ ଗୁରୁବାର ସତ୍ୟବାଦୀରେ ଅନୁଷ୍ଠିତ ହୋଇଯାଇଛି। ହିତାଧିକାରୀ ଚୟନ କ୍ଷେତ୍ରରେ ସ୍ୱଚ୍ଛତା, ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ଅର୍ଥନୈତିକ ବିକାଶ, ପାନୀୟଜଳ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଆଦି ମୌଳିକ ଅଧିକାର ଉପଲବ୍ଧ ପାଇଁ ସଭ୍ୟାସଭ୍ୟମାନେ ଗୁରୁତ୍ୱ ପ୍ରଦାନ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ଗୁଡ଼ିକରେ ପଡି ରହୁଥିବା ଜିଲା ପରିଷଦ ଉନ୍ନୟନ ପାଣ୍ଠିର ସୁଧ ରାଶିକୁ ବିନିଯୋଗ କରିବା ନିମନ୍ତେ ଉପସ୍ଥିତ ଜିଲା ପରିଷଦ ସଭ୍ୟମାନେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସମ୍ପର୍କରେ ସ୍ଥିର କରାଯାଇଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, କୈଳାସ ଚନ୍ଦ୍ର ପରିଡ଼ା, ଦେବାଶିଷ ନନ୍ଦ, ଦିବାକର ପାତ୍ର, ମିଲି ବେହେରା, ରୁନିତା ସ୍ୱାଇଁ, ମଳୟ ମହାନ୍ତି, ନୀଳମଣି ବେହେରା, ସୁରେନ୍ଦ୍ର କୁମାର ରାଉତ, ରାଧାମଣି ପ୍ରଧାନ ଓ ଚନ୍ଦନା ରାୟ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ପୁରୀଠାରେ ସାମୂହିକ ସୁନ୍ଦରାକାଣ୍ଡ ପାଠ କରାଯାଉଛି।

## ଅସାମାଜିକଙ୍କ ଭୂସ୍ୱର୍ଗ ପାଲଟିଛି ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତା

ବ୍ରହ୍ମଗିରି, ୫।୧୨(ଡି.ଏନ୍.ଏ.)

ପୁରୀ-ବ୍ରହ୍ମଗିରି ଜାତୀୟ ରାଜପଥ ପରେ ଏବେ ଅସାମାଜିକ ତଥା ଲୁଟେରାଙ୍କ ଭୂସ୍ୱର୍ଗ ପାଲଟିଛି ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତା। ଫଳରେ ସାଧାରଣ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ଡରୁଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ରହିଛି ଏକ ମଦ ଦୋକାନ। ଯେଉଁଠି ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଲାଗୁଥିବାବେଳେ ସଂଲଗ୍ନ ରାସ୍ତାରେ ସେମାନେ ଆତଙ୍କରାଜ ସୃଷ୍ଟି କରୁଛନ୍ତି। ଉକ୍ତ ରାସ୍ତାରେ ସ୍କୁଲ, କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ସାଙ୍ଗକୁ ଏକାକୀ ଯାଉଥିବା ଲୋକଙ୍କଠାରୁ ଲୁଟ୍ ହେଉଛି। ମଙ୍ଗଳବାର ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାର ସଂଲଗ୍ନ ସଂଧ୍ୟାତଳ ରାସ୍ତାରେ ଦୁଇଜଣ ଯୁବତୀ ଯାଉଥିବା ସମୟରେ ଲୁଟ୍‌ର ଶିକାର ହୋଇଥିଲେ। ଏନେଇ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଥାନା ଅନ୍ତର୍ଗତ ସିରିଆପୁର ଗ୍ରାମର ଦୁଇ ଭଉଣୀ ବ୍ରହ୍ମଗିରି ବଜାରରେ ରହୁଥିବା ତାଙ୍କ ଦାଦାଙ୍କ ଠାରୁ ଟଙ୍କା ନେଇ ସନ୍ଧ୍ୟା ସମୟରେ ଗାଁକୁ ଫେରିବାବେଳେ ଜଣେ ଯୁବକ ତାଙ୍କୁ ପିଛାକରି ନିଛାଟିଆ ସ୍ଥାନ ଦେଖି ତାଙ୍କ ଠାରୁ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଯୁବତୀ ଜଣଙ୍କ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଛି।

## ମାଟିର ସ୍ୱାସ୍ଥ୍ୟ ପରିଚାଳନା ପ୍ରତି ଗୁରୁତ୍ୱ

ସାକ୍ଷୀଗୋପାଳ, ୫।୧୨(ଡି.ଏନ୍.ଏ.)

ମାଟିର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉର୍ବରତା ଉଦ୍ଭିଦ, ପାଣୀ ଓ ମାନବ ସମାଜର ସ୍ୱାସ୍ଥ୍ୟ ଓ ପରିବେଶ ରକ୍ଷା ଦିଗରେ ସହାୟକ ହେଉଥିବାରୁ ମାଟିର ଉପଯୁକ୍ତ ସ୍ୱାସ୍ଥ୍ୟ ପରିଚାଳନା ଏବେ ଜରୁରୀ ହୋଇଛି। ଏଣୁ ମାଟିର ସ୍ୱାସ୍ଥ୍ୟ ପରିଚଳନା ପ୍ରତି ଗୁରୁତ୍ୱ ପ୍ରଦାନ କରିବାକୁ ଗୁରୁବାର ସ୍ଥାନୀୟ କୃଷିଫାର୍ମ ପରିସରରେ ଅନୁଷ୍ଠିତ ମୃତ୍ତିକା ସଂରକ୍ଷଣ ଦିବସ ପାଳନ ଅବସରରେ କୃଷି ଅଧିକାରୀ ଓ ଅତିଥିମାନେ ଉପସ୍ଥିତ ଚାଷୀଭାଇଙ୍କୁ ପରାମର୍ଶ ଦେଇଛନ୍ତି। ମାଟି ପରୀକ୍ଷାର ଉପାୟ ସମ୍ପର୍କରେ ସୂଚନା ଦେଇ ପ୍ରତି ପଞ୍ଚାୟତରେ ପରୀକ୍ଷା ପାଇଁ ମାଟି ସଂଗ୍ରହ କରାଯିବା ସହ ଭ୍ରାମ୍ୟମାଣ ପରୀକ୍ଷାଗାରରେ ମାଗଣାରେ ମାଟି ପରୀକ୍ଷା ସୁବିଧା ରହିଛି ବୋଲି ଜିଲା କୃଷି ଅଧିକାରୀ ଅଜୟ କୁମାର ବେହେରା ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଆତ୍ମା କମିଟି ସଭାପତି ବେବିଲାଲ ମିଶ୍ର, ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସମାନ୍ତରାୟ, ଶାନ୍ତା ସୁଚରିତା ଦାସ ଓ ବିଟିଏମ ସୋଲେଶ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆତ୍ମା କମିଟି ସଭ୍ୟାସଭ୍ୟ, କୃଷକ, ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀମାନେ ଯୋଗଦେଇଥିଲେ। ପରେପରେ ଅତିଥିମାନେ କୃଷି କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

# ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଜାରି

ପୁରୀ ଅଫିସ, ୫।୧୨:

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଜାରି ରହିଛି। ଦୋଳବେଦି କୋଣରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଚ୍ଛେଦ କାର୍ଯ୍ୟ ଗୁରୁବାର ଆରମ୍ଭ କରିଥିଲା ପ୍ରଶାସନ। ଶୁକ୍ରବାର ବି ଦୁଇ ମହଲା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଭଙ୍ଗା ଯିବ। ଶନିବାର ଏହାର ଉଚ୍ଛେଦ କାର୍ଯ୍ୟ ସରିବ ବୋଲି ଜଣାପଡ଼ିଛି।

ସୁରକ୍ଷା ଜୋନରେ ଥିବା ଜମିର ବିକ୍ରି କବଲା ଚାଲିଛି। ବର୍ତ୍ତମାନ ସୁଦ୍ଧା ୮୦ ପ୍ରତିଶତରୁ ଅଧିକ ଘରୋଇ ଜମିର ବିକ୍ରି କବଲା ସରିଛି। ତେବେ ଆସନ୍ତା ୯ ତାରିଖ ପ୍ରତ୍ୟକ୍ଷ ଜମି କିଣାର ଶେଷ ତାରିଖ ରହିଥିବାବେଳେ ଏହି ସମୟ ମଧ୍ୟରେ ୧୦୦ ପ୍ରତିଶତ ଜମିର ସେଲ୍‌ଡିଡ୍ ହୋଇସାରିଥିବ ବୋଲି ପ୍ରଶାସନ ଆଶା ରଖିଛି। ଯେଉଁ କିଛି ପରିବାରର ଜମିକୁ ନେଇ କୋର୍ଟ ସମସ୍ୟା ରହିଛି ତାହାର ସମାଧାନ ପାଇଁ ସମ୍ପୃକ୍ତ ପରିବାର ପକ୍ଷରୁ ଉଦ୍ୟମ ଚାଲିଛି। ୯ତାରିଖ ମଧ୍ୟରେ ସେମାନେ ଜମି ହସ୍ତାନ୍ତର କଲେ କ୍ଷତିପୂରଣ ସହାୟତା ସହିତ ଅଧିକ ୧୦ ପ୍ରତିଶତ ମଧ୍ୟ ପାଇପାରିବେ। ଅନ୍ୟପକ୍ଷରେ ଯେଉଁ ପ୍ଲଟର ବିକ୍ରି କବଲା ସରିଛି ତାହାକୁ ନିଜ ଅଧୀନକୁ ଆଣିବା ଲାଗି ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଲୋକଙ୍କୁ ଘର ଖାଲି କରିବା ଲାଗି ମଧ୍ୟ ସୂଚନା ଦିଆଯାଇଛି । ସେମାନେ ଘର ଖାଲି କରିବା ପରେ ପ୍ରଶାସନ ପକ୍ଷରୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ ଜାରି ରହିବ ବୋଲି ଜଣେ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି।

## ୧୯୮୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ନିମାପଡ଼ା,୫।୧୨(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅନ୍ତର୍ଗତ ଡେଣ୍ଡୁଆଁ ଉଚ୍ଚ ବିଦ୍ୟାଳୟର ୧୯୮୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ନାୟକ, ଗୋବିନ୍ଦ ଚନ୍ଦ୍ର ଜେନା, ପ୍ରଭାକର ସ୍ୱାଇଁ, ଉଷାରାଣୀ ଦାସ, ବାଇଧର ପ୍ରଧାନ, ପ୍ରହ୍ଲାଦ ସ୍ୱାଇଁଙ୍କ ସମେତ ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ୩ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୮୯ମାଟ୍ରିକ ବ୍ୟାଚର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଛାତ୍ର ସଙ୍ଗଠନର ନେତା ବିଜୟ ସାହୁ, ଚନ୍ଦ୍ରକାନ୍ତ ନନ୍ଦ, ବିଶ୍ୱଜିତ ପ୍ରଧାନ, ଚିତ୍ତରଞ୍ଜନ ସ୍ୱାଇଁ, ରଞ୍ଜିତା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପରିଡା, ନଳିନୀପ୍ରଭା ବାରିକ ପ୍ରମୁଖ ଉତ୍ସବର ପରିଚାଳନା କରିଥିଲେ। ଶେଷରେ କୁନିକୁନି ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଡ଼ଦାଣ୍ଡ ଅବରୋଧକୁ ହିନ୍ଦୁ ମହାସଭାର ନିନ୍ଦା

ପୁରୀ ଅଫିସ, ୫।୧୨:

ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡ ଅବରୋଧକୁ ଅଖିଳ ଭାରତ ହିନ୍ଦୁ ମହାସଭା ନିନ୍ଦା କରିଛି। ସିଂହଦ୍ୱାରର ମହିମା ସ୍ୱତନ୍ତ୍ର। ଏହା ସମସ୍ତଙ୍କ ବିଶ୍ୱାସର ପ୍ରତୀକ । ପୁରୀ ବଡ଼ଦାଣ୍ଡର ମହିମା ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ଓ ଭକ୍ତଙ୍କୁ ସୁବିଧା ଯୋଗାଇ ଦେବାର ବାହାନା କରି ସରକାର ବଡଦାଣ୍ଡକୁ ଛୋଟ କରିସାରିଛନ୍ତି। ରଥଯାତ୍ରା ଆଉ କିଛିମାସ ପରେ ହେବାକୁ ଥିବାବେଳେ ସିଂହଦ୍ୱାର ସମ୍ମୁଖରେ ଶେଡ୍ କରିବାର ଆବଶ୍ୟକତା କ'ଣ ବୋଲି ହିନ୍ଦୁ ମହାସଭା ଓଡ଼ିଶା ରାଜ୍ୟ ଉପସଭାପତି ସୂର୍ଯ୍ୟ ନାରାୟଣ ରଥ ପ୍ରଶ୍ନ କରିଛନ୍ତି। ବଡ଼ଦାଣ୍ଡକୁ ଭାଗ ଭାଗ କରି ଏହାର ଗରିମା ନଷ୍ଟ କରାଯାଉଛି। ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ସୁପରିଚାଳନା କରିବା ପାଇଁ ପ୍ରଶାସନ ସକ୍ଷମ ନୁହେଁ ତାହା ପ୍ରମାଣିତ ହେଉଛି। ଏହି ଲୋକ ଦେଖାଣିଆ ବିକାଶ ସରକାରଙ୍କୁ ମହଙ୍ଗା ପଡ଼ିବ ବୋଲି ରଥ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି।

## ୯ରେ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟବଲ ପ୍ରତିଯୋଗିତା

ନିମାପଡ଼ା,୫।୧୨(ଡି.ଏନ୍.ଏ.):

ଆସନ୍ତା ୯ତାରିଖରୁ ୬ଷ୍ଠ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ନିମାପଡ଼ାସ୍ଥିତ ବାରବାଟୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ଟିମକୁ ୩୦ହଜାର ଟଙ୍କା ଓ ରନର୍ସ ଅପ ଟିମ୍‌କୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ

ନିମାପଡ଼ା,୫।୧୨(ଡି.ଏନ୍.ଏ.):

ନିମାପଡ଼ା କୃଷି ବିଭାଗ ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ ସମାବେଶରେ ଅତିଥିଭାବେ ନିମାପଡ଼ା କୃଷି ଜିଲାର ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ, ଖେତ ବିଶେଷଜ୍ଞ ବିକାଶ ପୃଷ୍ଟି, ଚିତ୍ତରଞ୍ଜନ ନାୟକ, ଅଜୟ ସ୍ୱାଇଁ, ପ୍ରଦୀପ୍ତ ଖଟୋଇ ପ୍ରମୁଖ ଯୋଗଦେଇ ମୃତ୍ତିକା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାଟି ପରୀକ୍ଷା କରି ଖେତରେ ସାର ପ୍ରୟୋଗ କରିବା, ରାସାୟନିକ ସାର ଅପେକ୍ଷା ଅଧିକ ପରିମାଣରେ ଜୈବିକ ସାର ପ୍ରୟୋଗ କରିବାକୁ କୃଷି ଅଧିକାରୀମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ।

## ଦୟାବିହାର ମହାବିଦ୍ୟାଳୟରେ ଆଲୋଚନାଚକ୍ର

କଣାସ, ୫।୧୨(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ 'ଦ୍ରବ୍ୟ ଓ ସେବାକରର ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ପ୍ରଭାବ' ଶୀର୍ଷକ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ରବୀନ୍ଦ୍ର କୁମାର ସାହୁ ଅଜୟ କୁମାର ମହାପାତ୍ର, ଦେବୀଶ୍ରୀ ପାଣିଗ୍ରାହୀ ଏବଂ ଅର୍ଥଶାସ୍ତ୍ର ବିଭାଗର ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ବିଷୟ ଉପସ୍ଥାପନ କରି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

## ସରିଲା କୁରାଳ ପଞ୍ଚମୀ ପର୍ବ

ପୁରୀ ଅଫିସ,୫।୧୨:

କୁରାଳମାନଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପର୍ବର ଅନ୍ତିମ ଦିବସରେ ଇଷ୍ଟଦେବ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ନିକଟରେ ଚକୁଳି ପିଠା ଭୋଗ କରାଯାଇଥିଲା। ସନ୍ଧ୍ୟାରେ ପୁରୀର କୁମ୍ଭାରପଡ଼ା, ଜେନାପୁର, ନୂଆସାହି ଏବଂ ଟିକରପଡ଼ା ସାହିରେ ନିର୍ମିତ ୧୨ଟି ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯିବା ପରେ ଅଠରନଳା ମୂଷା ନଈରେ ବିସର୍ଜନ କରାଯାଇଥିଲା। ମହିଳାମାନେ ଇଷ୍ଟଦେବ ଓ ଦେବୀଙ୍କୁ ବନ୍ଦାପନା ପୂର୍ବକ ବିଦାୟ ଦେଇଥିଲେ। ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପର୍ବ ସମାପ୍ତି ପରେ କୁମ୍ଭକାର ନିଯୋଗ ପକ୍ଷରୁ ଏକ ସଭା ବସି ଆସନ୍ତା ବର୍ଷ ପାଇଁ ଜ୍ୟୋତିଷଙ୍କ ଦ୍ୱାରା ମୃତ୍ତିକା ଅନୁକୂଳ ଶୁଭ ସମୟ ନିର୍ଘଣ୍ଟ କରାଯାଇ ନିର୍ଦ୍ଧାରିତ ସମୟରେ ସମସ୍ତ କୁମ୍ଭକାର ଏକକାଳୀନ ଚକ୍ର ନମସ୍କାର ପୂର୍ବକ ନୂଆ ହାଣ୍ଡିଗଢା କାମ କରିବାର ବିଧି ରହିଥିବା ନିଯୋଗ ସମ୍ପାଦକ ମହେନ୍ଦ୍ର ବିଶୋଇ କହିଛନ୍ତି।

**ବିଶ୍ୱ ମୃତ୍ତିକା ଦିବସ**

# ମାଟିର ଉପଯୁକ୍ତ ଯତ୍ନ ନେବାକୁ ଆହ୍ୱାନ

ପୁରୀ ଅଫିସ, ୫।୧୨:

ପୁରୀ ଏକ କୃଷି ବହୁଳ ଜିଲା। ଅନେକ ପରିବାର କୃଷି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏଥିପାଇଁ ଆମକୁ ମାଟିର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିବ। ପିଢି ପିଢି ଧରି ମୃତ୍ତିକା ସଂରକ୍ଷଣ ଓ ଉପର ମାଟିର ଗୁଣାତ୍ମକ ମାନ ବଜାୟ ରଖିବାକୁ ହେବ ବୋଲି କହିଛନ୍ତି ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ। ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଦଳାଇ ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ 'ମୃତ୍ତିକା ସଂରକ୍ଷଣ-ଭବିଷ୍ୟତ ସୁରକ୍ଷା' ଉପରେ ବକ୍ତବ୍ୟ ରଖିଥିଲେ। ବିଶେଷକରି ଜୈବିକ କୃଷି ଉପରେ ସେ ଆଲୋକପାତ କରିଥିଲେ। ଜୈବିକ ସାର ପରିମାଣ କ୍ରମଶଃ ହ୍ରାସ ପାଉଥିବାରୁ ବିକଳ୍ପ ଚିନ୍ତା କରିବାର ସମୟ ଆସିଛି ବୋଲି ସେ କହିଥିଲେ।

**ପୁରୀ ଜିଲାର ୮୦ ଭାଗ ମାଟି ଅମ୍ଳ**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୃଷି ସମ୍ପର୍କିତ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ କୈଳାସ ପରିଡ଼ା କହିଥିଲେ, ନଦୀ ଅବବାହିକାରେ ପଟୁ ମାଟି ହ୍ରାସ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଉପର ମାଟି ଧୀରେ ଧୀରେ ବିଷାକ୍ତ ହେଉଥିବାରୁ ଏହାର ଉପଯୁକ୍ତ ପରୀକ୍ଷା କରାଇ ଉପଯୋଗୀ ଚାଷ କରାଯିବା ଉଚିତ। ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍. ଚନ୍ଦ୍ରଶେଖର ରାଓ କହିଥିଲେ, ମାଟିର ଉର୍ବରତା ସେଥିରେ ଥିବା ଖାଦ୍ୟସାର ପରିମାଣ ଉପରେ ନିର୍ଭର କରିଥାଏ । ଖାଦ୍ୟ ସାରର ଅଭାବ ଫସଲ ଉପରେ ପ୍ରଭାବ ପକାଇଥାଏ। ତେଣୁ ପ୍ରତ୍ୟେକ ଚାଷୀ ମାଟି ପରୀକ୍ଷା କରିବା ଦରକାର। ଏବେ ବିଶ୍ୱବ୍ୟାପୀ ମାଟି କ୍ଷୟ ହେବାରେ ଲାଗିଛି। ଗୋଟିଏ ଇଞ୍ଚ ମାଟି ସୃଷ୍ଟି ପାଇଁ ହଜାରେ ବର୍ଷ ସମୟ ଲାଗୁଛି। ତେଣୁ ମାଟିକୁ ସୁରକ୍ଷିତ ରଖିବା ପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ସେ ଆହୁରି କହିଥିଲେ, ପୁରୀ ଜିଲାର ୮୦ ଭାଗ ମାଟି ହେଉଛି ଅମ୍ଳ। ୮.୫ ପ୍ରତିଶତ କ୍ଷାରୀୟ, ୪.୫ ପ୍ରତିଶତ ଲବଣାକ୍ତ ଏବଂ ୭ ପ୍ରତିଶତ ମାଟି ଫସଲ ଉପଯୋଗୀ। ମାଟି ପରୀକ୍ଷା କରି ଆବଶ୍ୟକ ସାର, ଖତ ପ୍ରୟୋଗ କଲେ ଚାଷୀ ଅଧିକ ଉପକୃତ ହେବ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୟ ମହାନ୍ତି ଜିଲାରେ କୁକୁଡ଼ା, ମାଛ, ଛତୁ ଓ ମହୁମାଛି ଚାଷ ନିମନ୍ତେ ଉତ୍କୃଷ୍ଟ ପରିବେଶ ଥିବାରୁ ସମନ୍ୱିତ କୃଷି ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ମଳୟ ମହାନ୍ତି, ପୂର୍ବତନ ସଭ୍ୟ ବାଦଲ ବେହେରା ପ୍ରମୁଖ ନିଜ ମତ ରଖିଥିଲେ। ବହୁ ଚାଷୀଙ୍କୁ ମୃତ୍ତିକା ପରୀକ୍ଷଣ କାର୍ଡ ପ୍ରଦାନ କରାଯାଇଥିଲା। ଜିଲା କୃଷି ଅଧିକାରୀ ରମେଶ ବେଉରା ଧନ୍ୟବାଦ ଦେଇଥିବାବେଳେ ମୃତ୍ତିକା ପରୀକ୍ଷଣ ଅଧିକାରୀ ସୁନୀତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।